NITIDIN
# ନିତିଦିନ

RNI REG. NO. ODIODI/2015/62237 • POSTAL REGD. NO.BN/258/18-20 | 8 PAGES • ₹ 6/-

www.nitidin.com
twitter.com/nitidintoday
facebook.com/nitidintoday

TUESDAY 3 MARCH 2026
ମଙ୍ଗଳବାର ୩ ମାର୍ଚ୍ଚ ୨୦୨୬

NEW AGE MEDIA & PUBLICATIONS PVT. LTD. PRINTED AT BHUBANESWAR VOLUME 11 • ISSUE 286 BHUBANESWAR I BERHAMPUR I SAMBALPUR I BALASORE I JAJPUR ବର୍ଷ ୧୧ • ସଂଖ୍ୟା ୨୮୬ ଭୁବନେଶ୍ୱର I ବ୍ରହ୍ମପୁର I ସମ୍ବଲପୁର I ବାଲେଶ୍ୱର I ଯାଜପୁର


## ରମ୍‌ଜାନ୍

| | |
|---|---|
| ୦୩ ମାର୍ଚ୍ଚ: | ସେହେରୀ-୪.୫୨ |
| | ଇଫ୍‌ତାର୍-୫.୫୨ |
| ୦୪ ମାର୍ଚ୍ଚ: | ସେହେରୀ-୪.୫୧ |
| | ଇଫ୍‌ତାର୍-୫.୫୨ |

### ହୋଲି ଅଭିନନ୍ଦନ

ପବିତ୍ର ଦୋଳପୂର୍ଣ୍ଣିମା ଓ ହୋଲି ଉତ୍ସବ ଅବସରରେ ସମସ୍ତ ପାଠକ ପାଠିକା, ବିଜ୍ଞାପନଦାତା, ବିତରକ, ଶୁଭେଚ୍ଛୁଙ୍କ ସମେତ ରାଜ୍ୟବାସୀଙ୍କୁ ଆମର ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା।

-ପରିଚାଳନା ନିର୍ଦ୍ଦେଶକ

### 'ନିତିଦିନ'ର ଛୁଟି

ପବିତ୍ର ଦୋଳପୂର୍ଣ୍ଣିମା ଓ ହୋଲି ଉତ୍ସବ ପାଇଁ 'ନିତିଦିନ' କାର୍ଯ୍ୟାଳୟ ୩ ଓ ୪ ତାରିଖ ବନ୍ଦ ରହୁଥିବାରୁ ଏହାର ପରବର୍ତ୍ତୀ ସଂଖ୍ୟା ଆଗାମୀ ୬ ତାରିଖ ଶୁକ୍ରବାର ପ୍ରକାଶ ପାଇବ। -ପ୍ରକାଶକ

## ମଧ୍ୟପ୍ରାଚ୍ୟ ଦେଖୁଛି

# ମହାପ୍ରଳୟର କରାଳ ରୂପ

### ଜଳ, ସ୍ଥଳ ଓ ଆକାଶ ମାର୍ଗରୁ ଘମାଘୋଟ ଲଢ଼େଇ

- ଯୁଦ୍ଧର ତୃତୀୟ ଦିନରେ ଇରାନ୍ ଆକ୍ରମଣରେ ମଧ୍ୟପ୍ରାଚ୍ୟ ଏବେ ଥରହର୍
- ତୈଳ ରିଫାଇନାରୀ କମ୍ପାନୀ 'ଅରାମକୋ' ଉପରେ ଇରାନ୍‌ର ଆକ୍ରମଣ
- କୁଏତରେ ଆମେରିକାର ଫାଇଟର୍ ଜେଟ୍‌କୁ ମାରି ଖସାଇଦେଲା
- ଆବୁଧାବିସ୍ଥିତ ଫ୍ରାନ୍ସ ନୌସେନା ବେସ୍ ଉପରେ ବି ଆଟାକ୍
- ଇସ୍ରାଏଲ୍ ବି ଆମେରିକା ସହାୟତାରେ ତେହେରାନ୍ ଛାତିରେ ଜାରି ରଖିଛି ନିରନ୍ତର ହମ୍‌ଲା
- ଇରାନ ସେନାଙ୍କୁ ଟ୍ରମ୍ପଙ୍କ ଚେତାବନୀ- ଅସ୍ତ୍ର ଛାଡ଼, ନହେଲେ ମୃତ୍ୟୁ ନିଶ୍ଚିତ




**ତେହେରାନ୍,୨।୩/ଏନ୍‌ଏନ୍‌ଏସ୍:** ଇରାନ ଉପରେ ଇସ୍ରାଏଲ୍ ଓ ଆମେରିକାର ଆକ୍ରମଣ ଏବଂ ଇରାନର ପ୍ରତିଶୋଧର କାର୍ଯ୍ୟାନୁଷ୍ଠାନ କାରଣରୁ ପୂରା ମଧ୍ୟପ୍ରାଚ୍ୟରେ ଜାରି ଉତ୍ତେଜନା ଏବେ ବିପଜ୍ଜନକ ମୋଡ଼ ନେଇଛି। ଇରାନ ଉପରେ ଆକ୍ରମଣ ଓ ସର୍ବୋଚ୍ଚ ନେତା ଖାମନେଇଙ୍କ ମୃତ୍ୟୁ ପରେ ତେହେରାନ ଏବେ ପ୍ରତିଶୋଧ ନିଆଁରେ ଜଳୁଛି। ଯୁଦ୍ଧର ତୃତୀୟ ଦିନରେ ଇରାନର ଆକ୍ରମଣରେ ମଧ୍ୟପ୍ରାଚ୍ୟ ଏବେ ଥରହର୍। ମିଜାଇଲ୍ ଓ ଡ୍ରୋନ୍ ମାଡ଼ରେ ସାଉଦିଆରବ, କୁଏତ, ୟୁଏଇ ଓ ବାହାରିନ୍ ଥରି ଉଠିଛି। ସାଉଦିଆରବରେ ଦୁନିଆର ସବୁଠୁ ବଡ଼ ତୈଳ ରିଫାଇନାରୀ କମ୍ପାନୀ ଅରାମକୋ ଉପରେ ଇରାନ୍ ଆକ୍ରମଣ କରିଛି। ସେହିପରି କୁଏତରେ ଆମେରିକାର ଫାଇଟର ଜେଟ୍‌କୁ ମାରି ଖସାଇ ଦେଇଛି। ସେପଟେ ଇସ୍ରାଏଲ ଓ ଆମେରିକା ବି ତେହେରାନରେ ପ୍ରଚଣ୍ଡ ପ୍ରହାର ଜାରି ରଖିଛି। ଇରାନ ସେନାକୁ ଚେତାଇ ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ କହିଛନ୍ତି ଅସ୍ତ୍ର ଛାଡ଼, ନହେଲେ ମୃତ୍ୟୁ ନିଶ୍ଚିତ।

ଇରାନର ଅପରେସନ ବଦଳାରେ ଇସ୍ରାଏଲ ସମେତ ଆରବ ଦେଶ ଥରି ଉଠିଛି। ଦୁବାଇରୁ ଦୋହା, କତାରରୁ ବାହରିନ। ସବୁଠି ପ୍ରଚଣ୍ଡ ପ୍ରହାର। ଯୁଦ୍ଧ ଭୂମିରେ ଆକାଶରୁ ଅହରହ ଖସୁଛି ମିଜାଇଲ। ଟାର୍ଗେଟ ହିଟ କରୁଛି ରକେଟ। ଗର୍ଜନ ଛାଡ଼ି ଘୁରିବୁଲୁଛି ଏୟାରକ୍ରାଫ୍ଟ। ଆଉ ଡ୍ରୋନରୁ ବର୍ଷୁଛି ବୋମା। ସବୁଠି ପ୍ରଳୟର ପଦଧ୍ୱନି, ହାହାକାର ଓ ଯୁଦ୍ଧ ବିଭୀଷିକାର ଭୟଙ୍କର

▶▶ ୬

## ଶାନ୍ତି ପାଇଁ ମୋଦୀଙ୍କ ଅପିଲ୍

**ନୂଆଦିଲ୍ଲୀ,୨।୩/ଏଜେନ୍ସି:** ଆମେରିକା-ଇସ୍ରାଏଲ୍ ଓ ଇରାନ ମଧ୍ୟରେ ଚାଲିଥିବା ଲଢ଼େଇ ମଧ୍ୟପ୍ରାଚ୍ୟ ଓ ପଶ୍ଚିମ ଏସିଆରେ ମହାଯୁଦ୍ଧ ସ୍ଥିତି ସୃଷ୍ଟି କରିଛି। ଘନଘନ ମିସାଇଲ୍ ଆକ୍ରମଣ ଓ ପ୍ରତିଆକ୍ରମଣକୁ ନେଇ ମଧ୍ୟପ୍ରାଚ୍ୟ ଅଶାନ୍ତ ରହିଛି। ଏପରି ଏକ ଘଡ଼ିସନ୍ଧି ମୁହୂର୍ତ୍ତରେ ପ୍ରଥମଥର ପାଇଁ ନିଜର ପ୍ରତିକ୍ରିୟା ରଖିଛନ୍ତି ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ। ସେ ସବୁ ପକ୍ଷକୁ ଶାନ୍ତି ପାଇଁ ଅପିଲ୍ କରିବା ସହ କୂଟନୀତିକ ଆଲୋଚନା ଦ୍ୱାରା ବିବାଦର ସମାଧାନ କରିବାକୁ ନିବେଦନ କରିଛନ୍ତି।



### ନେତାନ୍ୟାହୁ, ସାଉଦି ଯୁବରାଜ, ବାହାରିନ ରାଜାଙ୍କ ସହ କଥା ହେଲେ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି, 'ବିଶ୍ୱରେ ଚାଲିଥିବା ଅନେକ ଉତ୍ତେଜନା ଉପରେ ଭାରତର ସ୍ଥିତି ସ୍ପଷ୍ଟ। ଆମେ ସର୍ବଦା ଶାନ୍ତି ଏବଂ ସ୍ଥିରତା ବଜାୟ ରଖିବା ପାଇଁ ଆହ୍ୱାନ କରିଛୁ ଏବଂ ଯେତେବେଳେ ଦୁଇଟି ଗଣତାନ୍ତ୍ରିକ ଦେଶ ଏକାଠି ଛିଡ଼ା ହୁଅନ୍ତି, ଶାନ୍ତି ପାଇଁ ସ୍ୱର ଆହୁରି ଦୃଢ଼ ହୁଏ। ପଶ୍ଚିମ ଏସିଆର ବର୍ତ୍ତମାନର ପରିସ୍ଥିତି ଆମ

▶▶ ୬

## ଭୁବନେଶ୍ୱରରେ ପୁଣି ସିମ୍ ବକ୍ସ ଜବତ

**ଭୁବନେଶ୍ୱର,୨।୩/ଏନ୍‌ଏନ୍‌ଏସ୍:** ପୁଣି ରାଜଧାନୀରେ ସିମ୍ ବକ୍ସ ଠାବ ହୋଇଛି। ଭୁବନେଶ୍ୱରର ପଟିଆ ଅଞ୍ଚଳରେ ସାଇବର ଠକ ଆଡ୍ଡା ଜମାଇଥିବାବେଳେ ସ୍ପେଶାଲ ସ୍କ୍ୱାଡ ପକ୍ଷରୁ ଚଢ଼ଉ କରାଯାଇଛି। ଏହି ଅବସରରେ ପୁଲିସ ବହୁ ଗୁରୁତ୍ୱପୂର୍ଣ୍ଣ ଡକ୍ୟୁମେଣ୍ଟ ଓ ସନ୍ଦିଗ୍ଧ ମେସିନ ଜବତ କରିବା ସହ ୨ଜଣଙ୍କୁ ଅଟକ ରଖିଛି। ସାଇବର୍ ଠକମାନେ ରାଜଧାନୀରେ ରହି ବାହାର ଦେଶର ଲୋକଙ୍କୁ ଚୂନ ଲଗାଉଥିଲେ। ସେମାନଙ୍କଠାରୁ ୧୨ଟି ସିମ୍ ବକ୍ସ ଜବତ ହୋଇଛି। ୨ ଅଟକ ଯୁବକଙ୍କ ଘର କେରଳ

### କେରଳର ୨ ସାଇବର୍ ଠକ ଅଟକ

ବୋଲି ଜଣାପଡିଛି। ଭଡ଼ା ଘରେ ଏହି ରାକେଟ ଚାଲିଥିଲା। ତେବେ ସବୁଠାରୁ ବଡ଼ କଥା ହେଉଛି ଭୁବନେଶ୍ୱରରୁ ଚାଇନାକୁ ଲମ୍ବିଛି ଏହି ଚେର। ଚାଇନାର ହାର୍ଡୱେର ଓ ବାଂଲାଦେଶୀ ଆପ୍ଲିକେସନ ବ୍ୟବହାର ହେଉଥିଲା । ଆସାମର ବେନାମୀ ସିମ୍‌କୁ ବ୍ୟବହାର କରାଯାଉଥିଲା। ଅଟକ ଦୁଇ ଅଭିଯୁକ୍ତ ଇଣ୍ଟରନ୍ୟାସନ୍ୟାଲ କଲ୍ ଡାଇଭର୍ଟ କରି ନୂଆ ତାରିକାରେ ସାଇବର ଠକେଇ କରୁଥିଲେ। ତେବେ ମାଷ୍ଟରମାଇଣ୍ଡକୁ ଧରିବା ପାଇଁ ଏହି ଦୁଇ ଅଭିଯୁକ୍ତଙ୍କୁ ପଚରାଉଚରା ଚାଲିଥିବା କମିଶନରେଟ ପୁଲିସ ସୂଚନା ଦେଇଛି। ସୂଚନାଯୋଗ୍ୟ ପୂର୍ବରୁ ଭୁବନେଶ୍ୱରର ଲକ୍ଷ୍ମୀସାଗରରୁ ଧରାପଡିଥିଲା ସିମ୍ ବକ୍ସ।

### ସରିଲା ମାଟ୍ରିକ ପରୀକ୍ଷା

## ମେ' ଦ୍ୱିତୀୟ ସପ୍ତାହରେ ରେଜଲ୍ଟ

**କଟକ,୨।୩/ଏନ୍‌ଏନ୍‌ଏସ୍:** ଚଳିତବର୍ଷର ମାଟ୍ରିକ୍ ପରୀକ୍ଷା ଶେଷ ହୋଇଛି। ଶେଷ ଦିନରେ ଗଣିତ ପାଇଁ ପରୀକ୍ଷା ହୋଇଛି ଏବଂ ଉତ୍ତର ଦେବାଲାଗି ପରୀକ୍ଷାର୍ଥୀଙ୍କୁ ଅଧିକ ୧୫ ମିନିଟ୍‌ର ସମୟ ମିଳିଛି। ପରୀକ୍ଷା ଶେଷ ହେବାର ଘଣ୍ଟି ବାଜିବା ପରେ କେନ୍ଦ୍ରରୁ ବାହାରିଥିବା ପ୍ରତ୍ୟେକ ପରୀକ୍ଷାର୍ଥୀଙ୍କ ମୁହଁରୁ ଆଜି ଯେମିତି ଖୁସି ବାରି ହୋଇ ପଡୁଥିଲା। ହାଇସ୍କୁଲ ସାର୍ଟିଫିକେଟ୍ ପରୀକ୍ଷାର ବୋଝ ମୁଣ୍ଡରୁ ଓହ୍ଲାଇ ଯାଇଛି। ତେଣୁ ପରୀକ୍ଷା କେନ୍ଦ୍ର ବାହାରେ ଆଜି ପିଲାମାନେ ହୋଲି ଉତ୍ସବ ପାଳନ କରିଛନ୍ତି। ଆଉ କିଛି ପରୀକ୍ଷାର୍ଥୀ, ପରୀକ୍ଷା ଚାପରୁ ମୁକ୍ତ ହୋଇଥିବା କାରଣରୁ ଖୁସି ପ୍ରକଟ କରିଛନ୍ତି। ସେହି ମାତ୍ରାରେ ଅଭିଭାବକମାନେ ବି ଅନେକାଂଶରେ ଆଶ୍ୱସ୍ତି ଅନୁଭବ କରିଛନ୍ତି। କାରଣ ସେମାନଙ୍କ ପିଲା ମାନେ ପରୀକ୍ଷାରେ ଭଲ କରିଛନ୍ତି। ଏଥର ମାଟ୍ରିକ୍ ପରୀକ୍ଷା ପାଇଁ ୫ ଲକ୍ଷ ୪୬ ହଜାର ୫ ଶହ ୮୨ ଜଣ ଛାତ୍ରଛାତ୍ରୀ ଫର୍ମ ଫିଲ୍‌ଅପ୍ କରିଥିଲେ। ୩ ହଜାର ୮୨ ଟି ପରୀକ୍ଷା କେନ୍ଦ୍ରରେ ପରୀକ୍ଷା ହୋଇଥିଲା। ସମସ୍ତ ପରୀକ୍ଷା କେନ୍ଦ୍ରରେ ସିସିଟିଭି ଲାଗିଥିଲା। କମାଣ୍ଡ କଣ୍ଟ୍ରୋଲ ସିଷ୍ଟମ ଜରିଆରେ ମାଧ୍ୟମିକ ଶିକ୍ଷା ପରିଷଦର କଣ୍ଟ୍ରୋଲ ରୁମ୍‌ରେ ବସି ବୋର୍ଡ କର୍ତ୍ତୃପକ୍ଷ

### ଆରମ୍ଭ ହୋଇଗଲାଣି ଓଏମ୍‌ଆର୍ ସିଟ୍‌ର ମୂଲ୍ୟାୟନ

### ୧୯ରୁ ସବ୍‌ଜେକ୍ଟିଭ୍ ପେପର୍‌ର ମୂଲ୍ୟାୟନ

ସମସ୍ତ ଗତିବିଧି ଉପରେ ନଜର ରଖିଥିଲେ। ପରୀକ୍ଷା ସରିବା ପରେ ବୋର୍ଡ କର୍ତ୍ତୃପକ୍ଷ କହିଛନ୍ତି ଯେ, ଏଥର କୌଣସି ବିଶୃଙ୍ଖଳା ହୋଇନାହିଁ। ବର୍ଂ ଓଏମଆର ସିଟ୍ ଗୁଡିକର ମୂଲ୍ୟାୟନ ଆରମ୍ଭ

▶▶ ୬

## ୨୫ରୁ ରତ୍ନଭଣ୍ଡାର ଗଣତିମଣତି




### ଦିନ ୧୨ଟା ୧୨ରୁ ୧.୪୫ ଶୁଭ ମୁହୂର୍ତ୍ତ

### ଶୁଭ ମୁହୂର୍ତ୍ତ ମଧ୍ୟରେ ଆରମ୍ଭ ହେବ ଗଣତିମଣତି ପ୍ରକ୍ରିୟା

### ଗଣତି ମଣତି ସମୟରେ ବାହାର କାଠରୁ ଶ୍ରୀଜୀଉଙ୍କୁ ଦର୍ଶନ

### ଶନିବାର ଓ ରବିବାର ହେବ ନାହିଁ ଗଣତିମଣତି

**ପୁରୀ,୨।୩/ଏନ୍‌ଏନ୍‌ଏସ୍:** ସବୁ କଳ୍ପନା ଜଳ୍ପନାର ଅନ୍ତ ଘଟିଛି। ଦୂର ହେଲା ଲୋକଙ୍କ ଦ୍ୱନ୍ଦ ଓ ଆଶଙ୍କା। ରତ୍ନଭଣ୍ଡାର ଗଣତି ମଣତି ନେଇ ଚୂଡ଼ାନ୍ତ ହୋଇଛି ତାରିଖ। ମାର୍ଚ୍ଚ ୨୫ରୁ ଆରମ୍ଭ ହେବ ରତ୍ନଭଣ୍ଡାର ଗଣତି ମଣତି। ସୋମବାର ବସିଥିବା ଶ୍ରୀମନ୍ଦିର ପରିଚାଳନା କମିଟି ଗୁରୁତ୍ୱପୂର୍ଣ୍ଣ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି। ମାହେନ୍ଦ୍ର ବେଳା ମାର୍ଚ୍ଚ ୨୫ ଚୈତ୍ର ଶୁକ୍ଳ ସପ୍ତମୀ ତିଥି ୧୨.୧୨ ରୁ ୧.୪୫ ମଧ୍ୟରେ ହେବ ରତ୍ନଭଣ୍ଡାର ଅଳଙ୍କାର ଗଣତି ମଣତି। ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡଃ ଅରବିନ୍ଦ ପାଢ଼ୀ ଏହି ସୂଚନା ଦେଇଛନ୍ତି। ରାଜ୍ୟ ସରକାର ଚୂଡ଼ାନ୍ତ ଏସଓପିକୁ ଅନୁମୋଦନ ଦେଇଛନ୍ତି। ବିଶେଷ ଦିନ,ପର୍ବ ପର୍ବାଣୀ, ଶନିବାର ଓ ରବିବାର ଦିନ ଗଣତି ମଣତି ହେବ ନାହିଁ। ପ୍ରତି ମାସର ସ୍ୱତନ୍ତ୍ର କ୍ୟାଲେଣ୍ଡର ପ୍ରସ୍ତୁତି ହେବ। ହାଇକୋର୍ଟ ଗଣତି ମଣତି ଶେଷ ପାଇଁ ୩ ମାସ ସମୟ ଦେଇଛନ୍ତି। ଇ-କାଟାଲୋଗିଂ ହେବ। ସମ୍ପୂର୍ଣ୍ଣ ସ୍ୱଚ୍ଛତାର ଏହି ଗଣତି ମଣତି ହେବ। ତେବେ ୧୯୭୮ ମସିହାରେ ୭୨ ଦିନ ଗଣତି ମଣତି

▶▶ ୬




### ପବିତ୍ର ହୋଲି ଅବସରରେ ଓଡ଼ିଶାର ମାନ୍ୟବର ରାଜ୍ୟପାଳଙ୍କ ବାର୍ତ୍ତା

ଆନନ୍ଦ, ହର୍ଷ ଓ ଉଲ୍ଲାସର ପର୍ବ ପବିତ୍ର ହୋଲି ଅବସରରେ ମୁଁ ରାଜ୍ୟବାସୀ ଭାଇଭଉଣୀମାନଙ୍କୁ ମୋର ଆନ୍ତରିକ ଶୁଭେଚ୍ଛା ଓ ହାର୍ଦ୍ଦିକ ଅଭିନନ୍ଦନ ଜଣାଉଛି । ଏହି ପର୍ବ ରାଜ୍ୟ ତଥା ରାଜ୍ୟ ବାହାରେ ରହୁଥିବା ସମସ୍ତ ଓଡ଼ିଆଙ୍କର ଜୀବନରେ ସୁଖ, ଶାନ୍ତି ଓ ଆନନ୍ଦ ଭରିଦେଉ, ଏତିକି କାମନା କରୁଛି ।

(ହରି ବାବୁ କମ୍ଭମପାଟି)

OIPR-15001/15001/2/25-26/0005

15001/5/2526

### ହୋଲି ଅବସରରେ ମୁଖ୍ୟମନ୍ତ୍ରୀଙ୍କ ଶୁଭେଚ୍ଛା



ରଙ୍ଗ ଓ ଆନନ୍ଦର ଉତ୍ସବ ହୋଲି ଅବସରରେ ରାଜ୍ୟବାସୀ ଭାଇ ଓ ଭଉଣୀମାନଙ୍କୁ ମୋର ଆନ୍ତରିକ ଶୁଭେଚ୍ଛା ଓ ଶୁଭକାମନା ଜଣାଉଛି । ରଙ୍ଗର ପର୍ବ ହୋଲି ସମସ୍ତଙ୍କ ଜୀବନରେ ସୁଖ, ଶାନ୍ତି ଓ ସମୃଦ୍ଧି ଭରିଦେଉ ଏବଂ ଭାଇଚାରା ଓ ସାମାଜିକ ସଦ୍‌ଭାବକୁ ଆହୁରି ସୁଦୃଢ଼ କରୁ, ଏହା ହିଁ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ମୋର ପ୍ରାର୍ଥନା ।

(ମୋହନ ଚରଣ ମାଝୀ)
ମୁଖ୍ୟମନ୍ତ୍ରୀ, ଓଡ଼ିଶା

# ଅଜଣା ଗାଡ଼ି ଧକ୍କାରେ ମହିଳା ମୃତ

**ଟାଙ୍ଗୀ,୨।୩/ଏନ୍‌ଏନ୍‌ଏସ୍:** ମୃତ୍ୟୁ କାହା ଭାଗ୍ୟରେ କେତେ ବେଳେ ଆସେ କେହି କହିପାରିବେନି। ସ୍କୁଟିରେ ଆସୁଥିବା ବେଳେ ଅଜଣା ଗାଡ଼ି ଧକ୍କାରେ ଜଣେ ମହିଳା ଙ୍କ ମୃତ୍ୟୁ ହୋଇ ହେବା ଥିବା ଜଣାପଡ଼ିଛି। ମୃତ ମହିଳା ଜଣକ ହେଲେ କଟକ ଜିଲ୍ଲା ମହାଙ୍ଗା ଥାନା ଅନ୍ତର୍ଗତ ଜଳେଶ୍ୱର ଗ୍ରାମର ବୈଶାଳୀ ସାମଲ। ବୈଶାଳୀ ସ୍କୁଟି ଯୋଗେ କଟକରୁ ବାପ ଘର ଗାଁ ଟାଙ୍ଗୀ ଥାନା ବନ୍ଧାଳ ଗ୍ରାମକୁ ଆସୁଥିବା ବେଳେ ୧୬ନଂ ଜାତୀୟ ରାଜପଥ ମଙ୍ଗୁଳି ନିକଟରେ ଏକ ଅଜଣା ଗାଡି ଧକ୍କା ଦେଇ ଚାଲି ଯାଇଥିଲା। ଫଳରେ ମହିଳା ଜଣଙ୍କ ରାସ୍ତାରେ ଘୋଷଡି ହୋଇ ଯିବା ସହ ଘଟଣାସ୍ଥଳରେ ମୃତ୍ୟୁ ହୋଇଥିଲା। ଖବର ପାଇଁ ଘଟଣା ସ୍ଥଳରେ ରାଜପଥ ପୁଲିସ ଘଟଣାର ତନାଘନା କରିବା ସହ ମୃତଦେହକୁ ବ୍ୟବଚ୍ଛେଦ ପାଇଁ କଟକ ବଡ଼ ମେଡ଼ିକାଲ ପଠାଇ ତଦନ୍ତ ଜାରି ରଖିଛନ୍ତି।

# ଟ୍ୟାଙ୍କର୍ ଚକା ତଳେ ବାପାଙ୍କ ମୃତ୍ୟୁ, ଅଳ୍ପକେ ବର୍ତ୍ତିଲା ପୁଅ

**ଦଶପଲ୍ଲା,୨।୩/ଏନ୍‌ଏନ୍‌ଏସ୍:** ସୋମବାର ମଧ୍ୟାହ୍ନ ସମୟରେ ଦଶପଲ୍ଲା ଥାନା ଜାଗାପୁର ରୋଡ଼ ଛକ ୫୭ ନମ୍ବର ଜାତୀୟ ରାଜପଥ ଉପରେ ଏକ ମର୍ମନ୍ତୁଦ ଦୁର୍ଘଟଣା ଘଟିଯାଇଛି। ଏଥିରେ ଟ୍ୟାଙ୍କର ଚକାତଳେ ବାପାର ଜୀବନ ଚାଲିଯାଇଥିବା ବେଳେ ଅଳ୍ପକେ ରକ୍ଷାପାଇଯାଇଛି ପୁଅ। ଏଭଳି ଦୁଃଖଦ ଘଟଣା ଉପସ୍ଥିତ ଦର୍ଶକଙ୍କୁ ମର୍ମାହତ କରିଥିବା ବେଳେ ଏକ ଦୁଃଖଦ ପରିବେଶ ସୃଷ୍ଟି କରିଥିଲା। ସୂଚନାଯୋଗ୍ୟଯେ, ଏଆରଏସଏସ କମ୍ପାନୀରେ କଂକ୍ରିଟ ମିକ୍ସଚର କଣ୍ଟେନର ଗାଡି ବାଣିଗୋଛା ଅଭିମୁଖେ ଯାଉଥିଲା। ଗାଡ଼ିର ପଛପାର୍ଶ୍ୱରୁ ନୟାଗଡ଼ ଥାନା ମାନ୍ଧାତାପୁର ଗ୍ରାମର ପ୍ରକାଶ ଚନ୍ଦ୍ର ଜେନା(୭୦) ଓ ତାଙ୍କ ପୁଅ ଆଶୀର୍ବାଦ ଜେନା(୨୫) ନିଜ ସ୍କୁଟିରେ ଟ୍ୟାଙ୍କରକୁ ଅତିକ୍ରମ କରୁଥିବା ବେଳେ ଅସାବଧାନତା ବଶତଃ ଟ୍ୟାଙ୍କର ଚକା ତଳେ ସ୍କୁଟି ଆରୋହୀ ବାପା ପ୍ରକାଶ ଖସିପଡ଼ିଥିଲେ। ପୁଅ ଆଶୀର୍ବାଦ ବିପରୀତ ଦିଗକୁ ଛିଟିକି ପଡ଼ିଥିଲେ। ଦୁର୍ଘଟଣାରେ ପ୍ରକାଶଙ୍କ ଘଟଣାସ୍ଥଳରେ ଶୋଚନୀୟ ଭାବେ ମୃତ୍ୟୁ ଘଟିଥିଲା। ଦୁର୍ଘଟଣାସ୍ଥଳ ଜନଗହଳି ଥିବାରୁ କିଛି ସମୟ ପାଇଁ ଉତ୍ତେଜନା ପ୍ରକାଶ ପାଇଥିଲା। ପୁଲିସ ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ନିୟନ୍ତ୍ରଣ କରିବା ସହ ୧୦୮ ଆମ୍ବୁଲାନ୍ସରେ ଦଶପଲ୍ଲା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲେ। ଏ ସମ୍ପର୍କରେ ମୃତକଙ୍କ ପରିବାର ପକ୍ଷରୁ ପୁଲିସ ଅଭିଯୋଗ ପାଇ ଏକ ମୋକଦ୍ଦମା ରୁଜୁକରିବା ସହ ଦୁର୍ଘଟଣା ଘଟାଇଥିବା ଟ୍ୟାଙ୍କର ଓ ସ୍କୁଟି ଜବତ କରି ଘଟଣାର ତଦନ୍ତ ଚଳାଇଥିବା ଜଣାପଡ଼ିଛି।

# ଦେଶୀ ରିଭଲଭର ସହ ୨ ଗୁଳି ଜବତ, ଯୁବକ ଗିରଫ

**ଖୋର୍ଦ୍ଧା,୨।୩/ଏନ୍‌ଏନ୍‌ଏସ୍:** ରବିବାର ବୋଲଗଡ ଥାନା ଅଧୀନ ଡିହଖୌରୁଣି ଗ୍ରାମ ନିକଟରୁ ଦେଶୀ ବନ୍ଧୁକ ଓ ୨ଟି ଜୀବନ୍ତ ଗୁଳି ଜବତ କରାଯିବା ସହ ଏଥିରେ ସଂପୃକ୍ତ ଯୁବକ ବୋଲଗଡ଼ ଥାନା ଅଧୀନ ଆରିକମା ଗ୍ରାମର ସୌମ୍ୟରଞ୍ଜନ ରାଉତରାୟ(୨୦)କୁ ଗିରଫ କରିଛି ପୁଲିସ। ପୁଲିସର ସୂଚନା ଅନୁଯାୟୀ ସୌମ୍ୟ ଡିହଖୌରୁଣି ଗ୍ରାମ ନିକଟରେ ବିଳମ୍ବିତ ରାତିରେ ଠିଆ ହୋଇଥିଲା। ଯାହାକୁ ନେଇ ପୁଲିସ ପାଟ୍ରୋଲିଂ ସମୟରେ ସନ୍ଦେହରେ ସୌମ୍ୟକୁ ଅଟକାଇ ପଚାରଉଚରା କରିଥିଲା। ପଚରାଉଚରା ସମୟରେ ଯୁବକ ଜଣକ ସନ୍ତୋଷଜନକ ଉତ୍ତରଦେଇପାରି ନଥିବାରୁ ବୋଲଗଡ଼ ପୁଲିସ ଯୁବକକୁ ଗିରଫ କରି ନେଇ ତଦନ୍ତ କରିବା ସମୟରେ ଯୁବକଙ୍କ ନିକଟରୁ ଗୋଟିଏ ଦେଶୀ ରିଭଲଭର ଏବଂ ଦୁଇଟି ଜୀବନ୍ତ ଗୁଳି ପୁଲିସ ହାତରେ ଲାଗିଥିଲା। ତେବେ ଯୁବକ ଜଣକ ଉକ୍ତ ବନ୍ଧୁକ ରଖିବା ପାଇଁ କୌଣସି ବୈଧ ଲାଇସେନ୍ସ କିମ୍ବା ଅଧିକାର ପ୍ରଦାନ ହୋଇନଥିବା ପୁଲିସ ଜାଣିବାକୁ ପାଇଥିଲା। ଯାହାଫଳରେ ବୋଲଗଡ ପୁଲିସ ଯୁବକକୁ ଗିରଫ କରିବା ସହିତ ଏହାର ତଦନ୍ତ ଚଳାଇଥିବା ଜଣାପଡିଛି। ତେବେ ଜିଲ୍ଲାକୁ ବନ୍ଧୁକ କେଉଁଠାରୁ ଆସୁଛି ଏବଂ ଏହି ଚୋରା ବନ୍ଧୁକ ଜିଲ୍ଲାରେ କେତେ ପରିମାଣର ରହିଛି ଓ କାହା କାହା ପାଖରେ ରହିଛି ତାହାର ସଠିକ ତଥ୍ୟ ପୁଲିସ ହାତରେ ଲାଗିନଥିବା ଜଣାପଡିଛି। ତେବେ ଜିଲ୍ଲା ପୁଲିସର ଢିଲା କାର୍ଯ୍ୟକ୍ରମ ଯୋଗୁ ଏହିପରି ସାଙ୍ଘାତିକ ଅସାମାଜିକ କାର୍ଯ୍ୟରେ ଲିପ୍ତ ରହିଥିବା ଯୁବକମାନେ ଖୁଲମ ଖୁଲା ଭାବରେ ଜିଲ୍ଲାରେ ବୁଲୁଥିବା ବେଳେ ତାଙ୍କ କଳାସାମ୍ରାଜ୍ୟ ବିସ୍ତାର କରିବାରେ ଲାଗିଛନ୍ତି।

# ୧୦୮ ଲିଟର ଦେଶୀମଦ ଜବତ, ୨ ଗିରଫ

**ଖୋର୍ଦ୍ଧା,୨।୩/ଏନ୍‌ଏନ୍‌ଏସ୍:** ଖୋର୍ଦ୍ଧା ଜିଲ୍ଲା ବୋଲଗଡ ଥାନା ଅଧୀନ ଆରଖପଲି ଗ୍ରାମର ଦୁଇ ଯୁବକ ବେଆଇନ ଭାବରେ ଦେଶୀ ମଦ ବ୍ୟବସାୟ କରିଥିବା ଖବର ପୁଲିସ ପାଖରେ ରହିଥିଲା। ତେବେ ବୋଲଗଡ ପୁଲିସ ଏହାକୁ ରୋକ ଲଗାଇବା ପାଇଁ ବହୁବାର ଚେଷ୍ଟା କରି ବିଫଳ ହୋଇଥିବା ବେଳେ ୧୭ ତାରିଖ ରାତିରେ ପାଟ୍ରୋଲିଂ ଟିମ ହାତରେ ଧରା ହୋଇଛନ୍ତି ଦୁଇ ବ୍ୟବସାୟୀ। ବ୍ୟବସାୟୀମାନେ ଘଟଣାସ୍ଥଳରେ ଦେଶୀ ମଦ ପାଉଚ ବିକ୍ରି କରୁଥିବା ସନ୍ଦେହକରି ପାଟ୍ରୋଲିଂ ଟିମ ଅଟକାଇବା ସହିତ ତଦନ୍ତ କରିଥିଲେ। ତଦନ୍ତ ସମୟରେ ଉଭୟଙ୍କ ନିକଟରୁ ୯ଶହ ପାଉଚ ଜବତ ହୋଇଥିଲା। ଏହି ୯ଶହ ପାଉଚ ମଧ୍ୟରେ ରହିଥିବା ବେଆଇନ ଦେଶୀରନ୍ଧା ମଦର ଆନୁମାନିକ ପାଖାପାଖି ୧୦୮ଲିଟର ହେବ ବୋଲି ପୁଲିସ୍ ସୂଚନାରୁ ପ୍ରକାଶ ପାଇଛି। ତେବେ ପାଟ୍ରୋଲିଂ ମଦ ସମେତ ୨ ଯୁବକଙ୍କୁ ଗିରଫ କରି ଅବକାରୀ ଆଇନ ଅନୁଯାୟୀ କୋର୍ଟଚାଲାଣ କରିଥିବା ଜଣାପଡ଼ିଛି। ତେବେ ଗିରଫ ହୋଇଥିବା ଯୁବକମାନଙ୍କ ମଧ୍ୟରେ ବାଙ୍କୋଇ ଗ୍ରାମର ସୁଶାନ୍ତ ପ୍ରଧାନ(୨୨), ଧନେଶ୍ୱର ପ୍ରଧାନ ହୋଇଥିବା ବେଳେ ଅନ୍ୟ ଜଣେ ଯୁବକ ସୁନାଖଳା ଅଞ୍ଚଳର ଓହିଦ୍ ଖାନ୍(୨୪) ବୋଲି ଜଣାପଡ଼ିଛି।

# ଲକ୍ଷେଶ୍ୱରଙ୍କ ପୀଠରେ ବାଦୀପାଲା ଉଦ୍‌ଯାପିତ

**ସାକ୍ଷୀଗୋପାଳ,୨।୩/ଏନ୍‌ଏନ୍‌ଏସ୍:** ସତ୍ୟବାଦୀର ବୀରରାମଚନ୍ଦ୍ରପୁର ଗ୍ରାମପଞ୍ଚାୟତ ଅନ୍ତର୍ଗତ ଡୁଙ୍ଗର ଗ୍ରାମରେ ଅଧିଷ୍ଠିତ ଶ୍ରୀ ଶ୍ରୀ ଲକ୍ଷେଶ୍ୱର ଦେବଙ୍କ ପବିତ୍ର ପୀଠରେ ଫଗୁଦଶମୀ ଉପଲକ୍ଷେ ଅନୁଷ୍ଠିତ ବାର୍ଷିକ ବାଦୀପାଲା ଉଦ୍‌ଯାପିତ ହୋଇଯାଇଛି। ରାଜ୍ୟର ଦୁଇ ଖ୍ୟାତନାମା ଗାୟକ ଗାୟକ ବିସ୍ମୟ ଡଃ ରବିନାରାୟଣ ପ୍ରଧାନ ଓ ଗାୟକ



ଧ୍ରୁବ ରାଜକିଶୋର ମୁଦୁଲି ନିଜ ନିଜ ସାଥିଙ୍କ ସହ ଉଚ୍ଚକୋଟୀର ପାରମ୍ପରିକ ପାଲା ପରିବେଷଣ କରି ସମବେତ ବିଦଗ୍ଧ ଦର୍ଶକମାନଙ୍କୁ ବିମୁଗ୍ଧ କରିଥିଲେ। ସତ୍ୟବାଦୀ ପାଲା ଗାୟକ ମଣ୍ଡଳ ପକ୍ଷରୁ ସଭାପତି ବିଶ୍ୱନାଥ ବିଶ୍ୱାଳ, ମଣ୍ଡଳ ସମ୍ପାଦକ ରମେଶ ଚନ୍ଦ୍ର ପଲେଇ, କୋଷାଧ୍ୟକ୍ଷ ପ୍ରତାପ କୁମାର ପ୍ରଧାନ, ସହସମ୍ପାଦକ ବିଜୟ ଚନ୍ଦ୍ର ସାମନ୍ତରାୟ ଓ ଉପଦେଷ୍ଟା ସୁଧୀର କୁମାର ସ୍ୱାଇଁ, ପୂର୍ଣଚନ୍ଦ୍ର ପଣ୍ଡା, ପ୍ରଫୁଲ୍ଲ ସ୍ୱାଇଁ ପାଲା ମଣ୍ଡପରେ ଉଭୟ ଗାୟକ ଏବଂ ସେମାନଙ୍କର ସାଥିଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ସତ୍ୟବାଦୀ ମଣ୍ଡଳକୁ ଭୂମି ଦାନ କରିଥିବା ଯୁବ ସମାଜସେବୀ ସୂର୍ଯ୍ୟନାରାୟଣ ରାଉତ ମଧ୍ୟ ଉଭୟ ଦଳଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଅନୁଷ୍ଠାନର ସଭାପତି ଅର୍ଜୁନ ସେଠୀ, ସମ୍ପାଦକ ଶ୍ୟାମସୁନ୍ଦର ସ୍ୱାଇଁ, ସଭ୍ୟ ଗଦାଧର ସ୍ୱାଇଁ, ଫଗୁ ସ୍ୱାଇଁ, ଜଟାଧାରୀ ମହାରଣା, ଭାସ୍କର ରାଉତ, ରାଇମୋହନ ବିହାରୀ, କଣ୍ଠ ମାଦେଳୀ, ଶଙ୍କର ଦଳେଇ, ସନ୍ତୋଷ ବାରିକ ଓ ଭିକାରି ସେଠୀ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବାବା ଲକ୍ଷେଶ୍ୱର ଦେବ ପାଲା କମିଟି ଦୀର୍ଘ ୫୩ ବର୍ଷ ଧରି ଏଠାରେ ପ୍ରତିବର୍ଷ ବାଦୀପାଲା ଆୟୋଜନ କରି ଆସୁଛନ୍ତି।

# ଶ୍ରୀମନ୍ଦିରରେ ମେଣ୍ଢାପୋଡ଼ି ନୀତି

**ପୁରୀ,୨।୩/ଏନ୍‌ଏନ୍‌ଏସ୍:** ବାର ମାସରେ ତେର ପର୍ବ। ସେଥିମଧ୍ୟରୁ ଦୋଳ ପୂର୍ଣ୍ଣିମା ଅନ୍ୟତମ। ଦୋଳ ପୂର୍ଣ୍ଣିମାର ଅବ୍ୟବହିତ ପୂର୍ବରୁ ଫାଲଗୁନ ଶୁକ୍ଳପକ୍ଷ ଚତୁର୍ଦ୍ଦଶୀ ତିଥି ରେ ଗୋଟିଏ ଉତ୍ସବ ପାଳିତ ହୋଇଥାଏ ତାକୁ ମେଣ୍ଢାପୋଡ଼ି ନୀତି କୁହାଯାଇଥାଏ। ମେଣ୍ଢାପୋଡ଼ି କହିବାର ତାତ୍ପର୍ଯ୍ୟ ମେଣ୍ଢା ଅର୍ଥାତ ମେଷ ବା ମେଷଅସୁର ବା ମେଣ୍ଢାଅସୁର ତାକୁ ମହାପ୍ରଭୁ ଶ୍ୱାସ ରୁଦ୍ଧ କରି ମାରିଦେଇଥିଲେ। ତେଣୁ ସେହି ମେଣ୍ଢା କୁ ଅଗ୍ନି ରେ ଦାହ କରିଦେଇଥିଲେ ଯାହାର ସ୍ମୃତି ସ୍ୱରୂପ ଶ୍ରୀ ମନ୍ଦିରରେ ମେଣ୍ଢାପୋଡି ନୀତି ପାଳିତ ହୋଇଥାଏ। ଆଜି ଫାଲଗୁନ ଶୁକ୍ଳପକ୍ଷ ଚତୁର୍ଦ୍ଦଶୀ ତିଥିରେ ମଧ୍ୟାହ୍ନ ଧୂପ ପରେ ମଇଲମ ହୋଇ ଶ୍ରୀମନ୍ଦିରରେ ଅଗ୍ନି ଉତ୍ସବ ବା ମେଣ୍ଢାପୋଡ଼ି ନୀତି ସ୍ୱତନ୍ତ୍ର ଭାବେ ପାଳନ ହୋଇଥିଲା।



ପାଳିଆ ମେକାପ ଭଣ୍ଡାର ଘରୁ ଚନ୍ଦନ ବିଜେ କରିବା ପରେ ପାଳିଆ ପୁଷ୍ପାଳକମାନେ ସର୍ବାଙ୍ଗ ଚନ୍ଦନ ଲାଗି କରିଥିଲେ। ପୂଜାପଣ୍ଡା, ପତି ମହାପାତ୍ର ଓ ମୁଦିରସ୍ତ ଘଣ୍ଟ, ଛତା , କାହାଳୀ ପଟୁଆରରେ ଯାଇ ଘଟୁଆରୀ ଘରୁ ଚନ୍ଦନ, ଫଗୁ ବିଜେ ହୋଇ ସିଂହାସନ କୁ ଆଣିଥିଲେ। ଶ୍ରୀଅଙ୍ଗରେ ଫଗୁ ଚନ୍ଦନ ଲାଗି ବନ୍ଦାପନା ହେବା ପରେ ସିଂହାସନ ତଳେ ମୁଦିରସ୍ତ ତିନି ବାଡରେ ଝିମିରି ଫଗୁ ଅଂଜଳି କରି ଶ୍ରୀଅଙ୍ଗରେ ଚନ୍ଦନ ଫଗୁ ମୁଣି ଲାଗି କରିଥିଲେ। ଶ୍ରୀ ଦେବୀ ଓ ଭୂଦେବୀ ଦକ୍ଷିଣ ଘରକୁ ଚାଚେରୀ ବେଶ ନିମନ୍ତେ ବିଜେ ହୋଇଥିଲେ। ଭିତରେ ବେଶ ଓ ଶ୍ରୀ ଜୀଉମାନଙ୍କୁ ମାଳ ଫୁଲ କର୍ପୂର ଲାଗି ପରେ ପାଣି ପଡି ଚାଚେରୀ ଭୋଗ ଆସିଲା ପରେ ଶ୍ରୀ ଦୋଳଗୋବିନ୍ଦ, ଶ୍ରୀଦେବୀ, ଭୂଦେବୀ ସିଂହାସନକୁ ବିଜେ ହୋଇଥିଲେ। ମୁଦିରସ୍ତ ପ୍ରସାଦ ଲାଗି କରିବା ପରେ ତିନି ବାଡରେ ତିନିଜଣ ପୂଜାପଣ୍ଡା ପଞ୍ଚୋପଚାରରେ ଭୋଗ ମଣୋହି କରିଥିଲେ।

ଏହାପରେ ପୂଜାପଣ୍ଡା ମହାପ୍ରଭୁଙ୍କ ନିକଟରୁ ଆଜ୍ଞା ମାଳ ଆଣି ଦୋଳଗୋବିନ୍ଦଙ୍କୁ ପ୍ରଦାନ କରିଥିଲେ। ବିଜେ ପ୍ରତିମାମାନେ ଚାମର ଆଲଟ ହୋଇ ବିମାନକୁ ବିଜେ କରି ମହାଲକ୍ଷ୍ମୀଙ୍କ ମନ୍ଦିରର ଜଗମୋହନରେ ପୂର୍ବରୁ ପଡିଥିବା ଖଟ ଉପରେ ହାତରେ ବିଜେ ହୋଇଥିଲେ। ସେଠାରେ ଲକ୍ଷ୍ମୀନାରାୟଣଙ୍କ ଫଗୁଖେଳ ସରିଲା ପରେ ପ୍ରସାଦ ଲାଗି, ଶୀତଳ ଭୋଗ, ବନ୍ଦାପନା ହୋଇ ବିମାନକୁ ବିଜେ କରି ସିଂହଦ୍ୱାର ଓ ଲାଙ୍ଗୁଳିମଠ ଦେଇ ଦୋଳବେଦୀର ଅଗ୍ନି ଉତ୍ସବ ଘରକୁ ବିଜେ କରିଥିଲେ। ସେଠାରେ ପୂଜାପଣ୍ଡାଙ୍କ ଦ୍ୱାରା ହୋମ ହୋଇଥିଲା। ହୋମ ସରିଲାପରେ ପ୍ରସାଦ ଲାଗି ହୋଇ ଶୀତଳ ଭୋଗ ମଣୋହି ହୋଇଥିଲା। ଚାମର ଆଲଟ ଲାଗି ପରେ ବିଜେ ପ୍ରତିମାମାନେ ଅଗ୍ନି ସଂଯୋଗ ପରେ ମେଣ୍ଢାକୁଡିଆ ବା ଅଗ୍ନି ଉତ୍ସବ ଘରକୁ ବିମାନରେ ୭ ଘେରା ପରିକ୍ରମା କରି ଶ୍ରୀମନ୍ଦିରକୁ ବାହୁଡା ବିଜେ କରିଥିଲେ।

# ଜିଲ୍ଲାସ୍ତରୀୟ ଜରାୟୁ କର୍କଟ ଟିକାକରଣ ଶୁଭାରମ୍ଭ

**ଖୋର୍ଦ୍ଧା,୨।୩/ଏନ୍‌ଏନ୍‌ଏସ୍:** ଆଜି ପୂର୍ବାହ୍ନରେ ଜିଲ୍ଲାମୁଖ୍ୟ ଚିକିତ୍ସାଳୟ ପରିସରରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ସଞ୍ଜୟ ଚନ୍ଦ୍ର ରାୟ ଖୋର୍ଦ୍ଧା ଜିଲ୍ଲାରେ ଜିଲ୍ଲା ସ୍ତରୀୟ ଜରାୟୁ କର୍କଟର ନିରାକରଣ ନିମିତ୍ତ ଏଚପିଭି ଟିକାକରଣ ଅଭିଯାନ ଶୁଭାରମ୍ଭ କରିଛନ୍ତି। ଏହି ମହତ ଅଭିଯାନରେ ଜିଲ୍ଲାର ସମସ୍ତ ୧୪ ବର୍ଷ ବୟସର ବାଳିକାଙ୍କୁ ଗାର୍ଡାସିଲ-୪ ଟିକାର ଗୋଟିଏ ଡୋଜ ଦିଆଯିବ। ଜିଲ୍ଲାର ସମସ୍ତ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର, ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର, କମ୍ୟୁନିଟି ସ୍ୱାସ୍ଥ୍ୟ କେନ୍ଦ୍ର ଏବଂ ଉପଖଣ୍ଡସ୍ତରୀୟ ସ୍ୱାସ୍ଥ୍ୟ କେନ୍ଦ୍ରରେ ଏହି ଟିକା ପ୍ରଦାନ କରାଯିବ। ଏଥିପାଇଁ ତିନି ମାସ ମଧ୍ୟରେ ୧୪୭୨୯ ଜଣଙ୍କୁ ଟିକା ପ୍ରଦାନ କରାଯିବାର ଲକ୍ଷ୍ୟ ଧାର୍ଯ୍ୟ ରଖାଯାଇଛି।

ଏହି ଟିକା ସମ୍ପୂର୍ଣ୍ଣ ଦେୟମୁକ୍ତ ଅଟେ। ଏହି ଟିକା ଅଭିଯାନ ଫଳରେ ଦେଶର ମାତୃଶକ୍ତିକୁ ନିରୋଗ




ରଖାଯାଇ ପାରିବ ଏବଂ ଚିକିତ୍ସା କ୍ଷେତ୍ରରେ ଏକ ବଡ଼ ଉପଲବ୍ଧ ହେବ। କାର୍ଯ୍ୟ କ୍ରମରେ ସହକାରୀ ଚିକିତ୍ସା ଅଧିକାରୀ ଡାକ୍ତର ପ୍ରଦୀପ କୁମାର ସାହୁ, ଜିଲ୍ଲା ଚିକିତ୍ସା ଅଧିକାରୀ ଡାକ୍ତର ଶ୍ୟାମା ପ୍ରସନ୍ନ ମିତ୍ର, ଜିଲ୍ଲା ଚିକିତ୍ସା ଅଧିକାରୀ, ଜନସ୍ୱାସ୍ଥ୍ୟ, ଡାକ୍ତର ରଞ୍ଜନ ମିତ୍ର ପ୍ରମୁଖ ଯୋଗ ଦେଇ ଏହି ଟିକାକରଣ ଅଭିଯାନକୁ ସଫଳ ରୂପାୟନ ଦେବାପାଇଁ ଉପାଦେୟ ପରାମର୍ଶ ଓ ବକ୍ତବ୍ୟ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ସହକାରୀ ଜିଲ୍ଲା ଜନ ସ୍ୱାସ୍ଥ୍ୟ ଅଧିକାରୀ ରବୀନ୍ଦ୍ର କୁମାର ପରମାଣିକ ସମେତ ସମସ୍ତ ଆଶାକର୍ମୀ, ସମସ୍ତ ସ୍ୱାସ୍ଥ୍ୟକର୍ମୀ ଯୋଗ ଦେଇଥିଲେ। ଶେଷରେ ଆଇସିଏ ଦେବସ୍ମିତା ସାହୁ ସମସ୍ତଙ୍କୁ ଧନ୍ୟବାଦ ପ୍ରଦାନ କରିଥିଲେ।

## ଏନ୍‌ଏସି ଓ ପଞ୍ଚାୟତ ନିର୍ବାଚନ ପାଇଁ ବିଜେଡିର ସଜବାଜ

# ଓଡ଼ଗାଁରେ ବିଧାୟକ ଅରୁଣ ସାହୁଙ୍କ ଶକ୍ତି ପ୍ରଦର୍ଶନ



**ଓଡ଼ଗାଁ,୨।୩/ଏନ୍‌ଏନ୍‌ଏସ୍:** ପାଖେଇ ଆସୁଥିବା ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ଓ ଏନ୍‌ଏସି ନିର୍ବାଚନ ପାଇଁ ବିଜେଡି ରଣନୀତି ପ୍ରସ୍ତୁତ କରିଛି। ରବିବାର ଓଡ଼ଗାଁ ବ୍ଲକ୍ ବୁଢାବୁଢିଆଣି ଡ୍ୟାମ୍ ନିକଟରେ ବିଜେଡ଼ିର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ନୟାଗଡ଼ ବିଧାୟକ ଡ. ଅରୁଣ କୁମାର ସାହୁ, ବ୍ଲକ୍ ଅଧ୍ୟକ୍ଷ ଲୋକନାଥ ସାହୁ, ଜିଲ୍ଲାପରିଷଦ ସଭ୍ୟା,ସରପଞ୍ଚ, ସମିତିସଭ୍ୟ ଓ ପାକ୍ସ ସଭାପତିମାନେ ଉପସ୍ଥିତ ଥିଲେ। ଓଡ଼ଗାଁ ଏନ୍‌ଏସି ନିର୍ବାଚନରେ ଦଳ କିଭଳି ବିଜୟଲାଭ କରିବ ସେଦିଗରେ ସମସ୍ତେ କଠିନ ପରିଶ୍ରମ କରି ଲୋକଙ୍କ ନିକଟତର ହେବାକୁ ବିଧାୟକ କର୍ମୀମାନଙ୍କୁ ମନ୍ତ୍ରଣା ଦେଇଥିଲେ। ବଡ଼କଥା ହେଉଛି ଏନ୍‌ଏସି ନିର୍ବାଚନ ଦଳପାଇଁ ଚ୍ୟାଲେଞ୍ଜ ହେବ ଓ ମୁଖ୍ୟତଃ ବିଜେପି ଦଳକୁ କଳେବଳେ ପରାସ୍ତକଲେ ଦଳ ବିଜୟଲାଭ କରିବ ବୋଲି ନେତାମାନେ କହିଥିଲେ। ଗୋଟିଏ ପଟେ ବିଧାୟକ ବିଜେଡ଼ି ଦଳର ଥିବା ବେଳେ ସାଂସଦ ଶାସକ ଦଳରେ ଅଛନ୍ତି। ତେଣୁ ଏନ୍‌ଏସି ନିର୍ବାଚନ କଡ଼ାଟକ୍କର ହେବ ଓ ଦଳପାଇଁ କର ବା ମର ପରିସ୍ଥିତି ସୃଷ୍ଟି କରିବ ବୋଲି ଆଶା କରାଯାଉଛି।ନିର୍ବାଚନ ବିଜୟଟୀକା ମଞ୍ଜି ବୁଣିବାକୁ ହେଲେ ଏବେଠାରୁ ଘର ସଜାଡ଼ିବାକୁ ପଡ଼ିବବୋଲି ନେତାମାନେ କହିଛନ୍ତି। ନିଜ ଭିତରେ ଥିବା ଅସନ୍ତୋଷକୁ ଭୁଲି ଦଳପାଇଁ କାମ କରିବାକୁ ଡ଼. ସାହୁ କର୍ମୀମାନଙ୍କୁ ଆହ୍ୱାନ ଦେଇଥିଲେ।କେବଳ ଏନ୍‌ଏସି ନିର୍ବାଚନ ନୁହଁ ପଞ୍ଚାୟତ ନିର୍ବାଚନ ପାଇଁ ସମସ୍ତ କର୍ମୀ ତୃଣମୂଳ ସ୍ତରରୁ କାମକରିବାକୁ ପଡ଼ିବ। ଏହି ସମ୍ମିଳନୀରେ ବ୍ଲକ୍ ସଭାପତି ନିତ୍ୟାନନ୍ଦ ପ୍ରଧାନ, ଏନ୍‌ଏସି ସଭାପତି ମନୋଜ ପାତ୍ର, ଯୁବସଂଗଠକ ବିଭୂ ପ୍ରସାଦ ସାହୁ, ପ୍ରଭାତ କୁମାର ପ୍ରଧାନ, ଜଗନ୍ନାଥ ଦଳବେହେରା, ପ୍ରଦୀପ ଭଞ୍ଜ, ସନ୍ତୋଷ କୁମାର ସେଠୀ, ସୁଧାକର ଷଡ଼ଙ୍ଗୀ, ସମୀର କୁମାର ରାଉତଙ୍କ ସମେତ ୨ ହଜାରରୁ ଊର୍ଦ୍ଧ୍ୱ କର୍ମୀମାନେ ଯୋଗଦେଇଥିବା ଜଣାପଡ଼ିଛି।

# ଓଡ଼ିଶା ଆଦର୍ଶ ବିଦ୍ୟାଳୟ ପ୍ରବେଶିକା ପରୀକ୍ଷା ଫଳାଫଳ

**ବୋଲଗଡ଼,୨।୩/ଏନ୍‌ଏନ୍‌ଏସ୍:** ଓଡ଼ିଶା ଆଦର୍ଶ ବିଦ୍ୟାଳୟ ପ୍ରବେଶିକା ପରୀକ୍ଷା ଫଳାଫଳ ପ୍ରକାଶ ପାଇଛି। ବୋଲଗଡ଼ ଶିକ୍ଷା ବ୍ଲକ ଅନ୍ତର୍ଗତ ପିଚୁକୁଳିସ୍ଥ ଟିକାତାଳ ଠାରେ ବୋଲଗଡ଼ ବ୍ଲକ ଅଞ୍ଚଳର ଉଚ୍ଚ କୋଟିର ଇଂରାଜୀ ଶିକ୍ଷା ବିକାଶ ପାଇଁ ଓଡ଼ିଶା ସରକାରଙ୍କ ଦ୍ୱାରା ଆଦର୍ଶ ବିଦ୍ୟାଳୟ ଖୋଲାଯାଇଛି ଓ ଏହି ଆଦର୍ଶ ବିଦ୍ୟାଳୟରେ ଗ୍ରାମାଞ୍ଚଳ ତଥା ସହରାଞ୍ଚଳର ଗରିବ, ଅସହାୟ ତଥା ସମସ୍ତ ବର୍ଗର ଲୁକାୟିତ ମେଧାବୀ ଛାତ୍ର ଛାତ୍ରୀମାନେ ସ୍ୱତନ୍ତ୍ର ପ୍ରବେଶିକା ପରୀକ୍ଷା ଦେଇ ଉତ୍ତୀର୍ଣ୍ଣ ହୋଇ ମାଗଣା ଶିକ୍ଷା ପାଇବା ପାଇଁ ସୁବ୍ୟବସ୍ଥା ରହିଛି। ଏଥି ମଧ୍ୟରେ ମାଗଣା କମ୍ପ୍ୟୁଟର ଶିକ୍ଷା, ବିଜ୍ଞାନ ଲ୍ୟାବ, ଚିତ୍ରକଳା, ନୃତ୍ୟକଳା ସହିତ ମାଗଣା କୋଚିଂ ଆଦି ବ୍ୟବସ୍ଥା ଥିବାବେଳେ ଅଭିଜ୍ଞ ଶିକ୍ଷକ ଓ ଶିକ୍ଷୟିତ୍ରୀ ମାନଙ୍କ ଦ୍ୱାରା ଉଚ୍ଚ କୋଟିର ଶିକ୍ଷା ଦିଆଯାଇଥାଏ। ତେବେ ବୋଲଗଡ ବ୍ଲକରେ ଥିବା ଆଦର୍ଶ ବିଦ୍ୟାଳୟରେ ପ୍ରବେଶିକା ପରୀକ୍ଷା ପାଇଁ ଚଳିତ ବର୍ଷ ୫୫୭ଜଣ ଶିକ୍ଷାର୍ଥୀ ପରୀକ୍ଷା ଦେଇଅଛନ୍ତି।ଏହି ପ୍ରବେଶିକା ଆଦର୍ଶ ବିଦ୍ୟାଳୟର ପରୀକ୍ଷାର ଫଳାଫଳ ଗତ ଫେବୃଆରୀ ୧୭ତାରିଖରେ ପ୍ରକାଶ ପାଇଛି। ତେବେ ବଡ଼ ଆଶ୍ଚର୍ଯ୍ୟର ବିଷୟ ପରୀକ୍ଷା ଫଳାଫଳ ସାର୍ବଜନୀନ ନହେବା ସନ୍ଦେହ ଘେରକୁ ଆସିଛି। ଯାହାଫଳରେ ବୋଲଗଡ଼ ବ୍ଲକ ଅଞ୍ଚଳରେ ବୁଦ୍ଧିଜୀବୀ, ଶିକ୍ଷାବିତ୍, ଅଭିଭାବକ ମହଲରେ ଘୋର ଅସନ୍ତୋଷ ଦେଖାଦେଇଛି। ଅନ୍ୟପଟେ ଆଦର୍ଶ ବିଦ୍ୟାଳୟର ଫଳାଫଳ ସ୍ୱଚ୍ଛତା ନେଇ ବିଭିନ୍ନ ମହଲରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏହି ସମ୍ପର୍କରେ ବୋଲଗଡ଼, ପିଚୁକୁଳି ସ୍ଥିତ ଆଦର୍ଶ ବିଦ୍ୟାଳୟର ଅଧ୍ୟକ୍ଷ ତାପସ କୁମାର ସାହୁଙ୍କୁ ପଚାରିବାରୁ ସେ ଫଳାଫଳ ସାର୍ବଜନୀନ ନହେବା ପ୍ରକାଶ କରିଥିଲେ। ଏହି ଘଟଣା ରାଜ୍ୟ ସରକାର ତଥା ଖୋର୍ଦ୍ଧା ଜିଲ୍ଲାପାଳ ଅମ୍ରିତ ଋତୁରାଜ, ରାଜ୍ୟ ଆଦର୍ଶ ବିଦ୍ୟାଳୟ ସଂଗଠନର ଅଧ୍ୟକ୍ଷ ଏଥିପ୍ରତି ଦୃଷ୍ଟିଦେଇ ତୁରନ୍ତ ଫଳାଫଳ ସାର୍ବଜନୀନ କରିବା ସହ ନିରପେକ୍ଷତା ଅବଲମ୍ବନ କରିବାକୁ ଦାବି ହେଉଛି।

# ଜିଲ୍ଲାସ୍ତରୀୟ ଅଭିଯୋଗ ଶୁଣାଣି

**ପୁରୀ,୨।୩/ଏନ୍‌ଏନ୍‌ଏସ୍:** ପୁରୀ ଜିଲ୍ଲା ସ୍ତରୀୟ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଆଜି ସଦ୍‌ଭାବନା ସଭାଗୃହଠାରେ ଅନୁଷ୍ଠିତ ହୋଇଥିଲା। ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ଶରତ ଚନ୍ଦ୍ର ବେହେରା ଏଥିରେ ଅଧ୍ୟକ୍ଷତା କରିଥିଲେ। ଏଥିରେ ମୋଟ ୭୪ଟି ଅଭିଯୋଗ ମିଳିଥିଲା। ସେଥିରୁ ୬୩ଟି ବ୍ୟକ୍ତିଗତ, ୮ ଗୋଟି ଗ୍ରାମ ସମ୍ବନ୍ଧୀୟ ଓ ୩ଟି ମୁଖ୍ୟମନ୍ତ୍ରୀ ରିଲିଫ ଫଣ୍ଡରୁ ସହାୟତା ସମ୍ପର୍କରେ ରହିଥିଲା। ତତ୍କ୍ଷଣାତ ୭ଟି ଅଭିଯୋଗର ସମାଧାନ କରାଯାଇଥିଲା। ଅନ୍ୟ ଅଭିଯୋଗ ଗୁଡିକର ଆଇନ ଅନୁସାରେ ସମାଧାନ ପାଇଁ ସମ୍ପୃକ୍ତ ବିଭାଗମାନଙ୍କୁ ପ୍ରେରଣ କରାଯାଇଥିଲା। ଏହି ଶୁଣାଣିରେ ଅତିରିକ୍ତ ଜିଲ୍ଲାପାଳ ପ୍ରୋଟୋକଲ ନିଳମାଧବ ଭୋଇ, ପୌର ନିର୍ବାହୀ ଅଧିକାରୀ ଅଭିମନ୍ୟୁ ବେହେରା, ଅତିରିକ୍ତ ଏସପି ସୁଶୀଲ କୁମାର ମିଶ୍ର, ଉପ ଜିଲ୍ଲାପାଳ ରାଜକିଶୋର ଜେନା, ସିଡିଏମଓ ଡା ଅକ୍ଷୟ କୁମାର ଶତପଥୀ, ପୁରୀ ତହସିଲଦାର ଅଭିଷେକ ଦାଶ, ଡେପୁଟି କଲେକ୍ଟର ପ୍ରିୟଦର୍ଶିନୀ ମଲ୍ଲିକ, ଅନୁଶ୍ରବ ଗନ୍ତାୟତ, ଅଭିଯୋଗ ଶୁଣାଣି ଅଧିକାରୀ ବିବେକାନନ୍ଦ ସାହୁ ଓ ଅନ୍ୟ ଜିଲ୍ଲାସ୍ତରୀୟ ଅଧିକାରୀମାନେ ଯୋଗଦେଇଥିଲେ। ଆସନ୍ତା ୯ ତାରିଖରେ ଅସ୍ତରଙ୍ଗ ବ୍ଲକ ସମ୍ମିଳନୀ ଗୃହରେ, ୧୬ ତାରିଖରେ ପିପିଲି ବ୍ଲକ ସମ୍ମିଳନୀ ଗୃହରେ, ୨୩ ତାରିଖରେ ଡେଲାଙ୍ଗ ବ୍ଲକ ସମ୍ମିଳନୀ ଗୃହରେ ଓ ୩୦ ତାରିଖରେ ଗୋପ ବ୍ଲକ ସମ୍ମିଳନୀ ଗୃହରେ ଦିବା ୧୦ ଘଟିକାରେ ଯୁଗ୍ମ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହେବ ବୋଲି ଜିଲ୍ଲା ଅଭିଯୋଗ ପ୍ରକୋଷ୍ଠ ସୂତ୍ରରୁ ପ୍ରକାଶ।

# ଶାନ୍ତିଶୃଙ୍ଖଳାରେ ମାଟ୍ରିକ୍ ପରୀକ୍ଷା ଶେଷ

**କଣ୍ଟିଲୋ,୨।୩/ଏନ୍‌ଏନ୍‌ଏସ୍:** ସମ୍ପ୍ରତି ୨୦୨୬ ମାଟ୍ରିକ ପରୀକ୍ଷା ପାଇଁ କଣ୍ଟିଲୋ ରେ ଦୁଇଟି କେନ୍ଦ୍ର ଯଥା ନୀଳମାଧବ ନୋଡାଲ ଉଚ୍ଚବିଦ୍ୟାଳୟ ଓ କୁଞ୍ଜ ବିହାରୀ ବାଳିକା ଉଚ ବିଦ୍ୟାଳୟରେ ୫ଗୋଟି ବିଦ୍ୟାଳୟର ଛାତ୍ର ଛାତ୍ରୀ ମାନେ ମୋଟ ୨୫୦ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ଜଣେ ଅନୁପସ୍ଥିତ ରହିଥିବା ବେଳେ ସ୍ଥାନୀୟ ପୁଲିସ ଅଧିକାରୀଙ୍କ ତତ୍ତ୍ୱାବଧାନରେ ଖୁବ୍ ଶାନ୍ତି ଶୃଙ୍ଖଳାର ସହ ସମ୍ପନ୍ନ ହୋଇଥିବା ଉଭୟ କେନ୍ଦ୍ରର ପ୍ରଧାନଶିକ୍ଷକଙ୍କ ଠାରୁ ସୂଚନା ମିଳିଛି। ସୂଚନାରୁ ପ୍ରକାଶ ଯେ, ଚଳିତବର୍ଷ ମାଟ୍ରିକ ପରୀକ୍ଷା ଗତ ଫେବୃଆରୀ ୧୯ ତାରିଖରୁ ଆରମ୍ଭ ହୋଇ ଆଜି ମାର୍ଚ୍ଚ ୨ ତାରିଖରେ ଶେଷ ହୋଇଛି। କଣ୍ଟିଲୋର ଦୁଇଟି କେନ୍ଦ୍ର ମଧ୍ୟରୁ ନୀଳମାଧବ ନୋଡାଲ ଉଚ୍ଚ ବିଦ୍ୟାଳୟ କେନ୍ଦ୍ରରେ କେବି ଗ୍ୟାର୍ଲସ୍ ହାଇସ୍କୁଲ୍ ଓ ବେଣାଗାଡିଆ ହାଇସ୍କୁଲର ମୋଟ ୧୨୬ଜଣ ପରୀକ୍ଷାର୍ଥୀ ମଧ୍ୟରୁ ସମସ୍ତ ପରୀକ୍ଷା ଦେଇଥିବାବେଳେ କେବି ଗ୍ୟାର୍ଲସ ହାଇସ୍କୁଲ, ସିଧା ମୂଳା ଓ କଳପଙ୍ଗୀ ହାଇସ୍କୁଲର ମୋଟ ୧୨୪ ଜଣଙ୍କ ମଧ୍ୟରୁ ୧୨୩ଜଣ ପରୀକ୍ଷା ଦେଇଥିବା ବେଳେ ଜଣେ ପରୀକ୍ଷାର୍ଥୀ ମର୍ଦ୍ଦରାଜପୁର ହାଇସ୍କୁଲର ରୋଲ ନଂ ୧୧୮ ଅନୁପସ୍ଥିତ ରହିଥିବା ଜଣାପଡ଼ିଛି। କର୍ତ୍ତବ୍ୟରତ ଶିକ୍ଷକ ଓ କଣ୍ଟିଲୋ ଫାଣ୍ଡି ଅଧିକାରୀ ସ୍ୱାଗତ କୁମାର ଦାଶଙ୍କ ପ୍ରମୁଖ ତତ୍ତ୍ୱାବଧାନରେ ଶାନ୍ତିଶୃଙ୍ଖଳାର ସହ ଶେଷ ହୋଇଛି।

## କଣ୍ଠାପଡ଼ାରେ ଜିତିଲେ ଜନପ୍ରତିନିଧି, ହାରିଲା ପ୍ରଶାସନ

# ଉପଜିଲ୍ଲାପାଳଙ୍କ ହସ୍ତକ୍ଷେପ ପରେ ଧାରଣା ପ୍ରତ୍ୟାହୃତ

**କଣ୍ଠାପଡ଼ା,୨।୩/ଏନ୍‌ଏନ୍‌ଏସ୍:** କଣ୍ଠାପଡ଼ା ପଞ୍ଚାୟତ ସମିତି ପରିସରରେ କଣ୍ଠାପଡ଼ା ପ୍ରଶାସନର ଜନପ୍ରତିନିଧିମାନଙ୍କର ସାମ୍ବିଧାନିକ ଅଧିକାର କ୍ଷୁର୍ଣ୍ଣ କରିବା ଓ ସେମାନଙ୍କୁ ଉନ୍ନୟନ କାର୍ଯ୍ୟରେ ଅଣଦେଖା କରିବା ପ୍ରତିବାଦରେ ଆଜକୁ୧୩ ଦିନ ଧରି ଜନପ୍ରତିନିଧିଙ୍କ ଅହୋରାତ୍ର ଧାରଣା ଆଜି କଟକ ସଦର ଉପ-ଜିଲ୍ଲାପାଳ ସ୍ମୃତିରଂଜନ ଦିବ୍ୟ ଜ୍ୟୋତି ଦେଓଙ୍କ ହସ୍ତକ୍ଷେପ ପରେ ଧାରଣା ପ୍ରତ୍ୟାହୃତ ହୋଇଛି, ଉପଜିଲ୍ଲାପାଳଙ୍କ ସହିତ କଣ୍ଠାପଡ଼ା ତହସିଲଦାର ପ୍ରସନ୍ନ କୁମାର ସାମନ୍ତରାୟ, କଣ୍ଠାପଡ଼ା ବିଡିଓ ସ୍ୱପ୍ନିତା ନାୟକ, ସହକାରୀ ନିର୍ବାହୀ ଯନ୍ତ୍ରୀ ଧନଞ୍ଜୟ ସାମଲ ପ୍ରମୁଖ ପହଞ୍ଚି ଧାରଣାରତ ଜନପ୍ରତିନିଧିଙ୍କ ସହିତ ଦୀର୍ଘସମୟ ପର୍ଯ୍ୟନ୍ତ ଆଲୋଚନା କରିବା ପରେ ଏବଂ ସମସ୍ତ ପ୍ରକାର ୧୧ଦଫା ଦାବି ସଂପର୍କରେ ବିଚାରବିମର୍ଶ କରିବା ପରେ ଉପଜିଲ୍ଲାପାଳଙ୍କ ନିର୍ଦ୍ଦେଶ ମତେ ସମସ୍ତ ଦାବୀସରକାରୀ ନୀତି ନିର୍ଦ୍ଧାରଣ ଅନୁଯାୟୀ ଅନୁପାଳନ କରିବାକୁ ନିର୍ଦ୍ଦେଶ ଦେବା ସହ କଣ୍ଠାପଡ଼ା ବିଡିଓ ମଧ୍ୟ ଉକ୍ତ ଦାବି ସଂପର୍କରେ ଅବଗତ ଅଛି ଏବଂ ୭ଦିନ ମଧ୍ୟରେ ସରକାରୀ ନୀତି ନିୟମ ଅନୁଯାୟୀ କାର୍ଯ୍ୟକାରୀ କରାଯିବ ଓ ଜନ ପ୍ରତିନିଧିଙ୍କ ସହଯୋଗ ଏକାନ୍ତ



ଆବଶ୍ୟକ ବୋଲି କହିଥିଲେ,ଆନ୍ଦୋଳନରେ ସାମିଲ ଥିବା କଣାପଡା ବ୍ଲକ୍ ଅଧ୍ୟକ୍ଷା ସୁଶ୍ରୀ ଜୀନାଭୋଇ, ଉପାଧ୍ୟକ୍ଷ ଯତୀନ୍ଦ୍ରନାଥ ବରାଳ, ନଂ ୮ ଜୋନ ଜିଲ୍ଲାପରିଷଦର ସଭ୍ୟ ପିୟୁଷ ରଂଜନ ମିଶ୍ର, ନଂ୯ ଜିଲ୍ଲାପରିଷଦ ସଭ୍ୟ କ୍ରିଷ୍ଣାରାଣୀ ବେହେରା, ବ୍ରାହ୍ମଣବାଟୀ ଗ୍ରାମପଞ୍ଚାୟତ ସରପଞ୍ଚ ତଥା ବ୍ଲକ ସରପଞ୍ଚ ସଂଘ ସଭାପତି ସଂଜୟ କୁମାର ରାଉତରାୟ, ସମିତିସଭ୍ୟ ବୁଦ୍ଧନାଥ ବେହେରା, ସରପଞ୍ଚ ତୃପ୍ତିମୟୀ ରାଉତରାୟ, ସସ୍ମିତାଶାସେନୀ, ସୁପ୍ରିୟା ଭୋଇ, ମଞ୍ଜୁଳା ମଲିକ, ସୁମିତ୍ରା ପାତୀ, ସୁବ୍ରତ କୁମାର ଦାସଙ୍କ ସମେତ ସମିତି ସଭ୍ୟ ପ୍ରଶାନ୍ତ କୁମାରପାତୀ, ସଂନ୍ଧ୍ୟାରାଣୀ ଦାସ.ପ୍ରମୁଖ ସହିତ ଯୁବନେତା ତୃପ୍ତିରଂଜନ ବେହେରା, ଅଭିମନ୍ୟୁମଲିକ, କଟକ ଜିଲ୍ଲାଯୁବ ବିଜେଡି ସଂପାଦକ ଧରଣୀଧର ସ୍ୱାଇଁ, ନିଆଳୀ ବ୍ଲକ ଅଧ୍ୟକ୍ଷ ଉମେଶକୁମାର ବେହେରା, ନିଆଳୀ ପ୍ରାକ୍ତନ ଅଧ୍ୟକ୍ଷ ନ୍ୟାୟ ବ୍ରତ ରାଉତରାୟ, ପ୍ରମୁଖଙ୍କ ସହ ଆଲୋଚନା ଓ ବିଚାରବିମର୍ଷ ପରେ ବ୍ଲକ ଅଧ୍ୟକ୍ଷା, ଉପାଧ୍ୟକ୍ଷ ଓ ନଂ୮ ଜିଲ୍ଲା ପରିଷଦ ସଭ୍ୟ ପିୟୁଷରଂଜନ ମିଶ୍ର ମିଳିତ ଭାବରେ ଧାରଣାକୁପ୍ରତ୍ୟାହାର କରାଗଲା ବୋଲି ଉପସ୍ଥିତ ଜନପ୍ରତିନିଧି ଓ ଗଣମାଧ୍ୟମକୁ ସୂଚନା ଦେଇଥିଲେ।

# ମା’ ପାଟଚଣ୍ଡୀଙ୍କ ପୀଠରେ ଗଣମାଧ୍ୟମ ପ୍ରତିନିଧିଙ୍କ ବନ୍ଧୁମିଳନ

**ଖଣ୍ଡପଡ଼ା,୨।୩/ଏନ୍‌ଏନ୍‌ଏସ୍:** ଅଞ୍ଚଳର ଆରାଧ୍ୟ ଦେବୀ ମା’ ପାଟଚଣ୍ଡୀଙ୍କ ପୀଠରେ ଗଣମାଧ୍ୟମ ପ୍ରତିନିଧିଙ୍କୁ ନେଇ ଏକ ବନ୍ଧୁମିଳନ କାର୍ଯ୍ୟକ୍ରମ ରବିବାର ଅନୁଷ୍ଠିତ ହୋଇଯାଇଛି। ଏ ଅବସରରେ ପ୍ରଥମ କରି ବନ୍ଧୁମିଳନ କାର୍ଯ୍ୟକ୍ରମରେ ଯୋଗଦେଇଥିବା ବରିଷ୍ଠ ସାମ୍ବାଦିକ ଶୁଭେନ୍ଦ୍ର କୁମାର ପଟ୍ଟନାୟକ, ଶରତ ଚନ୍ଦ୍ର ସାହୁ, ରମେଶ ଚନ୍ଦ୍ର ବରାଡ, ବ୍ରଜବନ୍ଧୁ ଦେହୁରୀ, ପ୍ରଭାତ କୁମାର ବରାଡ, ଜ୍ୟୋତିରଞ୍ଜନ ସାହୁ ପ୍ରମୁଖଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନ କରି ସ୍ୱାଗତ କରା ଯାଇଥିଲା। କାର୍ଯ୍ୟକ୍ରମରେ ଖଣ୍ଡପଡ଼ା, କଣ୍ଟିଲୋ, ଭାପୁର, ବୋଲଗଡ, ଭୁବନେଶ୍ୱର ଓ କଟକ ଅଞ୍ଚଳରେ କାର୍ଯ୍ୟରତ ଛାପା, ବୈଦ୍ୟୁତିକ ଓ ସାମାଜିକ ଗଣମାଧ୍ୟମର ୪୦ରୁ ଊର୍ଦ୍ଧ୍ୱ ପ୍ରତିନିଧି ଯୋଗଦେଇଥିଲେ। କାର୍ଯ୍ୟରତ ସାମ୍ବାଦିକ ମାନଙ୍କର ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରାଯାଇଥିଲା। ସେହିପରି ମା’ ପାଟଚଣ୍ଡୀଙ୍କ ପୀଠରେ ସାମଗ୍ରିକ ବିକାଶ ଦିଗରେ ପ୍ରଶାସନିକ ଉଦାସୀନତାକୁ ନେଇ ଗଣମାଧ୍ୟମର ପ୍ରତିନିଧିମାନେ ଉଦ୍‌ବେଗ ପ୍ରକାଶ କରିଥିବା ବେଳେ ଖଣ୍ଡପଡ଼ା ଅଞ୍ଚଳର ପ୍ରମୁଖ ସମସ୍ୟାଗୁଡ଼ିକ ସମ୍ପର୍କରେ ଆଲୋଚନା କରାଯାଇଥିଲା।

ବିଜେପି ବିଧାୟକଙ୍କ ସହ ମୁଖ୍ୟମନ୍ତ୍ରୀଙ୍କ ବୈଠକ

# ଖୁବ୍‌ଶୀଘ୍ର ରାଜ୍ୟସଭା ପ୍ରାର୍ଥୀ ଘୋଷଣା

- ୧୬ ସେଟ୍ ଫର୍ମ ନେଲା ଦଳ
- ସଂସଦୀୟ ବୋର୍ଡ ନିଷ୍ପତ୍ତି ନେବା ପରେ ନାମାଙ୍କନ





**ଭୁବନେଶ୍ୱର,୨।୩/ଏନ୍ଏନ୍ଏସ୍:** ରାଜ୍ୟସଭା ନିର୍ବାଚନ ପାଇଁ ବିଜେଡି ଦୁଇ ପ୍ରାର୍ଥୀଙ୍କ ନାଁ ଘୋଷଣା କରିଥିବାବେଳେ ବିଜେପି ଖୁବ୍‌ଶୀଘ୍ର ତାର ପ୍ରାର୍ଥୀଙ୍କ ନାମ ଘୋଷଣା କରିବ। ଏନେଇ ସୋମବାର ହୋଇଥିବା ବିଧାୟକ ଦଳ ବୈଠକ ଶେଷରେ ଏହି ସୂଚନା ଦେଇଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ।

ସୋମବାର ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ନିଜ ବାସଭବନରେ ରାଜ୍ୟସଭା ନିର୍ବାଚନ ପାଇଁ ଏକ ଜରୁରୀ ବୈଠକ ଡାକିଥିଲେ। ବିଜେପିର ସବୁ ବିଧାୟକ ସେଠାରେ ଉପସ୍ଥିତ ଥିଲେ। ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ ଚୟନ ଉପରେ ବିସ୍ତୃତ ଆଲୋଚନା କରିଥିବା ଜଣାପଡ଼ିଛି। ମାତ୍ର ସମ୍ଭାବ୍ୟ ପ୍ରାର୍ଥୀଙ୍କ ତାଲିକା ପ୍ରସ୍ତୁତ ହୋଇ ଦିଲ୍ଲୀ ଯାଇଛି। ସେଠାରୁ ମୋହର ବାଜି ଫେରିବା ପରେ ନାଁ ଘୋଷଣା ହେବ। ପାଞ୍ଚ ତାରିଖ ପୂର୍ବରୁ ପ୍ରାର୍ଥୀ ଚୟନ ପ୍ରକ୍ରିୟା ସରିବ।

ଅନ୍ୟପକ୍ଷରେ ବିଜେପି ଆଜି ବିଧାନସଭାରୁ ୧୬ ସେଟ୍ ଫର୍ମ ନେଇଛି। ସରକାରୀ ଦଳ ମୁଖ୍ୟ ସଚେତକ ସରୋଜ ପ୍ରଧାନଙ୍କ ସହ ଆଶ୍ରିତ ପଟନାୟକ, ଦୁଷ୍ମନ୍ତ ସ୍ୱାଇଁ, ରଘୁନାଥ ଜଗଦଲା ଏବଂ ପ୍ରତାପ ନାୟକ ୧୬ ସେଟ ଫର୍ମ କିଣିଛନ୍ତି। ସଂସଦୀୟ ବୋର୍ଡ ନିଷ୍ପତ୍ତି ନେବା ପରେ ନାମାଙ୍କନ ଭରାଯିବ। ଯଦିଓ ଦଳ ପାଖରେ ଦୁଇଟି ଆସନ ପାଇଁ ସଂଖ୍ୟା ରହିଛି ତେବେ ୧୬ ସେଟ୍ ନାମାଙ୍କନ ପତ୍ର କିଣିବା ନେଇ ଚର୍ଚ୍ଚା ବଢ଼ିଛି।ଚର୍ଚ୍ଚା ହେଉଛି ଦଳ ୩ ଜଣଙ୍କୁ ରାଜ୍ୟସଭା ପଠାଇବ। ଚତୁର୍ଥ ସେଟଟି ଜଣେ ଡମି କ୍ୟାଣ୍ଡିଡେଟ୍ ପାଇଁ । ସେପଟେ ବରିଷ୍ଠ ବିଜେପି ନେତା ସୁଦୀପ୍ତ ରାୟ କହିଛନ୍ତି, ଆମକୁ ନ ପଚାରି ନବୀନ ଏକ ପାଖିଆ ଡାକ୍ତର ଦତ୍ତେଶ୍ୱର ହୋତାଙ୍କୁ ପ୍ରାର୍ଥୀ ଘୋଷଣା କରିଛନ୍ତି। ତେଣୁ ତାଙ୍କୁ ସମର୍ଥନର ଅବକାଶ ନାହିଁ।

ରାଜ୍ୟସଭା ନିର୍ବାଚନ ପାଇଁ ବିଜେଡି ତାର ପ୍ରାର୍ଥୀ ଭାବେ ସଂତୃପ୍ତ ମିଶ୍ରଙ୍କ ନାଁ ଘୋଷଣା କରିଥିବା ବେଳେ କମନ କ୍ୟାଣ୍ଡିଡେଟ୍ ଭାବେ ଡାକ୍ତର ଦତ୍ତେଶ୍ୱର ହୋତାଙ୍କ ନାଁ ଘୋଷଣା କରିଛି। କଂଗ୍ରେସ ନବୀନଙ୍କୁ ପ୍ରସ୍ତାବ ଦେଇଥିବା ପ୍ରାର୍ଥୀ ଦତ୍ତେଶ୍ୱରଙ୍କୁ କମନ କ୍ୟାଣ୍ଡିଡେଟ ଭାବେ ଘୋଷଣା କରିଥିବାରୁ ବିଜେପି ଏହାକୁ ଗ୍ରହଣ କରବନି ନିଶ୍ଚିତ। ଦଳ ତୃତୀୟ ପ୍ରାର୍ଥୀ ଭାବେ ନିଶ୍ଚୟ ଜଣଙ୍କୁ ଟିକେଟ୍ ଦେବ।

ଯୁଦ୍ଧ ପରିସ୍ଥିତିରେ ପ୍ରବାସୀ ଓଡ଼ିଆଙ୍କ ସୁରକ୍ଷା ଚିନ୍ତା

# ପଦକ୍ଷେପ ନେବାକୁ ମୁଖ୍ୟ ସଚିବଙ୍କ ପରାମର୍ଶ




**ଭୁବନେଶ୍ୱର,୨।୩ /ଏନ୍ଏନ୍ଏସ୍:** ମଧ୍ୟ ପ୍ରାଚ୍ୟରେ ଯୁଦ୍ଧ ପରିସ୍ଥିତିରେ ପ୍ରବାସୀ ଓଡ଼ିଆମାନଙ୍କ ସୁରକ୍ଷା ଓ ସେମାନଙ୍କର ସ୍ଥିତି ସଂପର୍କରେ ପ୍ରସ୍ତୁତି ଓ କାର୍ଯ୍ୟାନୁଷ୍ଠାନ ପାଇଁ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ କ୍ରମେ ସୋମବାର ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ପରିସ୍ଥିତିକୁ ନଜର କରି ପ୍ରସ୍ତୁତି ରହିବା ଓ ପଦକ୍ଷେପ ନେବାକୁ ମୁଖ୍ୟ ଶାସନ ସଚିବଙ୍କ ପରାମର୍ଶ ଦେଇଛନ୍ତି । ସୂଚନା ଯୋଗ୍ୟଯେ ଏଥିପାଇଁ ଭାରତର ବୈଦେଶିକ ମନ୍ତ୍ରଣାଳୟ ଦ୍ୱାରା ଏକ ୨୪ ଘଣ୍ଟିଆ ଟୋଲଫ୍ରି ନମ୍ବର ୮୦୦-୪୬୩୪୨, ହ୍ୱାଟ୍ସ ଆପ୍ ନଂ- ୯୭୧୫୪୩୦୯୦୫୭୧ ଜାରି କରାଯାଇଛି। ଏହି ପରିପ୍ରେକ୍ଷୀରେ ଓଡ଼ିଶା ସରକାରଙ୍କ ପକ୍ଷରୁ ସହାୟତା ଓ ସୂଚନା ନେଇ ଓଡ଼ିଶା ପରିବାର ନିର୍ଦ୍ଦେଶାଳୟ, ରାଜ୍ୟ ଗୃହ(ସ୍ୱରାଷ୍ଟ୍ର) ବିଭାଗ, ରାଜ୍ୟ ଶ୍ରମ ନିର୍ଦ୍ଦେଶାଳୟ, ପ୍ରବାସୀ ଭାରତୀୟଙ୍କ ସୁରକ୍ଷା ପାଇଁ କାର୍ଯ୍ୟ କରୁଥିବା ସଂସ୍ଥା ( ପ୍ରୋଟେକ୍ଟର ଅଫ ଏମିଗ୍ରାଣ୍ଟସ)ଙ୍କ ସହ ମିଳିତଭାବେ ଏକ ୱାର୍କିଂ ଗ୍ରୁପ୍ ଗଠନ କରାଯାଇଛି। ପରିସ୍ଥିତିକୁ ନଜରରେ ରଖାଯାଇଛି। ଓଡ଼ିଶା ପରିବାର ସ୍ୱତନ୍ତ୍ର କାର୍ଯ୍ୟରତ ଅଧିକାରୀଙ୍କୁ ପ୍ରିତୀଶ ପଣ୍ଡା ନୋଡାଲ ଅଧିକାରୀ ଭାବେ ସୂଚନା ଓ ସହାୟତା ପାଇଁ କାର୍ଯ୍ୟରତ ଅଛନ୍ତି (ଦୂରଭାଷ ନମ୍ବର- ୯୫୮୩୩୨୧୯୬୪ )। ଡିଜିପି ୱାଇ ବି ଖୁରାନିଆ ବୈଠକରେ ଯୋଗଦେଇ କହିଛନ୍ତି ଯେ, ସ୍ଥିତିକୁ ଅତି ନିକଟରୁ ନଜର ରଖାଯାଇ ଆବଶ୍ୟକ ପଦକ୍ଷେପ ନିଆଉଛି। ସଂପୃକ୍ତ ସମସ୍ତ ଅଧିକାରୀମାନଙ୍କୁ ଆଲର୍ଟ କରାଯାଇଛି।

ବୈଠକରେ ରାଜ୍ୟ ଗୃହ (ସ୍ୱରାଷ୍ଟ୍ର ବିଭାଗ) ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା, ଗୁଇନ୍ଦା ବିଭାଗର ନିର୍ଦ୍ଦେଶକ ଆର.ପି.କୋଚେ, ଓଡ଼ିଶା ପରିବାର ନିର୍ଦ୍ଦେଶାଳୟର ନିର୍ଦ୍ଦେଶକ ତଥା ରାଜ୍ୟ ସଂସ୍କୃତି ବିଭାଗର ସଚିବ ଡଃ. ବିଜୟକେତନ ଉପାଧ୍ୟାୟ, ଶ୍ରମ ଆୟୁକ୍ତ ଇନ୍ଦ୍ରମଣି ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ।




ବିଧାନସଭା ଷ୍ଟାଣ୍ଡିଂ କମିଟି ବୈଠକରେ ବିଧାୟକଙ୍କ ପ୍ରସ୍ତାବ

# ଏଫ୍‌ଏମ୍‌ଏମ୍‌ସିରେ ଖୋଲାଯାଉ ନୂତନ ଏମ୍‌ଆର୍‌ଆଇ ସେଣ୍ଟର୍

**କମର୍ଦ୍ଦାସ୍ଥିତ ମିଶନ ଶକ୍ତି ବଜାରର ଉନ୍ନତିକରଣ କରାଯାଉ**

**ଜଳେଶ୍ୱର ଏନ୍ଏଚ୍-୧୬ ନିକଟରେ ହେଉ ଟ୍ରମା ସେଣ୍ଟର୍**

**ଭୁବନେଶ୍ୱର,୨।୩/ଏନ୍ଏନ୍ଏସ୍:** ଫକୀର ମୋହନ ମେଡିକାଲ କଲେଜ(ଏଫଏମଏମସି)ରେ ନୂତନ ଏମ୍ଆରଆଇ ସେଣ୍ଟର ଖୋଲିବା ସହ ଚନ୍ଦନେଶ୍ୱର ସିଏଚ୍‌ସିକୁ ଏକ ନୂତନ ପିଏଚ୍‌ସି ଭାବରେ ଉନ୍ନତିରଣ କରାଯାଉ। ସେହିପରି ଭୋଗରାଇ ଅଞ୍ଚଳରେ ବାଲ୍ୟ ବିବାହ ରୋକିବା ପାଇଁ ଜିଲ୍ଲା ବାଲ୍ୟ ବିବାହ ସୁରକ୍ଷା ଅଧିକାରୀଙ୍କୁ ନିୟୋଜିତ କରାଯାଉ ଏବଂ ଭୀମ ଭୋଇ ସାମର୍ଥ୍ୟ ଶିବିରରେ ସ୍ୱାସ୍ଥ୍ୟ ପରୀକ୍ଷା ପରେ ମାସକ ଭିତରେ ଭିନ୍ନକ୍ଷମ ପ୍ରମାଣପତ୍ର ପ୍ରଦାନର ବ୍ୟବସ୍ଥା କରାଯାଉ।

ସୋମବାର ବିଧାନସଭାର ୫ନମ୍ବର ଷ୍ଟାଣ୍ଡିଂ କମିଟି ବୈଠକରେ ଏହି ପ୍ରସ୍ତାବ ଦେଇଛନ୍ତି ଭୋଗରାଇ ବିଧାୟକ ଗୌତମବୁଦ୍ଧ ଦାସ। ସେ ବାଲେଶ୍ୱର ଜିଲ୍ଲାର ବିଭିନ୍ନ ସମସ୍ୟା ଉପରେ ବୈଠକକୁ ଅବଗତ କରିଛନ୍ତି। ବିଶେଷକରି ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ମହିଳା ଓ ଶିଶୁ ବିକାଶ, ମିଶନ ଶକ୍ତି ଓ ଭିନ୍ନକ୍ଷମ ବିଭାଗ ଉପରେ କିଛି ଗଠନମୂଳକ ପ୍ରସ୍ତାବ ଦେଇଛନ୍ତି। ଶ୍ରୀ ଦାସ କହିଛନ୍ତି ଯେ, ଭିନ୍ନକ୍ଷମ ପ୍ରମାଣପତ୍ର ପାଇଁ ଗୁରୁତର ଅସୁସ୍ଥ ଅକର୍ମଣ୍ୟ ବ୍ୟକ୍ତିଙ୍କ ଘରକୁ ଯାଇ ତାଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରିବା ଲାଗି ଜଣେ ସ୍ୱତନ୍ତ୍ର ଅଧିକାରୀ ବା ଡାକ୍ତରଙ୍କୁ ନିଯୁକ୍ତ କରାଯିବାର ଆବଶ୍ୟକତା ରହିଛି। ଭୀମ ଭୋଇ ସାମର୍ଥ୍ୟ ଶିବିରରେ ସ୍ୱାସ୍ଥ୍ୟ ପରୀକ୍ଷା ପରେ ମାସକ ମଧ୍ୟରେ ଭିନ୍ନକ୍ଷମ ପ୍ରମାଣପତ୍ର ପ୍ରଦାନର ବ୍ୟବସ୍ଥା କରାଯିବା ସହ ପ୍ରତିବର୍ଷ ପ୍ରତି ବ୍ଲକରେ ଭିନ୍ନକ୍ଷମଙ୍କ ପାଇଁ ଦୁଇଥର ପରୀକ୍ଷା ଶିବିରିର ଆୟୋଜନ କରାଯାଉ। ଏହା ହେଲେ ବାଲେଶ୍ୱର ଜିଲ୍ଲା ସମେତ ସମଗ୍ର ରାଜ୍ୟରେ ହଜାର ହଜାର ସଂଖ୍ୟାରେ ଭିନ୍ନକ୍ଷମ ଉପକୃତ ହେବେ। ସେହିପରି ଜଳେଶ୍ୱରପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଏକ ଡାଏଲିସିସ୍ ସେଣ୍ଟର ଖୋଲିବା ସହ ଭୋଗରାଇ ନିର୍ବାଚନ ମଣ୍ଡଳୀର ନାରାୟଣମହାନ୍ତି ପଡ଼ିଆ, ଅନଳିଆ, ମହାଗବ, ନହରା ଓ ପୁଟିଣାରେ ନୂତନ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ଏବଂ ଜଳେଶ୍ୱରର ଏନ୍ଏଚ-୧୬ ନିକଟରେ ଏକ ଟ୍ରମା ସେଣ୍ଟର ପ୍ରତିଷ୍ଠା ହେବାର ଆବଶ୍ୟକତା ରହିଛି। ଜଳେଶ୍ୱରପୁର ସିଏଚ୍‌ସିକୁ ଏକ ୫୦ ଶଯ୍ୟା ବିଶିଷ୍ଟ ହସ୍ପିଟାଲରେ ପରିଣତ କରାଯିବା ପାଇଁ ମଧ୍ୟ ଶ୍ରୀ ଦାସ ଦାବି କରିଛନ୍ତି। ଅନ୍ୟପକ୍ଷରେ ଶ୍ରୀ ଦାସ କହିଛନ୍ତି ଯେ, ଅତ୍ୟଧିକ କୁପୋଷଣର ଶିକାର ଶିଶୁଙ୍କ ପାଇଁ ଏକ ରିହାବିଲିଟେସନ ସ୍ଥାପନ ଜରୁରୀ। ଭୋଗରାଇରେ ଏହି ସମସ୍ୟା ଉତ୍କଟ। ଏହାର ସ୍ଥାୟୀ ସମାଧାନ ହେବା ଦରକାର। ସେହିପରି ଭୋଗରାଇ ବିଭିନ୍ନ ସ୍ଥାନରେ ଶୌଚାଳୟ ସହ ନୂତନ ଅଙ୍ଗନବାଡ଼ି କେନ୍ଦ୍ର ନିର୍ମାଣ କରାଯାଉ ଏବଂ ନିର୍ମାଣାଧୀନ ସମସ୍ତ ଅଙ୍ଗନବାଡ଼ି କେନ୍ଦ୍ରର କାର୍ଯ୍ୟ ସମ୍ପନ୍ନ ସହିତ କମର୍ଦ୍ଦାଠାରେ ଥିବା ମିଶନ ଶକ୍ତି ବଜାରର ଉନ୍ନତିକରଣ କରାଯାଉ ବୋଲି ସେ ଷ୍ଟାଣ୍ଡିଂ କମିଟି ଆଗରେ ପ୍ରସ୍ତାବ ରଖିଛନ୍ତି। କମିଟି ମଧ୍ୟ ଏହାକୁ ଗୁରୁତ୍ତର ସହ ନେଇଥିବା ଶ୍ରୀ ଦାସ ସ୍ପଷ୍ଟ କରିଛନ୍ତି।

# ଇଗ୍ନୋର ନାମଲେଖା ଅବଧି ୧୫କୁ ବୃଦ୍ଧି

**ଭୁବନେଶ୍ୱର,୨।୩ /ଏନ୍ଏନ୍ଏସ୍:** ବିଭିନ୍ନ ବର୍ଗର ଲୋକଙ୍କ ଆବଶ୍ୟକତାକୁ ଅନୁଧ୍ୟାନ କରି ଇଗ୍ନୋ କର୍ତ୍ତୃପକ୍ଷ ଜାନୁଆରୀ ୨୦୨୬ ଶିକ୍ଷାସତ୍ର ପାଇଁ ନାମଲେଖା ଅବଧିକୁ ଚଳିତ ମାସ ୧୫ ତାରିଖ ପର୍ଯ୍ୟନ୍ତ ବୃଦ୍ଧି କରିଛନ୍ତି (ସାର୍ଟିଫିକେଟ୍ ଏବଂ ସେମିଷ୍ଟାର-ଆଧାରିତ ପାଠ୍ୟକ୍ରମ ବ୍ୟତୀତ)। ଆଗ୍ରହୀ ଛାତ୍ରଛାତ୍ରୀ ବିଭିନ୍ନ ପାଠ୍ୟକ୍ରମରେ ନାମ ଲେଖାଇବା ପାଇଁ ଇଗ୍ନୋର ୱେବ୍‌ସାଇଟକୁ ଅନୁସରଣ କରିପାରିବେ। ଅଣ୍ଡର ଗ୍ରାଜୁଏଟ, ପ୍ରୋଗ୍ରାମ୍‌ରେ ନାମ ପଞ୍ଜିକରଣ କରିବାକୁ ଚାହୁଁଥିବା ଅନୁସୂଚିତ ଜାତି ଓ ଜନଜାତି ଛାତ୍ରଛାତ୍ରୀଙ୍କପାଇଁ ନାମଲେଖା ଦେୟ ଏବଂ ପୁନଃ ପଞ୍ଜିକରଣ ଦେୟ ୫୦% ଛାଡ଼ କରାଯାଇଛି। ତେବେ ଯେଉଁ ଅନୁସୂଚିତ ଜାତି ଓ ଜନଜାତି ଛାତ୍ରଛାତ୍ରୀ ଯଦି ଅନ୍ୟ କୌଣସି ସୂତ୍ରରୁ ରିହାତିର ସୁବିଧା ପାଉଥିବେ ତେବେ ସେମାନେ ଇଗ୍ନୋ ତରଫରୁ ଦିଆଯାଉଥିବା ଏହି ରିହାତି ପାଇବାକୁ ଯୋଗ୍ୟ ହେବେ ନାହିଁ। ସମ୍ପୂର୍ଣ୍ଣ ପ୍ରସ୍ପେକ୍ଟସ୍ ସିଧାସଳଖ ଇଗ୍ନୋ ୱେବସାଇଟରୁ ଡାଉନଲୋଡ୍ କରାଯାଇପାରିବ। ଅନ୍ୟାନ୍ୟ ସୂଚନା ପାଇବା ପାଇଁ ଇଗ୍ନୋ ଆଞ୍ଚଳିକ କେନ୍ଦ୍ର ଭୁବନେଶ୍ୱର ସହ ଯୋଗାଯୋଗ କରିବାପାଇଁ ଆଞ୍ଚଳିକ କେନ୍ଦ୍ରର ବରିଷ୍ଠ ଆଞ୍ଚଳିକ ନିର୍ଦ୍ଦେଶକ ଡ଼. ମନୋଜ କୁମାର ଦାଶ ସୂଚନା ଦେଇଛନ୍ତି।

# 'ଆମ ସାଥୀ ୟୁନିଫାଏଡ୍ ହ୍ୱାଟ୍ସଆପ୍ ବଟ୍'କୁ ଟେକ୍ନୋଲୋଜି ସଭା ଉତ୍କର୍ଷ ପୁରସ୍କାର

**ଭୁବନେଶ୍ୱର,୨।୩ /ଏନ୍ଏନ୍ଏସ୍:** ଓଡ଼ିଶା ସରକାର ଏହାର ପ୍ରମୁଖ ଡିଜିଟାଲ ପରିଚାଳନା ବ୍ୟବସ୍ଥା "ଆମ ସାଥୀ ୟୁନିଫାଏଡ୍ ହ୍ୱାଟ୍ସ ଆପ୍ ବଟ୍" ପାଇଁ ଇଣ୍ଡିଆନ୍ ଏକ୍ସପ୍ରେସ୍ ଗ୍ରୁପ୍ ର ଅଗ୍ରଣୀ ପ୍ରକାଶନ, "ଏକ୍ସପ୍ରେସ୍ କମ୍ପ୍ୟୁଟର" ଦ୍ୱାରା 'ଟେକ୍ନୋଲୋଜି ସଭା ଉତ୍କର୍ଷ ପୁରସ୍କାର' ପ୍ରାପ୍ତ ହୋଇ ସମ୍ମାନିତ ହୋଇଛନ୍ତି। ଜନସେବା ପ୍ରଦାନ ପାଇଁ ଟେକ୍ନୋଲୋଜିରେ ଶ୍ରେଷ୍ଠତା ପ୍ରତିପାଦନ ଏବଂ ଅଭିନବତ୍ୱକୁ ସ୍ୱୀକୃତି ଦେଇ ଗତ ୨୭ ତାରିଖରେ ହାଇଦ୍ରାବାଦ ଠାରେ ଅନୁଷ୍ଠିତ ଟେକ୍ନୋଲୋଜି ସଭାରେ ଏହି ପୁରସ୍କାର ପ୍ରଦାନ କରାଯାଇଛି। ଓଡ଼ିଶା ସରକାରଙ୍କ ପକ୍ଷରୁ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ଅଧୀନସ୍ଥ ସେଣ୍ଟର ଫର୍ ମଡର୍ଣ୍ଣାଇଜିଂ ଗଭର୍ଣ୍ଣମେଣ୍ଟ ଇନିସିଏଟିଭ(ସିଏମଜିଆଇ)ର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ସୁରେନ୍ଦ୍ର କୁମାର ମୀନା ଏହି ପୁରସ୍କାର ଗ୍ରହଣ କରିଥିଲେ। ଏକ୍ସପ୍ରେସ କମ୍ପ୍ୟୁଟର ଦ୍ୱାରା ପ୍ରତିଷ୍ଠିତ 'ଟେକ୍ନୋଲୋଜି ସଭା ଉତ୍କର୍ଷ ପୁରସ୍କାର' ଭାରତର ପ୍ରଯୁକ୍ତି ଏବଂ ଶାସନ ପରିଚାଳନା କ୍ଷେତ୍ରରେ ଦେଶର ସର୍ବାଧିକ ସ୍ୱୀକୃତିମାନଙ୍କ ମଧ୍ୟରେ ଅନ୍ୟତମ ସମ୍ମାନଜନକ ସ୍ୱୀକୃତି। ସରକାର ଓ ସଂସ୍ଥାଗୁଡ଼ିକ ଦ୍ୱାରା ଡିଜିଟାଲ୍ ପ୍ରଯୁକ୍ତିର ସଠିକ୍ ବ୍ୟବହାର କରି ସେବା ପ୍ରଦାନରେ ଅଭିନବତ୍ୱ ଆଣିବା ସହ ବ୍ୟବସ୍ଥାକୁ ଅଧିକ ବିସ୍ତାରଯୋଗ୍ୟ, ପ୍ରଭାବୀ ଓ ସ୍ଥିରତା ପ୍ରଦର୍ଶନ କରୁଥିବା ଅତି ଉତ୍କୃଷ୍ଟ ପ୍ରୟାସଗୁଡ଼ିକ ମାଧ୍ୟମରେ ନାଗରିକ କୈନ୍ଦ୍ରିକ ଫଳାଫଳ ପାଇଁ ଏହି ପୁରସ୍କାରଗୁଡ଼ିକ ପ୍ରଦାନ କରାଯାଉଛି। ବରିଷ୍ଠ ସରକାରୀ ନେତୃବୃନ୍ଦ, ଶିଳ୍ପ ବିଶେଷଜ୍ଞ ଏବଂ ପ୍ରଯୁକ୍ତିବିଦ୍ୟା ବିଶେଷଜ୍ଞଙ୍କୁ ନେଇ ଗଠିତ ଏକ ପ୍ରତିଷ୍ଠିତ ବିଚାରକ ମଣ୍ଡଳୀଙ୍କ ଦ୍ୱାରା ସଠିକ୍ ମୂଲ୍ୟାଙ୍କନ ପ୍ରକ୍ରିୟା ପରେ ଏହି ପୁରସ୍କାର ପ୍ରଦାନ କରାଯାଇଥାଏ। ଆମା ସାଥି ଏକୀକୃତ ହ୍ୱାଟ୍ସଆପ୍ ବଟ୍ ଏକ ପରିବର୍ତ୍ତନଶୀଳ ଡିଜିଟାଲ୍ ପ୍ଲାଟଫର୍ମ ଭାବେ ଉଦ୍ଭବ ହୋଇଛି ଯାହାକି ନାଗରିକମାନଙ୍କୁ ଏକକ ବ୍ୟବସ୍ଥାରେ, ସହଜରେ ଏବଂ ପରିଚିତ ଇଣ୍ଟରଫେସ୍ ମାଧ୍ୟମରେ ହ୍ୱାଟ୍ସ ଆପ୍ ଜରିଆରେ ବହୁ ପ୍ରକାର ସରକାରୀ ସେବା ଏବଂ ସୂଚନା ପାଇବାକୁ ସକ୍ଷମ କରୁଛି। ଏହା ଫଳରେ ସେବା ପାଇବାକୁ ଥିବା ବ୍ୟକ୍ତି ବା ହିତାଧିକାରୀଙ୍କୁ ସରକାରୀ କାର୍ଯ୍ୟାଳୟକୁ ବାରଂବାର ଆସିବାକୁ ପଡୁନାହିଁ ଏବଂ ବିଭିନ୍ନ ପ୍ରକାର ଦରଖାସ୍ତ ବା ଆବେଦନ କରିବାର ଆବଶ୍ୟକତାକୁ ବହୁମାତ୍ରାରେ ଦୂର କରାଯାଇପାରିବା ସହିତ ସାର୍ବଜନୀନ ସେବା ଉପଲବ୍ଧତା, ସ୍ୱଚ୍ଛତା ଓ ଦାୟିତ୍ୱବୋଧତା ବୃଦ୍ଧି ପାଇଛି। ପୁରସ୍କାର ପ୍ରାପ୍ତି ଅବସରରେ ସୁରେନ୍ଦ୍ର କୁମାର ମୀନା କହିଛନ୍ତି ଯେ, "ଆମ ସାଥୀ ୟୁନିଫାଇଡ୍ ହ୍ୱାଟସ୍ଆପ୍ ବଟ୍ ଓଡିଶାର ପ୍ରତ୍ୟେକ ନାଗରିକଙ୍କ ଦ୍ୱାରରେ ସରକାରୀ ସୁବିଧା ସୁନିଶ୍ଚିତ କରିବାକୁ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ। ନାଗରିକମାନେ ତାଙ୍କର ଦୈନନ୍ଦିନ ଜୀବନରେ ହ୍ୱାଟ୍ସ ଆପ ଭଳି ପ୍ଲାଟଫର୍ମ ବ୍ୟବହାର କରୁଥିବାରୁ ସେହି ପ୍ଲାଟଫର୍ମକୁ ଉପଯୋଗ କରି ସରକାରୀ ସେବାଗୁଡ଼ିକୁ ଅଧିକ ପହଞ୍ଚଯୋଗ୍ୟ, ସମାବେଶୀ ଏବଂ ଦାୟିତ୍ୱ ସଂପନ୍ନ ଭାବେ କାର୍ଯ୍ୟକାରୀ କରାଯାଉଛି। ଏହି ପଦକ୍ଷେପ ନାଗରିକ-କେନ୍ଦ୍ରିକ ଶାସନ ପ୍ରତି ଆମର ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଛି , ଯେଉଁଠାରେ ପ୍ରଯୁକ୍ତି ବିଦ୍ୟା ଏକ ସଶକ୍ତ, ଭରସାଯୋଗ୍ୟ , ବିଶ୍ୱସନୀୟ ଏବଂ ପାରଦର୍ଶିତାର ସହ କାର୍ଯ୍ୟ କରିବାକୁ ସକ୍ଷମ କରୁଛି।






## ଗୁଳିମାଡ଼ରେ ଯୁବକ ଗୁରୁତର, ଏମ୍‌କେସିଜିରେ ଭର୍ତ୍ତି

**ପୁରୁଷୋତ୍ତମପୁର,୨।୩/ଏନ୍‌ଏନ୍‌ଏସ୍:** ପୁରୁଷୋତ୍ତମପୁର ଥାନା ଅନ୍ତର୍ଗତ ଅରଖପୁର ସୁଣ୍ଡିବାଙ୍କ ଗ୍ରାମ ନିକଟରେ ଫୁଟିଛି ଗୁଳି। ଗୁଳିମାଡରେ ସାଗର ବେହେରା ନାମକ ଜଣେ ଯୁବକ ଗୁରୁତର ଆହତ ହୋଇ ବ୍ରହ୍ମପୁର ଏମ୍‌କେସିଜି ବଡ ମେଡିକାଲରେ ଭର୍ତ୍ତି ହୋଇଛନ୍ତି। ଗୁରୁତର ସାଗରଙ୍କ ଘର ଅରଖପୁର ଗ୍ରାମରେ ନିକଟରେ ବୋଲି ଜଣାପଡିଛି । ଆଜି ସକାଳେ ଦୁଇ ଜଣ ଯୁବକ ଆସି ଗୁଳି ଚଳାଇଥିବା ନେଇ ଗୁରୁତର ସାଗର କହିଛନ୍ତି। ତାଙ୍କ ଡାହାଣ ଗୋଡ଼ରେ ୨ଟି ଗୁଳି ବାଜି ପ୍ରବଳ ରକ୍ତସ୍ରାବ ହୋଇଛି। ଖବର ପାଇ ପୁରୁଷୋତ୍ତମପୁର ଥାନା ଅଧିକାରୀ କୁଳମଣି ସେଠୀ ଓ ପୁଲିସ୍ ଷ୍ଟାଫ୍ ଘଟଣାସ୍ଥଳରେ ପହଞ୍ଚି ଛାନ୍‌ଭିନ ଆରମ୍ଭ କରିଛନ୍ତି। ମିଳିଥିବା ସୂଚନା ପ୍ରକାରେ ଗୁରୁତର ସାଗର ସୁରତରେ କାମ କରୁଥିବା ବେଳେ ଗତ କିଛିଦିନ ହେବ ଗାଁକୁ ଆସିଥିଲେ। ଆଜି ସେ ଗାଧୋଇବା ପାଇଁ ଗ୍ରାମଠାରୁ କିଛି କିଲୋମିଟର ଦୂର ପୋଖରୀକୁ ଯାଉଥିଲେ। ଏହି ସମୟରେ ଦୁଇଜଣ ବ୍ୟକ୍ତି ଆସି ତାଙ୍କ ଉପରକୁ ଗୁଳି ଚଳାଇ ଫେରାର ହୋଇଯାଇଥିଲେ । କେଉଁ କାରଣ ପାଇଁ ସାଗରଙ୍କୁ ଆକ୍ରମଣ କଲେ ଦୁର୍ବୃତ୍ତ ଏବଂ ଏହି ଘଟଣା ପଛରେ କ'ଣ ରହିଛି ରହସ୍ୟ ସେ ନେଇ କିଛି ଜଣାପଡିନାହିଁ। ଅନ୍ୟପକ୍ଷରେ ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଗୁଳିମାଡ ହୋଇଥାଇପାରେ ବୋଲି ମଧ୍ୟ ଅଞ୍ଚଳରେ ଚର୍ଚ୍ଚା ହେଉଛି। ଗୁଳି ମାଡ ପରେ ଗୁରୁତର ସାଗରଙ୍କୁ ସଙ୍ଗେ ସଙ୍ଗେ ବ୍ରହ୍ମପୁର ବଡ଼ ମେଡିକାଲକୁ ନିଆଯାଇଥିଲା। ସେଠାରେ ତାଙ୍କର ଚିକିତ୍ସା ଜାରି ରହିଥିବା ବେଳେ ବର୍ତ୍ତମାନ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ଥିବା ଜଣାପଡିଚି। ଏପଟେ ପୁଲିସ ଘଟଣାକୁ ଗୁରୁତର ସହ ନେଇ ତଦନ୍ତ ଆରମ୍ଭ କରିଛି। ଅଭିଯୁକ୍ତଙ୍କୁ ଖୁବ୍‌ଶୀଘ୍ର ଗିରଫ କରାଯିବ ବୋଲି ପୁଲିସ୍ ପକ୍ଷରୁ କୁହାଯାଇଛି।



## ଇରାନ୍ ଉପରେ ଇସ୍ରାଏଲର ଆକ୍ରମଣକୁ ଏସ୍‌ୟୁସିଆଇର ବିରୋଧ

ବ୍ରହ୍ମପୁର,୨।୩/ଏନ୍‌ଏନ୍‌ଏସ୍: ଇରାନ୍ ଉପରେ ଇସ୍ରାଏଲର ଘନ ଘନ ଆକ୍ରମଣକୁ ଦୃଢ ନିନ୍ଦା କରିଛି ଏସ୍‌ୟୁସିଆଇ(କମ୍ୟୁନିଷ୍ଟ)। ଏସ୍‌ୟୁସିଆଇ(କମ୍ୟୁନିଷ୍ଟ) କେନ୍ଦ୍ରୀୟ କମିଟିର ଡାକରାରେ ଆଜି ବ୍ରହ୍ମପୁର କମାପଲ୍ଲୀ ଛକଠାରେ ଏସ୍‌ୟୁସିଆଇ ପକ୍ଷରୁ ପ୍ରତିବାଦ ବିକ୍ଷୋଭ ଅନୁଷ୍ଠିତ ହୋଇଥିଲା। ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଇସ୍ରାଏଲ ଗସ୍ତ କରି ଇସ୍ରାଏଲକୁ ସନ୍ତ୍ରାସବାଦର ବିରୋଧରେ ଧର୍ମ ଯୋଦ୍ଧା ବୋଲି ଆଖ୍ୟାୟୀତ କରି ଠିକ ଫେରିବା ପରେ ଇସ୍ରାଏଲ୍ ଏହି ବର୍ବର ଆକ୍ରମଣ କରିଛି । ଇରାନର ସ୍କୁଲ ଉପରେ ଆକ୍ରମଣ ଫଳରେ ଶହ ଶହ ଛାତ୍ରଛାତ୍ରୀଙ୍କ ମୃତ୍ୟୁ ଘଟିଛି । ଇସ୍ରାଏଲ୍‌ର ଏହି ଘୃଣ୍ୟ ଆକ୍ରମଣ ପଛରେ ସାମ୍ରାଜ୍ୟବାଦୀ ଆମେରୀକାର ହାତ ରହିଛି । ସାରା ମଧ୍ୟ ପ୍ରାଚ୍ୟ ଓ ଲାଟିନ ଆମେରୀକାରେ ଥିବା ତୈଳ ସମ୍ପଦଗୁଡିକୁ ଦଖଲ କରିବା ହେଉଛି ଅସଲ ଉଦ୍ଦେଶ୍ୟ । ଆମେରୀକା ଏହା ପୂର୍ବରୁ ଇରାକ, ଲେବାନନ୍, ସିରିଆ, ପାଲେଷ୍ଟାଇନ୍, ଭେନେଜୁଏଲା ଆଦିଦେଶ ଉପରେ ଏହି ଭଳି ଘୃଣ୍ୟ ଆକ୍ରମଣ କରି ସେ ଦେଶ ଗୁଡିକୁ ଛାରଖାର କରିଥିବା ନେଇ ନେତାମାନେ ଅଭିଯୋଗ କରିବା ସହ ତୀବ୍ର ସମାଲୋଚନା କରିଥିଲେ। ଘୃଣ୍ୟ ସାମରିକ କାର୍ଯ୍ୟାନୁଷ୍ଠାନ ବନ୍ଦ ସହ ଭାରତ ସରକାର ଏହି ଘୃଣ୍ୟ ଯୁଦ୍ଧଖୋର ଶକ୍ତିମାନଙ୍କ ସହ ସମସ୍ତ କୁଟନୈତିକ ସମ୍ପର୍କ ଛିନ୍ନ କରିବାକୁ ଦାବି ହୋଇଥିଲା। ପ୍ରତିବାଦ ସଭାରେ ଜିଲ୍ଲା ସମ୍ପାଦକ ସୋମନାଥ ବେହେରା, ନାରାୟଣ ସାହୁ,ପପୁନ ସାହୁ, କିସାନ ସାହୁ, କାମରାଜ ସାହୁ,ବିଭୁତି ସାହୁ,ଅନିଲ ସାହୁ, ବାମିଆ ଉଗ୍ରସାଣ୍ଡି ପ୍ରମୁଖ ସାମିଲ ହୋଇଥିଲେ।




## ବିଜ୍ଞାନ କଲେଜର ନୂତନ ଅଧ୍ୟକ୍ଷଙ୍କ ଦାୟିତ୍ୱ ଗ୍ରହଣ

**ଆସିକା,୨।୩/ଏନ୍‌ଏନ୍‌ଏସ୍:** ଆସିକା ବିଜ୍ଞାନ ମହାବିଦ୍ୟାଳୟର ନୂତନ ଅଧ୍ୟକ୍ଷ ରୂପେ ଅର୍ଥଶାସ୍ତ୍ର ବିଭାଗର ମୁଖ୍ୟ ପ୍ରଫେସର ବିଭୂତି ଭୂଷଣ ବେବର୍ତ୍ତା ଦାୟିତ୍ୱ ଗ୍ରହଣ କରିଛନ୍ତି। ଧରାକୋଟ ବ୍ଲକ ଜାହାଡା ଗ୍ରାମର ସ୍ୱର୍ଗତ ଗୌରଚନ୍ଦ୍ର ବେବର୍ତ୍ତା ଓ ସ୍ୱର୍ଗତା ମାହେଶ୍ୱରୀ ବେବର୍ତ୍ତାଙ୍କ ଦ୍ୱିତୀୟ ପୁତ୍ର ବିଭୂତି ଭୂଷଣ ବେବର୍ତ୍ତା ୧୯୯୩ ମସିହାରେ ବାଲିପଦର ସ୍ଥିତ ଆଞ୍ଚଳିକ ବିଜ୍ଞାନ ମହାବିଦ୍ୟାଳୟରେ ଅଧ୍ୟାପକ ରୂପେ ନିଜ କର୍ମମୟ ଜୀବନ ଆରମ୍ଭ କରିଥିଲେ। ଗତ ୨୦୨୫ ମସିହା ଜୁନ୍ ମାସରେ ଆସିକା ବିଜ୍ଞାନ ମହାବିଦ୍ୟାଳୟରେ ଅର୍ଥଶାସ୍ତ୍ର ବିଭାଗର ମୁଖ୍ୟ ପ୍ରାଧ୍ୟାପକ ରୂପେ କାର୍ଯ୍ୟରେ ଯୋଗଦେଇଥିଲେ । ଆସିକା ବିଜ୍ଞାନ ମହାବିଦ୍ୟାଳୟର ନୂତନ ଅଧ୍ୟକ୍ଷ ଶ୍ରୀ ବେବର୍ତ୍ତାଙ୍କୁ ଶିକ୍ଷାନୁଷ୍ଠାନର ଶୈକ୍ଷିକ ଅଧିକାରୀ ଅଧ୍ୟାପକ ଡ. ଅଭୟ କେଶରୀ ପରିଚ୍ଛା ପଟ୍ଟନାୟକ, ଅଧ୍ୟାପକ ସରୋଜ କୁମାର ପଣ୍ଡା, ବିଘ୍ନରାଜ ପାଢୀ, ଡଃ ନନ୍ଦିତା ଦାଶ, ଏଲ୍.ଭାନୁ ରାଓ, ଡଃ ଜିନିତ୍ ସବା, ସାଲ୍ କୁମାର ସ୍ୱାମୀ, ପଦ୍ମା ମଲିକ, ଚନ୍ଦନ ମାରାଣ୍ଡି, ସାରଥୀ ଗମାଙ୍ଗୋ, ମିନତୀ ବେହେରା, ଚିତ୍ରସେନ ବେହେରା, ରଶ୍ମୀପ୍ରିୟା କାଲୁ, ଯୋଗେଶ୍ୱରୀ ଧାରୁଆ, ଶୁଭେନ୍ଦୁ କୁମାର ରଥ, ଦୟାନିଧି ବଡରଇତ, ପ୍ରିୟବ୍ରତ ପ୍ରଧାନ, ସପନିତ ପ୍ରଧାନ, ଦେବାଶିଷ୍ ସାହୁ, ଅଶୋକ କୁମାର ସାହୁ, ପବିତ୍ର ଧାଙ୍ଗଡାମାଝୀ, ସାରଥୀ ଗମାଙ୍ଗୋ, ଅଜିତ୍ କୁମାର ମୁନି, କୁନିକା ଦାଶ, ବିଭୁକଲ୍ୟାଣ ପଣ୍ଡା, ଲକ୍ଷ୍ମୀକାନ୍ତ ଷଡଙ୍ଗୀ, ରେଶମା ପାତ୍ର, ମାଧୁରୀ ହେମ୍ବ୍ରମ୍, ମଂଜୁ ଡାକୁଆ, ଧନଞ୍ଜୟ ମହାପାତ୍ର, ସନାତନ ପାଢୀ, ଡଃ ଗଣେଶ୍ୱର ପ୍ରଧାନ, କର୍ମଚାରୀ ବିଜୟ କୁମାର ନାୟକ, ପିଙ୍କୁ ବିଷୋୟୀଙ୍କ ସମେତ ପ୍ରାଧ୍ୟାପକ, ପ୍ରାଧ୍ୟାପିକା, ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀ ଶୁଭେଚ୍ଛା ଅଭିନନ୍ଦନ ଜ୍ଞାପନ କରିଛନ୍ତି। ଅତୀତରେ ଯେଉଁ କଲେଜରେ ପାଠ ପଢିଥିଲେ ଆଜି ସେହି କଲେଜରେ ଅଧ୍ୟକ୍ଷ କାର୍ଯ୍ୟଭାର ଗ୍ରହଣ କରିଥିବାରୁ ବେଶ୍ ଖୁସି ଓ ଆନନ୍ଦ ଲାଗୁଛି ବୋଲି ପ୍ରଫେସର ଶ୍ରୀ ବେବର୍ତ୍ତା ପ୍ରକାଶ କରିଛନ୍ତି। ଶିକ୍ଷାନୁଷ୍ଠାନର ଶୈକ୍ଷିକ ଭିତ୍ତିଭୂମୀର ବିକାଶକୁ ସର୍ବାଧିକ ପ୍ରାଥମିକତା ଦେଇ କାର୍ଯ୍ୟ କରିବେ ବୋଲି କହିଛନ୍ତି।



### ଜଙ୍ଗଲରେ ନିଆଁ ନ ଲଗାଇବାକୁ ଆଞ୍ଚଳିକ ମୁଖ୍ୟ ବନ ସଂରକ୍ଷକଙ୍କ ଅନୁରୋଧ

# ବନ୍ୟଜନ୍ତୁଙ୍କ ପ୍ରତି ବିପଦ ସୃଷ୍ଟି କରୁଛି ଜଙ୍ଗଲ ନିଆଁ

**ବ୍ରହ୍ମପୁର,୨।୩/ଏନ୍‌ଏନ୍‌ଏସ୍:** ଆରମ୍ଭ ହୋଇଯାଇଛି ଗ୍ରୀଷ୍ମ ଋତୁ। ଅନ୍ୟ ବର୍ଷ ତୁଳନାରେ ଚଳିତ ବର୍ଷ ଆରମ୍ଭରୁ ଅଧିକ ରୌଦ୍ରତାପ ପରିଲିକ୍ଷିତ ହେଲାଣି। ତେଣୁ ନିଆଁ ଦାଉରୁ ଜଙ୍ଗଲକୁ ସୁରକ୍ଷା କରିବାକୁ ହେବ। ଜଙ୍ଗଲରେ ନିଆଁ ଲାଗିଲେ ପରିବେଶ ପ୍ରଦୂଷିତ ହେବା ସହ ଏହା ଉପରେ ନିର୍ଭର କରି ଚଳୁଥିବା ବନ୍ୟଜନ୍ତୁ, ପଶୁପକ୍ଷୀମାନଙ୍କ ଜୀବନ ପ୍ରତି ମଧ୍ୟ ବିପଦ ସୃଷ୍ଟି ହେଉଛି। ତେଣୁ ଜଙ୍ଗଲରେ ନିଆଁ ନ ଲଗାଇବାକୁ ବ୍ରହ୍ମପୁର ସର୍କଲ ଆଞ୍ଚଳିକ ମୁଖ୍ୟ ବନ ସଂରକ୍ଷକ ବିଶ୍ୱନାଥ ନୀଳାମ୍ବରମ୍ ଜନସାଧାରଣଙ୍କୁ ଅନୁରୋଧ କରିଛନ୍ତି। ବ୍ରହ୍ମପୁର ସର୍କଲ ଅଧିନରେ ସାତୋଟି ବନଖଣ୍ଡ ରହିଛି। ଏହି ସବୁ ବନଖଣ୍ଡରେ ଓ ଜଙ୍ଗଲ ଆଖପାଖରେ ରହୁଥିବା ଜନସାଧାରଣଙ୍କୁ ନିଆଁ ନ ଲଗାଇବା ସହ ତାର ସୁରକ୍ଷା ପାଇଁ ସମସ୍ତେ ଯତ୍ନବାନ ହେବାକୁ ବ୍ରହ୍ମପୁରରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ବନ ଅଧିକାରୀ ଆହ୍ୱାନ କରିଛନ୍ତି। ବିଗତ ପାଞ୍ଚ ବର୍ଷର ତଥ୍ୟକୁ ଆକଳନ କରାଯାଇ ଜଙ୍ଗଲ ନିଆଁ ପ୍ରଶମନ ପାଇଁ ମାଷ୍ଟର ପ୍ଲାନ ପ୍ରସ୍ତୁତ କରାଯାଇଛି । ଏହି ସାତୋଟି ଡିଭିଜନରେ ବିଗତ ପାଞ୍ଚ ବର୍ଷ ମଧ୍ୟରେ ୭୦୦୦ରୁ ଉର୍ଦ୍ଧ୍ୱ ସ୍ଥାନରେ ନିଆଁ ଲାଗିଥିଲା। ସମୟାନ୍ତରରେ ଲୋକଙ୍କ ମଧ୍ୟରେ ସଚେତନତା ବଢୁଛି ଏବଂ ନିଆଁ ଲଗା କମୁଛି। କିନ୍ତୁ ଦୁଃଖର ବିଷୟ ଲୋକଙ୍କର ବହୁ ବର୍ଷର ନିଆଁ ଲଗା ଅଭ୍ୟାସକୁ ସମ୍ପୂର୍ଣ୍ଣ ବନ୍ଦ କରାଯାଇପାରୁନାହିଁ। ଚଳିତ ବର୍ଷ ସାତୋଟି ବନଖଣ୍ଡର ୧୧୪ ସ୍ଥାନର ନିଆଁକୁ ପ୍ରଶମିତ କରାଯାଇସାରିଛି। ପୋଡୁ ଚାଷ ପାଇଁ ନିଆଁ ଲାଗେ। ଆଦିବାସୀ ସମ୍ପ୍ରଦାୟ ତଥା ଜଙ୍ଗଲ ନିକଟସ୍ଥ ଗ୍ରାମର ନେତୃସ୍ଥାନୀୟ ବ୍ୟକ୍ତିଙ୍କ ଜରିଆରେ ଗ୍ରାମବାସୀଙ୍କୁ ନିଆଁ ନ ଲଗାଇବା ପାଇଁ ସେ ଅନୁରୋଧ କରିଛନ୍ତି । ବ୍ରହ୍ମପୁର ସର୍କଲର ଘଞ୍ଚ ଜଙ୍ଗଲରେ ୬୦୦ କିଲୋମିଟର ଫରେଷ୍ଟ ଫାୟାର ଲାଇନ ପ୍ରସ୍ତୁତି କରାଯାଇ ଲୋକକଳା, ବୈଠକ, ସାମାଜିକ ଗଣମାଧମ ଓ ଅନ୍ୟାନ୍ୟ ମାଧମରେ ଜନ ସଚେତନତାକୁ ବ୍ୟାପକ କରାଯାଇଛି। ଏହି ସାତୋଟି ବନଖଣ୍ଡ କର୍ମଚାରୀ, ବନ ସୁରକ୍ଷା ସମିତିର ସଦସ୍ୟଙ୍କୁ ପ୍ରଶିକ୍ଷଣ ଦିଆଯାଇଛି। ଚଳିତ ବର୍ଷ ଜଙ୍ଗଲ ନିଆଁକୁ ତୁରନ୍ତ ପ୍ରତିହତ କରିବା ପାଇଁ ପାଖାପାଖି ୬୦୦ଟି ବ୍ରୋୟର, ୪୨ଟି ଯାନ, ୪୦୮ ଟି ସ୍କ୍ୱାର୍ଡ ଗଠନ କରାଯାଇଛି । ତା ସହିତ ସାତୋଟି ବନଖଣ୍ଡର କଣ୍ଟ୍ରୋଲ ରୁମର ଟେଲିଫୋନ ନମ୍ବର ଜାରି କରାଯାଇଛି। ଜଙ୍ଗଲରେ ନିଆଁ ଲାଗିଥିବା ଜାଣିବା କ୍ଷଣି ତୁରନ୍ତ ଜଣାଇବା ପାଇଁ ସଚେତନ ନାଗରିକମାନଙ୍କୁ ବନ ଅଧିକାରୀ ନୀଳାମ୍ବରମ୍ ଅନୁରୋଧ କରିଛନ୍ତି। ଜଙ୍ଗଲ ନିଆଁ ଜାଣିବାରେ ବିଭାଗକୁ ଫରେଷ୍ଟ ସର୍ଭେ ଅଫ୍ ଇଣ୍ଡିଆ(ଏସ୍‌ଏଆଇ) ଦ୍ୱାରା ପ୍ରସ୍ତୁତ ଫାୟାର ଆଲର୍ଟ ସିଷ୍ଟମ ବିଶେଷ ଉପଯୋଗୀ ସାବ୍ୟସ୍ତ ହେଉଛି। ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ବିଭାଗର ମୁଖ୍ୟ କାର୍ଯ୍ୟାଳୟରୁ ସାଟାଲାଇଟ ପ୍ରାପ୍ତ ସୂଚନା ପାଇବା କ୍ଷଣି ନିଆଁକୁ ଯଥାଶୀଘ୍ର ପ୍ରଶମିତ କରାଯାଉଛି ବୋଲି ଶ୍ରୀ ନିଳାମ୍ବରମ୍ କହିଛନ୍ତି। ବ୍ରହ୍ମପୁର ବନଖଣ୍ଡ ଅଧିକାରୀ (ଡିଏଫ୍‌ଓ) ସନ୍ନି ଖୋଖର, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସୌରଭ ପ୍ରଧାନ ଓ ବିଭାଗୀୟ ଅଧିକାରୀମାନେ ଏହି ସମ୍ମିଳନୀରେ ଉପସ୍ଥିତ ଥିଲେ।



## ସରିଲା ମାଟ୍ରିକ୍ ପରୀକ୍ଷା, ୧୦ କେନ୍ଦ୍ରରେ ୨୫ ପରୀକ୍ଷାର୍ଥୀ ଅନୁପସ୍ଥିତ

**ବୁଗୁଡ଼ା,୨।୩/ଏନ୍‌ଏନ୍‌ଏସ୍:** ସ୍ଥାନୀୟ ଗୋଷ୍ଠୀ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ଅଧିନସ୍ଥ ୧୦ଟି ପରୀକ୍ଷା କେନ୍ଦ୍ରରେ ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ଦ୍ୱାରା ପରିଚାଳିତ ମାଟ୍ରିକ ପରୀକ୍ଷା-୨୦୨୬ ଫେବୃଆରୀ ୧୯ ତାରିଖରୁ ଆରମ୍ଭ ହୋଇ ଶାନ୍ତି ଶୃଙ୍ଖଳାର ସହ ମାର୍ଚ୍ଚ ୨ ତାରିଖରେ ଶେଷ ହୋଇଛି। ଚଳିତ ବର୍ଷ ବୁଗୁଡ଼ା ସହରାଞ୍ଚଳର ୩ଟି ଏବଂ ଗ୍ରାମାଞ୍ଚଳର ୭ଟି ପରୀକ୍ଷା କେନ୍ଦ୍ରରେ ୨୭ଟି ଉଚ୍ଚ ବିଦ୍ୟାଳୟର ସମୁଦାୟ ୧୮୪୪ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେବା ପାଇଁ ସ୍ଥିର ହୋଇଥିବା ସ୍ଥଳେ ୧୮୧୯ ଜଣ ପରୀକ୍ଷା ଦେଇଥିବା ବେଳେ ୨୫ ଜଣ ଛାତ୍ରଛାତ୍ରୀ ଅନୁପସ୍ଥିତ ରହିବା ଘଟଣା ଶିକ୍ଷା ବିଭାଗର ଚିନ୍ତା ବଢାଇ ଦେଇଛି। ଏତେ ସଂଖ୍ୟକ ବିଦ୍ୟାର୍ଥୀ କେଉଁ ପରିସ୍ଥିତିରେ ପରୀକ୍ଷା ଦେଲେ ନାହିଁ ତାହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି । ମାଟ୍ରିକ ପରୀକ୍ଷା ଛାତ୍ର ଜୀବନର ଏକ ଗୁରୁତ୍ୱପୂର୍ଣ୍ଣ ସୋପାନ ହେଉଥିବାରୁ ସମସ୍ତ ଛାତ୍ରଛାତ୍ରୀ କିଭଳି ମାଟ୍ରିକ ପରୀକ୍ଷା ଦେଇ ପାରିବେ ତାହାକୁ ଦୃଷ୍ଟିରେ ରଖି ଶିକ୍ଷା ବିଭାଗ ପକ୍ଷରୁ ବିଭିନ୍ନ ପଦକ୍ଷେପ ଗ୍ରହଣ କରିଥିବା ନେଇ ପ୍ରକାଶ ପାଇଥିଲା । ଏପଟେ ଶିକ୍ଷା ବିଭାଗ ଜିରୋ ଡ୍ରପ୍‌ଆଉଟ୍ କଥା କହୁଥିବା ବେଳେ ସେପଟେ ୨୫ ଜଣ ଛାତ୍ରଛାତ୍ରୀ ମାଟ୍ରିକ ପରୀକ୍ଷା ନ ଦେବା ଘଟଣାକୁ ନେଇ ସ୍ଥାନୀୟ ବୁଦ୍ଧିଜୀବୀ ମହଲରେ ଚିନ୍ତା ପ୍ରକଟ କରାଯାଇଛି । ଅନ୍ୟପକ୍ଷରେ ମାଟ୍ରିକ ପରୀକ୍ଷାରେ ଅନୁପସ୍ଥିତ ପରୀକ୍ଷାର୍ଥୀମାନେ ବାସ୍ତବରେ ମାଟ୍ରିକ ପରୀକ୍ଷା ଦେବାପାଇଁ ଫର୍ମ ପୂରଣ କରିଥିଲେ ନା ସ୍କୁଲରେ ବିଦ୍ୟାର୍ଥୀଙ୍କ ଉପସ୍ଥାପନ ସଂଖ୍ୟା ଅଧିକ ଦର୍ଶାଇବାକୁ ଯାଇ ସେମାନଙ୍କ ପାଇଁ ଫର୍ମ ପୂରଣ କରାଯାଇଥିଲା ନା ଅନ୍ୟ କୌଣସି କାରଣରୁ ୨୫ ଜଣ ପରୀକ୍ଷାର୍ଥୀ ଅନୁପସ୍ଥିତ ରହିଲେ ତାହାର ନିରପେକ୍ଷ ଯାଞ୍ଚ କରିବାକୁ ବିଭିନ୍ନ ମହଲରୁ ଦୃଢ ଦାବି ହେଉଛି । ତେବେ ଶିକ୍ଷା ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଏଭଳି ଡ୍ରପ୍ ଆଉଟ୍ ରୋକିବାକୁ ଆବଶ୍ୟକୀୟ ପଦକ୍ଷେପ ନେବାକୁ ବୁଦ୍ଧିଜୀବୀ ମହଲରେ ଦୃଢ ମତ ପ୍ରକାଶ ପାଉଛି ।



## ଆସିକା ସମବାୟ ଚିନିଶିଳ୍ପର ୬୩ତମ ଆଖୁପେଡ଼ା ଋତୁ ଶେଷ



**ଆସିକା,୨।୩/ଏନ୍‌ଏନ୍‌ଏସ୍:** ଆସିକା ସମବାୟ ଚିନିଶିଳ୍ପର ୬୩ତମ ଆଖୁପେଡା ଋତୁ ସୋମବାର ଭୋର୍ ୩ ଟା ୫୦ ମିନଟ ସମୟରେ ଶେଷ ହୋଇଥିବା ଜଣାପଡିଛି । ଆସିକା ସମବାୟ ଚିନିଶିଳ୍ପର ୨୦୨୫-୨୬ ମସିହାର ୬୩ତମ ଆଖୁପେଡା ଋତୁ ଗତ ଜାନୁଆରୀ ମାସ ୩୦ ତାରିଖଠାରୁ ଆରମ୍ଭ ହୋଇଥିଲା ବେଳେ ଦୀର୍ଘ ୩୧ଦିନ ଚାଲିବା ପରେ ଆଜି ଆଖୁପେଡା ଋତୁ ଶେଷ ହୋଇଛି। ସମବାୟ ଚିନିଶିଳ୍ପ ଚଳିତ ଆଖୁପେଡା ଋତୁରେ ପ୍ରାୟ ୨୧ ହଜାର ୧୧୬ ମେଟ୍ରିକ୍ ଟନ୍‌ରୁ ଉର୍ଦ୍ଧ୍ୱ ଆଖୁପେଡି ପ୍ରାୟ ୧୦ହଜାର ୨୯୦ କୁଇଣ୍ଟାଲ ଚିନି ଉତ୍ପାଦନ କରିବାରେ ସକ୍ଷମ ହୋଇଛି। ଚଳିତ ଆଖୁପେଡା ଋତୁ ସୁରୁଖୁରୁରେ ସଂପାଦିତ ହୋଇଥିବା ଯୋଗୁଁ ସମବାୟ ଚିନିଶିଳ୍ପର ପରିଚାଳନା ପରିଷଦର ସଭାପତି ରବିନ୍ଦ୍ର ପଣ୍ଡା, ଭାରପ୍ରାପ୍ତ ପରିଚାଳନା ନିର୍ଦ୍ଦେଶକ ତଥା ଶିଳ୍ପାନୁଷ୍ଠାନର ସଂପାଦକ ସନ୍ତୋଷ କୁମାର ମଲିକ ପ୍ରମୁଖ ଗଞ୍ଜାମ ଟ୍ରକମାଲିକ ସଂଘ ଆସିକା ଜୋନ୍‌ର କର୍ମକର୍ତ୍ତା ଙ୍କ ଠାରୁ ଆରମ୍ଭ କରି ଚିନିଶିଳ୍ପର କର୍ମଚାରୀ, ଆଖୁଚାଷୀ ମାନଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି। ଆଗାମୀ ଦିନରେ ଏହି ଶିଳ୍ପାନୁଷ୍ଠାନର ପ୍ରଗତିର ରଥକୁ ଆଗେଇ ନେବାକୁ ସହଯୋଗ କାମନା କରିଥିବା ଲକ୍ଷ୍ୟ କରାଯାଇଥିଲା। ଆଖୁପେଡା ଋତୁ ସମ୍ପନ୍ନ ଅବସରରେ ଆଖୁନାଳି ନିକଟରେ ପୂର୍ବ ପ୍ରଚଳିତ ପ୍ରଥା ଅନୁଯାୟୀ ହୋଇଥିବା ପୂଜାର୍ଚ୍ଚନା କାର୍ଯ୍ୟକ୍ରମରେ ଶିଳ୍ପାନୁଷ୍ଠାନର ଏଓ ଚିତ୍ତ ଚିନ୍ମୟ ରଂଜନ ନାୟକ, କର୍ମଚାରୀ ସଂଜୟ କୁମାର ଷଡଙ୍ଗୀ, ପ୍ରଶାନ୍ତ କୁମାର କର, ବାଇଧର ନାହାକ, ଇଂ ଅରୁଣ କୁମାର ପାତ୍ର, ଇଂ କେଦାରନାଥ ସାହୁ, ଶ୍ରୀନିବାସ ମହାପାତ୍ର, ଧ୍ରୁବଚରଣ ସାହୁ, ସନ୍ତୋଷ କୁମାର ପଟ୍ଟନାୟକ, ସେଫାଳୀ ସୁନ୍ଦର ଦାଶ, ଦୁଷ୍ମନ୍ତ କୁମାର ପାଢୀ, ରାଜେଶ୍ କୁମାର ନାୟକ, ଜଗନ୍ନାଥ ପଟ୍ଟନାୟକ, ରାଧାମାଧବ ନାହାକ, ଶ୍ରୀକାନ୍ତ ପାତ୍ର, ସନ୍ତୋଷ କୁମାର ସ୍ୱାଇଁ, ଭଗବାନ ବେହେରା, ଲକ୍ଷ୍ମୀନାରାୟଣ ସାହୁ, ବାବୁଲା ବେହେରା, ରଜତ କୁମାର ପ୍ରଧାନ, ଜଗବନ୍ଧୁ ବିଶ୍ୱାଳ, ଟୁକୁନା ଗୌଡ, ରବିନ୍ଦ୍ର କୁମାର ମହାରଣା, ଶ୍ୟାମସୁନ୍ଦର ପ୍ରଧାନ, ବିଜୟ କୁମାର ବେହେରା, ସିମାଞ୍ଚଳ ମହାନ୍ତି, ପପୁ ରାଉଳଙ୍କ ସମେତ ବିଭିନ୍ନ ବିଭାଗର ବହୁପଦାଧିକାରୀଙ୍କ ଉପସ୍ଥିତ ଥିଲେ। ସମବାୟ ଚିନିଶିଳ୍ପର ପରିଚାଳନା ପରିଷଦର ସଭାପତି ରବିନ୍ଦ୍ର ପଣ୍ଡାଙ୍କ ଦୃଢ ଇଚ୍ଛାଶକ୍ତି ଓ ମାର୍ଗଦର୍ଶନରେ ସମବାୟ ଚିନିଶିଳ୍ପ ପ୍ରଗତି ପଥରେ ଆଗେଇ ଚାଲିଛି। ଗଞ୍ଜାମ ଜିଲ୍ଲାର ୨୨ଟି ବ୍ଲକ ମଧ୍ୟରୁ ଆସିକା, ଧରାକୋଟ, ଶେରଗଡ, ସାନଖେମୁଣ୍ଡି, ଦିଗପହଣ୍ଡି, ଭଞ୍ଜନଗର, ସୋରଡା, ବେଲଗୁଣ୍ଠା, ବୁଗୁଡା, ପୋଲସରା, କବିସୂର୍ଯ୍ୟନଗର, ପୁରୁଷୋତମପୁର, ଖଲିକୋଟ, ହିଞ୍ଜିଳିକାଟୁ, ବେଗୁନିଆପଡା ଓ ଜଗନ୍ନାଥପ୍ରସାଦ ଇତ୍ୟାଦି ୧୬ଟି ବ୍ଲକ ଓ ନୟାଗଡ ଜିଲ୍ଲାର ନୟାଗଡ, ଓଡଗାଁ, ରଣପୁର, ନୂଆଗାଁ ବ୍ଲକ ପରିସରଭୁକ୍ତ ଅଞ୍ଚଳରେ ଚଳିତବର୍ଷ ୧୨୧୯ ଏକର ଜମିରେ ଆଖୁ ଚାଷ ହୋଇଥିଲା ।

## ତାରାତାରିଣୀ କଲେଜରେ ଛାତ୍ରୀ ଆତ୍ମରକ୍ଷା ତାଲିମ୍ ଶିବିର

**ପୁରୁଷୋତ୍ତମପୁର,୨।୩/ଏନ୍‌ଏନ୍‌ଏସ୍:** ସ୍ଥାନୀୟ ତାରାତାରିଣୀ ମହାବିଦ୍ୟାଳୟରେ ଛାତ୍ରୀମାନଙ୍କୁ ସଶକ୍ତ ଓ ସୁରକ୍ଷାକୁ ସୁନିଶ୍ଚିତ କରିବା ଲକ୍ଷ୍ୟରେ ଆତ୍ମରକ୍ଷା ତାଲିମ ଶିବିର ଆୟୋଜିତ ହୋଇଯାଇଛି। ଆତ୍ମସୁରକ୍ଷା ସଂଯୋଜିକା ଡ. ଶ୍ରାବଣୀ ଖଟାଇଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଶିବିରରେ ମୁଖ୍ୟ ଅତିଥି ଭାବେ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ପ୍ରଦୀପ କୁମାର ସାହୁ ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ। ବର୍ତ୍ତମାନ ସମାଜରେ ଛାତ୍ରୀମାନଙ୍କ ପାଇଁ ଆତ୍ମରକ୍ଷା ତାଲିମ ଅତ୍ୟନ୍ତ ଆବଶ୍ୟକ। ଏପରି ଶିବିର ଛାତ୍ରୀମାନଙ୍କ ମଧ୍ୟରେ ସାହସ, ଆତ୍ମବିଶ୍ୱାସ ଓ ସଚେତନତା ବୃଦ୍ଧି କରି ସେମାନଙ୍କୁ ସୁରକ୍ଷିତ ଓ ସଶକ୍ତ କରିବାରେ ସହାୟକ ହେବ ବୋଲି ଅଧ୍ୟକ୍ଷ ଶ୍ରୀ ସାହୁ କହିଥିଲେ। ସମ୍ମାନିତ ଅତିଥି ଭାବେ ପ୍ରତିଷ୍ଠାନ ଅଧିକାରୀ ତଥା ବରିଷ୍ଠ ଅଧ୍ୟାପକ ଡ. ରମେଶ ଚନ୍ଦ୍ର ସେନାପତି କାର୍ଯ୍ୟକ୍ରମକୁ ପ୍ରଶଂସା କରିଥିଲେ। ଏହିପରି ଶିବିର ନାରୀମାନଙ୍କୁ ସ୍ୱୟଂରକ୍ଷାରେ ସଚେତନ ଓ ସକ୍ଷମ କରିବ ବୋଲି କହିଥିଲେ। ଅନ୍ୟତମ ଅତିଥି ଭାବେ ବରିଷ୍ଠ ଅଧ୍ୟାପିକା ସନ୍ଧ୍ୟାରାଣୀ ପାତ୍ର, ଖେଳ ଅଧ୍ୟାପକ ଶିବ ପ୍ରସାଦ ବେହେରା, ଅଧ୍ୟାପକ ମୀନକେତନ ନାହାକ, ଅଧ୍ୟାପିକା ହରିପ୍ରିୟା ନାୟକ, ସୁଜତା ଦାଶ, ମଞ୍ଜୁଲତା ଦାଶ ଓ ମୀନାକ୍ଷୀ ଦାଶ ପ୍ରମୁଖ ମଞ୍ଚାସୀନ ଥିଲେ। ଆତ୍ମସୁରକ୍ଷା ଶିବିରର ପ୍ରଶିକ୍ଷିକା ଅର୍ଚ୍ଚନା ପଣ୍ଡା, ସାକମ୍ଭରୀ ସାହୁ ଆତ୍ମରକ୍ଷା କୌଶଳର ପ୍ରାୟୋଗିକ ପ୍ରଦର୍ଶନ କରିଥିଲେ। ଆସନ୍ତା ୧୨ ତାରିଖ ପର୍ଯ୍ୟନ୍ତ ଶିବିର ଚାଲିବ ବୋଲି ଜଣାପଡିଛି। ଶେଷରେ ଡ. ଶ୍ରାବଣୀ ଖଟାଇ ଅତିଥିମାନଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।




## ଛତ୍ରପୁରରେ ହିନ୍ଦୁ ସମ୍ମିଳନୀ

**ଛତ୍ରପୁର,୨।୩/ଏନ୍‌ଏନ୍‌ଏସ୍:** ଛତ୍ରପୁର ସ୍ଥିତ ବିଶ୍ୱେଶ୍ୱର ମନ୍ଦିର ପ୍ରାଙ୍ଗଣରେ ସନାତନ ଧର୍ମର ଏକତା ରକ୍ଷା ପାଇଁ ଏକ ହିନ୍ଦୁ ସମ୍ମିଳନୀ ଆୟୋଜିତ ହୋଇଯାଇଛି। ଏହି ସମ୍ମିଳନୀରେ ଛତ୍ରପୁର ସମେତ ବିଭିନ୍ନ ପଞ୍ଚାୟତରୁ ଆସିଥିବା ଅନେକ ଶ୍ରଦ୍ଧାଳୁ ଭକ୍ତ, କୀର୍ତ୍ତନ ଦଳ ଓ ସ୍ୱୟଂସେବକମାନଙ୍କ ସକ୍ରିୟ ସହଭାଗିତାରେ ଆୟୋଜିତ କାର୍ଯ୍ୟକ୍ରମରେ ସାମୁହିକ ହନୁମାନ ଚାଳିସା ପାଠ ହୋଇଥିଲା । ଏହି ଅବସରରେ ନଗର ସଂକୀର୍ତନ, ଯଜ୍ଞ ଓ ବେଦିକ ବିଦ୍ୟାର୍ଥୀମାନଙ୍କ ଦ୍ୱାରା ବେଦ ପାଠ ପରିବେଶକୁ ଆଧାତ୍ମିକ କରିଥିଲା। ସନାତନ ଧର୍ମର ସୁରକ୍ଷା, ହିନ୍ଦୁ ସମାଜର ଏକତାକୁ ସୁଦୃଢ଼ କରିବା, ଯୁବ ପିଢିଙ୍କ ମନରେ ଧାର୍ମିକ ଓ ରାଷ୍ଟ୍ରିୟ ଚେତନା ଜାଗୃତ କରିବା ଏବଂ ସମଗ୍ର ସନାତନ ହିନ୍ଦୁ ସମାଜକୁ ସଂଘବଦ୍ଧ କରିବା ଏହି ସମ୍ମିଳନୀର ମୁଖ୍ୟ ଉଦ୍ଦେଶ୍ୟ ଥିଲା। ମୁଖ୍ୟ ବକ୍ତାଭାବେ ବିଶ୍ୱ ହିନ୍ଦୁ ପରିଷଦର ପ୍ରାନ୍ତ ସମରସତା ପ୍ରମୁଖ ତରଣୀସେନ ଦାସ, ଛତ୍ରପୁର ବିଧାୟକ କୃଷ୍ଣଚନ୍ଦ୍ର ନାୟକ, ଜିଲ୍ଲା ବିଜେପି ସଭାପତି ସରୋଜ ସାବତ, ଶିବାନନ୍ଦ ଆଶ୍ରମର ସନ୍ୟାସୀ ପୂଜ୍ୟ ଗୁରୁ ସରଣାନନ୍ଦ ସ୍ୱାମୀଜୀ ଓ ବ୍ରହ୍ମପୁର ଆର୍ଯ୍ୟ ସମାଜର ସନ୍ୟାସୀ ରାମାୟଣି ପ୍ରଚାରକ, ପୂଜ୍ୟ ସ୍ୱାମୀ ଯୋଗାନନ୍ଦ ସରସ୍ୱତୀ,ପୂଜ୍ୟ ସ୍ୱାମୀ ବ୍ରହ୍ମାନନ୍ଦ, ଚିଦାନନ୍ଦ ଦିବ୍ୟ ଧାମର ମୁଖ୍ୟ ଆଚାର୍ଯ. ଅଗସ୍ତିନୁଆ ଗାଁ ଚିଦାନନ୍ଦ ଦିବ୍ୟଧାମର ବିପ୍ର ଚରଣ ପାତ୍ର, ବ୍ରହ୍ମପୁର ବେଦ ପାଠ ଆଶ୍ରମ ଶ୍ରୀଧର ଦାସଙ୍କ ସମେତ ବିଭିନ୍ନ ଧାର୍ମିକ ଅନୁଷ୍ଠାନର ସାଧୁ-ସନ୍ଥ ଉପସ୍ଥିତ ଥିଲେ।

# ଏକତା ଯୋଗାଇଲା ସାହସ: ଗାଁକୁ ପହଞ୍ଚିପାରିଲା ଯାନବାହାନ

**କନ୍ଧମାଳ,ଫୁଲବାଣୀ,୨।୩/ଏନ୍‌ଏନ୍‌ଏସ୍:** ଏକତା ଯୋଗାଇଲା ସାହସ। ଶେଷରେ ଗାଁରେ ପହଁଚି ପାରିଲା ଯାନ ବାହାନ। କନ୍ଧମାଳ ଜିଲା କୋଟଗଡ଼ ବ୍ଲକର ଜୁବାଗୁଡ଼ା ପଂଚାୟତର ଦୁର୍ଗମ ଗ୍ରାମ ହେଉଛି ଜେକପଟା। ଗ୍ରାମରେ ପହଁଚିବା ପାଇଁ ଯେଉଁ ରାସ୍ତା ରହିଛି ତାହା ଏକ ପ୍ରକାର ବିପର୍ଯ୍ୟସ୍ତ ହୋଇପଡ଼ିଥିବା ବେଳେ ପ୍ରାୟ ଏକ କିଲୋମିଟର ରାସ୍ତା ଅଂଚଳବାସୀଙ୍କ ପାଇଁ ଥିଲା ଚିନ୍ତାର କାରଣ । ଗ୍ରାମରେ ପହଁଚିବାକୁ ହେଲେ ଏକ କିଲୋମିଟର ଘଂଚ ଜଙ୍ଗଲ ରାସ୍ତାରେ ଅଂଳଚବାସୀଙ୍କ ସମେତ ଗ୍ରାମର ଛାତ୍ରଛାତ୍ରୀ ମାନେ ଭରସା କରୁଥିଲେ। ବିଶେଷ କରି ବର୍ଷାଦିନରେ ଉକ୍ତ ରାସ୍ତାରେ ଯାତାୟାତ ଗ୍ରାମବାସୀଙ୍କ ପାଇଁ ଚିନ୍ତାର କାରଣ ହୋଇଥିଲା । ଗୋଟିଏ ପଟେ ଘଂଚ ଜଙ୍ଗଲ ମଧ୍ୟରେ ଅଣ ଓସାରିଆ ପାଦଚଲା ରାସ୍ତାରେ ଯାତାୟତ ସମ୍ଭବ ହେଉନଥିବା ବେଳେ ଗ୍ରାମକୁ କୌଣସି ପ୍ରକାର ଯାନ ବାହନ ଆସିପାରୁନଥିଲା । ଗ୍ରାମବାସୀଙ୍କର ଯେଉଁ ଯାନ ବାହନ ଥିଲା ତାହା ଗ୍ରାମଠାରୁ ପ୍ରାୟ ଏକ କିଲୋମିଟର ଦୂରରେ ରଖି ବର୍ଷ ତମାମ୍ ଚାଲି ଚାଲି ଜଙ୍ଗଲ ମଧ୍ୟରେ ନିଜ ଘରକୁ ଆସୁଥିଲେ। ତେବେ ଏଭଳି ସ୍ଥଳେ ଉକ୍ତ ଅଂଚଳ ମାନଙ୍କରେ ସାମାଜିକ କାର୍ଯ୍ୟକରୁଥିବା ସ୍ୱେଚ୍ଛାସେବୀ ସଂଗଠନ କନ୍ଧମାଳ ଜିଲା ସବୁଜ ବୈଦ୍ୟ ସଂଗଠନକୁ ଏନେଇ ଗ୍ରାମବାସୀ ମାନେ ପ୍ରକାଶ କରିଥିଲେ। ଗମନା ଗମନ ଅସୁବିଧା ଯୋଗୁଁ କିଭଳି ଭାବେ ଗ୍ରମାବାସୀ ମାନେ କେବଳ ଯାତାୟତ ପାଇଁ ନୁହେଁ, ସ୍ୱାସ୍ଥ୍ୟ ସେବା, ବଜାର କାର୍ଯ୍ୟରେ ମଧ୍ୟ ନାନା ପ୍ରକାର କଷ୍ଟସାଧ୍ୟ କରୁଥିଲେ ବୋଲି ପ୍ରକାଶ କରିଥିବା ବେଳେ ଏନେଇ ଗ୍ରାମରେ ସ୍ୱେଚ୍ଛାସେବୀ ସଂଗଠନ ପକ୍ଷରୁ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଯେଉଁଥିରେ ଗ୍ରାମରେ ବସବାସ କରୁଥିବା ୪୨ ଟି ପରିବାରର ସମସ୍ତ ସଦସ୍ୟ ଓ ସଦସ୍ୟମାନେ ସାମିଲ୍ ହୋଇଥିଲେ। ଦିଲ୍ଲୀସ୍ଥିତ ସଂଗଠନ ଗୁର ସମର୍ଥନରେ ଏବଂ କନ୍ଧମାଳ ଜିଲା ସବୁଜ ବୈଦ୍ୟ ସଂଗଠନଙ୍କ କାର୍ଯ୍ୟାନ୍ୱୟନ ମାଧ୍ୟମରେ ଗ୍ରାମବାସୀ ଏହି ରାସ୍ତାରେ ରୂପ ପଦଳାଇବା ପାଇଁ ଏକତ୍ରିତ ହୋଇଥିଲେ । ସମସ୍ତଙ୍କ ସହଯୋଗରେ ୫ ଦିନ ମଧ୍ୟରେ ୪୨ ଟି ପରିବାର ଏକତ୍ରିତ ହୋଇ ଯେଉଁ ରାସ୍ତାରେ ଯାତାୟତ ପାଇଁ ବର୍ଷ ବର୍ଷ ଧରି ସମସ୍ୟାର ସମାଧାନ କରୁଥିଲେ ସେହି ରାସ୍ତାକୁ ନିର୍ମାଣ କରବାରେ ସକ୍ଷମ ହୋଇଛନ୍ତି। ପ୍ରାୟ ଏକ କିଲୋମିଟର ପର୍ଯ୍ୟନ୍ତ ରାସ୍ତାରେ ମାଟିପକାଇବା ସହିତ ଉଭୟ ପାର୍ଶ୍ୱରେ ଯେଉଁ ଅନାବନା ଗଛ ସବୁ ଉଠି ସମସ୍ୟା ସୃଷ୍ଟି କରୁଥିଲା ତାହାକୁ ସଂପୂର୍ଣ୍ଣଭାବେ ସଫା କରିବାରେ ଏବେ ସେହି ରାସ୍ତାରେ ଯାତାୟତ କରୁ ବେସ୍ ଖୁସି ଅନୁଭବ କରୁଥିବାର ଗ୍ରାମବାସୀ ମାନେ ପ୍ରକାଶ କରିଛନ୍ତି। ନିଜ ନିଜ ଭିତରେ ଏକତା ସହିତ ଦୃଢ ସଂକଳ୍ପ ସ୍ୱାଧୀନତାର ୭୮ ବର୍ଷ ପରେ ସଫଳ ହୋଇ ପାରିଛି ବୋଲି କହିଛନ୍ତି ଉକ୍ତ କାର୍ଯ୍ୟର ତଦାରଖ କରୁଥିବା ଅନୁଷ୍ଠାନର ସଂପାଦକ ଦିନବନ୍ଧୁ ମହାରଣା । ଏବେ ଯାନବାହାନ ଗ୍ରାମରେ ପହଂଚିପାରୁଛି, ଶିଶୁମାନେ ସୁରକ୍ଷିତ ଭାବେ ବିଦ୍ୟାଳୟକୁ ଯାଉଛନ୍ତି ଏବଂ ଚାଷୀମାନେ ଯେଉଁ ଉତ୍ପାଦନ କରିଛନ୍ତି ତାହାକୁ ମଧ୍ୟ ନିକଟସ୍ଥ ବଜାରକୁ ନେଇ ବିକ୍ରି କରି ବେଶ୍ ଦୁଇ ପଇସା ପାଇବାରେ ସକ୍ଷମ ହୋଇ ପାରିଛନ୍ତି। ଆବଶ୍ୟକ ସେବା ଗୁଡ଼ିକର ମଧ୍ୟ ପ୍ରବେଶ ଅଧିକ ସରଳ ଓ ସହଜ ହୋଇ ପାରିଛି ବୋଲି କହିଛନ୍ତି ଗ୍ରାମବାସୀ ମାନେ। ବର୍ଷ ବର୍ଷ ଧରି ଗମନା ଗମନ ପାଇଁ ସମସ୍ୟାରେ ସର୍ଜରିତ ହେଉଥିବା ଗ୍ରାମବାସୀ ଏହି ରାସ୍ତା ନିର୍ମାଣ ଫଳରେ ଗ୍ରାମରେ ନୂଆ ସୁଯୋଗ ଓ ଆତ୍ମବିଶ୍ୱାସ ଆସି ପାରିଛି ବୋଲି ପ୍ରକାଶ କରିଛନ୍ତି। ଏହି ରାସ୍ତା ଏବେ କେବଳ ପଥ ନୁହେଁ, ଏହା ଆତ୍ମନିର୍ଭରତା, ମର୍ଯ୍ୟାଦା ଓ ଆଶାର ପ୍ରତୀକ ହୋଇ ପାରିବା ସହିତ ୪୨ ଟି ପରିବାରର ଜୀବନକୁ ପରିବର୍ତ୍ତନ କରି ଜେପକଟା ଗ୍ରାମକୁ ଏକ ଉଜ୍ଜଳ ଭବିଷ୍ୟତ ସହିତ ସଂଯୋଗ କରିଛି ବୋଲି ଅଂଚଳବାସୀ ଖୁସିରେ ପ୍ରକାଶ କରିଛନ୍ତି। ତେଣୁ ଅଗାମୀ ଦିନରେ ଗ୍ରାମର ସମସ୍ୟାକୁ ଏକଜୁଟ୍ ହୋଇ ସମାଧାନ କରିବାରେ ମଧ୍ୟ ରାସ୍ତା ଦେଖାଇଛି ବୋଲି ଅଂଚଳର ବହୁ ବୁଦ୍ଧିଜୀବୀ ପ୍ରକାଶ କରିଛନ୍ତି।





## ଗ୍ରାମ୍ୟ ରାସ୍ତାର ଉନ୍ନତିକରଣ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ

**ବୁଗୁଡା,୨।୩/ଏନ୍‌ଏନ୍‌ଏସ୍:** ଓଡିଶା ସରକାରଙ୍କ ଗ୍ରାମ୍ୟ ଉନ୍ନୟନ ବିଭାଗର ଗ୍ରାମ୍ୟରାସ୍ତା ଉନ୍ନତିକରଣ ଯୋଜନା ଆନୁକୂଲ୍ୟରେ ଏଠାକାର ପୂର୍ତ୍ତ ବିଭାଗ ସଡକଠାରୁ ଗୋଳାବନ୍ଧ, ସଙ୍କୁରୁ ଓ ଭୋଗଡା ଗ୍ରାମ୍ଯ ରାସ୍ତାର ଉନ୍ନତିକରଣ ନିମନ୍ତେ ଭିତ୍ତିପ୍ରସ୍ତର ସ୍ଥାପନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ମତ୍ସ୍ୟ ଓ ପଶୁ ସମ୍ପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ଯୋଗ ଦେଇ ୧୨ କୋଟି ୭ ଲକ୍ଷ ଟଙ୍କା ବ୍ୟୟବରାଦରେ ଦୀର୍ଘ ୧୩ କିଲୋମିଟର ଗ୍ରାମ୍ୟ ରାସ୍ତାର ପ୍ରଶସ୍ତିକରଣ ଓ ଉନ୍ନତିକରଣ ନିମନ୍ତେ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅଞ୍ଚଳବାସୀଙ୍କ ସମେତ ଠିକାଦାର ନୀଳମାଧବ ସାହୁ ଉପସ୍ଥିତ ରହିଥିଲେ। ପ୍ରକାଶ ଯୋଗ୍ୟ ଯେ, ସ୍ଥାନୀୟ ପୂର୍ତ୍ତ ବିଭାଗ ସଡକଠାରୁ ଗୋଳାବନ୍ଧ, ସଙ୍କୁରୁ ଓ ଭୋଗଡା ଅଭିମୁଖେ ଲମ୍ବିଥିବା ଏହି ରାସ୍ତା ଖରାପ ଅବସ୍ଥାରେ ରହିଥିବା ବେଳେ ବିଶେଷକରି ବୁଗୁଡ଼ାରୁ ବେତାରସିଂ ଗାଁ ଅତିକ୍ରମ କରି ସାଢେ ତିନି କିଲୋମିଟର ପର୍ଯ୍ୟନ୍ତ ରାସ୍ତାଟି ଏକ ଠିକା ସଂସ୍ଥାର ବାଲି ଓ ଗୋଡି ବୋଝେଇ ଭାରିଯାନଗୁଡିକ ଅନବରତ ଚଳାଚଳ ହେତୁ ବିପଦଜ୍ଜନକ ଖାଲଖମାରେ ପରିପୂର୍ଣ୍ଣ ହୋଇ ଲୋକଙ୍କ ପାଇଁ ମରଣଯନ୍ତା ପାଲଟି ଅନେକ ଦୁର୍ଘଟଣା ଘଟୁଛି ଏବଂ ବର୍ଷା ହେଲେ ଲୋକେ ଯମ ଯନ୍ତ୍ରଣା ଭୋଗିବାକୁ ବାଧ ହେଉଛନ୍ତି। ତେବେ ୩.୭୫ ମିଟର ପ୍ରସ୍ଥ ବିଶିଷ୍ଟ ଏହି ରାସ୍ତାକୁ ପ୍ରଶସ୍ତିକରଣ ଯୋଜନାରେ ୫.୫ ମିଟର କରାଯିବା ସହ ଉନ୍ନତିକରଣ ନିମନ୍ତେ ମନ୍ତ୍ରୀଙ୍କ କରକମଳରେ ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଥିବାରୁ ଅଞ୍ଚଳବାସୀଙ୍କ ଦାବି ଫଳପ୍ରଦ ହୋଇଥିବା ସହ ଆଗାମୀ ଦିନରେ ଯାତାୟାତ ସୁବିଧାଜନକ ହେବା ନେଇ ଆଶା ସଞ୍ଚାର ହୋଇଛି।

# ପୀତାମ୍ବରୀ ଶକ୍ତି ବିଶ୍ୱଶାନ୍ତି ମହାଯଜ୍ଞ: ଦ୍ୱିତୀୟ ଦିନରେ କଳସ ଶୋଭାଯାତ୍ରା



**ଧର୍ମଶାଳା, ୨।୩/ଏନ୍ଏନ୍ଏସ୍:** ଧର୍ମଶାଳା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଧର୍ମଶାଳା ମେହେରା ପଡ଼ିଆରେ ବିଶ୍ୱ କଲ୍ୟାଣ ଓ ବିଶ୍ୱଶାନ୍ତି କାମନାରେ ତ୍ରିଦିବସୀୟ ପଞ୍ଚକୁଣ୍ଡୀୟ ଶ୍ରୀ ପୀତାମ୍ବରୀ ଶକ୍ତି ମହାଯଜ୍ଞ ଗତ ଶନିବାରଠାରୁ ଆରମ୍ଭ ହୋଇଛି। ପ୍ରଥମ ଦିନ ଅଙ୍କୁରାରୋପଣ, ଯଜ୍ଞଶାଳା ଶୋଧନ ଓ ମହାପୂଜା ଉଦ୍ଘୋଚନ କାର୍ଯ୍ୟ ହୋଇଥିବା ବେଳେ ଆଜି ଦ୍ୱିତୀୟ ଦିନରେ ବ୍ରାହ୍ମଣୀ ନଦୀ ତଟରେ ସପ୍ତତୀର୍ଥ ଆବାହନ କରାଯାଇ କଳସ ଶୋଭାଯାତ୍ରାରେ ଜଳ ଅଣାଯାଇ ଯଜ୍ଞକୁଣ୍ଡ ସ୍ଥାପନ କରାଯାଇଛି।

ଏହି କଳସ ଶୋଭାଯାତ୍ରାରେ ଶତାଧିକ ପୁରୁଷ ଓ ମହିଳା ନୂତନ ବସ୍ତ୍ର ପରିଧାନ କରି କଳସରେ ନଦୀରୁ ଜଳ ଆଣିଥିଲେ। ଯଜ୍ଞସ୍ଥଳରେ କଳସ ସ୍ଥାପନ ପରେ ବୈଦିକ ପଣ୍ଡିତମାନଙ୍କ ଦ୍ୱାରା ମଣ୍ଡପ ପୂଜା, ସୂର୍ଯ୍ୟ ପୂଜା, ଗୋ ପୂଜା କରାଯାଇ ଯଜ୍ଞ ମଣ୍ଡପରେ ଗ୍ରନ୍ଥିସ୍ଥାପନ କରାଯାଇଥିଲା। ପୀତାମ୍ବରୀଙ୍କ ମୂଳମନ୍ତ୍ର ଯଜ୍ଞ କରାଯାଇଥିଲା। ସନ୍ଧ୍ୟାରେ ଆରତୀ ଓ ପୁଷ୍ପାଞ୍ଜଳି କରାଯାଇ ପ୍ରଥମ ଦିନର ଯଜ୍ଞକାର୍ଯ୍ୟ ସମାପନ କରାଯାଇଛି। ଆସନ୍ତାକାଲି ତୃତୀୟ ଦିନରେ ମହାସ୍ନାନ, ମହାପୂଜା ଓ ଚଣ୍ଡୀପାଠ କରାଯିବ। ଭକ୍ତବୃନ୍ଦଙ୍କୁ ଏହି ପବିତ୍ର ମହାଯଜ୍ଞରେ ସାମିଲ ହୋଇ ମା' ପୀତାମ୍ବରୀଙ୍କ ଆଶୀର୍ବାଦ ଲାଭ କରିବାକୁ ଆୟୋଜକମାନେ ନିବେଦନ କରିଛନ୍ତି। ଏହି ଯଜ୍ଞରେ କର୍ତ୍ତା ଓ କର୍ତ୍ତ୍ରୀ ଭାବେ ଦେବରାଜ ମିଶ୍ର, ଆରତୀ ମିଶ୍ର, ହେମନ୍ତ ଆଚାର୍ଯ୍ୟ, ପ୍ରଭାତୀ ରଥ, ବୀର କିଶୋର ପାଢ଼ୀ, ସବିତା ପାଢ଼ୀ, ତୀର୍ଥରାଜ ପଣ୍ଡା, ଦୁଷ୍ମନ୍ତ ରାୟ, ତୁଳସୀରାଣୀ ରାୟ ପ୍ରମୁଖ ସାମିଲ ହୋଇଛନ୍ତି। ପଣ୍ଡିତ ଆଲୋକ ଚନ୍ଦ୍ର ପଣ୍ଡା, ଅମର ପ୍ରସାଦ ଦାଶ, ଶିବ ପ୍ରସାଦ ପଣ୍ଡା, ପ୍ରଭୁପାଦ ରଥଶର୍ମା, ଦେବାଶିଷ ଶତପଥୀ, ସୌଭାଗ୍ୟ କୁମାର ଦାଶ, ଜୟପ୍ରକାଶ ରଥ, ଅବିନାଶ ପଣ୍ଡା, କେଶବ ଚନ୍ଦ୍ର ପଣ୍ଡା, କପିଳେଶ୍ୱର ପଣ୍ଡା ପ୍ରମୁଖ ପଣ୍ଡିତମାନେ ଯଜ୍ଞକାର୍ଯ୍ୟ ସମ୍ପାଦନ କରୁଛନ୍ତି। ଆଜି ଯଜ୍ଞସ୍ଥଳରେ ବହୁ ବିଶିଷ୍ଟ ବ୍ୟକ୍ତିମାନେ ଯୋଗଦେଇ ବିଭୁକୃପା ଲାଭ କରିଛନ୍ତି। ସମସ୍ତ କାର୍ଯ୍ୟକୁ ରାଜେଶ ପାଲ, ଜିତେନ୍ଦ୍ର ରାଉତ, ତୀର୍ଥରାଜ ପଣ୍ଡା, ଦେବରାଜ ମିଶ୍ର, ପ୍ରଦୀପ ପରିଡ଼ା, ସବ୍ୟସାଚୀ ସୁନ୍ଦରାୟ ପ୍ରମୁଖ ଯଜ୍ଞ ପରିଚାଳନାରେ ସହଯୋଗ କରୁଛନ୍ତି।

# ଫଗୁ ଦଶମୀରେ ଜମିଲା ଭକ୍ତଙ୍କ ଭିଡ଼



**ବଡ଼ଚଣା, ୨।୩/ଏନ୍ଏନ୍ଏସ୍:** ଯାଜପୁର ଜିଲ୍ଲା ବଡ଼ଚଣା ପଞ୍ଚାୟତ ଅନ୍ତର୍ଗତ ଦେଉଳକୁର୍ ଗ୍ରାମର ପ୍ରସିଦ୍ଧ ଧର୍ମପୀଠ 'ବେଦୀହୁଡ଼ା'ଠାରେ ପବିତ୍ର ଫଗୁ ଦଶମୀ ତିଥିରେ ଶ୍ରୀରାଧାକୃଷ୍ଣଙ୍କ ମେଲଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଧର୍ମରାଜ ଯୁଧିଷ୍ଠିରଙ୍କ ଏହି ପୀଠରେ ଦୀର୍ଘ ୧୦୦ ବର୍ଷ ହେଲା ପାରମ୍ପରିକ ରୀତିନୀତି ଅନୁଯାୟୀ ଏହି ମିଳନ ଉତ୍ସବ ପାଳିତ ହୋଇଆସୁଛି।

ଗତକାଲି ବିଳମ୍ବିତ ରାତିରୁ ବିଭିନ୍ନ ଗ୍ରାମରୁ ପ୍ରଭୁ ଶ୍ରୀରାଧାକୃଷ୍ଣଙ୍କୁ ସୁସଜ୍ଜିତ ବିମାନରେ ବସାଇ ଭକ୍ତମାନେ ମେଲଣ ପଡ଼ିଆକୁ ଆଣିଥିଲେ। ଆଜି ସକାଳୁ ଥାନପତି ଶ୍ରୀ ଶ୍ରୀ ରାହାସ ବିହାରୀ ଜିଉଙ୍କୁ ଏକ ସୁସଜ୍ଜିତ ବିମାନରେ ବସାଇ ବାଜା, ଆତସବାଜି ଓ ସଂକୀର୍ତ୍ତନ ସହ ଶୋଭାଯାତ୍ରାରେ ମଣ୍ଡପ ନିକଟକୁ ଅଣାଯାଇଥିଲା। ଚଳିତ ବର୍ଷ ଆଖପାଖ ଅଞ୍ଚଳରୁ ପ୍ରାୟ ୩୦ଟି ବିମାନ ଏହି ମେଲଣରେ ସାମିଲ ହୋଇଥିଲେ। ହରିବୋଲ ଓ ହୁଳହୁଳି ଧ୍ୱନିରେ ସମଗ୍ର ପରିବେଶ ଆଧ୍ୟାତ୍ମିକମୟ ହୋଇଉଠିଥିଲା। ମେଲଣ କମିଟି ପକ୍ଷରୁ ସମସ୍ତ ବିମାନକୁ ସ୍ୱାଗତ କରାଯିବା ସହ ଶ୍ରୀଜିଉମାନଙ୍କ ନିକଟରେ ଭୋଗ, ଧୂପ ଓ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ଶ୍ରଦ୍ଧାଳୁମାନେ ପରସ୍ପରକୁ ଅବିର ଲଗାଇ ଶ୍ରୀକୃଷ୍ଣଙ୍କ ଆଶୀର୍ବାଦ ଭିକ୍ଷା କରିଥିଲେ। ପରମ୍ପରା ଅନୁଯାୟୀ କମିଟି ପକ୍ଷରୁ ପ୍ରତ୍ୟେକ ବିମାନକୁ 'ବିଦାକୀ' ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ମେଲଣ ଉତ୍ସବ କମିଟି ସଭାପତି ବିଜୟ ପ୍ରଧାନ, ସମ୍ପାଦକ ଶିବ ପ୍ରସାଦ ରାଉତ, ପୂର୍ବତନ ସରପଞ୍ଚ ଭାଗ୍ୟଧର ପ୍ରଧାନ, ଅବିନାଶ ରାଉତ, ନିରଞ୍ଜନ ଦାସ, ପ୍ରଫୁଲ୍ଲ ପଣ୍ଡା, ଚିତ୍ତରଞ୍ଜନ ପ୍ରଧାନ, ପ୍ରଶାନ୍ତ ଦାସ, ତୁଷାର ଦାଶ, ମଳୟ ପ୍ରଧାନ, ସୂର୍ଯ୍ୟ ପ୍ରକାଶ ରାଉତ ଓ ପ୍ରକାଶ ପ୍ରଧାନ ପ୍ରମୁଖ ପରିଚାଳନା କରିଥିଲେ। ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ବଡ଼ଚଣା ଥାନା ଆରକ୍ଷୀ ନିରୀକ୍ଷକ ଜଗଦୀଶ କର, ଶାନ୍ତନୁ ମିଶ୍ର ଓ ପୁଲିସ ବାହିନୀ ମୁତୟନ ହୋଇଥିଲେ। ଏହି ଉତ୍ସବରେ ରବୀନ୍ଦ୍ର ନାଥ ଦାଶ, ସୁଶ୍ରୀ କାମିନୀ ନାୟକ, ଡାକ୍ତର ପାବନେଶ୍ୱର ଜେନା, ଜଗନ୍ନାଥ ପ୍ରଧାନଙ୍କ ସମେତ ବହୁ ଶିକ୍ଷାବିତ୍, ସମାଜସେବୀ ଓ ଗ୍ରାମବାସୀ ସହଯୋଗ କରିଥିଲେ।

# ବିଜୁ ପଟ୍ଟନାୟକଙ୍କ ୧୧୦ତମ ଜୟନ୍ତୀ ପାଇଁ ପ୍ରସ୍ତୁତି



**କାମାକ୍ଷାନଗର, ୨।୩/ଏନ୍ଏନ୍ଏସ୍:** ସ୍ୱାଧୀନତା ସଂଗ୍ରାମୀ ତଥା ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ଆଗାମୀ ୧୧୦ତମ ଜୟନ୍ତୀ ପାଳନ ନିମନ୍ତେ ଆଜି କାମାକ୍ଷାନଗର ବିଜୁ ଜନତା ଦଳ କାର୍ଯ୍ୟାଳୟ ପରିସରରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ଯୁବ ସଭାପତି ତଥା କାମାକ୍ଷାନଗର ବିଜ୍ଞାପିତ ଅଞ୍ଚଳ ପରିଷଦ ଅଧ୍ୟକ୍ଷ ଧର୍ମାନନ୍ଦ ପରିଡ଼ାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଆସନ୍ତା ମାର୍ଚ୍ଚ ୫ ତାରିଖରେ ଜୟନ୍ତୀକୁ ମହାଆଡ଼ମ୍ବରରେ ପାଳନ କରିବା ପାଇଁ ସ୍ଥିର କରାଯାଇଛି। ଏହି କାର୍ଯ୍ୟକ୍ରମରେ କାମାକ୍ଷାନଗର ବ୍ଲକ ଏବଂ ବିଜ୍ଞାପିତ ଅଞ୍ଚଳ ପରିଷଦର ସମସ୍ତ ୱାର୍ଡରୁ ଦଳୀୟ କର୍ମୀ ଓ ନେତୃବୃନ୍ଦ ଯୋଗଦେବେ ବୋଲି ନିଷ୍ପତ୍ତି ନିଆଯାଇଛି। ଆଜିର ବୈଠକରେ କାମାକ୍ଷାନଗର ବ୍ଲକ ଅଧ୍ୟକ୍ଷ ପ୍ରେମାନନ୍ଦ ସାହୁ, ବିଜ୍ଞାପିତ ଅଞ୍ଚଳ ପରିଷଦର ଉପନଗରପାଳ ଶକୁନ୍ତଳା ସେଠୀ, ବ୍ଲକ ସଭାପତି ପ୍ରଭାସ ରଞ୍ଜନ ମିଶ୍ର, ନଗର ସଭାପତି ଆଦିତ୍ୟ କୁମାର ଆଚାର୍ଯ୍ୟ, ଜିଲ୍ଲା ସାଧାରଣ ସମ୍ପାଦକ ଦିଲ୍ଲୀପ ଷେଣ୍ଢ, ବ୍ଲକ ଛାତ୍ର ସଭାପତି ଉପେନ୍ଦ୍ର ରାଉତ, ମହିଳା ନେତ୍ରୀ ରଞ୍ଜିତା ବେହେରାଙ୍କ ସମେତ ସମସ୍ତ କାଉନ୍ସିଲର୍ ଓ ଅଗ୍ରଣୀ ନେତୃବୃନ୍ଦ ଉପସ୍ଥିତ ଥିଲେ।

## ନାଳରେ ବୁଡ଼ି ଜଣେ ମୃତ

**ରାଜନଗର, ୨।୩/ଏନ୍ଏନ୍ଏସ୍:** ରାଜନଗର ବ୍ଲକ ବଙ୍ଗାଳସାହି ଗ୍ରାମର ଜଣେ ବ୍ୟକ୍ତି ପାଣିରେ ବୁଡ଼ି ମୃତ୍ୟୁବରଣ କରିଥିବା ଜଣାପଡ଼ିଛି। ମୃତକ ଜଣକ ହେଲେ ଉକ୍ତ ଗ୍ରାମର ବାଉରିବନ୍ଧୁ ଦାସ (୫୨)। ସୂଚନା ଅନୁଯାୟୀ, ସୋମବାର ମଧ୍ୟାହ୍ନ ସମୟରେ ବାଉରିବନ୍ଧୁ ବ୍ରାହ୍ମଣୀ ନଦୀକୁ ସଂଯୋଗ କରୁଥିବା ଏକ ଶାଖା କାଣୀ ନାଳକୁ ଗାଧୋଇବା ପାଇଁ ଯାଇଥିଲେ। ଗାଧୋଇବା ସମୟରେ ଗୋଡ଼ ଖସିଯିବାରୁ ସେ ଗଭୀର ପାଣିରେ ବୁଡ଼ି ଯାଇଥିଲେ। କିଛି ସମୟ ପରେ ପରିବାର ଲୋକେ ଖୋଜାଖୋଜି କରିଥିଲେ। ଗ୍ରାମବାସୀଙ୍କ ସହାୟତାରେ ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଅଣାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ପୁଲିସ ପହଞ୍ଚି ଶବ ଜବତ କରିବା ସହ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ମଙ୍ଗଳବାର ଦିନ ଶବ ବ୍ୟବଚ୍ଛେଦ କରାଯିବ ବୋଲି ଜଣାପଡ଼ିଛି।

# 'ନାଗରିକ ଦେବୋ ଭବ' ଭାବନା ଆପଣାଇବାକୁ ଆହ୍ୱାନ



**ପାରାଦୀପ, ୨।୩/ଏନ୍ଏନ୍ଏସ୍:** ଭାରତ ସରକାରଙ୍କ କ୍ୟାବିନେଟ ସଚିବାଳୟର ନିର୍ଦ୍ଦେଶକ୍ରମେ ପାରାଦୀପ ବନ୍ଦର ପ୍ରଶାସନିକ ଭବନରେ 'ସେବା ସଂକଳ୍ପ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବନ୍ଦର ଅଧ୍ୟକ୍ଷ ପି. ଏଲ୍. ହରନାଥଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି ବୈଠକରେ 'ନାଗରିକ ଦେବୋ ଭବ' (ନାଗରିକ ହିଁ ଭଗବାନ) ଦର୍ଶନକୁ ଆଧାର କରି କାର୍ଯ୍ୟ କରିବାକୁ ଆହ୍ୱାନ ଦିଆଯାଇଛି। ବୈଠକରେ ବନ୍ଦର ଉପାଧ୍ୟକ୍ଷ ଟି. ଭେଣୁ ଗୋପାଳ, ବିଭାଗୀୟ ମୁଖ୍ୟ, ଅଧିକାରୀ ଓ କର୍ମଚାରୀମାନେ ଯୋଗ ଦେଇଥିଲେ। ଏହି ଅବସରରେ ବନ୍ଦରର କାର୍ଯ୍ୟଶୈଳୀକୁ ଅଧିକ ନାଗରିକ-କୈନ୍ଦ୍ରିକ, ସ୍ୱଚ୍ଛ, ଦକ୍ଷ ଏବଂ ଉତ୍ତରଦାୟୀ କରିବା ପାଇଁ ସାମୂହିକ ସଂକଳ୍ପ ନିଆଯାଇଥିଲା। ଅଧ୍ୟକ୍ଷ ଶ୍ରୀ ହରନାଥ ତାଙ୍କ ସମ୍ବୋଧନରେ କହିଥିଲେ ଯେ, 'ସେବା ତୀର୍ଥ'ର ଆତ୍ମାକୁ ଉତ୍ସର୍ଗ, ନୈତିକ ଆଚରଣ ଏବଂ ଦାୟିତ୍ୱବୋଧ ସହିତ ପାଳନ କଲେ ଏକ ନୂତନ ଶାସନ ସଂସ୍କୃତି ଗଢ଼ିଉଠିବ। 'ବିକଶିତ ଭାରତ ୨୦୪୭'ର ଲକ୍ଷ୍ୟ ହାସଲ କରିବା ପାଇଁ କାର୍ଯ୍ୟକ୍ଷମ ଓ ପ୍ରଶାସନିକ ଅଭ୍ୟାସରେ ନିରନ୍ତର ସଂସ୍କାର ଆବଶ୍ୟକ। 'ସେବା ସଂକଳ୍ପ'ର ମୂଳ ନୀତିଗୁଡ଼ିକୁ ପାଳନ କରିବା ପାଇଁ ବନ୍ଦର ପକ୍ଷରୁ ଉନ୍ନତ ଡିଜିଟାଲାଇଜେସନ୍, ସହଜ ପ୍ରକ୍ରିୟା, ସମୟୋଚିତ ସେବା ଏବଂ ପ୍ରଭାବଶାଳୀ ଅଭିଯୋଗ ସମାଧାନ ବ୍ୟବସ୍ଥା ଉପରେ ଗୁରୁତ୍ୱ ଦିଆଯିବ ବୋଲି ନିଷ୍ପତ୍ତି ନିଆଯାଇଛି।

# ୧୨୬ ଅଭିଯୋଗର ଶୁଣାଣି



**ରାଜନଗର, ୨।୩/ଏନ୍ଏନ୍ଏସ୍:** ରାଜନଗର ବ୍ଲକ ପରିସରରେ ଆଜି କେନ୍ଦ୍ରାପଡ଼ା ଜିଲ୍ଲାପାଳଙ୍କ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ରଘୁରାମ ଆର ଆୟାରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଶିବିରରେ ମୋଟ ୧୨୬ଟି ଅଭିଯୋଗର ଶୁଣାଣି କରାଯାଇଛି। ଏଥିମଧ୍ୟରୁ ୧୧୬ଟି ବ୍ୟକ୍ତିଗତ ଏବଂ ୧୦ଟି ସାମୂହିକ ଅଭିଯୋଗ ରହିଥିଲା। ସାମୂହିକ ଅଭିଯୋଗ ମଧ୍ୟରେ ବ୍ରାହ୍ମଣୀକୋହ୍ଲି ଓ ବିଷ୍ଣୁପୁର ବିଦ୍ୟାଳୟର ନାମକରଣକୁ ନେଇ ବିବାଦ ପ୍ରଧାନ ରହିଥିଲା। ବିଷ୍ଣୁପୁର ଗ୍ରାମବାସୀ ଏହି ବିଦ୍ୟାଳୟର ନାମକରଣକୁ ନେଇ ଅଭିଯୋଗ କରିଥିଲେ। ସେହିପରି ବଙ୍ଗାଳସାହି ଗ୍ରାମ ନିକଟରୁ କାଣୀ ପଞ୍ଚାୟତ କାର୍ଯ୍ୟାଳୟ ଦେଇ ଚାଷଜମିକୁ ଯାଇଥିବା ରାସ୍ତାକୁ ଜବରଦଖଲ ମୁକ୍ତ କରିବାକୁ ଗ୍ରାମବାସୀ ଦାବି କରିଥିଲେ। ଅନ୍ୟ ଏକ ଅଭିଯୋଗରେ, ବାଲିଗୁଣ୍ଡା (ମହୁରିଆ) ଗ୍ରାମରେ ୨୦୨୦ ମସିହାରୁ ଖୋଲିଥିବା ଅଙ୍ଗନୱାଡ଼ି କେନ୍ଦ୍ରର ନିଜସ୍ୱ ଗୃହ ନଥିବାରୁ ପିଲାମାନେ ଅସୁବିଧାର ସମ୍ମୁଖୀନ ହେଉଥିବା ଜଣାପଡ଼ିଛି। ବ୍ୟକ୍ତିଗତ ଅଭିଯୋଗ ମଧ୍ୟରେ ବେଲପାଳ ଗ୍ରାମର ସନ୍ତୋଷ କୁମାର ମହାନ୍ତି ଡାକମାଳ ମିଶନ ଶକ୍ତି କାଫେ ନିର୍ମାଣ କରିଥିଲେ ମଧ୍ୟ ତତ୍କାଳୀନ ଯନ୍ତ୍ରୀ ଅନିରୁଦ୍ଧ ନାୟକ ସମସ୍ତ ଟଙ୍କା ଉଠାଇ ନେଇଥିବା ଅଭିଯୋଗ ହୋଇଛି। ଶ୍ରୀ ମହାନ୍ତି ଏନେଇ ପୂର୍ବରୁ ୪ଥର ଅଭିଯୋଗ କରିଥିଲେ ମଧ୍ୟ କୌଣସି ସୁଫଳ ମିଳିନାହିଁ। ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ ସତ୍ତ୍ୱେ ଯନ୍ତ୍ରୀ ଶ୍ରୀ ନାୟକ ଟଙ୍କା ନଦେଇ ଜିଲ୍ଲାପାଳଙ୍କ ନିର୍ଦ୍ଦେଶକୁ ଅମାନ୍ୟ କରୁଥିବା ସେ ଅଭିଯୋଗ କରିଛନ୍ତି। କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ୪ ଜଣଙ୍କୁ ସହାୟତା ପ୍ରଦାନ କରାଯାଇଥିଲା। ଏତଦବ୍ୟତୀତ, ରାଜରାଜେଶ୍ୱରପୁର ଗ୍ରାମର ଦିବ୍ୟାଙ୍ଗ ଅନନ୍ତ ମଣ୍ଡଳ ଏବଂ ଭଗବାନପୁର ଗ୍ରାମର ଦିବ୍ୟାଙ୍ଗ ପବିତ୍ର ସାହୁଙ୍କୁ ଟ୍ରାଇ ସାଇକେଲ ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ବ୍ଲକ ଉନ୍ନୟନ ଅଧିକାରୀ ଅଶୋକ ମହାନ୍ତି, ତହସିଲଦାର ଯୀଶୁକ୍ରୀଷ୍ଟ ଦାସ, ଆଇଆଇସି ନରେଶକୁମାର ସାହୁ, ଜିଲ୍ଲା ପରିଷଦ ସଭ୍ୟ ମନୋଜକୁମାର ବେହେରା ପ୍ରମୁଖ ପରିଚାଳନା କରିଥିଲେ।

# ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ମିଳିଲା ଶିଶୁରୋଗ ବିଶେଷଜ୍ଞ

**ଧର୍ମଶାଳା, ୨।୩/ଏନ୍ଏନ୍ଏସ୍:** ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ବହୁ ବର୍ଷ ଧରି ଶିଶୁରୋଗ ବିଶେଷଜ୍ଞ ନଥିବାରୁ ରୋଗୀ ଓ ଅଭିଭାବକମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଥିଲେ। ଏନେଇ ବାରମ୍ବାର ସିଡିଏମ୍ଓ ଓ ଉପରିସ୍ଥ ଅଧିକାରୀଙ୍କ ନିକଟରେ ଅଭିଯୋଗ କରି ରୋଗୀମାନେ ହତାଶ ହେଉଥିଲେ। ତେବେ ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁଙ୍କ ପ୍ରଚେଷ୍ଟାରେ ଏହି ସ୍ୱାସ୍ଥ୍ୟକେନ୍ଦ୍ରରେ ଜଣେ ଶିଶୁରୋଗ ବିଶେଷଜ୍ଞଙ୍କ ନିଯୁକ୍ତି ମିଳିଛି। ସୂଚନା ଅନୁଯାୟୀ, ସୁକିନ୍ଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ କାର୍ଯ୍ୟରତ ଶିଶୁରୋଗ ବିଶେଷଜ୍ଞ ଡାକ୍ତର ଏନ୍. ପାଣିଙ୍କୁ ତୁରନ୍ତ ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଯୋଗଦେବା ପାଇଁ ଯାଜପୁର ସିଡିଏମ୍ଓ ବିଜୟ କୁମାର ମିଶ୍ର ଆଜି ନିର୍ଦ୍ଦେଶନାମା ସଂଖ୍ୟା ୨୦୩୭ରେ ନିର୍ଦ୍ଦେଶ ଦେଇଛନ୍ତି। ଏହାର ଏକିତ ପ୍ରତିଲିପି ଡାକ୍ତର ପାଣି, ସୁକିନ୍ଦା ଓ ଧର୍ମଶାଳା ମେଡିକାଲ ଅଧିକାରୀଙ୍କୁ ଅବଗତ କରାଯାଇଛି। ଦୀର୍ଘ ବର୍ଷ ଧରି ଖାଲି ପଡ଼ିଥିବା ଏହି ପଦବୀ ପୂରଣ କରିବା ପାଇଁ ବିଧାୟକ ଶ୍ରୀ ସାହୁଙ୍କ ପ୍ରଚେଷ୍ଟା ସଫଳ ହୋଇଥିବାରୁ ସ୍ଥାନୀୟ ଲୋକମାନେ ସନ୍ତୋଷ ପ୍ରକାଶ କରିବା ସହ ବିଧାୟକଙ୍କୁ କୃତଜ୍ଞତା ଜଣାଇଛନ୍ତି।

# ନରସିଂହପୁର ଉଚ୍ଚ ବିଦ୍ୟାଳୟରେ ଅବସରକାଳୀନ ସମ୍ବର୍ଦ୍ଧନା

**କୁଆଖିଆ, ୨।୩/ଏନ୍ଏନ୍ଏସ୍:** ରସୁଲପୁର ବ୍ଲକ ଅନ୍ତର୍ଗତ ନରସିଂହପୁର ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ଶ୍ୟାମ ସୁନ୍ଦର ପାତ୍ର ଓ କ୍ରୀଡ଼ା ଶିକ୍ଷକ ଚୈତନ୍ୟ ବେହେରାଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଏହି ଅବସରରେ ସୁମିତ୍ରା ସେଠୀ ନୂତନ ପ୍ରଧାନ ଶିକ୍ଷୟିତ୍ରୀ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି। ନୂତନ ପ୍ରଧାନଶିକ୍ଷୟିତ୍ରୀ ସୁମିତ୍ରା ସେଠୀଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସମ୍ବର୍ଦ୍ଧନା ସଭାରେ ମୁଖ୍ୟଅତିଥି ଭାବେ ନରସିଂହପୁର ପଞ୍ଚାୟତର ସରପଞ୍ଚ ପ୍ରଶାନ୍ତ କୁମାର ଦାସ ଏବଂ ମୁଖ୍ୟବକ୍ତା ଭାବେ ଖଣ୍ଡିତର ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ତଥା ଯାଜପୁର ଜିଲ୍ଲା ଓସ୍ତା ସଂଘର ସଭାପତି ସୁନନ୍ଦ କୁମାର ରାଉତ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଧବଳଗିରି ଉଚ୍ଚ ବିଦ୍ୟାଳୟର ସହକାରୀ ଶିକ୍ଷକ ତଥା ଯାଜପୁର ଫାଷ୍ଟ ସଂଘର ସମ୍ପାଦକ ପ୍ରତାପ କୁମାର ପାତ୍ର, ରସୁଲପୁର ମଣ୍ଡଳ ସହ ଶିକ୍ଷା ଅଧିକାରୀ ଡ଼ଃ ପ୍ରଭଞ୍ଜନ ପତି, ଆଇନଜୀବୀ ସମରେନ୍ଦ୍ର ଦାସ ପ୍ରମୁଖ ଯୋଗଦେଇ ବିଦାୟୀ ଶିକ୍ଷକଦ୍ୱୟଙ୍କ ଦୀର୍ଘ ୪୦ ବର୍ଷର ନିଷ୍ଠାପର କାର୍ଯ୍ୟ ଓ ଛାତ୍ରବତ୍ସଳ ସ୍ୱଭାବ ଉପରେ ଆଲୋକପାତ କରିଥିଲେ। ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ନୃତ୍ୟ ଓ ଗୀତ ପରିବେଷଣ କରାଯାଇଥିଲା। ଶିକ୍ଷକ ଭରତ ଚରଣ ନାୟକ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଶିକ୍ଷୟିତ୍ରୀ ସୁକାନ୍ତି ଲତା ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ସଭା ଶେଷରେ ବିଦାୟୀ ଶିକ୍ଷକମାନଙ୍କୁ ଏକ ବିରାଟ ଶୋଭାଯାତ୍ରାରେ ନରସିଂହପୁର ଓ ହରିପୁର ବଜାର ପରିକ୍ରମା କରାଇ ଭାବପୂର୍ଣ୍ଣ ବିଦାୟ ପ୍ରଦାନ କରାଯାଇଥିଲା।

# ହତ୍ୟାକାରୀକୁ ଆଜୀବନ କାରାଦଣ୍ଡ

**ତାଳଚେର, ୨।୩/ଏନ୍ଏନ୍ଏସ୍:** ଏକ ଜଘନ୍ୟ ହତ୍ୟା ମାମଲାର ବିଚାର କରି ତାଳଚେର ଅତିରିକ୍ତ ଜିଲ୍ଲା ଦୌରାଜଜ୍ ସତ୍ୟନାରାୟଣ କର ଆଜି ଅଭିଯୁକ୍ତକୁ ଆଜୀବନ କାରାଦଣ୍ଡାଦେଶ ଶୁଣାଇଛନ୍ତି। ଦୋଷୀ ସାବ୍ୟସ୍ତ ହୋଇଥିବା ବ୍ୟକ୍ତି ଜଣକ ହେଲେ ଅନୁଗୁଳ ଜିଲ୍ଲା ଖମାର ଥାନା ଅନ୍ତର୍ଗତ ପଦାପଶି ଗ୍ରାମର ହଳଧର କିସାନଙ୍କ ପୁଅ ଗେଣ୍ଟୁ କିସାନ। ମାମଲାର ବିବରଣୀରୁ ଜଣାପଡ଼ିଛି ଯେ, ଗତ ୨୦୨୩ ମସିହା ସେପ୍ଟେମ୍ବର ୨ ତାରିଖରେ ଅଭିଯୁକ୍ତ ଗେଣ୍ଟୁ କିସାନ ସେହି ଗ୍ରାମର ଖୁଜାରୀ କିସାନଙ୍କୁ ଶୋଇଥିବା ଅବସ୍ଥାରେ ଟାଙ୍ଗିଆରେ ବେକକୁ ହାଣି ଦେଇଥିଲେ। ଫଳରେ ଘଟଣାସ୍ଥଳରେ ହିଁ ଖୁଜାରୀଙ୍କ ରକ୍ତ ଜୁଡୁବୁଡୁ ଅବସ୍ଥାରେ ମୃତ୍ୟୁ ଘଟିଥିଲା। ମୃତକଙ୍କ ଝିଅ ସଞ୍ଚିତା କିସାନ ଏ ସମ୍ପର୍କରେ ଖମାର ଥାନାରେ ଏତଲା ଦେବା ପରେ ପୁଲିସ ଦଫା ୩୦୨ ଅନୁଯାୟୀ ମାମଲା (ନଂ-୧୬୪/୨୦୨୩) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ତାଳଚେର ଅତିରିକ୍ତ ଜିଲ୍ଲା ଦୌରାଜଜ୍ଙ୍କ ଅଦାଲତରେ ଚାଲିଥିବା ଏହି ମାମଲାରେ (ମାମଲା ନଂ-ସିଟି(ଏସ୍)-୦୧/୨୦୨୪) ବିଚାରପତି ମୋଟ ୧୨ ଜଣ ସାକ୍ଷୀଙ୍କ ବୟାନ ଓ ପ୍ରମାଣକୁ ଭିତ୍ତି କରି ଅଭିଯୁକ୍ତ ଗେଣ୍ଟୁ କିସାନଙ୍କୁ ଦୋଷୀ ସାବ୍ୟସ୍ତ କରିଥିଲେ। ତାଙ୍କୁ ଆଜୀବନ କାରାଦଣ୍ଡ ସହିତ ୧୦ ହଜାର ଟଙ୍କା ଅର୍ଥଦଣ୍ଡରେ ଦଣ୍ଡିତ କରାଯାଇଛି। ଅର୍ଥଦଣ୍ଡ ଅନାଦେୟ ହେଲେ ଅଭିଯୁକ୍ତକୁ ଆଉ ଏକ ବର୍ଷ ଜେଲ୍ ଦଣ୍ଡ ଭୋଗିବାକୁ ପଡ଼ିବ। ସରକାରଙ୍କ ପକ୍ଷରୁ ଅତିରିକ୍ତ ସରକାରୀ ଓକିଲ ଗଦାଧର ମୁର୍ମୁ ଓ ଅର୍ଜୁନ ଭୂତିଆ ମାମଲା ପରିଚାଳନା କରୁଥିଲେ।

# ଭେଣ୍ଡିଂ ଜୋନ୍‌ରେ ତାଲା, ଖୋଲା ରାସ୍ତାରେ ବେପାର



**ତାଳଚେର, ୨।୩/ଏନ୍ଏନ୍ଏସ୍:** ତାଳଚେର ପୌରପରିଷଦ ପକ୍ଷରୁ ଉଠା ବ୍ୟବସାୟୀଙ୍କ ଥଇଥାନ ପାଇଁ ଲକ୍ଷ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ଭେଣ୍ଡିଂ ଜୋନ୍‌ଗୁଡ଼ିକ ଏବେ ଅଦରକାରୀ ହୋଇ ପଡ଼ି ରହିଛି। ପୂର୍ବ ସରକାରଙ୍କ ଅମଳରେ ସହରର ବିଭିନ୍ନ ସ୍ଥାନରେ, ବିଶେଷ କରି ହାଟଡୋଟା ଲିଙ୍ଗରାଜ ରାସ୍ତା ପାର୍ଶ୍ୱରେ ଏହି ଭେଣ୍ଡିଂ ଜୋନ୍ ନିର୍ମାଣ କରାଯାଇଥିଲା। ରାସ୍ତାକଡ଼ରୁ ଭିଡ଼ କମାଇବା ଏବଂ ବ୍ୟବସାୟୀଙ୍କୁ ଏକ ନିର୍ଦ୍ଦିଷ୍ଟ ସ୍ଥାନ ଯୋଗାଇବା ଏହାର ମୂଳ ଲକ୍ଷ୍ୟ ଥିଲେ ହେଁ ନିର୍ମାଣ ପରଠାରୁ ଆଜି ପର୍ଯ୍ୟନ୍ତ ଏଥିରେ ତାଲା ଝୁଲୁଛି। ଫଳରେ ଉଠାବ୍ୟବସାୟୀମାନେ ବାଧ୍ୟ ହୋଇ ଖୋଲା ରାସ୍ତା କଡ଼ରେ ବିପଦପୂର୍ଣ୍ଣ ଭାବେ ବେପାର କରୁଛନ୍ତି। ଉପଯୁକ୍ତ ରକ୍ଷଣାବେକ୍ଷଣ ଅଭାବରୁ ଅନେକ ସ୍ଥାନରେ ଏହି ଗୃହଗୁଡ଼ିକ ଫାଟିବା ଆରମ୍ଭ କଲାଣି ଏବଂ ଏଠାରେ ଅସାମାଜିକ ଯୁବକଙ୍କ ଆଡ୍ଡା ଜମୁଥିବା ଅଭିଯୋଗ ହେଉଛି। ବିଶେଷ କରି ମଦ ଓ ଡ୍ରଗ୍ସ ଭଳି ନିଶା କାରବାର ପାଇଁ ଏହି ଅଞ୍ଚଳ ଏବେ ପ୍ରକୃଷ୍ଟ ସ୍ଥାନ ପାଲଟିଛି।

ଅନ୍ୟପଟେ କିଛି ବ୍ୟବସାୟୀଙ୍କୁ ଏହି ଗୃହ ଆବଣ୍ଟନ କରାଯାଇଥିଲେ ହେଁ ଏବଂ ସେମାନେ ଦୁଇ ବର୍ଷ ହେଲା ପୌରପରିଷଦକୁ ଅର୍ଥ ପ୍ରଦାନ କରିଥିଲେ ମଧ୍ୟ ସେମାନଙ୍କୁ ଦଖଲ ଦିଆଯାଉ ନାହିଁ। ବ୍ୟବସାୟୀଙ୍କ କହିବା ଅନୁଯାୟୀ, ତାଳଚେରର ପ୍ରବଳ ଗ୍ରୀଷ୍ମ ପ୍ରବାହ ସମୟରେ ଏହି ଭେଣ୍ଡିଂ ଜୋନ୍ ଗୁଡ଼ିକରେ ବସିବା ଅସମ୍ଭବ ହୋଇପଡୁଛି। ଏଥିସହିତ ସହରର ରାସ୍ତା କଡ଼ରେ ଅବାଧରେ ମାଛ, ମାଂସ ଓ କୁକୁଡ଼ା କଟା ଚାଲିଥିଲେ ହେଁ ପୌରପରିଷଦ ପକ୍ଷରୁ କୌଣସି ଆଖିଦୃଶିଆ ପଦକ୍ଷେପ ନିଆଯାଉ ନାହିଁ। ଜିଲ୍ଲା ଖଣିଜ ପାଣ୍ଠିରେ କୋଟି କୋଟି ଟଙ୍କା ଥିଲେ ହେଁ ତାଳଚେରର ବିକାଶ ବାଟବଣା ହୋଇଛି ବୋଲି ସ୍ଥାନୀୟ ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ପ୍ରଶାସନର ଏହି ଉଦାସୀନତାକୁ ନେଇ ସାଧାରଣରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି।

# ମା' ମାହେଶ୍ୱରୀ ଫୁଟବଲ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ: କନ୍ଧମାଳ ଚାମ୍ପିଅନ୍




**ଆଠମଲ୍ଲିକ, ୨।୩/ଏନ୍ଏନ୍ଏସ୍:** ସ୍ଥାନୀୟ ମିନି ଷ୍ଟାଡିୟମ୍ ଖେଳପଡ଼ିଆରେ ଆଠମଲ୍ଲିକ ଯୁଥ ଆନୁକୂଲ୍ୟରେ ଆୟୋଜିତ ମା' ମାହେଶ୍ୱରୀ ଫୁଟବଲ ଟୁର୍ଣ୍ଣାମେଣ୍ଟ ଆଜି ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ଦିବସର ରୋମାଞ୍ଚକର ଫାଇନାଲ୍ ମ୍ୟାଚରେ କନ୍ଧମାଳ ଦଳ ଭୁବନେଶ୍ୱରକୁ ପରାସ୍ତ କରି ଚାମ୍ପିଅନ ହୋଇଛି। ଖେଳର ପ୍ରଥମାର୍ଦ୍ଧରେ କନ୍ଧମାଳ ଦଳ ୨ଟି ଗୋଲ ଦେଇ ଅଗ୍ରଣୀ ଲାଭ କରିଥିଲା। ଅନ୍ତିମ ପର୍ଯ୍ୟାୟରେ ଭୁବନେଶ୍ୱର ଦଳ ଏକ ଗୋଲ ପରିଶୋଧ କରିଥିଲେ ହେଁ ବିଜୟୀ ହୋଇପାରି ନଥିଲା। ଫଳରେ କନ୍ଧମାଳ ୨-୧ ଗୋଲରେ ବିଜୟୀ ହୋଇଥିଲା। ଭୁବନେଶ୍ୱର ଦଳକୁ ରନର୍ସ ଅପ୍‌ରେ ସନ୍ତୁଷ୍ଟ ରହିବାକୁ ପଡ଼ିଥିଲା। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବରେ ଆଠମଲ୍ଲିକ ବିଧାୟକ ଇଂ. ନଳିନୀକାନ୍ତ ପ୍ରଧାନ ଏବଂ ସମ୍ମାନିତ ଅତିଥି ଭାବରେ ତାଳଚେର ବିଧାୟକ ବ୍ରଜ କିଶୋର ପ୍ରଧାନ ଯୋଗ ଦେଇଥିଲେ। ସେମାନେ ଉଭୟ ଦଳର ଖେଳାଳିମାନଙ୍କୁ ଉତ୍ସାହିତ କରିବା ସହ ବିଜୟୀ ଓ ରନର୍ସଅପ୍ ଦଳକୁ ଟ୍ରଫି ଓ ଆର୍ଥିକ ରାଶି ପ୍ରଦାନ କରିଥିଲେ। କନ୍ଧମାଳ ଦଳର ସତ୍ୟବ୍ରତ ସାହୁ 'ବେଷ୍ଟ ସ୍କୋରର' ଭାବେ ସମ୍ମାନିତ ହୋଇଥିଲେ। ଏହି ଅବସରରେ ଆଠମଲ୍ଲିକ କ୍ରୀଡ଼ା ସଂସଦର ପୂର୍ବତନ ଫୁଟବଲ ଖେଳାଳିମାନଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା। ବିଧାୟକ ଶ୍ରୀ ପ୍ରଧାନ ଖେଳ ପଡ଼ିଆର ଉନ୍ନତିକରଣ ପାଇଁ ୯ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ବ୍ୟୟରେ କ୍ରୀଡ଼ା ପରିସର ନିର୍ମାଣ ପାଇଁ ଘୋଷଣା କରିଥିଲେ। ଟୁର୍ଣ୍ଣାମେଣ୍ଟ ପରିଚାଳନାରେ ଆଠମଲ୍ଲିକ ଯୁଥର ସଭାପତି ହୁସେନ ଖାଁ, ସମ୍ପାଦକ ଅବିନାଶ ଷଡ଼ଙ୍ଗୀ ଏବଂ ଅନ୍ୟ ସଦସ୍ୟମାନେ ସହଯୋଗ କରିଥିଲେ। ଏହା ବ୍ୟତୀତ, ଏକ ମହିଳା ଫୁଟବଲ ପ୍ରଦର୍ଶନୀ ମ୍ୟାଚରେ ଝାରସୁଗୁଡ଼ା ଦଳ ଦେବଗଡ଼କୁ ପରାସ୍ତ କରି ଚାମ୍ପିଅନ ହୋଇଥିଲା।

ନିତି ଭାରତୀ

ସମ୍ପୃକ୍ତି ବିନା ସଫଳତା ମିଳେନାହିଁ। କୌଣସି କାର୍ଯ୍ୟରେ ସମ୍ପୃକ୍ତ ରହିଲେ ବିଫଳ ହେବାର ସମ୍ଭାବନା କ୍ଷୀଣ।
- ଡକ୍ଟର ଏପିଜେ ଅବ୍‌ଦୁଲ୍ କଲାମ୍

ନିତିଦିନ NITIDIN
ମଙ୍ଗଳବାର ,୩ ମାର୍ଚ୍ଚ ୨୦୨୬

# ଭାବାବେଗର ନିଧନ



ଛାୟାକାନ୍ତ ଷଡ଼ଙ୍ଗୀ

ସାଂପ୍ରତିକ ସମୟର କେତୋଟି କନ୍ୟା ବାହାଘର ଦେଖିବା ପରେ ଏହି ଲେଖକର ଧାରଣା ହୋଇଛି ଯେ ମଣିଷ ଜୀବନରେ ଭାବାବେଗର ମୃତ୍ୟୁ ଘଟିଛି। ଦିନେ ଭାରତବର୍ଷରେ ଯୌଥ ପରିବାର ପ୍ରଚଳିତ ଥିଲା। ପରିବାର ବଡ଼ ହେଲେ ମଧ୍ୟ ବରିଷ୍ଠମାନଙ୍କ ପ୍ରତି ସମ୍ମାନବୋଧ ଓ କନିଷ୍ଠମାନଙ୍କ ପ୍ରତି ସେମାନଙ୍କ ସ୍ନେହ ଓ ପ୍ରେମ ଏହି ଯୌଥ ପରିବାରର ଆଧାର ଥିଲା। କାଳକ୍ରମେ ପରିବାରର ସଦସ୍ୟ ସଦସ୍ୟା ଆତ୍ମକୈନ୍ଦ୍ରିକ ହୋଇ ପଡ଼ିଲେ। ସେମାନଙ୍କ ଲକ୍ଷ୍ୟ ହେଲା ବ୍ୟକ୍ତିଗତ ସମୃଦ୍ଧି। ଭାଇ ଭାଇ, ଭାଇ ଭଉଣୀ ମଧ୍ୟରେ, ପିତାପୁତ୍ର ମଧ୍ୟରେ ଥିବା ସ୍ନେହ ପ୍ରେମ ଉଭେଇ ଗଲା। ଯୌଥ ପରିବାର ଭୁଶୁଡ଼ି ପଡ଼ିଲା।

ପିତାମାତା ଭାବୁଥିଲେ, ପୂର୍ବଜନ୍ମାର୍ଜିତା କନ୍ୟା। ତା' ଉପରେ ଅସରନ୍ତି ସ୍ନେହ ଢାଳି ଦେଉଥିଲେ। ନିଜେ ନ ଖାଇ ସେ କିପରି ଭଲ ଖାଇବ, ନିଜେ ଭଲ ଲୁଗା ନ ପିନ୍ଧି ସେ କିପରି ଭଲ ଲୁଗା ପିନ୍ଧିବ- ଏହି ଚିନ୍ତାରେ ବ୍ୟସ୍ତ ହୋଇ ପଡୁଥିଲେ। କଷ୍ଟାର୍ଜିତ ଧନରେ ଝିଅକୁ ଶିକ୍ଷିତ କରୁଥିଲେ। ବୟସ ହେଲା ପରେ ତା' ପାଇଁ ଉପଯୁକ୍ତ ବର ଖୋଜୁଥିଲେ। ବରର ଯୋଗ୍ୟତା ଓ ଚରିତ୍ର, ବର ଘରର ପାରିବାରିକ ସଂସ୍କୃତି, ପ୍ରତିଷ୍ଠା ଆଦି ଭଲ ଭାବରେ ଅନୁଧ୍ୟାନ କଲା ପରେ ସେମାନେ ବର ହାତରେ କନ୍ୟାକୁ ଟେକି ଦେଉଥିଲେ। ପିତାମାତା ଚାହାନ୍ତି ବିବାହ ପରେ କନ୍ୟା ସୁଖରେ ରହୁ। ବିବାହ ପରେ କନ୍ୟାର ପିତୃଗୃହରୁ ବିଦାୟକାଳୀନ ଦୃଶ୍ୟ ଥିଲା ଅତ୍ୟନ୍ତ ଅଶ୍ରୁଳ। ସେତେବେଳେ ଗାଁ ଦାଣ୍ଡ, ପିତାମାତା, କନ୍ୟା, ସମ୍ପର୍କୀୟ ଓ ବନ୍ଧୁବାନ୍ଧବମାନଙ୍କ କ୍ରନ୍ଦନରେ ଫାଟି ପଡୁଥିଲା।

ଆଜିକାଲି ସେହିଭଳି ଅଶ୍ରୁଳ ବିଦାୟକାଳୀନ ଦୃଶ୍ୟ ବିରଳ। କନ୍ୟାର ଆଖିରେ ଲୁହ ନାହିଁ, ରହିଛି ହସ। ନିକଟରେ ଗୋଟିଏ ବାହାଘରର ଭିଡିଓ ଦେଖି ଏ ଲେଖକ ବିସ୍ମିତ ହୋଇଥିଲା। ବିବାହ ସରିବା ପରେ ବିଦାୟ ନେବା ବେଳେ ଝିଅଟି ହସି ହସି ଚିତ୍କାର କରି କହୁଥିଲା, 'ମାଆ ମୁଁ ଯାଉଛି' ଓ ତା' ପରେ ପରିବାରବର୍ଗ ଓ ଗ୍ରାମବାସୀଙ୍କୁ ହାତ ହଲାଇ ଟା ଟା କରି ଚାଲିଗଲା। ବିଦାୟକାଳୀନ ଦୃଶ୍ୟ ଆଜି ଆନନ୍ଦମୁଖର! ପିତାମାତା ଲୁହ ଝରାନ୍ତି, ମାତ୍ର ଝିଅର ଆନନ୍ଦ ହିଁ ନିଜର ଆନନ୍ଦ ଭାବି ନିଜକୁ ସମ୍ଭାଳି ନିଅନ୍ତି। ବିଶେଷକରି କନ୍ୟା କ୍ଷେତ୍ରରେ ଭାବାବେଗର ମୃତ୍ୟୁ ଘଟିଛି ବୋଲି ଧାରଣା ସୃଷ୍ଟି ହୁଏ। ପାଶ୍ଚାତ୍ୟ ଜୀବନଶୈଳୀ ହେଉଛି ଏହାର କାରଣ। ଭାରତୀୟ ପାରିବାରିକ ଜୀବନ ଭାବାବେଗ ଉପରେ ଆଧାରିତ। ଏହି ଭାବାବେଗ ଥିଲା ବୋଲି ଯୌଥ ପରିବାର ତିଷ୍ଠି ରହିଥିଲା। ଆଜି ସେହି ଭାବାବେଗ ଅଭାବରୁ ପାରିବାରିକ ସମ୍ପର୍କ ଭୁଶୁଡ଼ି ପଡ଼ିଛି। ମନେପଡ଼େ କାଳିଦାସଙ୍କ 'ଅଭିଜ୍ଞାନ ଶାକୁନ୍ତଳମ୍' ନାଟକରେ ବର୍ଣ୍ଣିତ ସ୍ୱାମୀ ଗୃହଗାମିନୀ ଶକୁନ୍ତଳାଙ୍କ ବିଦାୟକାଳୀନ ଦୃଶ୍ୟ। ଶକୁନ୍ତଳା ଲାଳିତପାଳିତ ହୋଇଥିଲେ କଣ୍ୱ ମୁନିଙ୍କ ଆଶ୍ରମରେ। କଣ୍ୱ ଥିଲେ ତାଙ୍କ ପାଳକ ପିତା। ସେ ଥିଲେ ସ୍ଥିତପ୍ରଜ୍ଞ। ଭଗବତ୍ ଗୀତାରେ ସ୍ଥିତପ୍ରଜ୍ଞର ଲକ୍ଷଣ ସମ୍ପର୍କରେ କୁହାଯାଇଛି, 'ଦୁଃଖେଷ୍ୱନୁଦ୍‌ବିଗ୍ନମନା ସୁଖେଷୁ ବିଗତସ୍ପୃହଃ/ ବୀତରାଗ ଭୟକ୍ରୋଧଃ ସ୍ଥିତଧୀର୍ମୁନିରୁଚ୍ୟତେ।' ଅର୍ଥାତ୍, ଦୁଃଖରେ ଯାହାର ମନ ଉଦ୍‌ବିଗ୍ନ ହୁଏନାହିଁ କି ସୁଖରେ ସ୍ପୃହା ରହେନାହିଁ; ଯାହାଙ୍କ ଅନୁରାଗ ଭୟ, କ୍ରୋଧ ନଷ୍ଟ ହୋଇଥାଏ, ସେ ସ୍ଥିତପ୍ରଜ୍ଞ। ବାଲ୍ମିକୀ ସ୍ଥିତପ୍ରଜ୍ଞ ହୋଇଥିବା ସତ୍ତ୍ୱେ ଯେତେବେଳେ ଶକୁନ୍ତଳା ଆଶ୍ରମ ଛାଡ଼ି ପତିଗୃହକୁ ଗମନ କରିଛନ୍ତି, କଣ୍ୱ ନିଜକୁ ସମ୍ଭାଳି ପାରି ନାହାନ୍ତି। ସେ କହିଛନ୍ତି- 'ଯାସ୍ୟତ୍ୟଦ୍ୟ ଶକୁନ୍ତଳେତି ହୃଦୟଂ ସଂସ୍ପୃଷ୍ଟମୁତ୍କଣ୍ଠୟା/ କଣ୍ଠଃ ସ୍ତମ୍ଭିତ ବାଷ୍ପବୃତ୍ତି କଲୁଷଶ୍ଚିନ୍ତାଜଡ଼ଂ ଦର୍ଶନମ୍/ ବୈକ୍ଲବ୍ୟଂ ମମ ତାବଦୀଦୃଶମହୋ ସ୍ନେହାଦରଣ୍ୟୌକସଃ/ ପୀଡ୍ୟନ୍ତେ ଗୃହିଣଃ କଥଂନୁ ତନୟା ବିଶ୍ଲେଷ ଦୁଃଖୈର୍ନବୈଃ।'

ଅର୍ଥାତ୍ ଆଜି ଶକୁନ୍ତଳା ପତିଗୃହ ଯିବ ବୋଲି ମୋର ହୃଦୟ ଉତ୍କଣ୍ଠିତ ହେଉଛି। ସ୍ତମ୍ଭିତ ବାଷ୍ପରେ ମୋର କଣ୍ଠସ୍ୱର ବିକୃତ ହୋଇଛି। ଇନ୍ଦ୍ରିୟଗଣ ଜଡ଼ ହୋଇ ଯାଇଛନ୍ତି। ମୁଁ ତ ବନବାସୀ, ମୋର ଯଦି ଏତେ ଅବସାଦ ଭାବ, ଗୃହୀମାନେ କନ୍ୟାକୁ ବିଦାୟ ଦେବା ବେଳେ କେତେ ଦୁଃଖ ଅନୁଭବ କରୁଥିବେ! ମାତ୍ର ଆଜି ଏହି ଭାବାବେଗ ଦେଖିବାକୁ ମିଳୁନାହିଁ। କିଛିଦିନ ତଳେ ଜଣେ ଟେଲିଭିଜନ ସିରିଏଲର ଅଭିନେତ୍ରୀଙ୍କ ବାହାଘର ସମୟରେ ପିତାମାତା ଯେଭଳି ଭାବରେ ନୃତ୍ୟ କରୁଥିଲେ, ତାହା ଦେଖି ଏ ଲେଖକ ବିସ୍ମିତ ହୋଇଥିଲା। ହୁଏତ କେହି କହିପାରେ, ଏହି ଆନନ୍ଦ ମଧ୍ୟ ଏକ ଭାବାବେଗ। ମାତ୍ର ଦୀର୍ଘ ଦିନର ସ୍ନେହାସିକ୍ତ ବନ୍ଧନ ମୁକ୍ତ ହୋଇ ଝିଅଟି ଯେତେବେଳେ ସବୁଦିନ ପାଇଁ ଘର ଛାଡ଼ି ଚାଲିଯାଏ, ସେତେବେଳେ ପିତାମାତାଙ୍କ ଆନନ୍ଦ, ନୃତ୍ୟ, କେତେଦୂର ଗ୍ରହଣୀୟ- ତାହା ଏକ ପ୍ରଶ୍ନବାଚୀ। ବିଦାୟ କାଳରେ କଣ୍ୱ ଶକୁନ୍ତଳାକୁ ଆଶୀର୍ବାଦ ଦେଇ କହିଲେ, 'ଶର୍ମିଷ୍ଠା ଯେପରି ଯଯାତିଙ୍କ ପ୍ରିୟ ହୋଇଥିଲେ, ତୁମେ ମଧ୍ୟ ତୁମ ପତିଙ୍କ ପ୍ରିୟ ହୁଅ। ସେ ଯେଭଳି ପୁରୁଙ୍କ ପରି ଯୋଗ୍ୟପୁତ୍ର ଲାଭ କରିଥିଲେ, ତୁମେ ମଧ୍ୟ ସୁପୁତ୍ର ଲାଭ କର।' ଶକୁନ୍ତଳା ବିଦାୟ ନେବା ବେଳେ ଏତେ କ୍ରନ୍ଦନ କରିଥିଲେ ଯେ ସେ ସ୍ଥିର ଭାବରେ ବାଟ ଚାଲିପାରୁ ନଥିଲେ। ତେଣୁ କଣ୍ୱ କହିଲେ, 'ବତ୍ସ! ରୋଦନ କରନାହିଁ। ସ୍ଥିର ହୁଅ। ବାଟ ଦେଖି ଚାଲ। ଅଶ୍ରୁର ପ୍ରସ୍ରବଣକୁ ରୋଧ କର। ଉଦ୍‌ଗତ ନେତ୍ର ଲୋମରେ ଲୋତକ ବିନ୍ଦୁ ଲାଗି ଦୃଷ୍ଟିରୋଧ ହେଉଛି। ଭୂମି ଭାଗ ଖାଲ ଢିପ ଅଛି। ତୁମେ ତାହା ଲକ୍ଷ୍ୟ କରିପାରୁ ନାହିଁ।' ତା' ପରେ ପତିଗୃହରେ ଗୁରୁଜନଙ୍କ ସେବା କରିବା ପାଇଁ, ପରିଜନମାନଙ୍କ ପ୍ରତି ଉଦାର ଭାବ ପୋଷଣ କରିବା ପାଇଁ, ଗର୍ବାନ୍ଧ ନହେବା ପାଇଁ- ଏଭଳି ଅନେକ ଉପଦେଶ ଦେଇ ସେ କ୍ରନ୍ଦନରତା ଶକୁନ୍ତଳାକୁ ବିଦାୟ ଦେଇଛନ୍ତି। ଆଜି ସେହି ଭାବପ୍ରବଣତା ସୃଷ୍ଟି କରୁଥିବା ଭଳି ଅଶ୍ରୁଳ ଦୃଶ୍ୟ ନାହିଁ। ପତିଗୃହଗାମିନୀ କନ୍ୟା ମନରେ ବିଚ୍ଛେଦର ଦୁଃଖ ବା ଅଶ୍ରୁ ନାହିଁ କି ପିତାମାତାଙ୍କ ପାଖରୁ ଉପଦେଶ ଗ୍ରହଣ କରିବାର ସ୍ପୃହା ନାହିଁ। ଜୀବନ ଯାନ୍ତ୍ରିକ ହୋଇ ଯାଇଛି।

ସଂପ୍ରତି ବିବାହ ପୂର୍ବରୁ ଅନୁଷ୍ଠିତ ହେଉଥିବା ରିଙ୍ଗ୍ ସେରିମନି ଓ ପ୍ରାକ୍-ବିବାହ ଫଟୋ ଉତ୍ତୋଳନ ଦେଖିବା ପରେ ମନେ ହେଉଛି, ବର କନ୍ୟାଙ୍କର ଆଉ ଲଜ୍ଜାବୋଧ ନାହିଁ। ଦିନ ଥିଲା, ପିତାମାତାଙ୍କ ସମ୍ମୁଖରେ ପୁଅ ଝିଅ ସିଧାସଳଖ ବିବାହ ସମ୍ପର୍କରେ ଆଲୋଚନା କଲା ବେଳେ ଲଜ୍ଜାବୋଧ କରୁଥିଲେ। ସେ ଦିନ ଆଉ ନାହିଁ। ରିଙ୍ଗ ସେରିମନି ଓ ପ୍ରାକ୍-ବିବାହ ଫଟୋ ଉତ୍ତୋଳନ ସମୟରେ ବର କନ୍ୟା ପିତାମାତାଙ୍କ ସମ୍ମୁଖରେ ଯେଭଳି ନିର୍ଲଜ ଆଲିଙ୍ଗନ ମୁଦ୍ରାରେ ଫଟୋ ଉତ୍ତୋଳନ କରୁଛନ୍ତି, ତାହା ଦେଖିବା ବେଳେ ଅଶ୍ୱସ୍ତି ବୋଧ ହେଉଛି। ନାରୀଣାଂ ଭୂଷଣଂ ଲଜ୍ଜା ଆଜି କେବଳ ଏକ ସ୍ମୃତି। ପିତାମାତା ଓ ଗୁରୁଜନଙ୍କ ସମ୍ମୁଖରେ ଅଶ୍ଳୀଳ ଭଙ୍ଗୀରେ ଫଟୋ ଉତ୍ତୋଳନ କଲା ବେଳେ ବର କନ୍ୟା ସାମାନ୍ୟତମ ସମ୍ଭ୍ରମତା ପ୍ରକାଶ କରୁ ନାହାନ୍ତି। ଭାରତୀୟ ସଂସ୍କୃତିରେ ଏହା କେବେ ନଥିଲା। ଆଜି ପାଶ୍ଚାତ୍ୟ ସଂସ୍କୃତିର ପ୍ରଭାବରେ ସବୁ କିଛି ପରିବର୍ତ୍ତନ ହୋଇ ଯାଇଛି। ଜୀବନଶୈଳୀରେ ମଧ୍ୟ ପରିବର୍ତ୍ତନ ଆସିଛି। ଅତୀତରେ ପୁଅ / ଝିଅ ପିତାମାତାଙ୍କ ପାଖରେ ରହି ଲାଳିତପାଳିତ ଓ ଶିକ୍ଷିତ ହେଉଥିଲେ। ସେମାନଙ୍କ ମଧ୍ୟରେ ଏକ ଭାବର ବନ୍ଧନ ଥିଲା। ମାତ୍ର ଆଜି ୫ ବର୍ଷ ବୟସରୁ ସେମାନେ ଆଧୁନିକ ଶିକ୍ଷା ଗ୍ରହଣ କରିବା ପାଇଁ ପିତାମାତାଙ୍କଠାରୁ ଦୂରେଇ ରହି ବଡ ବଡ଼ ସ୍କୁଲ ଓ କଲେଜରେ ଅଧ୍ୟୟନ କରୁଛନ୍ତି। ଫଳରେ ପାରିବାରିକ ବନ୍ଧନ କ୍ରମେ ଶିଥିଳ ହେଉଛି। ପୁତ୍ର କନ୍ୟାମାନେ ଆଉ ପିତାମାତାଙ୍କ ଉପରେ ନିର୍ଭରଶୀଳ ନୁହନ୍ତି। ଭାବ ଓ ଆବେଗର ସ୍ଥାନ ହେଉଛି ହୃଦୟ। ମାତ୍ର ସେମାନେ ହୃଦୟ ଅପେକ୍ଷା ମସ୍ତିଷ୍କର ଆହ୍ୱାନ ଶୁଣୁଛନ୍ତି। ହୃଦୟ ସଂକୁଚିତ ହୋଇ ମସ୍ତିଷ୍କ ବିକଶିତ ହେଉଛି। ଫଳରେ ଭାବ ଓ ଆବେଗର ଅପମୃତ୍ୟୁ ହେଉଛି। ତଥାକଥିତ ବିକଶିତ ମସ୍ତିଷ୍କ ପ୍ରୟୋଗରେ ପ୍ରଭୂତ ଅର୍ଥ ରୋଜଗାର କରି ଏକ ସ୍ୱାର୍ଥପର ସୁଖମୟ ଜୀବନ ବଞ୍ଚିବା ଆଜି ପୁତ୍ର କନ୍ୟାଙ୍କ ଲକ୍ଷ୍ୟ। ସେମାନେ ହୋଇଛନ୍ତି ଭାବାବେଗହୀନ ଚଳମାନ ଯନ୍ତ୍ର। ●

ଟିଟିଲାଗଡ଼
ମୋ: ୭୦୦୮୩୬୯୯୨୦

# ସ୍ନେହ, ସଂପ୍ରୀତି ଓ ସଂହତିର ପର୍ବ: ହୋଲି



ଅନନ୍ତ ଗୋପାଳ ପଣ୍ଡା

ସକଳ ଶକ୍ତିର ଆଧାର ପ୍ରଭୁ ଦିବାକରଙ୍କ ଚତୁଃପାର୍ଶ୍ୱରେ ପୃଥିବୀର ପରିକ୍ରମଣ ଯୋଗୁଁ ଭୂମଣ୍ଡଳରେ ଋତୁମାନଙ୍କର ହୁଏ ପରିବର୍ତ୍ତନ। ଏହି କ୍ରମରେ ଶୀତ ଋତୁର ରାଜୁତି ପରେ ଧରାପୃଷ୍ଠକୁ ଓହ୍ଲାଇ ଆସେ ଋତୁରାଜ ବସନ୍ତ। ବୃକ୍ଷଚ୍ୟୁତ ଶୁଷ୍କ ପତ୍ରମାନଙ୍କ ଦ୍ୱାରା ଏହି ଶୁଭ ସମାଚାର ହୁଏ ପ୍ରଚାରିତ। ଦକ୍ଷିଣ ଦିଗରୁ ମୃଦୁମନ୍ଦ ମଳୟ ହୁଏ ପ୍ରବାହିତ। ପତ୍ରଝଡ଼ା ବୃକ୍ଷରେ ସୃଷ୍ଟିହୁଏ ନବପଲ୍ଲବ। ଆମ୍ର ବୃକ୍ଷରେ ସୃଷ୍ଟ ନବ ବଉଳ ମହକରେ ଚର୍ତୁର୍ଦ୍ଦିଗ ହୁଏ ମହକିତ। ପାଦପମାନଙ୍କ ଶାଖାରେ କଳକଣ୍ଠ ଅବସ୍ଥାନ କରି ନିଜର ସୁମଧୁର କୁହୁତାନରେ ମାନସପଟରେ ଭରିଦିଏ ଉନ୍ମାଦନା। ରକ୍ତ ମାଂସର ତନୁ ହୁଏ ପୁଲକିତ। ଚିତ୍ତ ହୁଏ ବିମୋହିତ। ବିଭିନ୍ନ ସୁଗନ୍ଧିତ ପୁଷ୍ପ ଯଥା- ମଲ୍ଲୀ, ଅଶୋକ, କେତକୀ, ମାଳତୀ, ଚମ୍ପା ଓ ବଉଳ ଫୁଲର ସୁବାସରେ ଚତୁର୍ଦ୍ଦିଗ ହୁଏ ସୁରଭିତ। ନାନାବିଧ ଫଳମାନଙ୍କର ସମ୍ଭାରରେ ସୁଶୋଭିତ ବୃକ୍ଷରାଜି ପ୍ରକୃତିର ଶୋଭାକୁ କରେ ବର୍ଦ୍ଧନ। ମଧୁ ଗନ୍ଧଲୁବ୍ଧ ଭ୍ରମରମାନଙ୍କ ଗୁଣୁଗୁଣୁ ଶବ୍ଦ ସହିତ ପକ୍ଷୀମାନଙ୍କର କୂଜନ ଜନମନକୁ କରେ ବିମୋହିତ। ଋତୁରାଜ ବସନ୍ତର ଆଗମନରେ ପ୍ରକୃତିର ଏହି ମନୋରମ ପରିବେଶରେ ଧରାପୃଷ୍ଠରେ ପାଳିତ ହୁଏ ବସନ୍ତ ମହୋତ୍ସବ ହୋଲି।

ଏହି ବସନ୍ତ ମହୋତ୍ସବର କେନ୍ଦ୍ରବିନ୍ଦୁ ହେଉଛନ୍ତି ପରମ ପ୍ରେମମୟ ଶ୍ରୀକୃଷ୍ଣ ଓ ହ୍ଲାଦିନୀ ଶକ୍ତି ସ୍ୱରୂପା ଶ୍ରୀରାଧା। ପ୍ରକୃତି ରୂପିଣୀ ବିନୋଦିନୀ ଏବଂ ପୁରୁଷ ରୂପୀ ଶ୍ୟାମସୁନ୍ଦରଙ୍କ ମିଳନର ପର୍ବ ହେଉଛି ହୋଲି। ରାଧା-କୃଷ୍ଣଙ୍କ ତିନି ଗୋଟି ରାସ ଯଥା- ବସନ୍ତ ରାସ, ପ୍ରାବୃଟ ରାସ ଓ ଶରତ ରାସ ମଧ୍ୟରୁ ଏହି ରାସ ବସନ୍ତ ଋତୁରେ ଅନୁଷ୍ଠିତ ହେଉଥିବାରୁ ଏହାର ନାମ ବସନ୍ତ ରାସ। ଭକ୍ତକବି ଜୟଦେବଙ୍କ କୃତ ଗୀତଗୋବିନ୍ଦର କାନ୍ତ କୋମଳ ପଦାବଳୀ ମଧ୍ୟରେ ଏହି ରାସର ବିଷୟବସ୍ତୁ ହୋଇଛି ବର୍ଣ୍ଣିତ। ଗୀତଗୋବିନ୍ଦର ଉପଜୀବ୍ୟ ହେଉଛି ରାଧା-କୃଷ୍ଣଙ୍କ ଦିବ୍ୟ ମିଳନର କଥା ଓ ଗାଥା। ବ୍ରଜାଙ୍ଗନାମାନେ ବସନ୍ତ କାଳର ଏହି ମଙ୍ଗଳ ବେଳାରେ ବ୍ରଜ ଯୁବରାଜ ଓ କିର୍ତ୍ତୀଦା ନନ୍ଦିନୀଙ୍କୁ ଏକ ପୁଷ୍ପମଣ୍ଡିତ ଦୋଳାରେ ବସାଇ ଝୁଲାଇବା ସହିତ ସେମାନଙ୍କ ଶ୍ରୀଅଙ୍ଗକୁ ବିଭିନ୍ନ ରଙ୍ଗର ରଙ୍ଗରେ କରୁଥିଲେ ରଙ୍ଗାୟିତ। ଚାମର ବ୍ୟଜନ, ବାଦ୍ୟ ବାଦନ ସହିତ ରାଧା-କୃଷ୍ଣଙ୍କ ମିଳନ ଗୀତି ଗାନ କରି ଗୋପୀମାନେ ଉଦଣ୍ଡ ନୃତ୍ୟରେ ହେଉଥିଲେ ଲିପ୍ତ। ନିଷ୍କାମ ପ୍ରେମ, ଭକ୍ତି ଓ ପୂର୍ଣ୍ଣ ସମର୍ପଣର ପ୍ରତୀକ ହେଉଛି ଏହି ପର୍ବ ହୋଲି। ସେହି ଦିବ୍ୟାତିଦିବ୍ୟ ଲୀଳାକୁ ସ୍ମରଣପୂର୍ବକ ରାଧା-କୃଷ୍ଣଙ୍କ ଯୁଗଳ ପ୍ରତିମାକୁ ଦୋଳା ବା ବିମାନରେ ଉପବେଶନ କରାଇ ନଗର ପରିକ୍ରମା କରାଯାଉ ଥିବାରୁ ଏହି ପର୍ବ ଦୋଳ ପର୍ବ ନାମରେ ନାମିତ।

ଭାରତୀୟ ସଂସ୍କୃତି, ପରମ୍ପରା ଓ ଧର୍ମଧାରାରେ ପାଳିତ ପର୍ବପର୍ବାଣି ମଧ୍ୟରେ ଆନନ୍ଦ ଉତ୍ସାହ ତଥା ଅବିର ସମ୍ଭାରର ପର୍ବ ହେଉଛି ହୋଲି। ବସନ୍ତର ଆଗମନରେ ପ୍ରଥମେ ଜ୍ୟୋତିର୍ଲିଙ୍ଗ ଆବିର୍ଭାବର ଦିବସ ଭାବେ ପାଳିତ ହୁଏ ମହାଶିବରାତ୍ରୀ। ଠିକ୍ ତା'ର ପରେ ପରେ ଆରମ୍ଭ ହୁଏ ଦୋଳ ମହୋତ୍ସବ। ରାଧା-କୃଷ୍ଣଙ୍କ ସହିତ ଗୋପାଙ୍ଗନାମାନଙ୍କର ଫଗୁ ଖେଳର ସ୍ମାରକୀ ସ୍ୱରୂପ ପଞ୍ଚ ଦିବସବ୍ୟାପି ପାଳିତ ହୁଏ ଦୋଳ ମେଳଣ। ଭକ୍ତମାନଙ୍କ ଦ୍ୱାରା ବାହିତ ସୁସଜ୍ଜିତ ବିମାନରେ ବିଜେ କରନ୍ତି ରାଧା-କୃଷ୍ଣଙ୍କ ଯୁଗଳ ପ୍ରତିମା। ଘଣ୍ଟ ଘଣ୍ଟା, ଖୋଳ, କରତାଳି, ହରିବୋଲ ଓ ହୁଳହୁଳି ମଧ୍ୟରେ ଗ୍ରାମ ଓ ନଗର ହୁଏ ପ୍ରକମ୍ପିତ। ଭକ୍ତ ଓ ଶ୍ରଦ୍ଧାଳୁମାନେ ବିମାନର ଆଗମନରେ ଘରର ଦ୍ୱାରଦେଶକୁ ଲିପି ଚିତା ପକାଇ ଜାଳି ଦିଅନ୍ତି ଦୀପାଳି। ଧୂପ, ଦୀପ ଅର୍ପଣ ପରେ ସମର୍ପଣ କରନ୍ତି ଭୋଗଥାଳି। ଏଥି ସହିତ ଲାଗି କରନ୍ତି ଅବିର। ଏହିପରି ଭକ୍ତମାନଙ୍କ ଘରୁ ପୂଜାର୍ଘ୍ୟ ଗ୍ରହଣପୂର୍ବକ ବିମାନ ଅଗ୍ରସର ହୁଏ ମେଳଣ ପଡ଼ିଆକୁ। ଏହି ସମୟରେ ଦୋଳ ବିମାନ ସମ୍ମୁଖରେ ଶଙ୍ଖ, ଘଣ୍ଟ, ଘଣ୍ଟା, କାହାଳୀ ସହିତ ବାଦ୍ୟ ବାଦନ, ଆତସବାଜି ପ୍ରଦର୍ଶନ ଏବଂ ତତ୍ ସହିତ ସଖୀ, ବୃଷଭ ଓ ଘୋଡ଼ାମାନଙ୍କର ନୃତ୍ୟ ପରିବେଷଣ କରାଯାଏ। ଦୋଳ ଦଶମୀଠାରୁ ପୂର୍ଣ୍ଣିମା ପର୍ଯ୍ୟନ୍ତ ବିଭିନ୍ନ ସ୍ଥାନରେ ଅନୁଷ୍ଠିତ ହୁଏ ଦୋଳ ମେଳଣ। ଦଶମୀ ତିଥିଠାରୁ ପୂର୍ଣ୍ଣିମା ପର୍ଯ୍ୟନ୍ତ ପାଳିତ ଏହି ଦୋଳ ମେଳଣକୁ ରାଜଦୋଳ କୁହାଯାଏ। ପୂର୍ଣ୍ଣିମାଠାରୁ ଚୈତ୍ର କୃଷ୍ଣ ପଞ୍ଚମୀ ପର୍ଯ୍ୟନ୍ତ ପାଳିତ ହୁଏ ପଞ୍ଚୁଦୋଳ। ପୂର୍ଣ୍ଣିମାଠାରୁ ଦଶ ଦିନ ପର୍ଯ୍ୟନ୍ତ ପାଳିତ ଦୋଳ ଉତ୍ସବ ଦଶ ଦୋଳ ନାମରେ ହୁଏ ଅଭିହିତ। ଚାନ୍ଦ୍ରାୟଣ ମାସ ମାଘର ପରବର୍ତ୍ତୀ ଏବଂ ଚୈତ୍ରର ପୂର୍ବବର୍ତ୍ତୀ ମାସର ପୂର୍ଣ୍ଣିମା ତିଥିରେ ଚନ୍ଦ୍ର ପୂର୍ବ ଫାଲ୍‌ଗୁନ ନକ୍ଷତ୍ରରେ ଅବସ୍ଥାନ କରୁଥିବାରୁ ଏହି ମାସକୁ ଫାଲ୍‌ଗୁନ ମାସ ଏବଂ ପୂର୍ଣ୍ଣିମାକୁ ଫଲ୍‌ଗୁ ପୂର୍ଣ୍ଣିମା ବା ଫଗୁ ପୂର୍ଣ୍ଣିମା ନାମରେ କରାଯାଇଛି ନାମିତ।

ଏହି ଫଗୁ ପୂର୍ଣ୍ଣିମା ଦିନ ରାଧା-କୃଷ୍ଣଙ୍କର ଝୁଲଣ ଲୀଳା ଅନୁଷ୍ଠିତ ହେବା ସହିତ ପାଳିତ ହୁଏ ଚୈତନ୍ୟ ମହାପ୍ରଭୁଙ୍କର ଜନ୍ମୋତ୍ସବ। ଝୁଲଣ ବେଦୀରେ ଯୁଗଳ ପ୍ରତିମାଙ୍କୁ ଲାଗି ହୁଏ ଅବିର ଏବଂ ନୂତନ ପାଞ୍ଜିକୁ ପାଠ କରାଯାଏ। ପୂର୍ଣ୍ଣିମାର ପର ଦିନ ଆନନ୍ଦ ଉତ୍ସାହର ସହିତ ପାଳିତ ହୁଏ ହୋଲି।

ସ୍କନ୍ଦ ପୁରାଣ ଅନୁଯାୟୀ, ସତ୍ୟ ଯୁଗରେ ବେଦପତି ବ୍ରହ୍ମା ଇନ୍ଦ୍ରଦ୍ୟୁମ୍ନ ମହାରାଜଙ୍କୁ ଶ୍ରୀମନ୍ଦିରରେ ଏହି ଦୋଳ ଉତ୍ସବ ପାଳନ କରିବା ପାଇଁ ଦେଇଛନ୍ତି ଉପଦେଶ, ଯାହା ତ୍ରିଚତ୍ୱାରିଂଶ ଅଧ୍ୟାୟରେ ହୋଇଛି ବର୍ଣ୍ଣିତ। ଫାଲ୍‌ଗୁନ ମାସର ଅଧିପତି ହେଉଛନ୍ତି ଗୋବିନ୍ଦ। ସେଥିପାଇଁ କୁହାଯାଇଛି, 'ଦୋଳେ ଚ ଦୋଳଗୋବିନ୍ଦ ଚାପେଷୁ ମଧୁସୂଦନ, ରଥେତୁ ବାମନଂ ଦୃଷ୍ଟ୍ୱା ପୁନର୍ଜନ୍ମ ନ ବିଦ୍ୟତେ।' ଶ୍ରୀମନ୍ଦିରରେ ଦଶମୀ ତିଥିଠାରୁ ଏହି ଉତ୍ସବ ପାଳନର ହୁଏ ଅୟମାରମ୍ଭ। ଦୋଳ ଦଶମୀରେ ଶ୍ରୀଜିଉମାନେ ଚାଚେରୀ ବେଶରେ ହୁଅନ୍ତି ବିଭୂଷିତ। ପଞ୍ଚୋପଚାରରେ ଚାଚେରୀ ଭୋଗ ସରିବା ପରେ ପ୍ରଭୁ ଫଗୁ ଲାଗି ହୁଅନ୍ତି। ତତ୍ପରେ ଆଜ୍ଞାମାଳ ପ୍ରାପ୍ତ ହୋଇ ପ୍ରଭୁଙ୍କର ଚଳନ୍ତି ପ୍ରତିମା ଦୋଳଗୋବିନ୍ଦ ଶ୍ରୀଦେବୀ ଓ ଭୂଦେବୀଙ୍କ ସହିତ ଏକ ସୁସଜ୍ଜିତ ବିମାନରେ ବିଜେ ହୋଇ ଜଗନ୍ନାଥ ବଲ୍ଲଭ ମଠକୁ ଗମନ କରିଥାନ୍ତି। ସେଠାରେ ନୀତି ସମ୍ପାଦନ ହେବା ପରେ ଶ୍ରୀମନ୍ଦିରକୁ କରନ୍ତି ପ୍ରତ୍ୟାବର୍ତ୍ତନ। ଚତୁର୍ଦ୍ଦଶୀ ତିଥି ପର୍ଯ୍ୟନ୍ତ ପ୍ରତ୍ୟହ ଯାଇଥାନ୍ତି ଜଗନ୍ନାଥ ବଲ୍ଲଭକୁ ଏବଂ ପୂର୍ଣ୍ଣିମା ତିଥିରେ ବିଜେ ହୁଅନ୍ତି ଦୋଳମଣ୍ଡପ ସାହିସ୍ଥିତ ଦୋଳ ମଣ୍ଡପରେ। ସେଠାରେ ଅନୁଷ୍ଠିତ ହୁଏ ଝୁଲଣ ଲୀଳା। ବିଜେ ପ୍ରତିମାମାନଙ୍କୁ ପ୍ରତ୍ୟହ ଅବିର ବା ଫଗୁ ଲାଗି କରାଯାଏ। ଫାଲ୍‌ଗୁନ ପୂର୍ଣ୍ଣିମାରେ ରତ୍ନ ସିଂହାସନରେ ବିରାଜିତ ଚତୁର୍ଦ୍ଧା ମୂର୍ତ୍ତି ସୁନାବେଶରେ ଭକ୍ତମାନଙ୍କୁ ଦିଅନ୍ତି ଦର୍ଶନ। ଏହି ବେଶ ରାଜବେଶ ନାମରେ ନାମିତ। ଶ୍ରୀମନ୍ଦିରରେ ପୂର୍ଣ୍ଣିମା ପର ଦିନ ପାଳିତ ହୁଏ ହୋଲି।



ରଙ୍ଗର ପର୍ବ ହେଉଛି ହୋଲି। ଏହି ଦିବସରେ ଆବାଳବୃଦ୍ଧବନିତା ପରସ୍ପରକୁ ବିଭିନ୍ନ ରଙ୍ଗରେ ରଙ୍ଗାୟିତ କରି ବାଣ୍ଟି ଚାଲନ୍ତି ସ୍ନେହ, ଶ୍ରଦ୍ଧା ଓ ପ୍ରେମର ଫଲ୍‌ଗୁ। ସମସ୍ତଙ୍କ ହସ୍ତରେ ଶୋଭାୟମାନ ହୁଏ ରଙ୍ଗର ପିଚକାରୀ। ପିଚକାରୀ ରଙ୍ଗରେ ଶରୀର ହୁଏ ରଙ୍ଗାୟିତ। ମନରେ ଖେଳିଯାଏ ଆନନ୍ଦର ସ୍ରୋତସ୍ୱିନୀ। ଭାଇଚାରାର ମନ୍ଦାକିନୀ ହୁଏ ପ୍ରବହମାନ। ସେଥିରେ ନରନାରୀମାନେ କରନ୍ତି ଅବଗାହନ। ଅତୀତକୁ ଭୁଲିଯାଇ ହୋଇଯାନ୍ତି ବର୍ତ୍ତମାନସର୍ବସ୍ୱ। ସମସ୍ତ ତିକ୍ତତାକୁ ପଛରେ ପକାଇ ଶତ୍ରୁଭାବକୁ ପରିହାରପୂର୍ବକ ମିତ୍ରତା ପାଶରେ ହୋଇଯାନ୍ତି ଆବଦ୍ଧ। ସ୍ନେହ, ସଂପ୍ରୀତିର ବାର୍ତ୍ତା ବାଣ୍ଟିଚାଲେ ଏହି ପର୍ବ ହୋଲି। ମାନବିକତାର ହୁଏ ପରିପ୍ରକାଶ। ଚତୁର୍ଦ୍ଦିଗ ରଙ୍ଗୀନ୍ ହେବା ସହିତ ହୋଲି ସଙ୍ଗୀତ ଗାନରେ ପରିବେଶ ହୁଏ ମୁଖରିତ। ସମସ୍ତଙ୍କ ମୁଖମଣ୍ଡଳରେ ପ୍ରତିଭାତ ହୁଏ ସ୍ମିତହାସ୍ୟରେଖା। ତହିଁରୁ ଝରିଆସେ ଅମୃତର ବାରିଧାରା। ସେହି ଅମୀୟ ରସ ପାନରେ ମଜ୍ଜିଯାନ୍ତି ହୋଲି ପର୍ବରେ ସାମିଲ୍ ହୋଇଥିବା ଅଗଣିତ ନରନାରୀ। ସତେ ଯେପରି ହୋଲିର ଆଗମନରେ ସେମାନଙ୍କ ପ୍ରତୀକ୍ଷାର ହୁଏ ଅବସାନ! ଏହି ଦିବସରେ ମଧ୍ୟ ହୋଲିକା ଦହନ କରାଯାଏ। ଏହା ହେଉଛି ଅସତ୍ୟ ଉପରେ ସତ୍ୟର ବିଜୟର ସ୍ମାରକୀ। ହିରଣ୍ୟକଶିପୁର ଭଗିନୀ ହୋଲିକା ଅଗ୍ନି ସ୍ତମ୍ଭନ ବିଦ୍ୟାରେ ନିପୁଣା ଥିବାରୁ ପ୍ରହ୍ଲାଦକୁ ନିଧନ କରିବା ନିମନ୍ତେ କୋଳରେ ଧାରଣପୂର୍ବକ ଚତୁଃପାର୍ଶ୍ୱରେ ଅଗ୍ନି ପ୍ରଜ୍ୱଳିତ କରାଇ ନିଜେ ହୋଇଥିଲା ଦଗ୍ଧୀଭୂତ। ଅସତ୍ୟ ଓ ଅନ୍ୟାୟର ଯୁଗେ ଯୁଗେ ହୋଇଛି ପତନ। ସତ୍ୟର ବିଜୟ ବୈଜୟନ୍ତୀ ହୋଇଛି ନଭଶ୍ଚୁମ୍ବୀ। ଆସନ୍ତୁ, ସର୍ବେ ଏକ ମନ ଏକ ଚିତ୍ତ ହୋଇ ଗଣପର୍ବ ହୋଲି ଅବସରରେ ବିଶ୍ୱରୁ ଯୁଦ୍ଧ ବିଭୀଷିକା ଦୂରୀଭୂତ ହେବା ପାଇଁ କରିବା କାମନା ଏବଂ ସମସ୍ତେ ଶାନ୍ତି, ମୈତ୍ରୀ ଓ ପ୍ରୀତି ପାଶରେ ଆବଦ୍ଧ ହୋଇ ଜୀବନକୁ ମଧୁମୟ ତଥା ମଙ୍ଗଳମୟ କରିବା ପାଇଁ ବିଶ୍ୱ ନିୟନ୍ତାଙ୍କ ନିକଟରେ ଜଣାଇବା ପ୍ରାର୍ଥନା। ●

ଶ୍ରୀକ୍ଷେତ୍ରବିହାର, ଭୁବନେଶ୍ୱର
ମୋ: ୯୮୬୧୪୭୦୧୯୮

# ଯୁଦ୍ଧର ନିଆଁରେ ମଧ୍ୟପ୍ରାଚ୍ୟ

ଇରାନ୍‌ର 'ସର୍ବୋଚ୍ଚ ନେତା' ଆୟାତୋଲ୍ଲା ଖାମେନେଇ ମୃତ। ଆକାଶରୁ ବିଧ୍ୱଂସକାରୀ ଡ୍ରୋନ୍ ବର୍ଷାରେ ମଧ୍ୟପ୍ରାଚ୍ୟ ନିଆଁରେ ଜଳୁଥିବା ବେଳେ ମାଟି ଉପରେ ମୃତ୍ୟୁର ତାଣ୍ଡବ ରଚୁଛି। ଯୁକ୍ତରାଷ୍ଟ୍ର ଆମେରିକା ଏବଂ ଇସ୍ରାଏଲ ଦ୍ୱାରା ଇରାନ୍ ବିରୁଦ୍ଧରେ ଆରମ୍ଭ ହୋଇଥିବା ଯୁଦ୍ଧ, ଯିଏକି ଏହାର ଜବାବ ଦେବାକୁ ଯାଇ ଆବୁଧାବି ଏବଂ ୟୁଏଇରେ ଦୁବାଇ, କ୍ୱାତାରରେ ଦୋହା, କୁଏତ୍, ବାହାରେନ୍, ଓମାନ୍ ଏବଂ ଜୋର୍ଡାନ୍ ଉପରେ ଡ୍ରୋନ୍ ଏବଂ ମିସାଇଲ୍ ଆକ୍ରମଣ କରୁଛି, ସେଥିରୁ ଜଣା ପଡୁନାହିଁ ଯେ ଏହି ଯୁଦ୍ଧ କେଉଁ ଦିଗକୁ ମୁହାଁଉଛି ଏବଂ ଏହାର ଶେଷ କେଉଁଠି ହେବାକୁ ଯାଉଛି। ଆମେରିକାର ରାଷ୍ଟ୍ରପତି ଡୋନାଲ୍‌ଡ ଟ୍ରମ୍ପ, ଯାହାଙ୍କ ଯୁଦ୍ଧ ଘୋଷଣା- ବଡ଼ ଧରଣର କମ୍ବାଟ୍ କାର୍ଯ୍ୟାନୁଷ୍ଠାନ ମଧ୍ୟରେ- ଏବଂ ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁଙ୍କ କଅଁଳିଆ କଥା ମଧ୍ୟରେ ଲୁଚି ରହିଛି, ତାହା ହୁଏତ ଇରାନ୍‌ର ନେତୃତ୍ୱରେ ପରିବର୍ତ୍ତନ କାରଣରୁ କରାଯାଉଥିବା ମନେ ହେଉଛି। କ୍ଷମତାକୁ ଆସିବା ବେଳେ 'ପ୍ରଥମେ ଆମେରିକା' ଲକ୍ଷ୍ୟ ରଖି ଶାସନ ଆରମ୍ଭ କରିଥିବା ଆମେରିକାର ରାଷ୍ଟ୍ରପତି ପ୍ରତିଶ୍ରୁତି ପ୍ରଦାନ କରିଥିଲେ ଯେ ସେ କୌଣସି ଯୁଦ୍ଧ ଆରମ୍ଭ କରିବେ ନାହିଁ। ପରନ୍ତୁ, ଦାୟିତ୍ୱହୀନ ଭାବରେ ସେ ଏହି ଯୁଦ୍ଧକୁ ଆରମ୍ଭ କରି ଦେଇଛନ୍ତି, ଯାହା ବର୍ତ୍ତମାନ ବିସ୍ତାରିତ ହୋଇ ଏକ ଆଞ୍ଚଳିକ ଯୁଦ୍ଧର ରୂପ ନେଇ ସାରିଛି, ଯେଉଁଥିରେ ଅନେକ ଦେଶରେ ସାଧାରଣ ନାଗରିକମାନେ ବହୁ ସଂଖ୍ୟାରେ ମୃତ୍ୟୁବରଣ କରି ସାରିଲେଣି। ଶ୍ରୀଯୁକ୍ତ ଟ୍ରମ୍ପଙ୍କ ମନୋଭାବ ବାସ୍ତବରେ କ'ଣ ରହିଛି, ତାହା କିଛି ଜଣା ପଡୁ ନଥିବା ବେଳେ ଭବିଷ୍ୟତ ବିଷୟରେ ଚିନ୍ତା ନ କରି ସେ ବୋଧହୁଏ ଏହି ଯୁଦ୍ଧ ଆରମ୍ଭ କରିଛନ୍ତି, ଯାହାଦ୍ୱାରା ସେ ନିହାତି କମ୍‌ରେ ପୂର୍ବରୁ ସମ୍ପୃକ୍ତ ରହି ଆସିଥିବା ନିହାତି କମ୍‌ରେ ଛଅ ଗୋଟି ସାମରିକ କାର୍ଯ୍ୟାନୁଷ୍ଠାନ, ଯେଉଁଥିରେ ଗତ ଜୁନ୍ ମାସରେ ଇରାନ୍‌ର ୟୁରାନିୟମ୍ ସମୃଦ୍ଧିକରଣ ସୁବିଧା ରହିଥିବା ସ୍ଥାନଗୁଡ଼ିକ ଉପରେ ଆକ୍ରମଣ ଅନ୍ତର୍ଭୁକ୍ତ- ତାହା ବର୍ତ୍ତମାନ ଗଣବିଧ୍ୱଂସୀ ହେବାକୁ ଲାଗିଛି।

ଇସ୍ରାଏଲର ଇରାନ୍ ପ୍ରତି ଶତ୍ରୁତାର ସ୍ଥାୟୀ ଅଟଳ ଭୟ ବ୍ୟତୀତ ଏହି ଯୁଦ୍ଧ ଆରମ୍ଭ କରିବାର ଯୁକ୍ତିଯୁକ୍ତତା ଏ ପର୍ଯ୍ୟନ୍ତ ସୁଦ୍ଧା ଅସ୍ପଷ୍ଟ। ସର୍ବୋପରି, ଗତ ବର୍ଷ ଶ୍ରୀଯୁକ୍ତ ଟ୍ରମ୍ପ ଦମ୍ଭୋକ୍ତି କରିଥିଲେ ଯେ ଇରାନ୍‌ର ପରମାଣୁ ସମୃଦ୍ଧିକରଣ ସୁବିଧାକୁ ଧ୍ୱଂସ କରି ଦିଆଯାଇଛି ଏବଂ ଗୋଟିଏ ମାତ୍ର ଆଣବିକ ଯୁଦ୍ଧାସ୍ତ୍ର ତିଆରି କରିବାକୁ ସେମାନଙ୍କର ସାମର୍ଥ୍ୟକୁ ଏଭଳି ଆଘାତ ପହଞ୍ଚା ଯାଇଛି ଯେ ଆଗାମୀ ଅନେକ ବର୍ଷ ପର୍ଯ୍ୟନ୍ତ ସେମାନେ ତାହା କରି ପାରିବେ ନାହିଁ। ଶ୍ରୀଯୁକ୍ତ ଟ୍ରମ୍ପ ଏହି ସୁଯୋଗକୁ ଇରାନୀୟମାନେ ସେମାନଙ୍କ ନିଜ ହାତକୁ କ୍ଷମତା ନେବା ପାଇଁ ବ୍ୟବହାର କରିବାକୁ ଚାହୁଁଛନ୍ତି ଏବଂ ପ୍ରଶାସନକୁ ନିଜ ହାତରେ ରଖିବାର ଉଦ୍ଦେଶ୍ୟ ବହନ କରୁଛନ୍ତି, ଅର୍ଥାତ୍ ଗୋଟିଏ ବାକ୍ୟରେ କହିଲେ ଇରାନ୍‌ର ଶାସନକୁ ନିଜ ହାତମୁଠାରେ ରଖିବାର ଉଦ୍ଦେଶ୍ୟ ବହନ କରୁଛନ୍ତି। ତେବେ ତାହା ସମ୍ଭବ କି?- ଏଇ ପ୍ରଶ୍ନ ଏବେ ସମସ୍ତଙ୍କର ମୁହଁରେ। ଖାମେନେଇଙ୍କ ମୃତ୍ୟୁରେ ଯେତିକି ଲୋକ ଶୋକ ପ୍ରକାଶ କରିବେ, ପ୍ରାୟ ସେତିକି ଲୋକ ଏଇ ଖୁସି ଖବରରେ ଆନନ୍ଦ ଉତ୍ସବ ପାଳନ କରିବେ। ପାଖାପାଖି ଚାରି ଦଶନ୍ଧି ଧରି ସେ ଇରାନ୍‌ରେ ଏକ ଦମନମୂଳକ ଶାସନ ଚଳାଇ ଆସୁଥିଲେ। ନିଜ ଦେଶର ଲୋକମାନେ ତାଙ୍କ ଶାସନ ଉପରେ ଅସନ୍ତୋଷ ବ୍ୟକ୍ତ କଲେ, ସେ ସେମାନଙ୍କୁ ତାଙ୍କର ହତ୍ୟାକାରୀ ସୁରକ୍ଷାଦାତା ଇରାନ୍ ରିଭଲ୍ୟୁସନାରୀ ଗାର୍ଡ୍ ସେନାବାହିନୀକୁ ଆଦେଶ ଦେଇ ହତ୍ୟା କରାଉ ଥିଲେ: ସେମାନଙ୍କୁ ଗୁଳି କରି ନଚେତ୍ ମହିଳାମାନଙ୍କୁ ଫାଶୀ ଦେଇ, ଯେଉଁମାନଙ୍କ ଉପରେ ସର୍ବାଧିକ ଦମନମୂଳକ ଏବଂ ମଧ୍ୟଯୁଗୀୟ କାର୍ଯ୍ୟାନୁଷ୍ଠାନ ହେଉଥିଲା। ତେବେ ତାଙ୍କର ନିଧନ ଯେ ଶାସନରେ ରହିବାକୁ ଯାଉଥିବା ବ୍ୟକ୍ତିମାନଙ୍କ ମନୋଭାବ କ୍ଷେତ୍ରରେ କୌଣସି ପ୍ରକାରର ପରିବର୍ତ୍ତନ ଆଣିବାକୁ ଯାଉଛି, ତାହା ନିଶ୍ଚିତ ହୋଇ କହିହେବ ନାହିଁ, କାରଣ ଏହା ସମ୍ଭବତଃ ତାଙ୍କରି ଧରଣର ଧାର୍ମିକ ମୌଳବାଦୀ ଏବଂ ସେମାନଙ୍କର ଅର୍ଦ୍ଧ-ସାମରିକ ସାଥୀମାନଙ୍କ ନେତୃତ୍ୱରେ ଶାସିତ ହେବ, ଯେଉଁମାନେ କି ଲୋକମାନଙ୍କୁ ଦାସ ଭଳି କରି ସାରିଛନ୍ତି ଏବଂ ଦେଶର ଶାସନ ଭାରକୁ ଅପହରଣ କରି ନେଇଛନ୍ତି।

ଏକ ଅର୍ଥନୀତିକ ମାନ୍ଦାବସ୍ଥା ବିରୁଦ୍ଧରେ ପ୍ରତିବାଦର ଏକ ପାଶବିକ ଦମନ ଲୀଳା- ମୁଦ୍ରାସ୍ଫୀତି ବର୍ତ୍ତମାନ ୭୦ ପ୍ରତିଶତରେ ଚାଲୁ ରହିଛି- କେବଳ ଜାନୁଆରୀରେ ଆକଳନ ଅନୁସାରେ ୬ ହଜାର ଜୀବନ ନେଇ ସାରିଥିଲା। ତେବେ ବେସରକାରୀ ସୂତ୍ରରୁ ପ୍ରକାଶ ଯେ ଏହା ଆହୁରି ଢେର୍ ଅଧିକ ହେବ। ଏହା ସମ୍ଭବତଃ ଇରାନୀୟ ନେତୃତ୍ୱଙ୍କ ପାଇଁ ସୁରକ୍ଷାର ଏକ ମିଥ୍ୟା ଭାବନା ଆଣି ଦେଇଥିଲା। ଇସ୍ରାଏଲୀ ଏବଂ ଆମେରିକୀୟ ଗୁଇନ୍ଦା ବିଭାଗର ସୂଚନା ଉପରେ ଆଧାର କରି ଏକ ବଡ଼ ଧରଣର ସୁସଂଯୋଜିତ ଆକ୍ରମଣ ଅନେକ ସଂଖ୍ୟକ ବରିଷ୍ଠ ନେତାଙ୍କ ପ୍ରାଣହାନି ଘଟାଇଛି, ଯାହା ଏକ ଶୂନ୍ୟସ୍ଥାନ ସୃଷ୍ଟି କରିଛି ଯାହାକୁ ଧର୍ମଶାସ୍ତ୍ରୀ ତଥା ଭୟଭୀତ ରିଭଲ୍ୟୁସନାରୀ ରକ୍ଷୀମାନେ ପୂରଣ କରିବାର ଲକ୍ଷ୍ୟ ବହନ କରିବେ। ଯଦି ସେପରି ଘଟେ, ତା'ହେଲେ ଏଇ ଆକାଶ ମାର୍ଗରୁ ଆକ୍ରମଣ କ୍ୱଚିତ୍ ଆଉ ଏକ ସେହି କାମ କରିବାରେ ସକ୍ଷମ ହେବ, ଯାହା ଚିନ୍ତାଧାରାରେ ପରିବର୍ତ୍ତନ ଘଟାଇବା ପାଇଁ କିଛି କରି ପାରିବ, ଯାହା ଏକ ସମ୍ପୂର୍ଣ୍ଣ ମୁକ୍ତ ରାଷ୍ଟ୍ରରେ ଇରାନ୍‌କୁ ପରିଣତ କରିବ, ଯେଉଁଠି ଲୋକମାନେ ସେମାନଙ୍କର ପ୍ରଶାସନିକ ନେତାମାନଙ୍କୁ ନିର୍ବାଚିତ କରୁଥିବେ। ଉପରୋକ୍ତ ଦୁଇ ରାଷ୍ଟ୍ରଙ୍କ ଆକ୍ରମଣର ଜବାବ ଦେବାକୁ ଯାଇ ଇରାନ୍ ଆମେରିକା ଓ ଇସ୍ରାଏଲର ୨୭ଟି କ୍ଷେପଣାସ୍ତ୍ର ଘାଟିକୁ ଲକ୍ଷ୍ୟଭୁକ୍ତ କରିଥିଲା, କିନ୍ତୁ ତା' ସହିତ ମଧ୍ୟ ଦୁବାଇରେ ବିଶାଳକାୟ ହୋଟେଲ ଏବଂ କୋଠାଗୁଡ଼ିକ ଉପରେ ଆକ୍ରମଣ କରିଥିଲା, ଯେତେବେଳେ କି ଇରାକ୍ ଏବଂ ପାକିସ୍ତାନରେ ଲୋକମାନେ ହିଂସ୍ର ଭାବରେ ପ୍ରଦର୍ଶନ କରିବା ସହିତ ଭାରତରେ ମଧ୍ୟ ଖାମେନେଇଙ୍କ ମୃତ୍ୟୁ ଉପରେ ଶାନ୍ତିପୂର୍ଣ୍ଣ ପ୍ରତିବାଦ ପ୍ରଦର୍ଶନ କରାଯାଇଛି। ଏହି ଯୁଦ୍ଧ ପ୍ରତି ଆଉ ଏକ ଭୟଙ୍କର ଦିଗ ମଧ୍ୟ ଯୋଗ ହେବ, ଯାହା ହେଉଛି- ସେହିସବୁ ଦେଶମାନେ ଯେଉଁମାନେ କି ସେମାନଙ୍କ ମାଟିରେ ଆମେରିକୀୟ ସୈନିକମାନଙ୍କୁ ଆଶ୍ରୟ ଦେଇଥିଲେ, ସେମାନଙ୍କର ମଧ୍ୟ ସାର୍ବଭୌମତ୍ୱ ଉପରୋକ୍ତ ଢଙ୍ଗରେ ଭଙ୍ଗ ହେଉଛି। ପରବର୍ତ୍ତୀ ସମୟରେ ଯାହା ଘଟିବ, ତାହା ସମଗ୍ର ମଧ୍ୟପ୍ରାଚ୍ୟର ନୂତନ ରୂପରେଖ, ବୈଶ୍ୱିକ ଅର୍ଥନୀତି ଏବଂ କ୍ଷମତାର ସନ୍ତୁଳନକୁ ଆଗାମୀ ଏକ ପିଢ଼ିଠାରୁ ମଧ୍ୟ ଅଧିକ ସମୟ ପାଇଁ ପୁନରାକୃତି ପ୍ରଦାନ କରିବ। ●

# ଶ୍ରୀମନ୍ଦିରରେ ଦୋଳ ଉତ୍ସବ ଓ ଶ୍ରୀବିଗ୍ରହମାନଙ୍କ ଚାଚେରୀ ବେଶ



ସନ୍ତୋଷ କୁମାର ଦାଶ

ପ୍ରତି ବର୍ଷ ଫାଲ୍‌ଗୁନ ଶୁକ୍ଳ ଦଶମୀଠାରୁ ପୂର୍ଣ୍ଣିମା ପର୍ଯ୍ୟନ୍ତ ଦୋଳ ଉତ୍ସବ ନୀତି ଶ୍ରୀମନ୍ଦିରରେ ପାଳିତ ହୋଇଥାଏ। ଏହା ଦ୍ୱାଦଶ ଯାତ୍ରା ମଧ୍ୟରୁ ଅନ୍ୟତମ। ଫାଲ୍‌ଗୁନ ମାସରେ ଭଗବାନ ବିଷ୍ଣୁ ଶ୍ରୀଗୋବିନ୍ଦ ରୂପରେ ଆରାଧିତ ହୋଇଥାନ୍ତି। ଏହି ମାସରେ ବସନ୍ତ ରାସ ବା ବସନ୍ତ ଉତ୍ସବ ଅନୁଷ୍ଠିତ ହୋଇଥାଏ। ଓଡ଼ିଶାରେ ଏହା ଦୋଳୋତ୍ସବ ରୂପେ ପ୍ରସିଦ୍ଧ। ଏହି ଅବସରରେ ଶ୍ରୀବିଗ୍ରହମାନଙ୍କର ଚାଚେରୀ ବେଶ ଅନୁଷ୍ଠିତ ହେବା ସହିତ ଚାଚେରୀ ଭୋଗ ଲାଗି ହୋଇଥାଏ। 'ଚାଚେରୀ' ଶବ୍ଦ ସଂସ୍କୃତ 'ଚର୍ଚ୍ଚରୀ' ଶବ୍ଦର ଅପଭ୍ରଂଶ। ଚର୍ଚ୍ଚରୀ ହୋଲି ଉତ୍ସବ, ବସନ୍ତ କାଳରେ ଗାନ କରା ଯାଉଥିବା ଗୀତ, ବାଦ୍ୟ ଓ ଆମୋଦପ୍ରମୋଦ, ଆନନ୍ଦୋତ୍ସବ ଆଦିକୁ ବୁଝାଏ।

ଶ୍ରୀମନ୍ଦିରରେ ଫଗୁ ଦଶମୀଠାରୁ ଚତୁର୍ଦ୍ଦଶୀ ପର୍ଯ୍ୟନ୍ତ ପାଞ୍ଚ ଦିନ ଧରି ମଧ୍ୟାହ୍ନ ଧୂପ ନୀତି ସମାପନ ପରେ ଏହି ଚାଚେରୀ ବେଶ ଓ ଚାଚେରୀ ଭୋଗ ହୋଇଥାଏ। ଏଥିରେ ବୋଇରାଣି, ମାଧାବଳୀ ଆଦି ବସ୍ତ୍ର ସହିତ ଶ୍ରୀବଳଭଦ୍ର ଓ ଶ୍ରୀଜଗନ୍ନାଥଙ୍କୁ ସ୍ୱର୍ଣ୍ଣ କୁଣ୍ଡଳରେ ଏବଂ ଦେବୀ ସୁଭଦ୍ରାଙ୍କୁ ସ୍ୱର୍ଣ୍ଣ ତଡ଼ଗିରେ ବିଭୂଷିତ କରାଯାଇଥାଏ। ଗୁଣା, ଝୁମ୍ପା ଓ ଅଧରମାଳ ଇତ୍ୟାଦି ପୁଷ୍ପାଳଙ୍କାରରେ ଶ୍ରୀବିଗ୍ରହମାନେ ମଣ୍ଡିତ ହେବା ପରେ ଚାଚେରୀ ଭୋଗ ଲାଗି ହୁଏ। ଏହି ଭୋଗରେ ଆରିସା, ଧଉଳା, ଘି'ନାଡ଼ି, ଖଇରଚୂଳ, କ୍ଷୀରି ଇତ୍ୟାଦି ଅର୍ପିତ ହୋଇଥାଏ।

ଶାସ୍ତ୍ରରେ ଆହାର ତ୍ରିବିଧ ବୋଲି ବର୍ଣ୍ଣନା କରାଯାଇଛି। ଏହା ହେଉଛି ସାତ୍ତ୍ୱିକ, ରାଜସିକ ଓ ତାମସିକ। ତନ୍ମଧ୍ୟରେ ସାତ୍ତ୍ୱିକ ଆହାର ରସଯୁକ୍ତ, ଦୁଗ୍ଧ, ଘୃତାଦି ସ୍ନେହ ଗୁଣସମ୍ପନ୍ନ, ସାରଯୁକ୍ତ ଏବଂ ହୃଦୟ ପ୍ରୀତିକର। ଶ୍ରୀମନ୍ଦିରରେ ଦାରୁବ୍ରହ୍ମ ରୂପୀ ଶ୍ରୀବିଗ୍ରହମାନଙ୍କୁ ଏହି ସାତ୍ତ୍ୱିକ ଆହାର ଭୋଗ ନୈବେଦ୍ୟ ରୂପେ ଅର୍ପିତ ହୋଇଥାଏ। ଆୟୁର୍ବେଦ ଶାସ୍ତ୍ର ଅନୁସାରେ, ବସନ୍ତ ଋତୁରେ କଫର ପ୍ରାଦୁର୍ଭାବ ଅତ୍ୟଧିକ ହୋଇଥାଏ। ତେଣୁ ଦୋଳଗୋବିନ୍ଦଙ୍କୁ ଏହି ଚାଚେରୀ ଭୋଗ ଅବସରରେ ଦୋଳ ପୂର୍ଣ୍ଣିମା ଦିନ ଦୋଳବେଦୀଠାରେ ଚଣା ଓ ଗୁଡ଼ରେ ପ୍ରସ୍ତୁତ ଚଣାମୁଆଁ, ଉଖୁଡ଼ା ଓ ଶାକର ଇତ୍ୟାଦି ରୁକ୍ଷ ଜାତୀୟ ଭୋଗ ଅର୍ପିତ ହୁଏ। ଏହା କଫନାଶକ ବୋଲି ଆୟୁର୍ବେଦ ଚିକିତ୍ସା ଶାସ୍ତ୍ରରେ ଉଲ୍ଲେଖ ରହିଛି। ବାସ୍ତବରେ ଋତୁ ଅନୁଯାୟୀ ଶ୍ରୀମନ୍ଦିରରେ କେତେକ ବିଶେଷ ଭୋଗ ଦ୍ରବ୍ୟର ଖଞ୍ଜା ପ୍ରାଚୀନ ସମୟରୁ ପ୍ରଚଳିତ ହୋଇ ଆସିଛି। ଏଣୁ ବସନ୍ତ ଉତ୍ସବରେ ମହାପ୍ରଭୁଙ୍କ ଚାଚେରୀ ବେଶ ଯେପରି ଆନନ୍ଦବର୍ଦ୍ଧକ, ଚାଚେରୀ ଭୋଗ ମଧ୍ୟ ସେହିପରି ସ୍ୱାସ୍ଥ୍ୟ ପକ୍ଷେ ହିତକର। ଉକ୍ତ ଦିନମାନଙ୍କରେ ଠାକୁରମାନଙ୍କ ମଧ୍ୟାହ୍ନ ଧୂପ ସରିବା ପରେ ମେକାପ ସେବକମାନେ ଠାକୁରଙ୍କୁ ଚନ୍ଦନ ଲାଗି, ବସ୍ତ୍ର ଓ ମାଧାବଳୀ ଆଦି ନୂଆ ଲୁଗା ଲାଗି କରାଇ ୬ ମୂର୍ତ୍ତି ଅଳଙ୍କାର, ଯଥା ୪ ସୁବର୍ଣ୍ଣ କୁଣ୍ଡଳ ଓ ୨ ତଡ଼ଗୀ ଲାଗି କରିଥାନ୍ତି। ଶ୍ରୀଦେବୀ ଓ ଭୂଦେବୀଙ୍କୁ ଦକ୍ଷିଣୀ ଘରକୁ ବିଜେ କରାଯିବା ପରେ ଠାକୁରମାନଙ୍କ ଚାଚେରୀ ବେଶ ବଢ଼ିବା ପରେ ଚଳନ୍ତି ପ୍ରତିମା ଦୋଳଗୋବିନ୍ଦ, ଭୂଦେବୀ, ଶ୍ରୀଦେବୀଙ୍କ ଦେଉଳି ଭୋଗ ଅନୁଷ୍ଠିତ ହୋଇ ରତ୍ନ ସିଂହାସନକୁ ବିଜେ କରାଯାଏ। ପାଳିଆ ମୁଦିରସ୍ତ ସେବକ ପ୍ରସାଦ ଲାଗି କରନ୍ତି। ପରେ ପାଣି ପଡ଼ି ଘଣ୍ଟ ଛତା ସହ ତିନି ବାଡ଼ରେ ସର୍ବାଙ୍ଗ ନୀତି ବଢ଼େ। ଶ୍ରୀଜଗନ୍ନାଥଙ୍କ ବାଡ଼ରେ ବଳିଆ ସୁନ୍ଦର, ଚନ୍ଦନ, ଫଗୁ, ଝିମିରି ଫଗୁ, ପ୍ରସାଦ ଲାଗି ଓ ବନ୍ଦାପନା ନୀତି ଅନୁଷ୍ଠିତ ହୋଇଥାଏ। ପୁଣି କର୍ପୂର ଆଳତି କରାଯାଏ। ମୁଦିରସ୍ତ ଚାମର ଆଲଟ କରନ୍ତି। ତିନି ବାଡ଼ରେ ଫଗୁ ଆଞ୍ଜୁଳି ଦେଇ ସାରିବା ପରେ ଠାକୁରଙ୍କ ପୂଜାପଣ୍ଡା, ପତି ମହାପାତ୍ର ଓ ମୁଦିରସ୍ତ ସେବକ ସିଂହାସନକୁ ଉଠି ପ୍ରସାଦ ମଇଲମ କରନ୍ତି। ଦୋଳଗୋବିନ୍ଦ, ଭୂଦେବୀ, ଶ୍ରୀଦେବୀଙ୍କୁ ଆଜ୍ଞାମାଳ ଦିଆଯିବା ପରେ ପୁଷ୍ପାଳକ ସେବକମାନେ ଠାକୁରଙ୍କୁ ହାତରେ ନେଇ ଜୟବିଜୟ ଦ୍ୱାର ନିକଟରେ ବିଜେ କରାନ୍ତି। ସେଠାରେ ପ୍ରସାଦ ଲାଗି, କର୍ପୂର ଆଳତି, ଦୁର୍ବାକ୍ଷତ, ସାତ ବତୀ, ସଞ୍ଜ କାହାଳୀ ଓ ବନ୍ଦାପନା ଆଦି ନୀତି ଅନୁଷ୍ଠିତ ହୁଏ।



ଚାଚେରୀ ବେଶରେ ନାଲି ରଙ୍ଗର ପ୍ରାଧାନ୍ୟ ଦେଖିବାକୁ ମିଳିଥାଏ। ଚାଚେରୀ ବେଶରେ ଦିଅଁମାନେ ସ୍ୱତନ୍ତ୍ର ଶୈଳୀରେ (ଦିଅଁମାନେ ପିନ୍ଧିଥିବା ପାଟ ବସ୍ତ୍ରର ଶୀର୍ଷ ଭାଗ ଯନ୍ତ୍ରର ସହ ହରଡ଼ ମାଳିରେ ଖୁଞ୍ଚା ଯାଇଥାଏ) ପିନ୍ଧିଥିବା ଶାଢ଼ି, ମସ୍ତକର ଶ୍ରୀକପଡ଼ା, ହାତରେ ଧରିଥିବା ରୁମାଲସବୁ ନାଲି ରଙ୍ଗର ହୋଇଥାଏ। ଶ୍ରୀଜଗନ୍ନାଥ ଓ ଶ୍ରୀବଳଭଦ୍ରଙ୍କ ବିଗ୍ରହରେ ନଳୀଭୁଜ ଲାଗି କରାଯାଏ। ଜଗନ୍ନାଥଙ୍କ ନଳୀଭୁଜ ସମ୍ମୁଖରେ ଶଙ୍ଖ ଓ ଚକ୍ର, ଏବଂ ବଳଭଦ୍ରଙ୍କ ନଳୀଭୁଜରେ ହଳ ଓ ମୂଷଳ ଖୋଦିତ ହୋଇଥାଏ। ଏହି ବେଶରେ ପିନ୍ଧୁଥିବା ଅଳଙ୍କାରଗୁଡ଼ିକ ହେଲା- ମୁଖର ଉଭୟ ପାର୍ଶ୍ୱରେ କୁଣ୍ଡଳ, ମସ୍ତକ ଶୀର୍ଷରେ ଚନ୍ଦ୍ରିକା, ଅଣ୍ଟାରେ ଅଣ୍ଟାପଟି ଓ ଓଡ଼ିଆଣି ଏବଂ ଗଳାରେ ଗିନି ମାଳ, ଚାବୁକ ମାଳ, ପଦ୍ମ ମାଳି ଓ ହରଡ଼ ମାଳି। ଏହି ବେଶରେ ସୁଭଦ୍ରା ଚନ୍ଦ୍ର, ସୂର୍ଯ୍ୟ ଓ ତଡ଼କି ଦ୍ୱାରା ସୁଶୋଭିତା ହୁଅନ୍ତି। ବେଶ ସମୟରେ ଠାକୁରଙ୍କୁ ଆରିସା, ମରିଚି ନଡ୍ଡୁ, କ୍ଷୀରି, ଧଉଳା ଓ ଘି'ନାଡ଼ି ଆଦି ଭୋଗ ଲଗାଯାଏ। ପରେ ଫଗୁ ଖେଳ ନୀତି ଅନୁଷ୍ଠିତ ହୋଇଥାଏ। ଏସବୁ ଉପଚାର ପାଇଁ ଶ୍ରୀଦେବୀ (ଲକ୍ଷ୍ମୀ), ଭୂଦେବୀ (ଧରିତ୍ରୀ ) ଓ ଦୋଳଗୋବିନ୍ଦ ବେହରଣ ଦ୍ୱାର ପାଖରେ ନାଲି ପାଟ ପିନ୍ଧି ବେଶ ହୁଅନ୍ତି। ବେଶ ହୋଇଥିବା ମୂର୍ତ୍ତିଗୁଡ଼ିକୁ ରତ୍ନ ସିଂହାସନ ଉପରକୁ ଆଣିବା ପରେ ଚାଚେରୀ ଭୋଗ ରୂପେ ଖଇ ଓ କୋରା ଅର୍ପଣ କରା ଯାଇଥାଏ। ପରେ ସେହି ମୂର୍ତ୍ତିଗୁଡ଼ିକୁ ଜୟବିଜୟ ଦ୍ୱାର ନିକଟକୁ ନିଆଯାଇ ପଣ୍ଡା ଓ ପୁଷ୍ପାଳକ ସେବକମାନଙ୍କ ଦ୍ୱାରା ଫଗୁଖେଳ ନୀତି ସମାପନ ହୋଇଥାଏ। ବିଭିନ୍ନ ଉତ୍ସବ ସମୟରେ ଶ୍ରୀମନ୍ଦିରରେ ଶ୍ରୀବିଗ୍ରହମାନଙ୍କ ବେଶ ଯେପରି ରହସ୍ୟମୟ , ପୂଜା ନୀତି, ଭୋଗ ଲାଗି ମଧ୍ୟ ସେହିପରି ରହସ୍ୟମୟ। ଜୟ ଜଗନ୍ନାଥ ସ୍ୱାମୀ। ●

ତୁଳସୀପୁର, ପୁରୀ
ମୋ: ୯୪୩୯୩୬୧୮୮

# ଏନ୍‌ଏମ୍‌ଏମ୍‌ଏସ୍‌ରେ ବ୍ୟାପକ ଅନିୟମିତତା

**ଭବାନୀପାଟଣା,୨।୩/ଏନ୍‌ଏନ୍‌ଏସ୍:** ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ରୋଜଗାର ଗ୍ୟାରେଣ୍ଟି ଯୋଜନା (ଏମ୍‌ଜିଏନ୍‌ଆର୍‌ଇଜିଏ) ଅନ୍ତର୍ଗତ ଜାତୀୟ ମୋବାଇଲ୍ ମନିଟରିଂ ସିଷ୍ଟମ୍ (ଏନ୍‌ଏମ୍‌ଏମ୍‌ଏସ୍)ରେ ବ୍ୟାପକ ଅନିୟମିତତା ଘଟଣା ସାମ୍ନାକୁ ଆସିଛି। କଲମପୁର ବ୍ଲକ୍ କୋଟାଗାଁ ପଞ୍ଚାୟତ ଅନ୍ତର୍ଗତ ଖଣ୍ଡି ଡଙ୍ଗରୀଗୁଡ଼ା ପୂଜାଟିକ୍ରୀ ଡଙ୍ଗର ଷ୍ଟାଗର୍ ଟ୍ରେଞ୍ଚ କାର୍ଯ୍ୟରେ ମାତ୍ର ୧୦ ଜଣ ଶ୍ରମିକ ଉପସ୍ଥିତ ଥିବାବେଳେ ୬୪ ଜଣଙ୍କ ନାମରେ ବିଲ୍ କରାଯାଇଛି। ଏହି ଘଟଣା ଏନ୍‌ଏମ୍‌ଏମ୍‌ଏସ୍ ୱେବସାଇଟ୍‌ରେ ଦେଖାଯାଉଥିବାବେଳେ ବିଭାଗୀୟ ଅଧିକାରୀମାନେ କିପରି ଦେଖିନାହାନ୍ତି ବୋଲି ଅଭିଯୋଗ ହୋଇଛି। ସୂଚନାନୁଯାୟୀ ୨୦୨୫-୨୬ ଆର୍ଥିକ ବର୍ଷରେ ଉକ୍ତ ଡଙ୍ଗରରେ ୫ ଲକ୍ଷ ଟଙ୍କାର ଟିସିବି କାର୍ଯ୍ୟ ସମ୍ପାଦନ ହୋଇଥିବାବେଳେ ଶ୍ରମିକଙ୍କୁ ୪,୪୬,୬୨୮ ଟଙ୍କା ମଜୁରି ପ୍ରଦାନ କରାଯାଇଛି। ଉକ୍ତ ପୂଜାଟିକ୍ରି ଡଙ୍ଗରରେ ଆଉ ୧୦ ଲକ୍ଷ ଟଙ୍କାର ପ୍ରୋଜେକ୍ଟ ଅନୁମୋଦିତ କରି କେବଳ ଜଣେ କିମ୍ବା ଦୁଇ ଜଣଙ୍କୁ କାମରେ ଲଗାଇ ୧,୫୮,୦୫୧ ଟଙ୍କା ମଜୁରି ପ୍ରଦାନ କରାଯାଇଛି। ଏଥିରେ ବଲାଗା ଓ କୋଟାଗାଁ ଅଞ୍ଚଳର କିଛି ଶ୍ରମିକଙ୍କ ନାମରେ ମଜୁରି ଜମା ହୋଇଛି ଯେଉଁମାନେ କାର୍ଯ୍ୟସ୍ଥଳ ପର୍ଯ୍ୟନ୍ତ ଯାଇନଥିଲେ ମଧ୍ୟ ତାଙ୍କ ନାମରେ ବିଲ୍ ହୋଇଥିବା ଅଭିଯୋଗ ହେଉଛି।

ଏନ୍‌ଏମ୍‌ଏମ୍‌ଏସ୍ ଦୁର୍ନୀତି ରୋକିବା ପାଇଁ ଜିଲ୍ଲା ଓ ବ୍ଲକ୍‌ସ୍ତରରେ ସ୍ୱତନ୍ତ୍ର କମିଟି ଗଠନ ହୋଇଥିଲେ ମଧ୍ୟ କୋଟାଗାଁ ପଞ୍ଚାୟତରେ ଏପରି ଅନିୟମିତତା ଘଟୁଛି। ଗ୍ରାମ ଉନ୍ନୟନ ଅଧିକାରୀ, ଆସିଷ୍ଟାଣ୍ଟ ଇଞ୍ଜିନିଅର୍, କନିଷ୍ଠ ଯନ୍ତ୍ରୀ, ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଓ ଗ୍ରାମ ରୋଜଗାର ସେବକ(ଏଡିଇଓ)ଙ୍କ

**୧୦କୁ ଠିଆକରି ୬୪ଙ୍କ ନାମରେ ବିଲ୍**

**ଉଚ୍ଚସ୍ତରୀୟ ତଦନ୍ତ ଦାବି**

ତଦାରଖରେ ଏହି ପେମେଣ୍ଟ ହୋଇଥାଏ। ଶ୍ରମିକଙ୍କ ପାଇଁ ଆସିଥିବା ଲକ୍ଷାଧିକ ଟଙ୍କା କଲମପୁର ବ୍ଲକ୍ ପ୍ରଶାସନ ଓ କୋଟାଗାଁ ପଞ୍ଚାୟତ ପକ୍ଷରୁ ଗରିବ କଲ୍ୟାଣ ନାମରେ ବିଭିନ୍ନ ଲୋକଙ୍କ ଆକାଉଣ୍ଟକୁ ପଠାଇ ହରିଲୁଟ୍ କରାଯାଉଛି ବୋଲି ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି।

ଉକ୍ତ ଘଟଣା ସାମ୍ନାକୁ ଆସିବା ପରେ ଆମ ପ୍ରତିନିଧି କନିଷ୍ଠ ଯନ୍ତ୍ରୀ ପିତାମ୍ବର ହେମ୍ବ୍ରମ୍‌ଙ୍କୁ ପଚାରିବାରୁ ମୁଁ ବିଡିଓ ସାର୍‌ଙ୍କୁ ନେଇ ଫିଲ୍ଡ ଭିଜିଟ୍ କଲାପରେ ପେମେଣ୍ଟ କରାଯିବ ବୋଲି କହିଥିଲେ। ହେଲେ କେବେ ବିଡିଓଙ୍କୁ ନେଇ ଫିଲ୍ଡ ଭିଜିଟ୍ କରିବେ ତାହା ଜଣାପଡ଼ିନଥିବା ବେଳେ ପୁଣିଥରେ ୬୪ ଜଣଙ୍କ ନାମରେ ମଜୁରି ପ୍ରଦାନ କରାଯାଇଥିବା ସୂଚନାରୁ ଜଣାପଡ଼ିଛି। ସେଥିରେ ମଧ୍ୟ ୧୦ ଜଣଙ୍କୁ ଠିଆକରି ୬୪ ଜଣଙ୍କ ନାମରେ ମଜୁରି ପ୍ରଦାନ ହୋଇଛି ଅପଲୋଡ୍ ସୂଚନା ଜଣାପଡୁଛି। ତେବେ ଏନେଇ ବିଡିଓଙ୍କୁ ଯୋଗାଯୋଗ ପାଇଁ ଚେଷ୍ଟା କରିଥିଲେ ମଧ୍ୟ ତାଙ୍କ ଫୋନ୍ ଲାଗିନଥିବାରୁ ଆସିଷ୍ଟାଣ୍ଟ ଇଞ୍ଜିନିଅର୍ ପ୍ରକାଶ ସେଠୀଙ୍କୁ ପଚାରିବାରୁ ମୁଁ ଜାଣିନାହିଁ ସେ ମତେ କହିନାହାନ୍ତି ଓ ମୁଁ ପଚାରିକି କହିବି ବୋଲି କହିଥିଲେ। ତେବେ ବିନା ଆସିଷ୍ଟାଣ୍ଟ ଇଞ୍ଜିନିଅର୍‌ଙ୍କ ତଦାରଖରେ ପେମେଣ୍ଟ କିପରି ହେଲା ବୋଲି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ତେବେ ଏନେଇ କଲମପୁର ବିଡିଓ ବିଜୟ ମାଡ଼ାଙ୍ଗୀଙ୍କୁ ପଚାରିବାରୁ ମୁଁ ଏବିଡିଓଙ୍କୁ ପଠେଇ ତଦନ୍ତ କରୁଛି ବୋଲି ପ୍ରକାଶ କରିଥିଲେ। ହେଲେ ଏହି ଘଟଣାକୁ ନେଇ ସ୍ଥାନୀୟ ଶ୍ରମିକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିବାବେଳେ ଏହାର ଉଚ୍ଚସ୍ତରୀୟ ତଦନ୍ତ ପାଇଁ ସାଧାରଣରେ ଦାବି ହୋଇଛି।

## ଭୂମିହୀନଙ୍କୁ ପଟ୍ଟା ବାଣ୍ଟିଲେ ଉପମୁଖ୍ୟମନ୍ତ୍ରୀ



**ପାଟଣାଗଡ଼,୨।୩/ଏନ୍‌ଏନ୍‌ଏସ୍:** ବଲାଙ୍ଗୀର ଜିଲ୍ଲା ପାଟଣାଗଡ଼ ତହସିଲ୍ ଅନ୍ତର୍ଗତ ଭୂମିହୀନଙ୍କୁ ବସୁନ୍ଧରା ଯୋଜନାର ଦ୍ୱିତୀୟ ପର୍ଯ୍ୟାୟରେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ ପଟ୍ଟା ବାଣ୍ଟିଛନ୍ତି । ପାଟଣାଗଡ଼ ତହସିଲ୍ ଅଞ୍ଚଳରେ ମୋଟ୍ ୨୭୩ ଜଣ ଭୂମିହୀନ ହିତାଧିକାରୀ ଚିହ୍ନଟ କରାଯାଇଥିବାବେଳେ ପ୍ରଥମ ପର୍ଯ୍ୟାୟରେ ୭୦ ଜଣଙ୍କୁ ପଟ୍ଟା ବଣ୍ଟାଯାଇଛି। ଦ୍ୱିତୀୟ ପର୍ଯ୍ୟାୟରେ ୧୨୯ ଜଣ ହିତାଧିକାରୀଙ୍କୁ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ପଟ୍ଟା ବାଣ୍ଟିଛନ୍ତି। ଅବଶିଷ୍ଟ ହିତାଧିକାରୀଙ୍କୁ ତୃତୀୟ ପର୍ଯ୍ୟାୟରେ ପଟ୍ଟା ଦିଆଯିବ। ଏହାଦ୍ୱାରା ଭୂମିହୀନ ହିତାଧିକାରୀମାନେ ବିଭିନ୍ନ ସରକାରୀ ଯୋଜନାରେ ସାମିଲ୍ ହୋଇପାରିବେ ବୋଲି କହିବା ସହ ସମସ୍ତ ହିତାଧିକାରୀଙ୍କୁ ସବୁ ସରକାରୀ ଯୋଜନା ଯୋଗାଇବା ପାଇଁ ତହସିଲଦାର୍ ରୁଦ୍ର ମୋହନ ନାୟକଙ୍କୁ ଉପମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ପାଟଣାଗଡ଼ ଉପଜିଲ୍ଲାପାଳ ସୁନିଲ କୁମାର ମେହେର, ବିଡିଓ ସୁମନ କୁମାର ମିଞ୍ଜ ଓ ଉପଖଣ୍ଡ ଆରକ୍ଷୀ ଅଧୀକ୍ଷକ ସଦାନନ୍ଦ ପୂଜାରୀଙ୍କ ସମେତ ଉପଖଣ୍ଡର ସମସ୍ତ ଅଧିକାରୀ ଯୋଗ ଦେଇଥିଲେ।

## ଯୁଗ୍ମ ଜନଶୁଣାଣି ଶିବିର



**ନବରଙ୍ଗପୁର,୨।୩/ଏନ୍‌ଏନ୍‌ଏସ୍:** ନବରଙ୍ଗପୁର ପୌରପରିଷଦ ସମ୍ମିଳନୀ ଗୃହରେ ଏକ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲ୍ଲାପାଳ ଡ଼ ମହେଶ୍ୱର ସ୍ୱାଇଁ ଏବଂ ଆରକ୍ଷୀ ଅଧୀକ୍ଷକ ମଡକର ସନ୍ଦୀପ ସମ୍ପଦ ଅଧ୍ୟକ୍ଷତା କରିଥିଲେ। ଏହି ଶିବିରରେ ମୁଖ୍ୟ ଉନ୍ନୟନ ଅଧିକାରୀ ଜିଲ୍ଲାପରିଷଦ ବିରଞ୍ଚି ନାରାୟଣ ଦରୱାନ ଓ ଉପଜିଲ୍ଲାପାଳ ପ୍ରକାଶ କୁମାର ମିଶ୍ରଙ୍କ ସମେତ ସମସ୍ତ ଜିଲ୍ଲାସ୍ତରୀୟ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ। ଏହି ଶିବିରରେ ମୋଟ୍ ୫୫ ଜଣ ଆବେଦନକାରୀ ନିଜର ଅଭିଯୋଗ ପତ୍ର ଦାଖଲ କରିଥିଲେ। ସେଥିମଧ୍ୟରୁ ୪୬ଟି ବ୍ୟକ୍ତିଗତ ଓ ୯ଟି ଗ୍ରାମ୍ୟ ତଥା ସାମୁହିକ ସମସ୍ୟା ସମ୍ମିଳିତ ଥିଲା। ୪ଟି ଅଭିଯୋଗର ତୁରନ୍ତ ସମାଧାନ କରାଯାଇଥିଲା।

## ଏପ୍ରିଲ୍ ୧୪ ସୁଦ୍ଧା ନୂଆରୂପରେ ବାବା ସାହେବଙ୍କ ପ୍ରତିମୂର୍ତ୍ତି



**ରାୟଗଡ଼ା,୨।୩/ଏନ୍‌ଏନ୍‌ଏସ୍:** କଥା ଦେଇ କଥା ରଖିଲେ ବ୍ଲକ୍ ଉପାଧ୍ୟକ୍ଷ। ରାୟଗଡ଼ା ଜିଲ୍ଲା ବିଷମକଟକ ନୂତନ ବସ୍‌ଷ୍ଟାଣ୍ଡରେ ଥିବା ବାବା ସାହେବ ଡକ୍ଟର ଭୀମରାଓ ଆମ୍ବେଦକରଙ୍କ ପ୍ରତିମୂର୍ତ୍ତିର ରକ୍ଷଣାବେକ୍ଷଣ ଓ ସୌନ୍ଦର୍ଯ୍ୟକରଣ ପାଇଁ ନିଜ ପାଣ୍ଠିରୁ ବିଷମକଟକ ବ୍ଲକ୍ ଅଧ୍ୟକ୍ଷା ଯଶୋଦା ହୁଇକା ଏବଂ ଉପାଧ୍ୟକ୍ଷ ଦେବୀ ପ୍ରସାଦ ପଟ୍ଟନାୟକ ଅନୁଦାନ ପ୍ରଦାନ କରିଛନ୍ତି। ଉଭୟ ନିଜ ପାଣ୍ଠିରୁ ଅନୁଦାନ ଦେଇଥିବାରୁ ରାୟଗଡ଼ା ବହୁଜନ ସମାଜ ପାର୍ଟି ପ୍ରଭାରୀ ରାମଦାସ ଟାକ୍ରୀ ସୂଚନା ଦେଇଛନ୍ତି। ମୂର୍ତ୍ତି ସ୍ଥାପନା ଦିନଠାରୁ ଏହାର ଉନ୍ନତିକାରଣ ନିମନ୍ତେ ବିଭିନ୍ନ ରାଜନୈତିକ ଦଳର ଦୃଷ୍ଟି ଆକର୍ଷଣ କରାଯାଇଥିଲା। ଅନେକ ନେତା ପ୍ରତନିଧି ଏଥିପାଇଁ ପ୍ରତିଶ୍ରୁତି ମଧ୍ୟ ଦେଇଥିଲେ। ହେଲେ ନିବେଦନ କରିବା ମାତ୍ରେ ସହଯୋଗର ହାତ ବଢ଼ାଇଥିବା ହେତୁ ଅଧ୍ୟକ୍ଷା ଓ ଉପାଧ୍ୟକ୍ଷଙ୍କ ପ୍ରତି ଜିଲ୍ଲା ବସପା ପ୍ରଭାରୀ ଆଭାର ବ୍ୟକ୍ତ କରିଛନ୍ତି।

ପ୍ରକାଶଥାଉକି ବିଷମକଟକ ଡମ ସମାଜର ଏକ ପ୍ରତିନିଧି ଦଳ ନୂତନ ବର୍ଷର ଶୁଭେଚ୍ଛା ଜଣେଇବା ଅବସରରେ ବ୍ଲକ୍ ଉପାଧ୍ୟକ୍ଷ ଦେବୀ ପ୍ରସାଦ ପଟ୍ଟନାୟକଙ୍କୁ ଏକ ସୌଜନ୍ୟମୂଳକ ସାକ୍ଷାତ କରି ଅଞ୍ଚଳର ସମସ୍ୟା ବିଷୟରେ ଆଲୋଚନା କରିଥିଲେ। ଏହି ଅବସରରେ ପ୍ରତିନିଧି ମଣ୍ଡଳ ବାବା ସାହେବଙ୍କ ପ୍ରତିମୂର୍ତ୍ତିସ୍ଥିତ ସ୍ଥାନର ଉନ୍ନତି ସକାଶେ ଉପାଧ୍ୟକ୍ଷଙ୍କ ସହଯୋଗ ପାଇଁ ମଧ୍ୟ ଦୃଷ୍ଟି ଆକର୍ଷଣ କରିଥିଲେ। ତେବେ ସୋମବାର ଉପାଧ୍ୟକ୍ଷଙ୍କ ସମେତ ବିଭାଗୀୟ ଯନ୍ତ୍ରୀ ଉକ୍ତ ସ୍ଥାନ ପରିଦର୍ଶନ କରି ରକ୍ଷଣାବେକ୍ଷଣ ଓ ସୌନ୍ଦର୍ଯ୍ୟକରଣ ନିମନ୍ତେ ବହୁଜନ ସମାଜ ସହ ଆଲୋଚନା କରିଥିବା ଜଣାପଡ଼ିଛି। ପ୍ରଥମ ପର୍ଯ୍ୟାୟରେ ୩ ଲକ୍ଷ ଟଙ୍କାରେ ଉନ୍ନତିକରଣ କାମ ଆରମ୍ଭ କରାଯିବା ନେଇ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଥିବାବେଳେ ଆଗାମୀ ଦିନରେ ଦ୍ୱିତୀୟ ପର୍ଯ୍ୟାୟରେ ମଧ୍ୟ ସମସ୍ତ ପ୍ରକାର ସହଯୋଗ ଉପଲବ୍ଧ କରାଯିବ ବୋଲି ବିଷମକଟକ ବ୍ଲକ୍ ଉପାଧ୍ୟକ୍ଷ ସୂଚନା ଦେଇଛନ୍ତି। ଏପ୍ରିଲ୍ ୧୪ରେ ବାବା ସାହେବ ଆମ୍ବେଦକରଙ୍କ ଜନ୍ମ ଜୟନ୍ତୀ ଥିବାରୁ ଏହି କାର୍ଯ୍ୟକୁ ଶୀଘ୍ର ସାରିବା ପାଇଁ ଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦିଆଯାଇଥିବା ଜଣାପଡ଼ିଛି।

## ଦାଶକାଠିଆ ମାଧ୍ୟମରେ ଜଙ୍ଗଲ ନିଆଁ ରୋକିବାକୁ ସଚେତନତା



**ବୌଦ୍ଧ,୨।୩/ଏନ୍‌ଏନ୍‌ଏସ୍:** ବୌଦ୍ଧ ଜିଲ୍ଲା ପୁରୁଣାକଟକ ସେକ୍ସନ୍ ଅନ୍ତର୍ଗତ ପଲସାକୁଟୁଣୀ, କାନପୁର, କମଲପୁର, ମଣିପୁର ଓ ଲଇଗାଁ ଗ୍ରାମରେ ଦାଶକାଠିଆ ମାଧ୍ୟମରେ ଜଙ୍ଗଲ ନିଆଁ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଗ୍ରାମବାସୀଙ୍କ ମଧ୍ୟରେ ଜଙ୍ଗଲ ନିଆଁର କୁପ୍ରଭାବ ଓ ତା'ର ପ୍ରତିରୋଧ ଉପାୟ ସମ୍ବନ୍ଧରେ ସଚେତନତା ସୃଷ୍ଟି କରିବା ଏହି କାର୍ଯ୍ୟକ୍ରମର ମୂଳ ଉଦ୍ଦେଶ୍ୟ ଥିଲା। ଏହି କାର୍ଯ୍ୟକ୍ରମରେ ଦାଶକାଠିଆ ଶିଳ୍ପୀମାନେ ସଙ୍ଗୀତ ଓ ନାଟ୍ୟ ମାଧ୍ୟମରେ ଜଙ୍ଗଲ ନିଆଁର କାରଣ, ତା'ର ଭୟାବହ ପରିଣାମ ଓ ସାଧାରଣ ଲୋକଙ୍କ ଭୂମିକା ବିଷୟରେ ସ୍ପଷ୍ଟ ବାର୍ତ୍ତା ପ୍ରସ୍ତୁତ କରିଥିଲେ। ଅବୈଧ ଭାବେ ଜଙ୍ଗଲରେ ନିଆଁ ଲଗାଇବା, ଶୁଖିଲା ପତ୍ର ପୋଡ଼ିବା ଓ ମହୁଲ ଫୁଲ ସଂଗ୍ରହ ପାଇଁ ନିଆଁ ଲଗାଇବା ଦ୍ୱାରା ବନ ସମ୍ପଦ, ପ୍ରାଣୀଜଗତ ଓ ପରିବେଶ ପାଇଁ ଭୟଙ୍କର ପରିସ୍ଥିତି ସୃଷ୍ଟି ହୁଏ ସେଥିପାଇଁ ସଚେତନ ରହିବାକୁ ଆହ୍ୱାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଫରେଷ୍ଟର୍ ସୁଶାନ୍ତ କୁମାର ସାହୁ ଯୋଗଦେଇ ଜଙ୍ଗଲ ରକ୍ଷାରେ ସ୍ଥାନୀୟ ଲୋକଙ୍କ ସହଯୋଗ ଅତ୍ୟାବଶ୍ୟକ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମାନସ ରଞ୍ଜନ ସାହୁ, ପିଙ୍କି ପାତ୍ର, ଶୁଭ୍ରଜିତ ଦାଶ ମଧ୍ୟ ଉପସ୍ଥିତ ରହି ଗ୍ରାମବାସୀଙ୍କୁ ଜଙ୍ଗଲ ନିଆଁ ଦେଖିଲେ ତୁରନ୍ତ ବନ ବିଭାଗକୁ ସୂଚନା ଦେବାକୁ ପରାମର୍ଶ ଦେଇଥିଲେ। ଗ୍ରାମବାସୀମାନେ କାର୍ଯ୍ୟକ୍ରମକୁ ସ୍ୱାଗତ କରି ଜଙ୍ଗଲ ସୁରକ୍ଷାରେ ସକ୍ରିୟ ଭାଗୀଦାର ହେବାକୁ ସଙ୍କଳ୍ପ ନେଇଥିଲେ। ଏପରି ସଚେତନତା ଅଭିଯାନ ଆଗାମୀ ଦିନରେ ଜଙ୍ଗଲ ନିଆଁ ରୋକିବାରେ ଦୃଢ଼ ପଦକ୍ଷେପ ହେବ ବୋଲି ଆଶା କରାଯାଉଛି।

## ଇମ୍ପାରିୟାଲ୍ କ୍ଲାସିକ୍ ରାଜ୍ୟ ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗିତା ଉଦ୍‌ଯାପିତ

**ପୁରୁଷ ବର୍ଗରେ ଶଙ୍କର ମେହେର ଓ ମହିଳା ବର୍ଗରେ ଉର୍ମିଳା ବେହେରା ଚାମ୍ପିଅନ୍**



**ବଲାଙ୍ଗୀର,୨।୩/ଏନ୍‌ଏନ୍‌ଏସ୍:** କଳିଙ୍ଗ ବଡି ବିଲଡିଂ ଏସୋସିଏସନ୍ ବଲାଙ୍ଗୀର ଜିଲ୍ଲା ଶାଖା ପକ୍ଷରୁ ଆୟୋଜିତ ହୋଇଥିବା ଇମ୍ପାରିୟାଲ୍ କ୍ଲାସିକ୍ ରାଜ୍ୟ ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଛି। ଏହି ଚାମ୍ପିଅନ୍‌ସିପ୍‌ରେ ରାଜ୍ୟର ୧୯ଟି ଜିଲ୍ଲାର ୧୨୫ ଜଣ ଖେଳାଳି ୭ଟି ଓଜନ ବିଭାଗ, ପୁରୁଷ ଫିଜିକ୍‌ରେ ଦୁଇଟି ବିଭାଗ ଓ ମାଷ୍ଟର କେଟାଗୋରିରେ ଗୋଟିଏ ବିଭାଗ ସହ ମହିଳା ବିଭାଗରେ ମଧ୍ୟ ପ୍ରତିଯୋଗିତା ହୋଇଥିଲା। ଜାତୀୟସ୍ତର ବିଚାରକ ସନ୍ତୋଷ ମହାନ୍ତି, ବାଳକୃଷ୍ଣ ବାଗ, ଏମ୍ କେ ସ୍ୱାଇଁ ଓ ଅମିତାବ ପରିଡ଼ାଙ୍କ ଦ୍ୱାରା ଗଠିତ ହୋଇଥିବା ବିଚାରକ ମଣ୍ଡଳୀ ପ୍ରତିଯୋଗୀଙ୍କ ପ୍ରଦର୍ଶନକୁ ଆକଳନ କରିଥିଲେ। ଏହି ପ୍ରତିଯୋଗିତାରେ ପୁରୁଷ ଚାମ୍ପିଅନ୍ ଅଫ୍ ଚାମ୍ପିଅନ୍ ଟ୍ରଫି ସମ୍ବଲପୁରର ଶଙ୍କର ମେହେର ହାସଲ୍ କରିଥିବାବେଳେ ମହିଳା ବିଭାଗରେ ସମ୍ବଲପୁରର ଉର୍ମିଳା ବେହେରା ଚାମ୍ପିଅନ୍ ଅଫ୍ ଚାମ୍ପିଅନ୍ ଅଖ୍ୟା ହାସଲ କରିଥିଲେ। ପୁରସ୍କାର ବିତରଣୀ ଉତ୍ସବରେ ବଲାଙ୍ଗୀରର ବରିଷ୍ଠ ଆଇନଜ୍ଞ ଅମରେନ୍ଦ୍ର ମିଶ୍ର, ଶିକ୍ଷାବିତ୍ ସଙ୍କୀର୍ତ୍ତନ ବାଗ, ଅର୍ଜୁନ ଦିପ, କୃଷ୍ଣ ଚନ୍ଦ୍ର ପାତ୍ର, ଗୋପାଳ କୃଷ୍ଣ ବାଗ, କେବିବିଏର ରାଜ୍ୟ ସମ୍ପାଦକ ସନ୍ତୋଷ ମହାନ୍ତି ଓ ଆୟୋଜନ କମିଟି ସମ୍ପାଦକ ବାଳକୃଷ୍ଣ ବାଗ ପ୍ରମୁଖ କୃତୀ ଖେଳାଳିଙ୍କୁ ପୁରସ୍କୃତ କରିଥିଲେ।

## ଦଶମ ଶ୍ରେଣୀ ଛାତ୍ରଛାତ୍ରୀଙ୍କ ସମାବର୍ତ୍ତନ ଉତ୍ସବ

**ରାୟଗଡ଼ା,୨।୩/ଏନ୍‌ଏନ୍‌ଏସ୍:** ରାୟଗଡ଼ାର ଗାୟତ୍ରୀ ନଗରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଦଶମ ଶ୍ରେଣୀ ପିଲାଙ୍କ ସମାବର୍ତ୍ତନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ଜୈନ ଧର୍ମର ଗୁରୁ ମୁନିଶ୍ରୀ ହେମନ୍ତ କୁମାର ମହାରାଜଜୀ ମୁଖ୍ୟଅତିଥି ରୂପେ ଯୋଗ ଦେଇଥିଲେ। ବିଦ୍ୟାଳୟ ପରିଚାଳନା ସମିତିର ସଭାପତି ମାଙ୍ଗିଲାଲ ଜୈନ, ଉପସଭାପତି ରଘୁ ନନ୍ଦନ ନନ୍ଦ, ସମ୍ପାଦକ ପ୍ରମୋଦ କୁମାର ମହାନ୍ତି, ସଦସ୍ୟା ସସ୍ମିତା ପାଢ଼ୀ ଓ ବିଦ୍ୟାଳୟର ପ୍ରଧାନଆଚାର୍ଯ୍ୟ ମନୋରଞ୍ଜନ ଦାସ ମଞ୍ଚାସୀନ ଅତିଥିରୂପେ ଯୋଗ ଦେଇଥିଲେ। ଏହାସହ ବିଦ୍ୟାଳୟର ସମସ୍ତ ଆଚାର୍ଯ୍ୟ ଆଚାର୍ଯ୍ୟା ଓ ଚଳିତ ଶିକ୍ଷା ବର୍ଷର ଦଶମ ଶ୍ରେଣୀର ମୋଟ୍ ୬୩ ଜଣ ଶିଶୁ ଉପସ୍ଥିତ ଥିଲେ। ମୁଖ୍ୟଅତିଥି ନିଜ ବକ୍ତବ୍ୟ ମାଧ୍ୟମରେ ଶିଶୁଙ୍କୁ ସେମାନଙ୍କ ଉଜ୍ଜଳ ଭବିଷ୍ୟତ ଗଠନ ଓ ଉତ୍ତମ ନାଗରିକ ହେବା ନିମନ୍ତେ ମାର୍ଗଦର୍ଶନ କରାଇଥିଲେ। ସମ୍ପାଦକ ମଧ୍ୟ ଶିଶୁଙ୍କୁ ସେମାନଙ୍କ ଭବିଷ୍ୟତ ପାଇଁ ଉପଯୋଗୀ ଅଭିଭାଷଣ ପ୍ରଦାନ କରିଥିଲେ। ପରେ ବିଦ୍ୟାଳୟର ବରିଷ୍ଠ ଆଚାର୍ଯ୍ୟ ଶିଶୁଙ୍କ ଉଦ୍ଦେଶ୍ୟରେ ନିଜ ଅନୁଭୂତି ବାଖ୍ୟା କରିଥିଲେ। କିଛି ଶିଶୁ ବିଦ୍ୟାଳୟରେ ନିଜର ଅନୁଭୂତି ବର୍ଣ୍ଣନା କରିଥିଲେ। ବିଦ୍ୟାଳୟର ବରିଷ୍ଠ ଆଚାର୍ଯ୍ୟା ଅଶ୍ୱିନୀ କୁମାରୀ କର କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମ ବିଦ୍ୟାଳୟ ପରିଚାଳନା ସମିତିର ସମସ୍ତ ସଦସ୍ୟ, ପ୍ରଧାନଆଚାର୍ଯ୍ୟ, ସମସ୍ତ ଆଚାର୍ଯ୍ୟ ଆଚାର୍ଯ୍ୟା ଓ ସେବକ ସେବିକାଙ୍କ ଦ୍ୱାରା ସଫଳ ହୋଇଥିଲା।



## ପୁଲିସ୍ କର୍ମଚାରୀଙ୍କ ପାଇଁ ସାଇବର୍ ସୁରକ୍ଷା କର୍ମଶାଳା

**୬୫ଙ୍କୁ ପ୍ରଶିକ୍ଷଣ ଦେଲେ ସାଇବର୍ ଅପରାଧ ବିଶେଷଜ୍ଞ**



**ଝାରସୁଗୁଡ଼ା,୨।୩/ଏନ୍‌ଏନ୍‌ଏସ୍:** ସମ୍ପ୍ରତି ବୃଦ୍ଧି ପାଉଥିବା ସାଇବର୍ ଅପରାଧକୁ ରୋକିବା ଏବଂ ପୁଲିସ୍‌ର ତଦନ୍ତ ପ୍ରକ୍ରିୟାକୁ ଅଧିକ ସୁଦୃଢ଼ କରିବା ଲକ୍ଷ୍ୟରେ ଝାରସୁଗୁଡ଼ା ପୁଲିସ୍ ପକ୍ଷରୁ ଏକ ସାଇବର୍ ସୁରକ୍ଷା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଝାରସୁଗୁଡ଼ା ଏସ୍‌ପି ଗୁଣ୍ଡାଲା ରାଘବେନ୍ଦ୍ର ରେଡ୍ଡୀ ଏବଂ ଅତିରିକ୍ତ ଏସ୍‌ପି ମଧୁସ୍ମିତା ମିଶ୍ରଙ୍କ ସମେତ ଅନ୍ୟାନ୍ୟ ବରିଷ୍ଠ ପୁଲିସ୍ ଅଧିକାରୀମାନେ ଉପସ୍ଥିତ ଥିଲେ। ଏଥିରେ ମୁଖ୍ୟ ପ୍ରଶିକ୍ଷକ ଭାବେ ସାଇବର୍ ଅପରାଧ, ଅପରେସନ୍ ବିଶେଷଜ୍ଞ ଓ କାଉଣ୍ଟର୍ ଟେରରିଜିମ୍ ଅପରେସନ୍‌ରେ ଟେକ୍ନିକାଲ୍ ଇଣ୍ଟେଲିଜେନ୍ସରେ ପାରଦର୍ଶିତା ଲାଭ କରିଥିବା ଈଶାନ ସିହ୍ନା ଯୋଗ ଦେଇଥିଲେ। ସେ ଉପସ୍ଥିତ ପୁଲିସ୍ ଅଧିକାରୀଙ୍କୁ ସାଇବର୍ ପୋଲିସିଂକୁ କିପରି ଅଧିକ ପ୍ରଭାବଶାଳୀ କରାଯାଇପାରିବ ଏବଂ ଡିଜିଟାଲ୍ ପ୍ରମାଣ ସଂଗ୍ରହ କରିବାରେ ବୈଷୟିକ ଜ୍ଞାନକୌଶଳର ବ୍ୟବହାର ସମ୍ପର୍କରେ ଶିକ୍ଷା ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଝାରସୁଗୁଡ଼ା ଜିଲ୍ଲାର ପ୍ରାୟ ୬୫ ଜଣ ପୁଲିସ୍ ଅଧିକାରୀ, କନଷ୍ଟେବଲ ଓ ହୋମଗାର୍ଡ ଅଂଶଗ୍ରହଣ କରି ସାଇବର୍ କ୍ରାଇମ୍ ସମ୍ବନ୍ଧୀୟ ଆବଶ୍ୟକୀୟ ତଥ୍ୟ ଅନୁସାରେ ନିଜର ଦକ୍ଷତା ବୃଦ୍ଧି କରିଛନ୍ତି।

## ଯାଦବ ସମାଜ ପକ୍ଷରୁ ଦୋଳ ଉତ୍ସବ

# 'ଏହି ଉତ୍ସବ ଆମ ଭିତରେ ଭାଇଚାରା ଓ ବିକାଶର ବାର୍ତ୍ତା ସଞ୍ଚାରିତ କରୁ'

**ବଲାଙ୍ଗୀର,୧।୩/ଏନ୍‌ଏନ୍‌ଏସ୍:** ଦୋଳ ମହୋତ୍ସବ କେବଳ ବଲାଙ୍ଗୀରରେ ନୁହେଁ ସମଗ୍ର ଦେଶର ସମସ୍ତ ଜାତି, ଧର୍ମ ଓ ବର୍ଣ୍ଣ ଲୋକେ ଏକତ୍ରିତ ହୋଇ ପାଳନ କରିଥାନ୍ତି। ଯାଦବ ସମାଜ ଏହି ପର୍ବ ପାଳନର ସୂତ୍ରଧର ସାଜି ଏହାର ମହତ୍ତ୍ୱକୁ ବଲାଙ୍ଗିରବାସୀଙ୍କ ମଧ୍ୟରେ ସଞ୍ଚାର କରୁଛି। ଏହି ଅବସରରେ ସମଗ୍ର ଯାଦବ ସମାଜ ସମେତ ବଲାଙ୍ଗୀରବାସୀଙ୍କୁ ମୁଁ ଶୁଭେଚ୍ଛା ଜଣାଇବା ସହ ଦୋଳ ମହୋତ୍ସବ ଆମ ଅଞ୍ଚଳରେ ଭାଇଚାରା ଓ ବିକାଶର ବାର୍ତ୍ତାକୁ ସଞ୍ଚାରିତ କରୁ ବୋଲି ପୌରାଞ୍ଚଳ ଯାଦବ ମହାସଭା ଦ୍ୱାରା ଆୟୋଜିତ ୩୦ତମ ଦୋଳ ମହୋତ୍ସବରେ ଯୋଗଦେଇ ପୂର୍ବତନ ଆଇନ ମନ୍ତ୍ରୀ ନରସିଂହ ମିଶ୍ର କହିଛନ୍ତି। ପ୍ରକାଶଥାଉକି ଜିଲ୍ଲା ଯାଦବ ସମାଜ ଓ ପୌରାଞ୍ଚଳ ଯାଦବ ସମାଜ ବଲାଙ୍ଗୀର ଦ୍ୱାରା ଗତ ୩୦ ବର୍ଷ ଧରି ଦୋଳ ମହୋତ୍ସବ ପାଳନ କରାଯାଉଛି। ଯାଦବ ସମାଜ କାର୍ଯ୍ୟାଳୟରେ



ଭଗବାନ ଶ୍ରୀକୃଷ୍ଣଙ୍କ ପୂଜାର୍ଚ୍ଚନା ସହ ଭଗବାନଙ୍କୁ ଦୋଳରେ ବସାଇ ଏହି ଦିନ ନଗର ପରିକ୍ରମା କରାଯାଇଥାଏ। ଚଳିତ ବର୍ଷ ଏହି ମହୋତ୍ସବର ମୁଖ୍ୟକର୍ତ୍ତା ଭାବେ ଯୁବ ଯାଦବ ରାଧାରମଣ ବଗର୍ତ୍ତି ଓ ତାଙ୍କ ଧର୍ମପତ୍ନୀ ସୁଷମା ବଗର୍ତ୍ତି ଦାୟିତ୍ୱ ବହନ କରିଛନ୍ତି। ପୌରାଞ୍ଚଳ ଯୁବ ଯାଦବ ସଭାପତି ସନ୍ଦିପ ବାଗଙ୍କ ନେତୃତ୍ୱରେ ଆୟୋଜିତ ଏହି ଉତ୍ସବରେ ଖୁସିରାମ ଦୀପ, ପ୍ରଦୀପ କୁମାର ଦାଶ, ପିଣ୍ଟୁ ମହାକୁଡ଼, ଭବାନି ଦିପ, ତ୍ରିନାଥ ଚନ୍ଦନ, ପ୍ରଫୁଲ୍ଲ ପୌଡ଼, ସମ୍ପାଦକ ପ୍ରଶାନ୍ତ ଷାଣ୍ଢ, ଉପଦେଷ୍ଟା ସତ୍ୟନାରାୟଣ ବାଗ ଓ ମହେନ୍ଦ୍ର ବାଗ ପ୍ରମୁଖ କାର୍ଯ୍ୟକ୍ରମ ଆୟୋଜନରେ ପ୍ରମୁଖ ଭୂମିକା ଗ୍ରହଣ କରିଛନ୍ତି। ଏଥିରେ ଯାଦବ ସମାଜର ଅନେକ ଯୁବକ, ଛାତ୍ର ଓ ମହିଳାଙ୍କ ସମେତ ସହରର ବିଭିନ୍ନ ରାଜନୈତିକ ନେତୃତ୍ୱମାନେ ଅଂଶଗ୍ରହଣ କରିଛନ୍ତି।

## ଡୁମେରମୁଣ୍ଡାରେ ପ୍ରହରୀ ମଣ୍ଡପ ପ୍ରତିଷ୍ଠା ଓ ରତ୍ନମୁଦ ସ୍ଥାପନ



**ଲାଞ୍ଜିଗଡ଼,୨।୩/ଏନ୍‌ଏନ୍‌ଏସ୍:** କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ଼ ବ୍ଲକ୍ ବିଶ୍ୱନାଥପୁର ପଞ୍ଚାୟତସ୍ଥିତ ଡୁମେରମୁଣ୍ଡା ଗାଁରେ ପ୍ରହରୀ ମଣ୍ଡପ ପ୍ରତିଷ୍ଠା ଓ ରତ୍ନମୁଦ ସ୍ଥାପନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ହୋମଯଜ୍ଞ ସହ ପ୍ରହରୀ ମଣ୍ଡପ ପ୍ରବେଶ ଓ ରତ୍ନମୁଦ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପ୍ରଥମେ ପ୍ରବେଶ ସହ ଦର୍ଶନ ଓ ପୂଜାର୍ଚ୍ଚନା କରାଯାଇଥିଲା। ପରେ ରତ୍ନମୁଦ କାର୍ଯ୍ୟକ୍ରମରେ ଶସ୍ୟ, ସୁନା, ରୁପା, ଅଳଙ୍କାର, ଫୁଲ ଓ ଚନ୍ଦନ ସହ ମୂଲ୍ୟବାନ ସାମଗ୍ରୀ ଭକ୍ତଙ୍କ ଦ୍ୱାରା ଦାନ କରାଯାଇଥିବା ସମସ୍ତ ଦାନ ସାମଗ୍ରୀକୁ ରତ୍ନମୁଦ ଦିଆଯାଇଥିଲା। ଏହି କାର୍ଯ୍ୟକ୍ରମରେ ସହସ୍ରାଧିକ ଭକ୍ତ ଓ ଶ୍ରଦ୍ଧାଳୁଙ୍କ ଭିଡ଼ ପରିଲକ୍ଷିତ ହୋଇଥିଲା। ଏଥିରେ କର୍ତ୍ତାଭାବେ ଲିଙ୍ଗରାଜ ସାହୁ ଓ ତାଙ୍କ ଧର୍ମପତ୍ନୀ ଲିପ୍ସା ସାହୁ ଦାୟିତ୍ୱ ତୁଲାଉଥିବାବେଳେ ମୁଖ୍ୟ ପୂଜକ ଭାବେ କୈଳାସ ଚନ୍ଦ୍ର ଦାସ ପୂଜାକାର୍ଯ୍ୟ ଓ ରତ୍ନମୁଦ ସ୍ଥାପନକୁ ମହାରଣା ଦେବରାଜ ଖଟେଇ ଦାୟିତ୍ୱ ନିର୍ବାହ କରିଥିଲେ। ପ୍ରହରୀ ମଣ୍ଡପ କମିଟି ସଭାପତି ମକାରୁ ବେହେରା, ଉପସଭାପତି ଗୋକୁଳ ସାହୁ ଓ କୋଷାଧ୍ୟକ୍ଷ ନରେନ୍ଦ୍ର ସାହୁଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମକୁ ସଭ୍ୟ ରିଙ୍କୁ ସାହୁ, ଜକସନ ସାହୁ, ହମିତ ସାହୁ, ସତ୍ୟବ୍ରତ ସାହୁ, ବିଶେଶ୍ୱର ସାହୁ, ବିନୟ ସାହୁ ଓ ଧର୍ମେନ୍ଦ୍ର ସାହୁଙ୍କ ସମେତ ସମସ୍ତ ଡୁମେରମୁଣ୍ଡା ଗ୍ରାମବାସୀ ପରିଚାଳନାରେ ସହଯୋଗ କରିଥିଲେ। ଶେଷରେ ଗ୍ରାମବାସୀଙ୍କ ଉଦ୍ୟମରେ ସମସ୍ତ ଭକ୍ତବୃନ୍ଦଙ୍କ ପାଇଁ ପ୍ରସାଦ ସେବନ ବ୍ୟବସ୍ଥା କରାଯାଇଥିବାବେଳେ ଭଜନ କୀର୍ତ୍ତନରେ ଭକ୍ତିମୟ ପରିବେଶ ସୃଷ୍ଟି ହୋଇଥିଲା।

# ସାରସ୍ୱତ ମହାବିଦ୍ୟାଳୟ ଅଧ୍ୟକ୍ଷଙ୍କୁ ବିଦାୟୀ ସମ୍ବର୍ଦ୍ଧନା



**ସୋର, ୨।୩/ଏନ୍ଏନ୍ଏସ୍:** ଅନନ୍ତପୁରସ୍ଥିତ ସାରସ୍ୱତ ମହାବିଦ୍ୟାଳୟରେ ଅଧ୍ୟକ୍ଷ ଡ଼ ଡମ୍ବରୁଧର ଭୋଳଙ୍କ ଉଦ୍ଦେଶ୍ୟରେ ବିଦାୟୀ ସମ୍ବର୍ଦ୍ଧନା ଆୟୋଜିତ ହୋଇଯାଇଛି। ପ୍ରଶାସନିକ ଅଧିକାରୀ ଅଧ୍ୟାପକ ଅଜୟ କୁମାର ପରିଡ଼ା ମଞ୍ଚ ପରିଚାଳନା କରିଥିଲେ। ଅଧ୍ୟାପକ ଗୌରାଙ୍ଗ ଚନ୍ଦ୍ର ଦାସ ଓ ଅଧ୍ୟାପିକା ସେବତୀ ପୁହାଣ ବିଦାୟୀ ଅଧ୍ୟକ୍ଷଙ୍କ ବିଷୟରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପକ ଅଧ୍ୟାପିକା, କର୍ମଚାରୀ ଓ ଛାତ୍ରଛାତ୍ରୀ ସହଯୋଗ କରିଥିଲେ।

# ହାତୀ ଆକ୍ରମଣରେ ବୃଦ୍ଧ ମୃତ

**ସୋର, ୨।୩/ଏନ୍ଏନ୍ଏସ୍:** ସୋର ବ୍ଲକ୍ ସୀଙ୍ଗାଖୁଣ୍ଟା ପଞ୍ଚାୟତ ନୂଆସାହି ଗ୍ରାମରେ ହାତୀ ଆକ୍ରମଣରେ ଜଣଙ୍କ ମୃତ୍ୟୁ ଘଟିଛି। ମୃତକ ଜଣକ ହେଲେ ଶ୍ରୀଧର ପାତ୍ର। ଶ୍ରୀଧର ଅନ୍ୟ ୨ ଗ୍ରାମବାସୀଙ୍କ ସହ ଦେବଗିରି ପାହାଡ଼ ମଧ୍ୟକୁ ପତ୍ର ଗୋଟାଇବା ପାଇଁ ଯାଇଥିବାବେଳେ ଏକ ହାତୀ ଆକ୍ରମଣରେ ଗୁରୁତର ହୋଇଥିଲେ। ପରେ ଗ୍ରାମବାସୀ ତାଙ୍କୁ ଉଦ୍ଧାର କରି ୧୦୮ ଆମ୍ବୁଲାନ୍ସ ଯୋଗେ ସୋର ମେଡିକାଲ୍‌କୁ ଚିକିତ୍ସା ପାଇଁ ଆଣିଥିଲେ। ସୋର ଡାକ୍ତରଖାନାରେ ଚିକିତ୍ସିତ ହେଉଥିବା ସମୟରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ତେବେ ଗ୍ରାମବାସୀ ଓ ପରିବାର ପକ୍ଷରୁ ତାଙ୍କ ପରିବାରକୁ କ୍ଷତିପୂରଣ ପ୍ରଦାନ କରିବାକୁ ଦାବି ହେଉଛି।

# ମିଳିତ ଜନଶୁଣାଣି କାର୍ଯ୍ୟକ୍ରମ



**ବାଲେଶ୍ୱର, ୨।୩/ଏନ୍ଏନ୍ଏସ୍:** ବାଲେଶ୍ୱର ଜିଲ୍ଲାପାଳଙ୍କ ଅଭିଯୋଗ ପ୍ରକୋଷ୍ଠରେ ମିଳିତ ଜନଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲ୍ଲାର ବିଭିନ୍ନ ପ୍ରାନ୍ତରୁ ୧୬୩ ଜଣ ଅଭିଯୋଗକାରୀ ନିଜର ଅଭିଯୋଗ ଫର୍ଦ୍ଦ ଉପସ୍ଥାପନ କରିଥିଲେ। ସେଥିମଧ୍ୟରୁ ୧୩୧ଟି ବ୍ୟକ୍ତିଗତ ଏବଂ ୧୦ଟି ସାମୁହିକ ଅଭିଯୋଗ ସମ୍ପର୍କିତ ହୋଇଥିବାବେଳେ ୨୨ଟି ମୁଖ୍ୟମନ୍ତ୍ରୀ ସହାୟତା ପାଣ୍ଠି ନିମନ୍ତେ ଆବେଦନ କରିଥିଲେ। ତେବେ ୩୭ଟି ଅଭିଯୋଗର ତତ୍କାଳ ସମାଧାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବାଲେଶ୍ୱର ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ, ଆରକ୍ଷୀ ଅଧୀକ୍ଷକ ପ୍ରତ୍ୟୁଷ ଦିବାକର, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ହେମନ୍ତ ସିଂ, ଉପଜିଲ୍ଲାପାଳ ଶିବ ମାଲବ୍ୟ ଓ ମୁଖ୍ୟ ଜିଲ୍ଲା ଚିକିତ୍ସାଧିକାରୀ ଡ. ପ୍ରଭାତ କୁମାର ବେହେରାଙ୍କ ସମେତ ଜିଲ୍ଲାର ବିଭିନ୍ନ ବିଭାଗୀୟ ପଦାଧିକାରୀମାନେ ଉପସ୍ଥିତ ଥିଲେ।

# ଧାମନଗର-ଫଳପୁର ରାସ୍ତା ପାଲଟିଛି ମରଣଯନ୍ତା

**ଧାମନଗର, ୨।୩/ଏନ୍ଏନ୍ଏସ୍:** ସରକାର ବଦଳୁଛି, ମନ୍ତ୍ରୀ ବଦଳୁଛନ୍ତି, କିନ୍ତୁ ବଦଳୁନି ଧାମନଗର-ଫଳପୁର ରାସ୍ତାର ଭାଗ୍ୟ। ଦୀର୍ଘ ୨୦ ବର୍ଷ ଧରି ପ୍ରତାରଣାର ଶିକାର ହେଉଛନ୍ତି ପାଖାପାଖି ୧୦ଟି ପଞ୍ଚାୟତର ଜନସାଧାରଣ। ପ୍ରଧାନମନ୍ତ୍ରୀ ସଡ଼କ ଯୋଜନାରେ ନିର୍ମିତ ଏହି ରାସ୍ତାଟି ଏବେ କେବଳ ଗେଟି ଆଉ ଗାତର ସମାହାର ପାଲଟିଛି। ଯେଉଁଠି ଦୈନିକ ଦୁର୍ଘଟଣା ଏବେ ଏକ ନିତିଦିନିଆ କଥାରେ ପରିଣତ ହୋଇଛି। ୨୦୦୪ ମସିହାରେ ତତ୍କାଳୀନ ମନ୍ତ୍ରୀ ମନମୋହନ ସାମଲଙ୍କ ବଳିଷ୍ଠ ଉଦ୍ୟମରେ ଏହି ଗୁରୁତ୍ୱପୂର୍ଣ୍ଣ ରାସ୍ତାଟି ପାଇଁ ଅନୁଦାନ ଆସିଥିଲା। ଲୋକେ ଆଶା କରିଥିଲେ ଯେ ସେମାନଙ୍କ ଗମନାଗମନ ସହଜ ହେବ। ମାତ୍ର ବିଡ଼ମ୍ବନାର ବିଷୟ ଆଜିକୁ ଦୁଇ ଦଶନ୍ଧି ବିତିଯାଇଥିଲେ ମଧ୍ୟ ଏହି ରାସ୍ତା କାମ ଶେଷ ହେବା ପରିବର୍ତ୍ତେ ବର୍ଷକୁ ବର୍ଷ ଖରାପ ହେବାରେ ଲାଗିଛି।

ସ୍ଥାନୀୟ ବାସିନ୍ଦାଙ୍କ ଅଭିଯୋଗ ଅନୁଯାୟୀ,

**ବିକାଶ ଓ ମରାମତି ନାମରେ ଅର୍ଥ ହରିଲୁଟ୍**

**କୁମ୍ଭକର୍ଣ୍ଣ ନିଦ୍ରାରେ ପ୍ରଶାସନ**

**ଯୁଦ୍ଧକାଳୀନ ଭିତ୍ତିରେ ମରାମତି କରିବାକୁ ଦାବି**

ପ୍ରଶାସନ ଓ ଠିକାଦାରଙ୍କ ମଧୁଚନ୍ଦ୍ରିକା ଯୋଗୁ ମରାମତି ନାମରେ ପ୍ରତିବର୍ଷ ଲକ୍ଷାଧିକ ଟଙ୍କା ଚଳୁ କରାଯାଉଛି। ଗତ ବର୍ଷ ଧାମନଗର ବିଧାୟକ ତଥା ବର୍ତ୍ତମାନର ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କ ପ୍ରଚେଷ୍ଟାରେ ଏହି



ରାସ୍ତାର ସମ୍ପ୍ରସାରଣ ଓ ନବୀକରଣ ପାଇଁ ୩୨ କୋଟି ଟଙ୍କା ମଞ୍ଜୁର ହୋଇଥିବା ଚର୍ଚ୍ଚା ଜୋର୍ ଧରିଥିଲା। ଏହି ଖବର ପ୍ରଚାରିତ ହେବା ପରେ ଅଞ୍ଚଳବାସୀଙ୍କ ମଧ୍ୟରେ ଖୁସିର ଲହରୀ ଖେଳିଯାଇଥିଲା। କିନ୍ତୁ ବର୍ଷେ ବିତିଯାଇଥିଲେ ବି ଧାମନଗର-ଫଳପୁର ରାସ୍ତାରେ ବିକାଶର କୌଣସି ଚିହ୍ନବର୍ଣ୍ଣ ନାହିଁ। ତେବେ ଯଦି ଅର୍ଥ ମଞ୍ଜୁର ହୋଇଛି, ତା'ହେଲେ କାମ ଆରମ୍ଭ ନହେବାର ରହସ୍ୟ କ'ଣ ବୋଲି ପ୍ରଶ୍ନ ଉଠୁଛି। ରାସ୍ତା ମଝିରେ ମାସେ ହେଲା ସୃଷ୍ଟି ହୋଇଥିବା ବିଭିନ୍ନ ସ୍ଥାନରେ ଖାଲ ସହ ଗାତ ଗୁଡ଼ିକ ଏବେ ମୃତ୍ୟୁର ସଙ୍କେତ ଦେଉଛନ୍ତି। ଏହି ରାସ୍ତା ଉପରେ ୧୦ଟି ପଞ୍ଚାୟତର ହଜାର ହଜାର ଚାଷୀ, ଛାତ୍ରଛାତ୍ରୀ ଓ ରୋଗୀ ନିର୍ଭର କରନ୍ତି। ଏହି ପଥ ଦେଇ ପ୍ରତିଦିନ ଅନ୍ୟ ଜିଲ୍ଲାକୁ ଭାରୀଯାନ ଓ ଯାତ୍ରୀବାହୀ ବସ୍ ଚଳାଚଳ କରେ। ରାସ୍ତାର ଅବସ୍ଥା ଯୋଗୁ ବସ୍ ମାଲିକମାନେ ମଧ୍ୟ ଗାଡ଼ି ଚଳାଇବାକୁ ଭୟ କରୁଛନ୍ତି। ଗତ ଏକ ମାସ ମଧ୍ୟରେ ଏହି ରାସ୍ତାରେ ଅନେକ ଦୁର୍ଘଟଣା ଘଟି ସାରିଥିଲେ ମଧ୍ୟ ପ୍ରଶାସନ ଏବେ ବି କୁମ୍ଭକର୍ଣ୍ଣ ନିଦ୍ରାରେ ଶୋଇଛି। ରାସ୍ତା ପାଇଁ ମଞ୍ଜୁର ହୋଇଥିବା ୩୨ କୋଟି ଟଙ୍କାର କାର୍ଯ୍ୟାଦେଶ କେବେ କାର୍ଯ୍ୟକାରୀ ହେବ, ସେନେଇ ଅଞ୍ଚଳବାସୀ ସ୍ପଷ୍ଟୀକରଣ ଦାବି କରିଛନ୍ତି । ତେଣୁ ଯୁଦ୍ଧକାଳୀନ ଭିତ୍ତିରେ ତୁରନ୍ତ ମରାମତି କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

**ନୀହାରକନ୍ୟା ସାହିତ୍ୟ ସଂସଦର ବାର୍ଷିକୋତ୍ସବ**

# 'ପ୍ରାକୃତିକ ପରିବେଶରେ ସାହିତ୍ୟର ପ୍ରକୃତ ଉତ୍ସ ଥାଏ'

**ସୋର, ୨।୩/ଏନ୍ଏନ୍ଏସ୍:** କବିତାଟିଏ ଲେଖିବା ପରେ ତାହା ଆଉ କବିର ହୋଇ ରହେନାହିଁ। ନିଜସ୍ୱ ଗାରିମାରେ ଝଲସି ଉଠେ, ତାହା ହିଁ କବିତାର ଅହମିକା ଓ ସାହିତ୍ୟର ସୌନ୍ଦର୍ଯ୍ୟ ବୋଲି ସୋର ଶିଙ୍ଗାଖୁଣ୍ଟା ନୂଆଗାଁ ନୀହାରକନ୍ୟା ସାହିତ୍ୟ ସଂସଦର ୨୯ତମ ବାର୍ଷିକ ଉତ୍ସବରେ ବକ୍ତାମାନେ ମତବ୍ୟକ୍ତ କରିଥିଲେ। ବିଶିଷ୍ଟ ସାରସ୍ୱତ ସାଧକ ଡ. ହରିଶ୍ଚନ୍ଦ୍ର ବେହେରାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ସୋର ବିଧାୟକ ମାଧବ ଧଡ଼ା ଯୋଗଦେଇ ଦେବଗିରି ପାଦଦେଶ ଭଳି ପ୍ରାକୃତିକ ପରିବେଶରେ ସାହିତ୍ୟର ପ୍ରକୃତ ଉତ୍ସ ଥାଏ ଯାହା ଆଜିର ସମାବେଶ ତା'ର ପ୍ରମାଣ ଦେଇଛି ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ ବିଶିଷ୍ଟ ଗାଳ୍ପିକ ପବିତ୍ର ପାଣିଗ୍ରାହୀ ଯୋଗଦେଇ ଦୁଃଖର ରଙ୍ଗ, ଲୁହର ସ୍ୱାଦ, ଯନ୍ତ୍ରଣାର ସ୍ଥାପତ୍ୟ ଓ ଆନନ୍ଦର କାରୁକାର୍ଯ୍ୟକୁ ବୁଝୁଥିବା ସାହିତ୍ୟ କହେ ମଣିଷର କେବେ ବି ପରାଜୟ ନାହିଁ। ବରେଣ୍ୟ ଅତିଥିଭାବେ କବି ଶ୍ରୀଦେବ ଯୋଗଦେଇ ଓଡ଼ିଶାର ସାରସ୍ୱତ ସାଧକଙ୍କ ସମାବେଶ କହିଲେ ନୀହାରକନ୍ୟାକୁ ବୁଝାଏ



ବୋଲି କହିଥିଲେ। ସମ୍ମାନିତ ଅତିଥିଭାବେ ଗାଳ୍ପିକ ଗଙ୍ଗାଧର ବିଶ୍ୱାଳ, କବି କିଶୋର ପାଣିଗ୍ରାହୀ ଓ ଶଙ୍କର୍ଷଣ ବାରିକ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମକୁ ନୀହାରକନ୍ୟା ସାହିତ୍ୟ ସଂସଦର ସମ୍ପାଦକ ସୁରଞ୍ଜନ ପାତ୍ର ପରିଚାଳନା କରିଥିଲେ। ଚନ୍ଦ୍ରମୋହନ ମହାପାତ୍ର ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଜ୍ୟୋତିରଞ୍ଜନ ଜେନା ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ସଂସଦର ମୁଖପତ୍ର 'ନୀହାରକନ୍ୟା' ଶ୍ରୀ ପାତ୍ରଙ୍କ କବିତା ପୁସ୍ତକ 'ମେଘ ଫୁଲ' ଓ ସନ୍ତୋଷିନୀ ଦାସଗିରିଙ୍କ ଗଳ୍ପ ସଙ୍କଳନ 'ଜୀବନର ମାନସାଙ୍କ' ଉନ୍ମୋଚିତ ହୋଇଥିଲା। ଏହି ଅବସରରେ ଡ.ଲକ୍ଷ୍ମୀକାନ୍ତ ତ୍ରିପାଠୀ, ବିଜୟ ମହାପାତ୍ର, ଦେବେନ୍ଦ୍ର ଚୌଧୁରୀ, ଆଦିତେଶ୍ୱର ମିଶ୍ର, ଉମାକାନ୍ତ ରାଉତ, ସୁଶାନ୍ତ କୁମାର ନାୟକ, ରମେଶ ଚନ୍ଦ୍ର ମିଶ୍ର, ରଞ୍ଜିତା ପଣ୍ଡା, ସଞ୍ଜୟ ପଣ୍ଡା, ପ୍ରତିଭା ଖିଲାର, ରୀତାଞ୍ଜଳି ମହାରଣା, ବିଜ୍ଞ ରଞ୍ଜନ ପତି, ସ୍ନେହଲତା ଦାସ ଲେଙ୍କା ଓ ବଳବନ୍ତ ସାହୁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରଥମ ଅଧିବେଶନରେ ମୁଖ୍ୟଅତିଥି ଭାବେ କବି ହିମାଂଶୁ ପରିଡ଼ା, ମୁଖ୍ୟ ବକ୍ତାଭାବେ କବି ସୁବ୍ରତ ଦାସ ଓ ସମ୍ମାନିତ ଅତିଥିଭାବେ କବି ସ୍ୱୟଂପ୍ରଭା ରଥ ଯୋଗ ଦେଇଥିଲେ। କବି ମିତା ପଟ୍ଟନାୟକ ଓ ଡ.ସଂଯୁକ୍ତା ପରିଡ଼ା ସଂଯୋଜନା କରିଥିଲେ। ଏଥିରେ ଓଡ଼ିଶାର ବିଭିନ୍ନ ଜିଲ୍ଲାରୁ ଲବ୍ଧ ପ୍ରତିଷ୍ଠିତ କବିମାନେ ଯୋଗଦେଇ କବିତାପାଠ କରିଥିଲେ।

# ରାଇକୁଳା ସ୍କୁଲ୍‌ରେ ଅବସରକାଳୀନ ସମ୍ବର୍ଦ୍ଧନା

**ଖଇରା, ୨।୩/ଏନ୍ଏନ୍ଏସ୍:** ବାଲେଶ୍ୱର ଜିଲ୍ଲା ଖଇରା ବ୍ଲକ୍ କୁରୁଣ୍ଟା ପଞ୍ଚାୟତ ଅନ୍ତର୍ଗତ ରାଇକୁଳା ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ସଭା ଓ ବିଦ୍ୟାଳୟର ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇଯାଇଛି। ପିତାମ୍ବର ଭୂୟାଁଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ପ୍ରଥମେ ବିଦାୟୀ ଭାରପ୍ରାପ୍ତ ପ୍ରଧାନଶିକ୍ଷକ ପର୍ଶୁରାମ ଜେନାଙ୍କୁ ସେବା ନିବୃତ୍ତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ଏଥିରେ ଜିଲ୍ଲାପରିଷଦ ସଭ୍ୟ ମାନସ କୁମାର ଦାଶ ମୁଖ୍ୟଅତିଥି, ପୂର୍ବତନ ଗୋଷ୍ଠୀ ଶିକ୍ଷାଧିକାରୀ ସୁଦର୍ଶନ ରାଉତ ମୁଖ୍ୟବକ୍ତା, ସରପଞ୍ଚ ରଘୁନାଥ ଜେନା, ସମିତିସଭ୍ୟା କମଳିନୀ ମାଝୀ, ଏବିଇଓ ଲକ୍ଷ୍ମୀଧର ସିଂ, ପୂର୍ବତନ ପ୍ରଧାନଶିକ୍ଷକ ବଳରାମ ଜେନା, କମିଟି ସଭାପତି ବ୍ରଜ ମୋହନ ପାତ୍ର, ଭାଗବତ ମାଝୀ, ସିଆର୍‌ସିସି ଜଗନ୍ନାଥ ଶିଅଳ, ଶିକ୍ଷକ ନେତା ସୁଶାନ୍ତ କୁମାର ମହାପାତ୍ର, ଜଗନ୍ନାଥ ମହାପାତ୍ର, ନାରାୟଣ ମହାପାତ୍ର ଓ ଶଙ୍କର୍ଷଣ ଜେନା ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ବିଦ୍ୟାଳୟ ପ୍ରତି ବିଦାୟୀ ଶିକ୍ଷକଙ୍କ ଭଲପାଇବା ତାଙ୍କୁ ପିଲା ଓ ଗ୍ରାମବାସୀଙ୍କ ହୃଦୟରେ ସ୍ଥାନ ଦେବ ବୋଲି ଅତିଥିମାନେ ଉଲ୍ଲେଖ କରିଥିଲେ। ବିଦାୟୀ ଶିକ୍ଷକଙ୍କୁ ସମ୍ବର୍ଦ୍ଧନା ପରେ ବାର୍ଷିକ କ୍ରୀଡ଼ା ଓ ସାଂସ୍କୃତିକ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ପିଲାଙ୍କୁ ପୁରସ୍କୃତ କରାଯାଇଥିଲା। ଶିକ୍ଷକ ଜୟନ୍ତ ଦାସ, ବିଜୟ କୁମାର ଦିବେଦୀ ଓ ଶିକ୍ଷୟିତ୍ରୀ ସିପ୍ରା ପଣ୍ଡା ସହଯୋଗ କରିଥିଲେ।



**୬ରେ ଜନଅଧିକାର ଯାତ୍ରା**

# 'ଜନଅଧିକାର ପାଇଁ କଂଗ୍ରେସ ଲଢ଼େଇ ଜାରି ରଖିବ'

**ଯୋଡ଼ା, ୨।୩/ଏନ୍ଏନ୍ଏସ୍:** କେନ୍ଦୁଝର ଜିଲ୍ଲା କଂଗ୍ରେସ ସଭାପତି ମନୋଜ ଜେନାଙ୍କ ଆହ୍ୱାନକ୍ରମେ ଯୋଡ଼ାସ୍ଥିତ ବନେଇକୋଲା ପଡ଼ିଆରେ ଆସନ୍ତା ମାର୍ଚ୍ଚ ୬ ତାରିଖ କଂଗ୍ରେସ ଏକ ବିଶାଳ ଜନଅଧିକାର ସମାବେଶ ଅନୁଷ୍ଠିତ ହେବ। ଏନେଇ ରାଜ୍ୟ ଆଦିବାସୀ ସେଲ୍ ଅଧ୍ୟକ୍ଷ ଯଶୋବନ୍ତ ନାରାୟଣ ସିଂ ଲାଗୁରି ଏକ ସାମ୍ବାଦିକ ସମ୍ମିଳନୀ କରି ସୂଚନା ଦେଇଛନ୍ତି। ଏହି ସମାବେଶରେ ରାଜ୍ୟ କଂଗ୍ରେସ ସଭାପତି ଭକ୍ତ ଚରଣ ଦାସ ଓ ରାଜ୍ୟ କଂଗ୍ରେସ ପ୍ରଭାରୀ ଅଜୟ କୁମାର ଲଲୁଙ୍କ ସମେତ କେନ୍ଦୁଝର ଜିଲ୍ଲାର ଦୁଇ ଟାଣୁଆ ନେତା ନିରଞ୍ଜନ ପଟ୍ଟନାଏକ ଓ ଜୟଦେବ ଜେନା ସାମିଲ୍ ହେବା ନେଇ ସୂଚନା ଦେଇଛନ୍ତି। ଏହି ସମ୍ମିଳନୀରେ ଯୋଡ଼ା ନଗର କଂଗ୍ରେସ ସଭାପତି ସୁବ୍ରତ ନାୟକଙ୍କ ସମେତ ଯୋଡ଼ା ବ୍ଲକ୍ କଂଗ୍ରେସ ସଭାପତି ଚନ୍ଦ୍ରାବିର ମହାନ୍ତ ଉପସ୍ଥିତ ଥିଲେ। ଶ୍ରୀ ଲାଗୁରି କହିଛନ୍ତି ଯେ ଜିଲ୍ଲା, ରାଜ୍ୟ ଓ ରାଜ୍ୟ ବାହାରେ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିବା ଯୋଡ଼ା ଖଣି ଅଞ୍ଚଳରେ କୌଣସି ଆଖିଦୃଶିଆ ବିକାଶ ହୋଇପାରି ନାହିଁ। ପୂର୍ବ ସରକାରଙ୍କ ପରେ ଏବର ସରକାର ମଧ୍ୟ ଖଣି ଅଞ୍ଚଳକୁ ଲୁଟି ଚାଲିଛନ୍ତି।



ରାଜ୍ୟ ତଥା ଦେଶର ରାଜକୋଷକୁ ସମୃଦ୍ଧ କରୁଥିବା ଏହି ଖଣି ଅଞ୍ଚଳରେ ସ୍ୱାସ୍ଥ୍ୟ ଓ ଶିକ୍ଷା ପରି ମୌଳିକ ସୁବିଧା ବିପର୍ଯ୍ୟସ୍ତ ହୋଇପଡ଼ିଛି। ଜିଲ୍ଲା ଖଣିଜ ପାଣ୍ଠିକୁ ଜନସାଧାରଣଙ୍କ କାର୍ଯ୍ୟରେ ନ ଲଗାଇ ସରକାର ଏହାର ଅର୍ଥକୁ ଅନ୍ୟ ଯୋଜନାରେ ଲଗାଇ ଖଣି ପ୍ରଭାବିତ ଲୋକଙ୍କୁ ପ୍ରତାରିତ କରୁଛନ୍ତି। ଖଣି ଅଞ୍ଚଳରେ ଚାଷ କହିଲେ ଖଣି କାର୍ଯ୍ୟ କିମ୍ବା ଖଣିଜ ପରିବହନକୁ ବୁଝାଉଥିବାବେଳେ ଖଣିରେ ସ୍ଥାନୀୟ ଲୋକଙ୍କୁ ନିଯୁକ୍ତି ନାହିଁ। ସେହିପରି ରେଳ ଓ ସ୍ଲରୀ ପାଇପ୍ ଦ୍ୱାରା ଖଣିଜ ପରିବହନ କରି ସ୍ଥାନୀୟ ଗାଡ଼ି ମାଲିକଙ୍କ ମେରୁଦଣ୍ଡ ଭାଙ୍ଗିବାରେ ସରକାରଙ୍କ ପ୍ରମୁଖ ଭୂମିକା ରହିଛି। ତେବେ ଏସବୁକୁ ଆଉ ସହ୍ୟ କରାନଯିବା ସହ ଆଗାମୀ ଦିନରେ ଜନ ଅଧିକାର ପାଇଁ କଂଗ୍ରେସ ଲଢ଼େଇ ଜାରି ରଖିବ ବୋଲି ଶ୍ରୀ ଲାଗୁରି କହିଛନ୍ତି।

**ଗୋଶାଳା କପ୍ ଦିବାରାତ୍ର କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ**

# ଦାନୀ-୧୧କୁ ହରାଇ ପ୍ଲେ ବ୍ୟାକ୍ ଚ୍ୟାଲେଞ୍ଜର୍ ଚାମ୍ପିଅନ୍

**ବାରିପଦା, ୨।୩/ଏନ୍ଏନ୍ଏସ୍:** ସ୍ଥାନୀୟ ତୁଳସୀଚଉରା ଦୁର୍ଗାପୂଜା ପଡ଼ିଆରେ ଫ୍ରେଣ୍ଡସ୍ ୟୁନିୟନ୍ ଓ ଶ୍ରୀଦୁର୍ଗା ସ୍ପୋର୍ଟିଂ କ୍ଲବ୍ ଆନୁକୂଲ୍ୟରେ ଆୟୋଜିତ ଜାତୀୟସ୍ତରୀୟ ଗୋଶାଳା କପ୍ ଦିବାରାତ୍ର କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ୍ ମ୍ୟାଚ୍‌ରେ ପ୍ଲେ ବ୍ୟାକ୍ ଚ୍ୟାଲେଞ୍ଜର୍ ୧୩ ରନ୍‌ରେ ଦାନୀ-୧୧କୁ ହରାଇ ଚାମ୍ପିଅନ୍ ହୋଇଛି। ପ୍ଲେ ବ୍ୟାକ୍ ଚ୍ୟାଲେଞ୍ଜର୍ ପ୍ରଥମେ ବ୍ୟାଟିଂ କରି ୧୨ ଓଭରରେ ୬ ୱିକେଟ୍ ହରାଇ ୧୪୯ ରନ୍ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ଅଞ୍ଜନ କୁମାର ତାମରେକର ୪୧, ତାପସ କୁମାର ରାଉତ ୩୭ ଓ ଶଙ୍କର ସାହୁ ୨୫ ରନ୍ କରିଥିଲେ। ଏହାର ଜବାବରେ ଦାନୀ ଦଳ ୧୧. ୪ ଓଭର୍‌ରେ ସମସ୍ତ ୱିକେଟ୍ ହରାଇ ୧୩୬ ରନ୍ କରିପାରିଥିଲେ। ଦଳ ପକ୍ଷରୁ ସୌମ୍ୟରଞ୍ଜନ ଧଳ ୪୪ ଓ ପ୍ରବୀଣ କୁମାର ଘଣା ୩୦ ରନ୍ କରିଥିବାବେଳେ ବିପକ୍ଷ ଦଳର ଆଦିତ୍ୟ କୁମାର ବସା ୩ଟି, ସୁବିତ ସେଠୀ, ସଚ୍ଚିନ୍ଦ୍ର ନାଏକ ଓ ଅଞ୍ଜନ କୁମାର ତାମରେକର୍ ୨ଟି ଲେଖାଏଁ ୱିକେଟ୍ ଅକ୍ତିଆର କରିଥିଲେ।



ଗଦାଧର ନାୟକ ଓ ଲକ୍ଷ୍ମୀଧର ସିଂ ଖେଳ ପରିଚାଳନା କରିଥିବାବେଳେ କରନ ଖାନ୍ ସ୍କୋରିଂରେ ସହାୟତା ଏବଂ ପଙ୍କଜ ମହାକୁଡ଼ ଧାରା ବିବରଣୀ ପ୍ରଦାନ କରିଥିଲେ। ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଭାବେ ଅଞ୍ଜନ ତାମରେକରଙ୍କୁ ସାଇକେଲ୍, ଶ୍ରେଷ୍ଠ ବ୍ୟାଟ୍ସମ୍ୟାନ୍ ଓ ମ୍ୟାନ୍ ଅଫ୍ ଦି ସିରିଜ୍ ଭାବେ ରିତୁନ ମହାନ୍ତିଙ୍କୁ ୱାସିଙ୍ଗ୍ ମେସିନ୍ ଓ ହିରୋ ବାଇକ୍, ଶ୍ରେଷ୍ଠ ବୋଲର୍ ଭାବେ ସୁବିତ ସେଠୀଙ୍କୁ ଫ୍ରିଜ୍, ଶ୍ରେଷ୍ଠ ଫିଲଡର୍ ଭାବେ ଆଦିତ୍ୟ ବସାଙ୍କୁ ସ୍ମାର୍ଟୱାଚ୍ ସହ ଟ୍ରଫି ପ୍ରଦାନ କରାଯାଇ ପୁରସ୍କୃତ କରାଯାଇଛି। ଏହାସହ ଚାମ୍ପିଅନ୍ ଦଳକୁ ୨.୫ ଲକ୍ଷ ଟଙ୍କା ଏବଂ ରନର୍ସଅପ୍ ଦଳକୁ ୨ ଲକ୍ଷ ଟଙ୍କା ପ୍ରଦାନ କରାଯାଇଥିଲା। କମିଟିର ସଭାପତି ସୌମ୍ୟ ରଞ୍ଜନ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ନଗର ଉନ୍ନୟନ ମନ୍ତ୍ରୀ ଡଃ କୃଷ୍ଣଚନ୍ଦ୍ର ମହାପାତ୍ର ଓ ସମ୍ମାନିତ ଅତିଥିଭାବେ ବାରିପଦା ବିଧାୟକ ପ୍ରକାଶ ସୋରେନ୍ ଯୋଗଦେଇ ପୁରସ୍କାର ବିତରଣ କରିବା ସହ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଅନ୍ୟ ଅତିଥିଙ୍କ ମଧ୍ୟରେ ନଗରପାଳ କୃଷ୍ଣାନନ୍ଦ ମହାନ୍ତି, କ୍ରୀଡ଼ାବିତ୍ ପରେଶ ମହାନ୍ତ, କ୍ରୀଡ଼ା ସଂଗଠକ ଗିରିଶ ଚନ୍ଦ୍ର ଦାସ, ସ୍ଥାନୀୟ କାଉନସିଲର୍ ବିବେକାନନ୍ଦ ନାୟକ, ସମାଜସେବୀ ଅମର ସେଠୀ, ଯୁବ କଣ୍ଠଶିଳ୍ପୀ ସୌରଭ ଭରଦ୍ୱାଜ, ପୂର୍ବତନ କ୍ରିକେଟ୍ ଖେଳାଳି ଲଲାଟେନ୍ଦୁ ବେହେରା ଓ ବିକ୍ରମ ମହାନ୍ତି ପ୍ରମୁଖ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ପଙ୍କଜ ମହାକୁଡ଼ ମଞ୍ଚ ପରିଚାଳନା କରିଥିବାବେଳେ ଆୟୋଜନ କମିଟିର ସମସ୍ତ କର୍ମକର୍ତ୍ତା ଓ ସଦସ୍ୟ ଟୁର୍ଣ୍ଣାମେଣ୍ଟକୁ ସଫଳ କରିଥିବାରୁ ସଭାପତି ଶ୍ରୀ ମିଶ୍ର ଧନ୍ୟବାଦ ଦେଇଥିଲେ। ପ୍ରକାଶଥାଉକି ଏହି ଟୁର୍ଣ୍ଣାମେଣ୍ଟରେ ଜାତୀୟସ୍ତରୀୟ ଟେନିସ୍ ବଲ୍ ଖେଳାଳି ଅଙ୍କୁର ସିଂହ, ଜଗତ ସରକାର, ସରୋଜ ପାରମାଣିକ ଓ ଶିବମ କୁମାର ମଧ୍ୟ ଅଂଶଗ୍ରହଣ କରିଥିଲେ।

# 'ନିଶାମୁକ୍ତ ଭାରତ' ଶୀର୍ଷକ ସଚେତନତା କାର୍ଯ୍ୟକ୍ରମ




**ବାରିପଦା, ୨।୩/ଏନ୍ଏନ୍ଏସ୍:** ସ୍ଥାନୀୟ ମହାରାଜପୁରସ୍ଥିତ ମୟୂରଭଞ୍ଜ କଲେଜ ଅଫ୍ ଏକାଉଣ୍ଟାନ୍ସି ଆଣ୍ଡ ମ୍ୟାନେଜମେଣ୍ଟରେ ଈଶ୍ୱରୀୟ ପ୍ରଜାପିତା ବ୍ରହ୍ମକୁମାରୀ ସଂଗଠନର ମିଳିତ ଆନୁକୂଲ୍ୟରେ 'ନିଶାମୁକ୍ତ ଭାରତ' ଶୀର୍ଷକ ଏକ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଦୀପ କୁମାର ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଈଶ୍ୱରୀୟ ପ୍ରଜାପିତା ବ୍ରହ୍ମକୁମାରୀ ସଂଗଠନର ଚନ୍ଦ୍ରମୋହନ ବେହେରା, ପ୍ରାଧ୍ୟାପକ ଡ଼. ଆଶିଷ କୁମାର ବେହେରା, ବ୍ରହ୍ମକୁମାର ଧୀରେନ ଭାଇ, ବ୍ରହ୍ମକୁମାରୀ ବିନିତା ଭଉଣୀଙ୍କ ସମେତ ବହୁ ବ୍ରହ୍ମକୁମାର ଓ ବ୍ରହ୍ମକୁମାରୀ କାର୍ଯ୍ୟକ୍ରମରେ ଭାଗନେଇ ନିଶାର ପ୍ରଭାବ ଏବଂ ଏଥିରୁ ମୁକୁଳିବାର ଉପାୟ ବିଷୟରେ ଆଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଉପାଧ୍ୟକ୍ଷା ସଂଘମିତ୍ରା ରାଉତ, ମୀରା ସେନାପତି, ସୁଜାତା ପାଲ, ସସ୍ମିତା ରାଉତ, ନିବେଦିତା ବେହେରା, ରୀନା ମହାନ୍ତ ସୁଶ୍ରୀ ନାୟକ, ଡ଼. ଠାକୁରା ଚରଣ ମାରାଣ୍ଡି, ଶ୍ରୀରାମ ଟୁଡୁ, ନିବେଦିତା ବେହେରା, ଲକ୍ଷ୍ମୀ ଚାପିଆର, ରୁପମାଞ୍ଜରୀ ବେହେରା ଓ ଅଭିପ୍ସା ନାୟକ ପ୍ରମୁଖ ଆଲୋଚନାରେ ଭାଗନେଇ ମତ ଉପସ୍ଥାପନ କରିଥିଲେ। ଶେଷରେ ନିଜ ପରିବାର, ମହାବିଦ୍ୟାଳୟ, ଗ୍ରାମ, ରାଜ୍ୟ ଓ ଦେଶକୁ ନିଶାମୁକ୍ତ ରଖିବା ପାଇଁ ସମୂହ ଶପଥପାଠ କରାଯାଇଥିଲା। ବିଏଏଲ୍ଏଲ୍‌ବି ବିଭାଗ ମୁଖ୍ୟ ଜ୍ଞାନରଞ୍ଜନ ପଣ୍ଡା ଧନବାଦ ଦେଇଥିଲେ।

## ପ୍ରଥମ ପୃଷ୍ଠାରୁ

### ମହାପ୍ରଳୟର କରାଳ ...

ପରିଣାମ ସାରା ବିଶ୍ୱକୁ ପ୍ରଭାବିତ କରିଦେଇଛି। ଯୁଦ୍ଧର ତୃତୀୟ ଦିନରେ ଆଜି ପଶ୍ଚିମ ଏସିଆରେ ଇରାନ ତାଣ୍ଡବଲୀଳା ରଚିଛି। ବାଲିଷ୍ଟିକ ମିଜାଇଲ ଓ ଡ୍ରୋନ ହମଲାରେ ଥରହର ହୋଇଛି ସାଉଦିଆରବ, ୟୁଏଇ, କୁଏତ ଓ ବାହାରିନ ଭଳି ଆରବ ଦେଶ। ଆଜି ସାଉଦିଆରବକୁ ସବୁଠୁ ବଡ଼ ଝଟକା ଦେଇ ଆମେରିକାକୁ ଖୋଲା ଚ୍ୟାଲେଞ୍ଜ ଦେଇଛି ଇରାନ। ଇରାନର ଡ୍ରୋନ ଆଟାକରେ କ୍ଷତିଗ୍ରସ୍ତ ହୋଇଛି ସାଉଦି ଆରବର ସବୁଠୁ ବଡ଼ ତୈଳ ବିଶୋଧନାଗାର। ଆରାମକୋରେ ଥିବା ରାସ ତାନୋରା ବିଶୋଧନାଗାରରେ ଇରାନ ପକ୍ଷରୁ ଏକାଧିକ ଡ୍ରୋନ ମାଡ଼ କରାଯାଇଛି। ଡ୍ରୋନ୍ ଆଟାକ ଯୋଗୁ ବିଶୋଧନାଗାରରେ ଜଳି ଯାଇଥିବା ବେଳେ ସେଠାରୁ ଭୟଙ୍କର କଳା ଧୂଆଁ ବାହାରୁ ଥିବା ଭିଡିଓ ସାମ୍ନାକୁ ଆସିଛି। ସାଉଦି ଆକ୍ରମଣକୁ ନିଶ୍ଚିତ କରିବା ସହ ଅସ୍ଥାୟୀ ଭାବେ ରାସ ତାନୋରା ବିଶୋଧନାଗାରକୁ ବନ୍ଦ କରିଥିବା କହିଛି। ରାସ ତାନୋରା ହେଉଛି ବିଶ୍ୱ ତଥା ସାଉଦିର ଅନ୍ୟତମ ବଡ଼ ତୈଳ ବିଶୋଧନାଗାର। ଏଠାରେ ଦୈନିକ ୫୫୦,୦୦୦ ବ୍ୟାରେଲ ତୈଳ ଉତ୍ପାଦନ ହୋଇଥାଏ। ତେଣୁ ଏତେ ବଡ଼ ବିଶୋଧନାଗାର ଉପରେ ହମଲା ପୁରା ମଧ୍ୟପ୍ରାଚ୍ୟର ଶକ୍ତି ଭିତ୍ତିଭୂମିରେ ବିଭ୍ରାଟ ସୃଷ୍ଟି କରିପାରେ। ଏହାକୁ ନେଇ ପୁରା ବିଶ୍ୱ ଏବେ ଚିନ୍ତାରେ ରହିଛି।

ଇରାନର ପ୍ରତିଶୋଧ ନିଆଁରେ ଜଳୁଛି ଇସ୍ରାଏଲ ସମେତ ଉପସାଗରୀୟ ଦେଶ। ବିଭିନ୍ନ ଦେଶରେ ଥିବା ଆମେରିକାର ସାମରିକ ଘାଟିକୁ ଟାର୍ଗେଟ କରି ଇରାନ ମିଜାଇଲ ଛାଡୁଛି। କୁଏତରେ ଆମେରିକାର ଯୁଦ୍ଧ ବିମାନ ଏଫ-୧୫କୁ ମାରି ଖସାଇଥିବା ଇରାନ ଦାବି କରିଛି। ସେହିପରି କୁଏତରେ ଥିବା ଆମେରିକାର ଦୂତାବାସ ଉପରେ ବି ଭୟଙ୍କର ଆକ୍ରମଣ ହୋଇଛି। ବାହାରିନରେ ଥିବା ଆମେରିକା ନେଭିର ମୁଖ୍ୟାଳୟକୁ ମିଜାଇଲ ଛାଡ଼ି ନିଶାନା କରିଛି ଇରାନ ସାମରିକ ବାହିନୀ। ଆବୁଧାବିରେ ଥିବା ଫ୍ରାନ୍ସ ନୌସେନା ବେସ ଉପରେ ବି ଆଟାକ କରିଛି। ଏଥିରେ ଏକ ହ୍ୟାଙ୍ଗର କ୍ଷତିଗ୍ରସ୍ତ ହୋଇଥିବା ଫ୍ରାନ୍ସ ପ୍ରତିରକ୍ଷା ମନ୍ତ୍ରୀ ସ୍ପଷ୍ଟ କରିଛନ୍ତି। କତାର, ୟୁଏଇ, ଜୋର୍ଡାନ, ବାହାରିନ, ସାଉଦିଆରବରେ ସିରିଜ ଧମାକା ସହିତ ଆମେରିକାର ସାମରିକ ଘାଟି ଉପରେ ଆକ୍ରମଣ କରି ଆରବ ଦେଶର ନିଦ ହଜାଇ ଦେଇଛି ଇରାନ। ଗୋଟିଏ ପଟେ ଇରାନର ବଦଲା। ଅନ୍ୟପଟେ ଇସ୍ରାଏଲ ବି ଆମେରିକାର ସହାୟତାରେ ତେହେରାନ ଛାତିରେ ପ୍ରଚଣ୍ଡ ଆକ୍ରମଣ ସହ ନିରନ୍ତର ହମଲା ଜାରି ରଖିଛି। ଜଳ, ସ୍ଥଳ ଓ ଆକାଶ ମାର୍ଗରୁ ଘମାଘୋଟ ଲଢ଼େଇ ଚାଲିଛି। କେହି କାହାରିକୁ ବିଲକୁଲ ଛାଡ଼ିବା ମୁଡରେ ନାହାନ୍ତି। ଇରାନର ଅଷ୍ଟର ଗ୍ରାଉଣ୍ଡ ମିଜାଇଲ ଆଟାକକୁ ବି-୨ ବମ୍ବର୍ସରୁ ବୋମା ବର୍ଷଣ କରି ଆମେରିକା ଛାରଖାର କରିଦେଇଛି। ସେହିପରି ଇରାନର ୯ଟି ନୌସେନା ଜାହାଜକୁ ବୁଡ଼ାଇ ଦେଇଥିବା ଦାବି ବି କରିଛି। ଇରାନ ସେନାକୁ ଚେତାବନୀ ଦେଇ ଟ୍ରମ୍ପ କହିଛନ୍ତି ଅସ୍ତ୍ର ଛାଡ଼, ନହେଲେ ମୃତ୍ୟୁ ନିଶ୍ଚିତ। ଏହି ଯୁଦ୍ଧ ୪ ସପ୍ତାହ ଚାଲିପାରେ। ଯୁଦ୍ଧ ପରେ ଇରାନକୁ ଶତ୍ରୁ ଦେଶ ଆସିପାରେ।

ଏବେ ପ୍ରତି ମୁହୂର୍ତ୍ତରେ ମଧ୍ୟପ୍ରାଚ୍ୟର ଯୁଦ୍ଧ ସ୍ଥିତି ବଦଳୁଛି। ଏହା ଆଗକୁ କି ମୋଡ଼ ନେବ ତାହା ଉପରେ ସାରା ବିଶ୍ୱର ନଜର ରହିଛି।

ଇରାନର ସୁପ୍ରିମ ଲିଡରଙ୍କୁ ରିପୋର୍ଟ କରୁଥିବା ଇସଲାମିକ ରେଭ୍ୟୁଲୁସେନାରୀ ଗାର୍ଡ଼ସ(ଆଇଆରଜିସି) ଏବେ ଇସ୍ରାଏଲ ଠାରୁ ପ୍ରତିଶୋଧ ନେବାକୁ ପଣ କରିଛି। ଶନିବାର ଇସ୍ରାଏଲ ଓ ଆମେରିକାର ମିଳିତ ଆକ୍ରମଣରେ ଇରାନର ସୁପ୍ରିମ ଲିଡର ଆୟତୋଲ୍ଲା ଅଲୀ ଖାମେନେଇଙ୍କ ମୃତ୍ୟୁ ହେବା ପରେ ଆଇଆରଜିସି ବିଭିନ୍ନ ସ୍ଥାନରେ ଆକ୍ରମଣ କରୁଛି। ଏହିକ୍ରମରେ ଆଜି ଆଇଆରଜିସି ସିଧା ଇସ୍ରାଏଲର ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତାନ୍ୟାହୁଙ୍କ ଅଫିସକୁ ଟାର୍ଗେଟ କରିଛି। ତେଲ ଅଭିଭରେ ଥିବା ନେତାନ୍ୟାହୁଙ୍କ ଅଫିସ ସମେତ ଛାଉଣିରେ ଥିବା ସୁରକ୍ଷା ଓ ସାମରିକ କେନ୍ଦ୍ର ଓ ପୂର୍ବ ଜେରୁଜେଲମକୁ ଟାର୍ଗେଟ କରି ଇରାନ ଘନଘନ ମିସାଇଲ ମାଡ଼ କରିଥିବା କହିଛି। ନେତାନ୍ୟାହୁଙ୍କ ଅଫିସରେ ସର୍ପିଲ ମିସାଇଲ ଆଟାକ ହୋଇଥିବା ଆଇଆରଜିସି ଦାବି କରିଛି।

ଆଇଆରଜିସି ଗୋଟିଏ ବିବୃତିରେ କହିଛି ଯେ "ଇହୁଦି ଶାସନର ଅପରାଧିକ ପ୍ରଧାନମନ୍ତ୍ରୀଙ୍କ ଅଫିସ ଓ ଶାସନ ଜଳର ଏୟାର ଫୋର୍ସ କମାଣ୍ଡର ମୁଖ୍ୟାଳୟକୁ ଆଜି ଟାର୍ଗେଟ କରାଯାଇଛି। ଆକ୍ରମଣରେ ଇରାନ ଖୋରାମ ମିସାଇଲ ବ୍ୟବହାର କରିଛି।" ତେବେ ଏଥିରେ କ'ଣ କ୍ଷୟକ୍ଷତି ହୋଇଛି ଓ ନେତାନ୍ୟାହୁ ସୁରକ୍ଷିତ ରହିଛନ୍ତି କି ନାହିଁ, ସେକଥା ଆଇଆରଜିସି କହିନାହିଁ। ସେହିପରି ଇସ୍ରାଏଲ ସରକାରଙ୍କ ପକ୍ଷରୁ ମଧ୍ୟ ଏବେ ପର୍ଯ୍ୟନ୍ତ ନେତାନ୍ୟାହୁଙ୍କ ଅଫିସରେ ଏଭଳି ଆକ୍ରମଣ ସମ୍ପର୍କରେ କିଛି ବି କୁହାଯାଇ ନାହିଁ। ସେହିପରି ମାତ୍ର ୨୪ ଘଣ୍ଟା ତଳେ ଇରାନର ଅନ୍ତରୀଣ ସୁପ୍ରିମ ଲିଡର ହୋଇଥିବା ଆୟତୋଲ୍ଲା ଅଲୀରେଜା ଆରାଫି ମୃତ। ଆମେରିକା ଓ ଇସ୍ରାଏଲ ମିଳିତ ଭାବେ ଇରାନରେ କରୁଥିବା ଏୟାର ଷ୍ଟ୍ରାଇକରେ ତାଙ୍କର ମୃତ୍ୟୁ ହୋଇଥିବା ଅନ୍ତର୍ଜାତୀୟ ଗଣମାଧ୍ୟମରେ ଖବର ପ୍ରକାଶ ପାଇଛି। ବିଶେଷ କରି ଇସ୍ରାଏଲ ଗଣମାଧ୍ୟମଗୁଡ଼ିକ ଏପରି ଖବର ପ୍ରକାଶ କରିଛନ୍ତି। କିନ୍ତୁ ଏନେଇ ଇରାନ ପକ୍ଷରୁ କୌଣସି ସୂଚନା ଦିଆଯାଇ ନାହିଁ।

ଅନ୍ୟପକ୍ଷରେ ଇରାନ ଉପରେ ଇସ୍ରାଏଲ ଓ ଆମେରିକାର ଆକ୍ରମଣ କ୍ରମାଗତ ୩ୟ ଦିନରେ ଜାରି ରହିଛି। ଇରାନରେ ଇସ୍ରାଏଲ ଓ ଆମେରିକା କରୁଥିବା ହମଲା ଯୋଗୁ ୫୫୫ ଜଣଙ୍କ ମୃତ୍ୟୁ ଘଟି ସାରିଲାଣି। ସେହିପରି ଇରାନର ୧୩୧ଟି ସହରରେ ଏବେ ବି ଆକ୍ରମଣ ଜାରି ରହିଛି। ଇରାନର ପାଲଟା ଆକ୍ରମଣରେ ମଧ୍ୟ ଇସ୍ରାଏଲରେ ୧୧ ଜଣଙ୍କ ଜୀବନ ଯାଇଥିବା ଇରାନୀୟ ରେଡ କ୍ରେସେଣ୍ଟ ସୋସାଇଟୀ ପକ୍ଷରୁ ସୂଚନା ଦିଆଯାଇଛି।

### ଶାନ୍ତି ପାଇଁ ମୋଦୀଙ୍କ ...

ପାଇଁ ଗଭୀର ଚିନ୍ତାର ବିଷୟ। ଭାରତ ସମସ୍ତ ବିବାଦର ସମାଧାନ ପାଇଁ ଆଲୋଚନା ଏବଂ କୂଟନୀତିକୁ ସମର୍ଥନ କରେ। ଏହି କ୍ଷେତ୍ରରେ ସମସ୍ତ ଭାରତୀୟ ନାଗରିକଙ୍କ ସୁରକ୍ଷା ସୁନିଶ୍ଚିତ କରିବା ପାଇଁ ଆମେ ସମସ୍ତ ଦେଶ ସହିତ ଘନିଷ୍ଠ ଭାବରେ କାମ କରିବୁ।'

ସୋମବାର କାନାଡ଼ା ପ୍ରଧାନମନ୍ତ୍ରୀଙ୍କ ସହ ଏକ ପ୍ରେସ୍ ବ୍ରିଫ୍ ସମୟରେ ସେ ଏହି ବିବୃତି ଦେଇଛନ୍ତି। ଏହା ପୂର୍ବରୁ ପ୍ରଧାନମନ୍ତ୍ରୀ ସୋମବାର ଦିନ ଇସ୍ରାଏଲୀ ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତାନ୍ୟାହୁଙ୍କ ସହ ମଧ୍ୟ ଫୋନ୍ରେ କଥା ହୋଇଥିଲେ। ସେମାନେ ପଶ୍ଚିମ ଏସିଆର ସାମ୍ପ୍ରତିକ ପରିସ୍ଥିତି ବିଷୟରେ ଆଲୋଚନା କରିଥିଲେ ଏବଂ ସାମ୍ପ୍ରତିକ ଘଟଣାବଳୀ ସମ୍ପର୍କରେ ଭାରତର ଚିନ୍ତାକୁ ଜଣାଇଥିଲେ। କଥାବାର୍ତ୍ତା ସମୟରେ, ପ୍ରଧାନମନ୍ତ୍ରୀ ନାଗରିକଙ୍କ ସୁରକ୍ଷାକୁ ପ୍ରାଥମିକତା ଦେବା ଉପରେ ଗୁରୁତ୍ୱାରୋପ କରିଥିଲେ।

ଅନ୍ୟପକ୍ଷରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ସାଉଦି ଆରବର ଯୁବରାଜ ଏବଂ ପ୍ରଧାନମନ୍ତ୍ରୀ ପ୍ରିନ୍ସ ମହମ୍ମଦ ବିନ୍ ସଲମାନ ଏବଂ ବାହାରିନର ରାଜା ହମାଦ ବିନ୍ ଇସା ଅଲ୍ ଖଲିଫାଙ୍କ ସହ ଟେଲିଫୋନ୍ ମାଧ୍ୟମରେ କଥା ହୋଇଛନ୍ତି। ମଧ୍ୟପ୍ରାଚ୍ୟରେ ହୋଇଥିବା ଆକ୍ରମଣକୁ ମୋଦି ନିନ୍ଦା କରିଛନ୍ତି ଏବଂ ସମ୍ପୃକ୍ତ ଦେଶରେ ଭାରତୀୟ ସମ୍ପ୍ରଦାୟର ସମର୍ଥନ କରିବା ପାଇଁ ଦୁଇ ରାଷ୍ଟ୍ରମୁଖ୍ୟଙ୍କୁ ଧନ୍ୟବାଦ ମଧ୍ୟ ଦେଇଛନ୍ତି।

### ମେ ଦ୍ୱିତୀୟ ସପ୍ତାହରେ ...

ହୋଇଗଲାଣି। ୧୯ ତାରିଖରୁ ସବଜେକ୍ଟିଭ ପେପର ଗୁଡିକର ମୂଲ୍ୟାୟନ ଆରମ୍ଭ ହୋଇଯିବ। ଖାତା ଦେଖା ପାଇଁ ୫୨ଟି ମୂଲ୍ୟାୟନ କେନ୍ଦ୍ରର ବ୍ୟବସ୍ଥା ହୋଇଛି। ମେ' ମାସ ୨ୟ ସପ୍ତାହ ସୁଦ୍ଧା ପରୀକ୍ଷା ଫଳ ପ୍ରକାଶ କରିବାକୁ ସବୁ ପ୍ରକାରର ଚେଷ୍ଟା କରାଯାଉଛି ବୋଲି ବୋର୍ଡ ସଭାପତି ଶ୍ରୀକାନ୍ତ ତରାଇ କହିଛନ୍ତି। ଚଳିତ ବର୍ଷ ରେକର୍ଡ ସଂଖ୍ୟକ ଭିନ୍ନକ୍ଷମ ପରୀକ୍ଷାର୍ଥୀ ମାଟ୍ରିକ ପରୀକ୍ଷାରେ ସାମିଲ ହୋଇଥିଲେ, ସେମାନଙ୍କର ସଂଖ୍ୟା ଥିଲା ୩ ହଜାର ୯ ଶହ ୧୯। ତେବେ ଦୁଃଖର କଥା ହେଲା, ଏଥର ମଧ୍ୟ ପ୍ରାୟ ୧୨ ହଜାର ଛାତ୍ରଛାତ୍ରୀ ପରୀକ୍ଷା ଦେଇ ନାହାନ୍ତି।

### ୨୫ରୁ ରତ୍ନଭଣ୍ଡାର ...

ତାଲିକା ସହ ୧୯୮୨, ୧୯୮୫ ମସିହାର କିଛି ଅଳଙ୍କାର ବାହାରିଥିବାରୁ ମେଳକ କରାଯିବ। ଶ୍ରୀମନ୍ଦିର ରତ୍ନଭଣ୍ଡାର ଅଳଙ୍କାର ଗଣତି ମଣତି ପାଇଁ ସୁପରଭାଇଜିଂ ଓ ହ୍ୟାଣ୍ଡଲିଙ୍ଗ ଟିମ ଏହିଭଳି ଦୁଇଟି ଟିମ୍ ଗଠିତ ହୋଇଛି। ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ସୁପରଭାଇଜିଂ ଟିମ୍ର ଅଧ୍ୟକ୍ଷ ରହିଥିବାବେଳେ ରତ୍ନଭଣ୍ଡାର ତଦାରଖ କମିଟିର ଦୁଇ ଜଣ ସଦସ୍ୟ, ଜଣେ ସେବାୟତ ସଦସ୍ୟ ରହିଛନ୍ତି। ସେହିପରି ହ୍ୟାଣ୍ଡଲିଙ୍ଗ ଟିମରେ ଶ୍ରୀମନ୍ଦିର ପରିଚାଳନା କମିଟିର ଜଣେ ସଦସ୍ୟ, ପାଟଯୋଶୀ ମହାପାତ୍ର, ଭଣ୍ଡାର ମେକାପ, ତଢ଼ଉକରଣ, ଦେଉଳକରଣ, ଶ୍ରୀ ମନ୍ଦିର ବଣିଆ ସେବକ, ଦୁଇ ଜଣ ସ୍ୱର୍ଣ୍ଣକାର, ଦୁଇ ଜଣ ଯେମଲୋଜିଷ୍ଟ, ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆର ଜଣେ ଅଧିକାରୀ ପ୍ରମୁଖ ସାମିଲ ରହିବେ। ତିନୋଟି ପର୍ଯ୍ୟାୟରେ ଅଳଙ୍କାର ଗଣତିମଣତି ହେବ। ପ୍ରଥମେ ଚଳନ୍ତି, ପରେ ବାହାର ଓ ଶେଷରେ ଭିତର ରତ୍ନଭଣ୍ଡାରରୁ ଅଳଙ୍କାର ଗଣତିମଣତି ହେବ। ଭିତର ରତ୍ନଭଣ୍ଡାରର ଚାବି ପ୍ରତ୍ୟେକ ଦିନ ଗଣତି ମଣତି ପରେ ଟ୍ରେଜେରୀରେ ଜମା ହେବ ଓ ପୁନର୍ବାର ଗଣତି ମଣତି ସମୟରେ ଆସିବ । ସମସ୍ତେ ଗୋପନୀୟତା ବଜାୟ ରଖିବେ। ରତ୍ନ ଅଳଙ୍କାର ଗଣତି ମଣତି ସମୟରେ ବାହାର କାଠରୁ ଶ୍ରୀଜୀଉଙ୍କ ଦର୍ଶନ ଦର୍ଶନ କରିବେ ଶ୍ରଦ୍ଧାଳୁ । ଗଜପତି ମହାରାଜା ଦିବ୍ୟସିଂହ ଦେବଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପରିଚାଳନା କମିଟି ବୈଠକରେ ରାଜ୍ୟ ମୁଖ୍ୟ ଶାସନ ସଚିବ ତଥା କାର୍ଯ୍ୟକାରୀ ଅଧ୍ୟକ୍ଷ ଅନୁ ଗର୍ଗ, ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ, ଜିଲ୍ଲାପାଳ ,ଏସପି , ଶ୍ରୀମନ୍ଦିର ପରିଚାଳନା କମିଟି ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ।

## ମା' ପଞ୍ଚମୁଖି ମଙ୍ଗଳାଙ୍କ ନୂତନ ବିଗ୍ରହ ପ୍ରତିଷ୍ଠା

**କଣ୍ଟାପଡ଼ା,୨।୩/ଏନ୍ଏନ୍ଏସ୍:** ହରିଅନ୍ତା ପଞ୍ଚାୟତ ଅନ୍ତର୍ଗତ ଶିଶୋ ଗ୍ରାମର ଅଧିଷ୍ଠାତ୍ରୀ ମା' ପଞ୍ଚମୁଖି ମଙ୍ଗଳା ମନ୍ଦିରର ନୂତନ ବିଗ୍ରହ ପ୍ରତିଷ୍ଠା ଉତ୍ସବ କର୍ତ୍ତା ସୁଦର୍ଶନ ଭୋଇଙ୍କ ତତ୍ତ୍ୱାବଧାନରେ ସମ୍ପନ୍ନ ହୋଇଛି। ଏହା ତିନି ଦିନ ଧରି ଚାଲିଥିଲା। ଏହି ଉପଲକ୍ଷେ ପ୍ରତ୍ୟହ ସଂଧ୍ୟାରେ ନାମ ସଂକୀର୍ତ୍ତନ, ବିବେକ ଭଗତଙ୍କଦ୍ୱାରା ଗୀତାପାଠ ଓ ଚଗଲା ବାବା ପ୍ରବଚନ ପ୍ରଦାନ କରିଥିଲେ। ଉଦ୍ଯାପନ ଦିବସରେ ବିଧାୟକ ଛବି ମଲିକ, ବଦ୍ରିନାରାୟଣ ସାମନ୍ତରାୟ, ଗୌରାଙ୍ଗ ନାଥ, ସଂଗ୍ରାମ ସାମନ୍ତରାୟ, ମନମୋହନ ଭୋଇ ଓ ପ୍ରଫୁଲ୍ଲ କୁମାର ଭୋଇ ଯୋଗଦେଇଥିଲେ। ୭୫ବର୍ଷର ପୁରାତନ ଏହି ଅନୁଷ୍ଠାନଦ୍ୱାରା ଆୟୋଜିତ ବିଶ୍ୱଶାନ୍ତି ମହାଯଜ୍ଞ ଓ ପ୍ରତିଷ୍ଠା ଉତ୍ସବକୁ ସୁକାନ୍ତକୁମାର ଭୋଇ, ଉପେନ୍ଦ୍ର ଭୋଇ, ଦୀନକୃଷ୍ଣ ଭୋଇ, କାଳନ୍ଦୀ ଭୋଇ ଓ ତୁଷାର ଭୋଇ ପରିଚାଳନା କରିଥିଲାବେଳେ ଶିଶୋ ଗ୍ରାମବାସୀ ସହଯୋଗ କରିଥିଲେ। ପୂର୍ଣ୍ଣାହୁତି ସଂଧ୍ୟାରେ ଖଦୋଲ, ତୋଟାସାହି, ବଡ଼ଝରିଲୋ, ମହୁରା, ବମ୍ପିଲୋ, ସିମୋଳ ଓ ଶିଶୋ ଆଦି ଆଖପାଖ ଅଞ୍ଚଳର ଶ୍ରଦ୍ଧାଳୁମାନେ ଯୋଗଦେଇଥିଲେ।

# ଖୋର୍ଦ୍ଧା ସଦର ମହକୁମାରେ ଜନଶୁଣାଣି



**ଖୋର୍ଦ୍ଧା,୨।୩/ଏନ୍ଏନ୍ଏସ୍:** ଜିଲ୍ଲାପାଳ ଏବଂ ଜିଲ୍ଲା ମାଜିଷ୍ଟ୍ରେଟ ଅମ୍ରିତ୍ ଋତୁରାଜ ଏବଂ ଆରକ୍ଷୀ ଅଧିକ୍ଷକ ବିବେକାନନ୍ଦ ଶର୍ମାଙ୍କ ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର ପୂର୍ବାହ୍ନରେ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଜନଶୁଣାଣି ଶିବିରରେ ଅତିରିକ୍ତ ଜିଲ୍ଲାପାଳ, ପ୍ରଶାସନ ପ୍ରତାପ ଚନ୍ଦ୍ର ବେଉରା, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ ଜ୍ୟୋତିଶଙ୍କର ସାହୁ, ଉପଜିଲ୍ଲାପାଳ ସଂକଳ୍ପ ସ୍ୱସ୍ତିକ ସାହୁ, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ସଞ୍ଜୟ ଚନ୍ଦ୍ର ରାୟ ପ୍ରମୁଖ ଯୋଗଦେଇଥିଲେ। ଜିଲ୍ଲାପାଳ ଏବଂ ଜିଲ୍ଲା ମାଜିଷ୍ଟ୍ରେଟ କହିଲେ ଜନଶୁଣାଣି କାର୍ଯ୍ୟକ୍ରମ ସୁଶାସନ ବ୍ୟବସ୍ଥାର ଏକ ପ୍ରମୁଖ ଅଙ୍ଗ, ଏଣୁ ପ୍ରତ୍ୟେକ ଅଧିକାରୀ ନିଜ କାର୍ଯ୍ୟାଳୟ ଅଧୀନ କୌଣସି ଅଭିଯୋଗର ସମାଧାନକୁ ସ୍ଥଗିତ ନ ରଖି ସମାଧାନ ତ୍ୱରାନ୍ୱିତ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ସମସ୍ତ ଅଭିଯୋଗଗୁଡ଼ିକୁ ସରକାର ଏବଂ ଜିଲ୍ଲା ପ୍ରଶାସନ ନିୟମାନୁସାରେ ସମାଧାନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଆଜିର ଅଭିଯୋଗ ଶୁଣାଣିରେ ମୋଟ ୬୮ ଗୋଟି ଅଭିଯୋଗ ଆସିଥିବାବେଳେ ତନ୍ମଧ୍ୟରୁ ବ୍ୟକ୍ତିଗତ ଅଭିଯୋଗ ୫୮ ଗୋଟି ଏବଂ ଗ୍ରାମୀଣ ସମସ୍ୟା ଜନିତ ୧୦ ଗୋଟି ଅଭିଯୋଗ ଆସିଥିଲା। ଜିଲ୍ଲାପାଳ ଏବଂ ଜିଲ୍ଲା ମାଜିଷ୍ଟ୍ରେଟ ତତ୍କାଳ ୦୯ ଗୋଟି ଅଭିଯୋଗର ସମାଧାନ କରିଥିବାବେଳେ ଅନ୍ୟ ଅଭିଯୋଗ ଗୁଡ଼ିକୁ ସଂପୃକ୍ତ ବିଭାଗୀୟ ଅଧିକାରୀଙ୍କୁ ଯଥାଶୀଘ୍ର ସମାଧାନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମରେ ଆସିଷ୍ଟାଣ୍ଟ କଲେକ୍ଟର, ଅଭିଯୋଗ ଭୁବନେଶ୍ୱରୀ କଅଁର, ସମସ୍ତ ବି ଡି ଓ, ତହସିଲଦାରଙ୍କ ସମେତ ବିଭିନ୍ନ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀ, ବିଦ୍ୟୁତ୍ ବିଭାଗ ଅଧିକାରୀ ଯୋଗଦେଇଥିଲେ।

## ବିଧାୟକଙ୍କ ହସ୍ତକ୍ଷେପ ପରେ ଖୋଲିଲା ବିଦ୍ୟାଳୟ



**କୁଆଁପାଳ,୨।୩/ଏନ୍ଏନ୍ଏସ୍:** ମାହାଙ୍ଗା ବିଧାୟକ ଶାରଦା ପ୍ରଧାନଙ୍କ ହସ୍ତକ୍ଷେପ ଫଳରେ ଦୀର୍ଘ ୮ଦିନ ଧରି ବିଦ୍ୟାଳୟରେ ସୃଷ୍ଟି ହୋଇଥିବା ଅଚଳାବସ୍ଥା ଦୂର ହୋଇପାରିଛି ବୋଲି ବିଦ୍ୟାଳୟ ପରିଚାଳନା କମିଟି ପକ୍ଷରୁ ସୂଚନା ଦିଆଯାଇଛି। ମାହାଙ୍ଗା ବ୍ଲକର ଯଶୁଆପୁର ସ୍ଥିତ ଗୋପବନ୍ଧୁ ସରକାରୀ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ଉମେଶ ଚନ୍ଦ୍ର ଦେଉରୀଙ୍କୁ ମାହାଙ୍ଗା ବ୍ଲକ ଶିକ୍ଷାଧିକାରିଣୀ ମଧ୍ୟାହ୍ନଭୋଜନରେ ବ୍ୟତିକ୍ରମ ନେଇ ନିଲମ୍ବନ କରିଥିଲେ। ଯାହାକୁ ନେଇ ବିଦ୍ୟାଳୟ ଫାଟକରେ ଛାତ୍ରଛାତ୍ରୀ ଓ ଅଭିଭାବକମାନେ ତାଲା ପକାଇ ଧାରଣାରେ ବସିଥିଲେ। ପ୍ରଧାନଶିକ୍ଷକ ବିଦ୍ୟାଳୟକୁ ଫେରିବା ପାଇଁ ଦାବି କରିଥିଲେ। ପରେ ବିଦ୍ୟାଳୟ ଫାଟକରୁ ତାଲା ଖୋଲାଯାଇଥିଲେ ମଧ୍ୟ ୮ଦିନ ଧରି ଛାତ୍ରଛାତ୍ରୀମାନେ ବିଦ୍ୟାଳୟକୁ ଆସୁନଥିଲେ। ଯାହାକୁନେଇ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ବୃଦ୍ଧି ପାଇଥିଲା। ମାହାଙ୍ଗା ବିଧାୟକ ଏହି ଘଟଣାରେ ହସ୍ତକ୍ଷେପ କରି ୫ଦିନ ମଧ୍ୟରେ ସମସ୍ୟାର ସମାଧାନ କରିବା ପାଇଁ ପ୍ରତିଶୃତି ଦେଇଥିବା ପରିଚାଳନା କମିଟି ପକ୍ଷରୁ ସୂଚନା ଦିଆଯାଇଛି। ଆଜି ବିଦ୍ୟାଳୟ ଖୋଲିଲା ପରେ ଅଭିଭାବକମାନେ ତାଙ୍କର ପିଲାମାନଙ୍କୁ ବିଦ୍ୟାଳୟକୁ ପାଠ ପଢ଼ାଇବା ପାଇଁ ପଠାଇଥିଲେ। ମାହାଙ୍ଗା ବିଧାୟକଙ୍କ ଏହି ପଦକ୍ଷେପକୁ ସାଧାରଣରେ ସ୍ୱାଗତ କରାଯାଇଛି।

## ଗୋପୀନାଥଜିଉଙ୍କ ପୀଠରେ ବିଶ୍ୱଶାନ୍ତି ବିଷ୍ଣୁଯଜ୍ଞ



**ଓଡ଼ଗାଁ,୨।୩/ଏନ୍ଏନ୍ଏସ୍:** ଓଡ଼ଗାଁ ବ୍ଲକ ରଙ୍ଗଣିପାଟଣା ପଞ୍ଚାୟତ ଅନ୍ତର୍ଗତ ପାଇକ ପନ୍ତିଖାରୀ ଗ୍ରାମରେ ବିରାଜିତ ଶ୍ରୀ ଶ୍ରୀ ଲକ୍ଷ୍ମୀନାରାୟଣ ଜୀଉ ତଥା ଶ୍ରୀ ଶ୍ରୀ ଗୋପୀନାଥ ଜିଉଙ୍କ ପୁଣ୍ୟପୀଠରେ ଅଷ୍ଟାଦଶ ବାର୍ଷିକଉତ୍ସବ ଓ ବିଶ୍ୱକଲ୍ୟାଣ ଉଦ୍ଦେଶ୍ୟରେ ୪ଦିନ ଧରି ଚାଲିଥିବା ବିଷ୍ଣୁଯଜ୍ଞ ସୋମବାର ଉଦ୍ଯାପିତ ହୋଇଯାଇଛି। ଗ୍ରାମବାସୀଙ୍କ ଉଦ୍ୟମରେ ଅନୁଷ୍ଠିତ ଏହି ଯଜ୍ଞର ପ୍ରାରମ୍ଭ ଦିବସରେ ସୂର୍ଯ୍ୟପୂଜା, ଜଳଯାତ୍ରା, ଯଜ୍ଞଶାଳା ପ୍ରତିଷ୍ଠା ଓ ପୀଠପୂଜା ସହିତ ଶ୍ରୀ ଶ୍ରୀ ଲକ୍ଷ୍ମୀନାରାୟଣ ଜିଉ ତଥା ଶ୍ରୀ ଶ୍ରୀ ଗୋପୀନାଥ ଜିଉଙ୍କ ଉଦ୍ଦେଶ୍ୟରେ ଘୃତାହୁତି ପ୍ରଦାନ କରାଯାଇଥିଲା। ବୈଦିକ ବ୍ରାହ୍ମଣ ସମାଜରୁ ଆଚାର୍ଯ୍ୟ ଭାବେ ପଣ୍ଡିତ ସନ୍ତୋଷ କୁମାର ତ୍ରିପାଠୀ କାର୍ଯ୍ୟ ପରିଚାଳନା କରିଥିବାବେଳେ ପ୍ରଚାରକ ଭାବେ ପଣ୍ଡିତ ଶାନ୍ତନୁ କୁମାର ଦାସ, ଲଳିତ ମୋହନ ତ୍ରିପାଠୀ, ବିଜୟ ରଥ, ତୋଫାନ ତ୍ରିପାଠୀ, ହେମନ୍ତ ହୋତା, ଜଳନ୍ଧର ରଥ, ପ୍ରଭାକର ପଣ୍ଡାଙ୍କ ସମେତ ବରେଣ୍ୟ ପଣ୍ଡିତମାନେ ଯଜ୍ଞବିଧାନ କାର୍ଯ୍ୟ ପରିଚାଳନା କରିଥିଲେ। କର୍ତ୍ତା ଭାବେ ଶ୍ୟାମଘନ ପ୍ରଧାନ ଓ ତାଙ୍କ ସହଧର୍ମିଣୀ ସୀମା ପ୍ରଧାନ ଦାୟିତ୍ୱ ବହନ କରିଥିବାବେଳେ ପୂର୍ବାହ୍ନରେ ସୂର୍ଯ୍ୟପୂଜା, ପୀଠପୂଜା ଏବଂ ଅପରାହ୍ନରେ ଘୃତଯଜ୍ଞ ସହିତ ସଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପୂର୍ଣ୍ଣାହୁତି ମହୋତ୍ସବରେ ହଜାର ହଜାର ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ଯଜ୍ଞକମିଟି ସଭାପତି ଯୋଗେଶ୍ୱର ବେହେରା ଓ ସଂପାଦକ ସୁଦର୍ଶନ ନାୟକ କାର୍ଯ୍ୟ ପରିଚାଳନା କରିଥିବାବେଳେ ଚାରଣ ଶାଖା ସଂପାଦକ ରବୀନ୍ଦ୍ର କୁମାର ଦାସଙ୍କ ସମେତ ସମସ୍ତ ଗ୍ରାମବାସୀ ସହଯୋଗ କରିଥିଲେ। ପ୍ରତ୍ୟହ ସଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିବାବେଳେ ଉଦ୍ଯାପନୀ ସନ୍ଧ୍ୟାରେ ଗୋପୀନାଥପୁର, (ଦର୍ପନାରାୟଣ) କଳାକାରଙ୍କ ଦ୍ୱାରା ଗୀତିନାଟ୍ୟ 'ମହୀରାବଣ ବଧ' ବିମୋହିତ କରିଥିଲା।

## ବିଶ୍ୱକଲ୍ୟାଣ ମହାଯଜ୍ଞ, ଲଙ୍କାପୋଡ଼ି ଉତ୍ସବ

**ମୁଣ୍ଡମୁହାଣ,୨।୩/ଏନ୍ଏନ୍ଏସ୍:** ଭୁବନେଶ୍ୱର ଉପକଣ୍ଠ ବ୍ରହ୍ମକୁଣ୍ଡଳ ଗ୍ରାମର ଶ୍ରୀ ରାମଚନ୍ଦ୍ର ଦେବଙ୍କ ମନ୍ଦିର ପ୍ରାଙ୍ଗଣରେ ବିଶ୍ୱକଲ୍ୟାଣ ମହାଯଜ୍ଞ ଅନୁଷ୍ଠିତ ହୋଇଯାଇଛି, ଏହି ମହାଯଜ୍ଞ ପାଞ୍ଚଦିନ ବ୍ୟାପି ଅନୁଷ୍ଠିତ ହୋଇଥିବା ବେଳେ ଆଖପାଖ ଅଞ୍ଚଳର ଶ୍ରଦ୍ଧାଳୁଙ୍କ ଉପସ୍ଥିତ ମଧ୍ୟରେ ଶତାଧିକ ପୁରୁଷ ଏବଂ ମହିଳା ବ୍ରତଧାରୀ ନିକଟସ୍ଥ ପୁଷ୍କରଣୀରୁ ପବିତ୍ର ଜଳ ସଂଗ୍ରହ କରି କଳଶ ଶୋଭାଯାତ୍ରାରେ ଯୋଗ ଦେଇ ଗ୍ରାମ ପରିକ୍ରମା କରି ମନ୍ଦିରରେ କଳସ ସ୍ଥାପନା କରିଥିଲେ, ଶଙ୍ଖ, ଘଣ୍ଟ, ଘଣ୍ଟା, ହରିବୋଲ,ହୁଳହୁଳିରେ ଅଞ୍ଚଳରେ ଏକ ଆଧାତ୍ମିକ ପରିବେଶ ସୃଷ୍ଟି ହୋଇଯାଇଥିଲା, ଗ୍ରାମ ବାସୀଙ୍କ ସହଯୋଗରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବା ବେଳେ, ମୁଖ୍ୟ ଆକର୍ଷଣ ରାମ ନାଟକରେ ଲଙ୍କା ଦହନ ପରିବେଶଣ,ଭଜନ ସଂନ୍ଧ୍ୟା, ପ୍ରବଚନ ଆଦି ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଶଣ ହୋଇଥିଲା, ପ୍ରତ୍ୟେହ ସଂନ୍ଧ୍ୟାରେ ଆଳତୀ ଓ ନାମ ସଂକୀର୍ତନ ସହ ସହ ଭକ୍ତଙ୍କ ମନରେ ଏକ ଆଧ୍ୟାତ୍ମିକ ବାତାବରଣ ସୃଷ୍ଟି ହୋଇଥିଲା, ଆଜି ସଂନ୍ଧ୍ୟା ୫ଟା ୩୦ ମିନିଟ୍ ରେ ପୂର୍ଣ୍ଣାହୁତି ସହିତ ପ୍ରସାଦ ସେବନର ବ୍ୟବସ୍ଥା ଗ୍ରାମର କମିଟିଙ୍କ ଦ୍ୱାରା ବ୍ୟବସ୍ଥା କରାଯାଇଛି।

## ଚାଚେରୀ ଭୋଗ ଲାଗି ହେଲେ ବ୍ରଜମୋହନ ଦେବ

**ବୋଲଗଡ଼,୨।୩/ଏନ୍ଏନ୍ଏସ୍:** ବୋଲଗଡ଼ ସଦର ମୁଖ୍ୟାଳୟ ଠାରେ ଅଞ୍ଚଳର ବିଶେଷକରି ଗଡ଼ ଭିତର ରେ ଭଗବାନ ବ୍ରଜମୋହନ ଚାଚେରୀ ଭୋଗ ଲାଗି ହେବେ। ସାଧାରଣ ଓଡ଼ିଆ ମାନଙ୍କର ବାର ମାସରେ ତେର ପର୍ବ ଆଦିମ ବ୍ୟବସ୍ଥା ରହି ଆସିଅଛି।



ସେଥି ମଧ୍ୟରୁ ଦୋଳପର୍ବ ଏକ ପ୍ରମୁଖ ଭାବେ ଓଡ଼ିଆ ମାନଙ୍କର ପର୍ବରେ ମୋହର ବାଜିଛି। ତେବେ ଦୋଳ ପୂର୍ଣ୍ଣିମା ଅବସରରେ ସନ୍ଧ୍ୟାରେ ଦୋଳ ମଣ୍ଡପରେ ଓଡ଼ିଆ ପଞ୍ଜିକା ଗଣନା ସମାଜରେ ଏକ ସୁବ୍ୟବସ୍ଥା ସର୍ବମାନ୍ୟ। ଦୋଳପୂର୍ଣ୍ଣିମାର ଅବୈହିତ ପୂର୍ବ ଦିନର ବିଳମ୍ବିତ ସନ୍ଧ୍ୟାରେ ଅଞ୍ଚଳର ଆରାଧ୍ୟ ଦେବ ତଥା ବ୍ରଜମୋହନ ସ୍ଥାନୀୟ ମାଉସୀମା ଗଡ଼ଦେବୀ ରାମଚଣ୍ଡୀଙ୍କ ମନ୍ଦିରକୁ ସର୍ବ ପ୍ରଥମେ ଆସି ଆମ୍ବ ସହ ଭୋଗ ଲାଗି ପରେ ଗଡ଼ ଭିତର ସାହିରେ ଚାଚେରୀ ବୁଲି ଭୋଗ ଲାଗି ହେବା ତତ୍କାଳୀନ ଲକ୍ଷେ ରାଜାର ମଉଡ଼ମଣି ଗଜପତିଙ୍କ ଦ୍ୱାରା ସ୍ଥିରୀକୃତ ହୋଇ ଆସିଛି। ଏହି ପରମ୍ପରାକୁ ବଜାୟ ରଖି ସୋମବାର ବିଳମ୍ବିତ ସନ୍ଧ୍ୟାରେ ଠାକୁର ବ୍ରଜମୋହନ ଦେବ ଏକ ସୁସଜ୍ଜିତ ବିମାନରେ ଆଲଟ ଚାମର ସହ ପାଇକମାନଙ୍କ ଆଖଡା ବାଦ୍ୟର ତାଳେ ତାଳେ ମନ୍ଦିରରୁ ବାହାରି ଆସି ଚାଚେରୀ ଭୋଗ ଖାଇ ମନ୍ଦିରକୁ ପ୍ରତ୍ୟାବର୍ତ୍ତନ କରିଥିଲେ।

## ଜିଲ୍ଲାସ୍ତରୀୟ ଯୋଜନା ଓ ନିରୀକ୍ଷଣ ୟୁନିଟ୍ ପରିଚାଳନା କମିଟି ବୈଠକ



**ନୟାଗଡ଼,୨।୩/ଏନ୍ଏନ୍ଏସ୍:** ନୟାଗଡ଼ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସଦଭାବନା କକ୍ଷରେ ତୃତୀୟ ତ୍ରୈମାସିକ ଜିଲ୍ଲାସ୍ତରୀୟ ଯୋଜନା ଓ ନିରୀକ୍ଷଣ ୟୁନିଟର ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଜିଲ୍ଲା ମାଜିଷ୍ଟ୍ରେଟ୍ ତଥା ଜିଲ୍ଲାପାଳ ମଧୁମିତା ରଥ ସଭାପତିତ୍ୱ କରିଥିଲା ବେଳେ ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ ନୟାଗଡ଼ର ଅଧ୍ୟକ୍ଷ ବିଜୟ କୁମାର ତ୍ରିପାଠୀ ଆବାହକ ଥିଲେ । ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଗୀତାଞ୍ଜଳି ସାହୁ ଓ ବନଲତା ବେହେରା ଏହି ବୈଠକରେ ଯୋଗଦାନ କରି ଜିଲ୍ଲା ତରଫରୁ ନିଆଯାଉଥିବା ମୌଳିକ ସାକ୍ଷରତା ଓ ସଂଖ୍ୟାଜ୍ଞାନ ସମ୍ବଳିତ ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ତଥ୍ୟ ଉପସ୍ଥାପନ କରିଥିଲେ। ମନୋରଞ୍ଜନ ଦାଶ, ବରିଷ୍ଠ ଶିକ୍ଷକ ପ୍ରଶିକ୍ଷକ, ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ ଦ୍ୱାରା ଆୟୋଜିତ ହୋଇଥିବା ମୌଳିକ ସାକ୍ଷରତା ଓ ସଂଖ୍ୟାଜ୍ଞାନ ସମ୍ବନ୍ଧୀୟ ବିଭିନ୍ନ କାର୍ଯ୍ୟକ୍ରମର ଉପସ୍ଥାପନ କରିଥିଲେ। ବୈଠକରେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଜ୍ୟୋତ୍ସ୍ନା ମୟୀ ଆଚାର୍ଯ୍ୟ, ସିଡ଼ିପିଓ ସୌଦାମିନୀ ପଣ୍ଡା, ଜୟଶ୍ରୀ ପଟ୍ଟନାୟକ, ଚିତ୍ତରଞ୍ଜନ ବେହେରା (ଜିଲ୍ଲା ମଙ୍ଗଳ ଅଧିକାରୀ), ବିଇଓ ଉମାକାନ୍ତ ସେଠୀ ପ୍ରମୁଖ ଉପସ୍ଥିତ ରହି ଡି.ଆଇ.ଟି. ତରଫରୁ ନିଆଯାଇଥିବା ବିଭିନ୍ନ କାର୍ଯ୍ୟକ୍ରମର ଆଲୋଚନା କରିବା ସହିତ ଉଚ୍ଚ ପ୍ରଶଂସା କରିଥିଲେ।

## କାର୍-ବାଇକ୍ ମୁହାଁମୁହିଁ

**କୋଣାର୍କ,୨।୩/ଏନ୍ଏନ୍ଏସ୍:** କୋଣାର୍କ -କାକଟପୁର ମୁଖ୍ୟରାସ୍ତା ଦୁର୍ଘଟଣା ର ବ୍ଲାକ ସ୍ପଟ ଭାବେ ପରିଚିତ କୁଞ୍ଜମଠ ଗ୍ରାମ ବଢ଼େଇ ଛକ ବୁଲାଣି ଠାରେ ସନ୍ଧ୍ୟାରେ ଏକ କାର ସହ ବାଇକ୍ ମୁହାଁମୁହିଁ ଧକ୍କା ହୋଇଛି। ସୂଚନା ମୁତାବକ ସୋମବାର ସନ୍ଧ୍ୟାରେ କୋଣାର୍କରୁ ବଳିଦୋକାନ ଅଭିମୁଖେ ଏକ କାର ଯାଉଥିବା ବେଳେ ବଢ଼େଇ ଛକ ବୁଲାଣି ଠାରେ ନିଜର ଭାରସାମ୍ୟ ହରାଇ ନିକଟ ସମ୍ମୁଖରେ ଥିବା ଏକ ତ୍ରିନାଥ ମଣ୍ଡପ ଆଗରେ ପୂର୍ବରୁ ଥୁଆ ହୋଇଥିବା ଏକ ସ୍କୁଟିକୁ ସିଧାଯାଇ ପିଟିଥିଲା। ଫଳରେ କାରଟି ସମ୍ମୁଖ ଭାଗ ସହ କାଚ ଗୁଡିକ ଭାଙ୍ଗିରୁଜି ଯାଇଥିଲା ବେଳେ ସ୍କୁଟିଟି ମଧ୍ୟ ଭାଙ୍ଗିରୁଜି ଯାଇଥିଲା। କାରରେ ଥିବା ସମସ୍ତ ବ୍ୟକ୍ତି ସାମାନ୍ୟ ଆଘାତ ପାଇଥିଲା ବେଳେ କାହାର କିଛି ଗୁରୁତର ହୋଇନଥିବା ଜଣାପଡିଛି। ଖବର ପାଇ କୋଣାର୍କ ପୋଲିସ ଗାଡି ଦୁଇଟିକୁ ଜବତ କରି କୋଣାର୍କ ଥାନା କୁ ଆଣିଥିବା ଜଣାପଡିଛି। ଏହି ସ୍ଥାନଟି ଦୁର୍ଘଟଣାର ବ୍ଲାକ ସ୍ପଟ ଭାବେ ଅନେକ ଜୀବନ ନେଇଥିବା ନଜିର ରହିଛି। ତୁରନ୍ତ ଏହି ବୁଲାଣି ସ୍ଥାନରୁ ଅବରୋଧ କରି ବ୍ୟବସାୟ କରୁଥିବା କେତେକ ବ୍ୟବସାୟ ପ୍ରତିଷ୍ଠାନକୁ ତୁରନ୍ତ ହଟାଇ ଏହି ରାସ୍ତା ଟିକୁ ପ୍ରଶସ୍ତ କରି ଦୁର୍ଘଟଣା ରୁ ବର୍ତ୍ତିବା ପାଇଁ ବିଭିନ୍ନ ଆବଶ୍ୟକୀୟ ପଦକ୍ଷେପ ନେବାକୁ ସ୍ଥାନୀୟ ଜନ ସାଧାରଣ ଅନେକ ଅଭିଯୋଗ କରିବା ପରେ ମଧ୍ୟ ବିଭାଗୀୟ କର୍ତ୍ତୃପକ୍ଷ ଏଭଳି ସମସ୍ୟାର ସମାଧାନ ଦିଗରେ ଏ ପର୍ଯ୍ୟନ୍ତ କୌଣସି କର୍ଣ୍ଣପାତ କରୁ ନଥିବା ଦେଖାଯାଇଛି। ତ୍ରିନାଥ ମଣ୍ଡପ ଏବେ କାଳ ଭାବେ ଦୁର୍ଘଟଣାର ବ୍ଲାକ ସ୍ପଟ ହୋଇ ସେଠାରେ ଦଣ୍ଡାୟମାନ ବୋଲି ଚର୍ଚ୍ଚା ଜୋର ଧରିଥିବା ବେଳେ ପ୍ରସାଶନ ଏ ପର୍ଯ୍ୟନ୍ତ କୌଣସି ପଦକ୍ଷେପ ନେଇ ନଥିବାକୁ ନେଇ ସାଧାରଣରେ ଘୋର ପ୍ରତିକ୍ରିୟା ପ୍ରକାଶ ପାଇଛି। ଏହି ସ୍ଥାନରେ ବାରମ୍ବାର ଦୁର୍ଘଟଣା ଘଟିବା ଯୋଗୁଁ ଏବେ ଏହା ଏକ ମରଣଯନ୍ତା ସ୍ଥାନ ପାଲଟିଛି। ଜନସାଧାରଣଙ୍କ ଜୀବନ ସୁରକ୍ଷା କୁ ଗୁରୁତ୍ୱ ଦେଇ ପ୍ରସାଶନ ଦୁର୍ଘଟଣାର ବ୍ଲାକ ସ୍ପଟ ଭାବେ ପରିଚିତ ବଢ଼େଇ ଛକର ବୁଲାଣି ସ୍ଥାନକୁ ବ୍ୟବସାୟ ପ୍ରତିଷ୍ଠାନ ହଟାଇବା ସହ ଏହାକୁ ପ୍ରଶସ୍ତ କରିବାକୁ କୁରୁଜଙ୍ଗ ପଞ୍ଚାୟତ ବିକାଶ ମଞ୍ଚ ଦାବି କରିଛି।

## ଜର୍ଣ୍ଣାଲିଷ୍ଟ ୟୁନିଅନ୍ ପୁରୀ ଜିଲ୍ଲା ୱେଲ୍ଫେୟାର୍ ବୋର୍ଡର ସ୍ୱତନ୍ତ୍ର ବୈଠକ




**ଅସ୍ତରଙ୍ଗ,୨।୩/ଏନ୍ଏନ୍ଏସ୍:** ଓଡ଼ିଶା ୱାର୍କିଂ ଜର୍ଣ୍ଣାଲିଷ୍ଟ ୟୁନିୟନ ପୁରୀ ଜିଲ୍ଲା ୱେଲଫେୟାର ବୋର୍ଡର ଏକ ସ୍ୱତନ୍ତ୍ର ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ବରିଷ୍ଠ ସାମ୍ବାଦିକା ସଂଧାରାଣୀ ରଥଙ୍କୁ ବୋର୍ଡର କାର୍ଯ୍ୟକାରୀ ସଭାପତି ଭାବେ ମନୋନୀତ କରାଯାଇଛି। ଜିଲ୍ଲା ସଭାପତି ଶରତ କୁମାର ପରିଡାଙ୍କ ସୁପାରିଶ କ୍ରମେ ଏବଂ ରାଜ୍ୟ ସଭାପତି ସୁଜ୍ଞାନ ଚୌଧୁରୀଙ୍କ ଅନୁମୋଦନରେ ଏହି ନିଯୁକ୍ତି ପ୍ରଦାନ କରାଯାଇଛି। ଶ୍ରୀମତୀ ରଥଙ୍କୁ ବିଧିବଦ୍ଧ ଭାବେ ସଂଘ ପକ୍ଷରୁ ପରିଚୟ ପତ୍ର ପ୍ରଦାନ କରାଯାଇ ନୂତନ ଦାୟିତ୍ୱ ଅର୍ପଣ କରାଯାଇଛି। ପୁରୀ ଜିଲ୍ଲାର ସାମ୍ବାଦିକମାନଙ୍କ ସୁରକ୍ଷା, କଲ୍ୟାଣ ଏବଂ ସାଙ୍ଗଠନିକ ମଜବୁତି ପାଇଁ ଶ୍ରୀମତୀ ରଥଙ୍କ ନେତୃତ୍ୱ ଏକ ନୂତନ ଅଧ୍ୟାୟ ସୃଷ୍ଟି କରିବ ବୋଲି ବୈଠକରେ ଆଶା ପ୍ରକଟ କରାଯାଇଛି। ଏହି ଅବସରରେ ରାଜ୍ୟ ଓ ଜିଲ୍ଲା କମିଟିର ଉପସଭାପତି ସଞ୍ଜୟ ପ୍ରଧାନ, ନ୍ୟୁଜ ସେଭେନ୍ର ବାର୍ତ୍ତା ସମ୍ପାଦକ ସାଧାରଣ ସଂପାଦକ ଲଳିତେନ୍ଦୁ ପ୍ରଲାଭରୀ, ଜ୍ୟୋତିଷଶଙ୍କର ଦାଶ, ପ୍ରଶାନ୍ତ ଜେନା, ସୋସିଆଲ ମିଡିଆ ସଂଯୋଜକ ଅଲେଖ ବିଶ୍ୱାଳ, ସୋଭାକର ବେହେରା, ବୃନ୍ଦାବନ ବିଶ୍ୱାଳ, ମମତା ଜେନା, ପ୍ରିୟବ୍ରତ ମୁଦୁଲି, ପ୍ରମୁଖ ସଦସ୍ୟ କର୍ମକର୍ତ୍ତା ହାର୍ଦ୍ଦିକ ଶୁଭେଚ୍ଛା ଜଣାଇବା ସହ ତାଙ୍କର ସଫଳ କାର୍ଯ୍ୟକାଳ କାମନା କରିଛନ୍ତି।

## ଆଜିର ଇତିହାସ

- ୧୫୭୫-ବାଦଶାହ ଆକବର ବଙ୍ଗାଳୀ ସେନାକୁ ତୁକରାଇ ଯୁଦ୍ଧରେ ପରାସ୍ତ କରିଥିଲେ।
- ୧୭୧୬-ରାଜା ରାଓ ନନ୍ଦଲାଲ୍ ମଣ୍ଡଲୋଇ ଇନ୍ଦୋର ସହରର ସ୍ଥାପନା କରିଥିଲେ।
- ୧୯୩୯- ଗାନ୍ଧିଜୀ ସବିନୟ ଅବଜ୍ଞା ଆନ୍ଦୋଳନ ଆରମ୍ଭ କରିଥିଲେ।
- ୧୯୮୩-ନୂଆଦିଲ୍ଲୀରେ ସପ୍ତମ ଗୁଟନିରପେକ୍ଷ ସମ୍ମିଳନୀ ସମ୍ପନ୍ନ ହୋଇଥିଲା।
- ୧୮୩୯-ଟାଟା ସମୂହର ସଂସ୍ଥାପକ ଜାମ୍‌ସେଦଜୀ ଟାଟା ଜନ୍ମଗ୍ରହଣ କରିଥିଲେ।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ ବିଶ୍ୱନାଥ ପରିଡ଼ା,ନିମାପଡ଼ା, ପୁରୀ, ମୋ: ୯୭୭୭୨୫୨୨୪୦

**ମେଷ** - କାର୍ଯ୍ୟସ୍ଥଳରେ ଅନୁଶାସନରୁ ଲାଭ ମିଳିବ। ବୁଦ୍ଧିମାନର ସହିତ ଖର୍ଚ୍ଚର ପ୍ରବନ୍ଧନ କରିବେ। ବେକାର ଖର୍ଚ୍ଚକୁ ରୋକିହେବ। ପରିବାର ସହିତ ଧାର୍ମିକ ସ୍ଥାନକୁ ଯାଇପାରନ୍ତି। ବ୍ୟସ୍ତତା ଅଧିକ ରହିବ।

**ବୃଷ** - ସହକର୍ମୀଙ୍କୁ ସାହାଯ୍ୟର ଆବଶ୍ୟକତା ଥାଇପାରେ। ବୁଝାମଣା ନକରି ସାହାଯ୍ୟ ପ୍ରଦାନ କରିବା ମହତ୍ତ୍ୱପୂର୍ଣ୍ଣ ହେବ। ସମ୍ପତ୍ତିକୁ ଭଡ଼ାରେ ଦେଲେ ଲାଭ ପାଇବେ। ମନ ପ୍ରସନ୍ନ ରହିବ।

**ମିଥୁନ** - ମାତାପିତାଙ୍କ ସହିତ ସାକ୍ଷାତ ହୋଇପାରେ। ଦୂର ଯାତ୍ରା କରୁଥିଲେ ଶାନ୍ତି ପାଇବେ। ସ୍ୱାସ୍ଥ୍ୟ ଭଲ ରହିବ। ବିତ୍ତୀୟ ସୁବିଧା ନିଜ ନିୟନ୍ତ୍ରଣରେ ରହିବ। ବେକାର କ୍ରୋଧରୁ ଦୂରରେ ରୁହନ୍ତୁ।

**କର୍କଟ** - ଆର୍ଥିକ ମାମଲାରେ ଭାଗ୍ୟର ସହଯୋଗ ପାଇବେ। କିଛି ଲୋକଙ୍କୁ ଭଲ ପ୍ୟାକେଜ୍‌ରେ ନୂଆ ଜବ୍ ମିଳିବ। ସ୍କିନ୍ ଆଲର୍ଜିର ସମସ୍ୟା ହୋଇପାରେ। ଯାତ୍ରା ଯୋଗ ଅଛି।

**ସିଂହ** - କ୍ଳାନ୍ତ ଅନୁଭବ କରିବେ। ସେଥିପାଇଁ ବ୍ୟକ୍ତିଗତ ଓ ପେସାଗତ ଜୀବନରେ ସନ୍ତୁଳନ ରକ୍ଷା କରିବା ଉଚିତ। ଆର୍ଥିକ ପ୍ଲାନିଂ ସଫଳ ରହିବ। ସ୍ଥିରତା ପାଇଁ ପ୍ରୟାସର ଆବଶ୍ୟକତା ରହିଛି।

**କନ୍ୟା** - ଆତ୍ମବିଶ୍ୱାସର ସହିତ ଆଜି ଆଗକୁ ବଢ଼ିବେ। ଆର୍ଥିକ ବିକାଶ ସ୍ଥିର ରହିବ। ଏହା ଭବିଷ୍ୟତର ବୈଭବଶାଳୀ ଜୀବନର ରାସ୍ତା ଖୋଲିବ। ଧୈର୍ଯ୍ୟର ପରୀକ୍ଷା ଦେବେ। ନିରାଶା କମ୍ ହେବ।

**ତୁଳା** - ଶରୀରର ସଂକେତ ଉପରେ ଧ୍ୟାନ ଦେବେ। ଅଧିକ ଚାପ ଯୋଗୁ କ୍ଳାନ୍ତ ହେବେ। କମିଶନ ଉପରେ କାମ କରୁଥିଲେ ଉତ୍ଥାନ-ପତନର ଆଶା କରିପାରନ୍ତି। ସାବଧାନତାର ସହିତ ଯୋଜନା କରିପାରନ୍ତି।

**ବିଛା** - ଆର୍ଥିକ ସ୍ଥିତିକୁ ଉତ୍କୃଷ୍ଟ କରେଇ ପାରିବେ। ସମୟ ସହିତ ଚାଲିବା ଯୋଗୁ କାର୍ଯ୍ୟଭାର ହାଲୁକା ହେବ। ବୟସ୍କ ବ୍ୟକ୍ତି ପାରିବାରିକ ତଥ୍ୟ ଦେବେ। ଛାତ୍ରଛାତ୍ରୀମାନେ ପାଠପଢ଼ା ଉପରେ ଧ୍ୟାନ ଦେବେ।

**ଧନୁ** - ସମ୍ପତ୍ତି ନିବେଶର ପ୍ରବଳ ସମ୍ଭାବନା ରହିଛି। ଅବସରରୁ ଲାଭ ଉଠାଇବେ। ଅଧିକ ପରିଶ୍ରମ ନକଲେ ଭଲ। ଆର୍ଥିକ ଚିନ୍ତା ଉପରେ ଧ୍ୟାନ ଦେବାର ଆବଶ୍ୟକତା ରହିଛି।

**ମକର** - ପରିବାରରେ କୌଣସି ପିଲାଙ୍କୁ ଗାଇଡ୍ କରିପାରନ୍ତି। ସମ୍ପତ୍ତିଜନିତ ମାମଲାରୁ ଲାଭ ପାଇବେ। ସୁଖଦ ଆର୍ଥିକ ସର୍‌ପ୍ରାଇଜ ଦିନଟିକୁ ଖୁବ୍ ଉତ୍ତମ କରିବ। ସମର୍ପଣ ଭାବନା ପାଇଁ ପରିଚୟ ପାଇବେ।

**କୁମ୍ଭ** - ଆର୍ଥିକ ସ୍ଥିତିରେ ସୁଧାର ହେବ। କଠିନ ପରିଶ୍ରମ କରିବେ। କ୍ୟାରିୟର୍‌ର ଉପଲବ୍ଧିଗୁଡ଼ିକ ପାଇବେ। ଯାତ୍ରା ସୁଖ ମିଳିପାରେ। କାରବାରରେ ବୃଦ୍ଧି ହେବ। ଲାଭର ଅବସର ପାଇବେ।

**ମୀନ** - ସ୍ୱାସ୍ଥ୍ୟ ଉତ୍ତମ ରହିବ। ଆୟର ସୋର୍ସରୁ ପରିଣାମ ପାଇବା ପାଇଁ ସମୟ ଲାଗିବ। କିନ୍ତୁ ଲାଭ ମିଳିବ। ବ୍ୟବସାୟିକ ସ୍ତରରେ ସଫଳତାର ରାସ୍ତାରେ ଅଛନ୍ତି। ଘରୋଇ ମାମଲାରେ ଧ୍ୟାନ ଦେବେ।

## ଶ୍ରୀମଦ୍ ଭଗବଦ୍‌ଗୀତା

**ଯତନ୍ତୋ ଯୋଗିନଶ୍ଚୈନଂ ପଶ୍ୟନ୍ତ୍ୟାତ୍ମନ୍ୟବସ୍ଥିତମ୍।
ଯତନ୍ତୋପ୍ୟକୃତାତ୍ମାନୋ ନୈନଂ ପଶ୍ୟନ୍ତ୍ୟଚେତସଃ। (୧୫/୧୧)**

ଯୋଗୀମାନେ ଧ୍ୟାନାଦି ଦ୍ୱାରା ଯତ୍ନ କରି ଆତ୍ମାଙ୍କୁ ନିଜ ଦେହରେ ଅବସ୍ଥିତ ଥିବା ଦେଖିପାରନ୍ତି। କିନ୍ତୁ ଯେଉଁମାନଙ୍କର ଚିତ୍ତ ମଳିନ ସେହି ଅବିବେକୀମାନେ ଯତ୍ନ କରି ତାଙ୍କୁ ଦେଖିପାରନ୍ତି ନାହିଁ।
ଶ୍ରୀ ରାମକୃଷ୍ଣ କହନ୍ତି - ଗୋଟିଏ ଜଳପାତ୍ରରେ ଯଦି କ୍ଷୁଦ୍ର କଣାଟିଏ ଥାଏ ତେବେ ସବୁତକ ଜଳ ପାତ୍ରରୁ ବାହାରିଯାଏ। ସେହିଭଳି ଜଣେ ସାଧକ ମନରେ ଯଦି ଲେଶମାତ୍ର ସଂସାର ଆସକ୍ତି ରହିଥାଏ, ତେବେ ତା'ର ସମସ୍ତ ଆଧ୍ୟାତ୍ମିକ ସାଧନାର ଫଳ ଶୂନ ହେଇଯାଏ।



# ଦୋଳ ଯାତ୍ରା

ଓଡ଼ିଶାରେ ଫଗୁ ଦଶମୀରୁ ଆରମ୍ଭ ହୋଇଯାଏ ଦୋଳ ଯାତ୍ରା। ବୈଷ୍ଣବ ଧର୍ମର ପ୍ରଚାର ପ୍ରସାର ସହିତ ଏହି ପର୍ବ ଅଙ୍ଗାଙ୍ଗୀ ଭାବେ ଜଡ଼ିତ। ପୃଥିବୀପୃଷ୍ଠରେ ନୂତନ ଶିହରଣ ଜନ୍ମାଇ ପାରିବା ଭଳି ଶକ୍ତିମନ୍ତ ଋତୁରାଜ ବସନ୍ତକୁ ସ୍ୱାଗତ ଜଣାଇବା ପାଇଁ ଦୋଳଯାତ୍ରାର ଆୟୋଜନ ହୁଏ ବୋଲି ପୂର୍ବରୁ କୁହାଯାଇଛି। ଦ୍ୱାଦଶ ଶତାବ୍ଦୀର ଓଡ଼ିଆ ଜ୍ୟୋତିର୍ବିଦ୍ ଶତାନନ୍ଦଙ୍କ ରଚିତ 'ଶତାନନ୍ଦ ସଂଗ୍ରହ'ରେ ଦୋଳ ଯାତ୍ରାକୁ ନେଇ ହୋଇଥିବା ବର୍ଣ୍ଣନାରୁ ଏହା ସ୍ପଷ୍ଟ ହୋଇଛି ଯେ ଅତି କମ୍‌ରେ ଆଠଶହରୁ ଅଧିକ ବର୍ଷ ପୂର୍ବରୁ ଓଡ଼ିଶାରେ ପାଳନ ହୋଇଆସୁଛି ଦୋଳ ପର୍ବ। ସେଥିପାଇଁ ଆମ ପରମ୍ପରା ଓ ସଂସ୍କୃତିରେ ଦୋଳ ଯାତ୍ରା ହେଉଛି ସର୍ବପ୍ରାଚୀନ। ପ୍ରାରମ୍ଭରେ ରାଧାକୃଷ୍ଣଙ୍କ ଉପାସନା ପାଇଁ ଉତ୍ତର ଭାରତରେ ଏହି ପର୍ବ ପାଳନ କରାଯାଉଥିଲା। ଏହି ଉତ୍ସବରେ ଶ୍ରୀକୃଷ୍ଣଙ୍କର ଅତିପ୍ରିୟ ଗୋ-ବତ୍ସାଙ୍କୁ ମଧ୍ୟ ସମ୍ବର୍ଦ୍ଧନା ଦିଆଯାଉଥିଲା। ବୃନ୍ଦାବନରେ ବସନ୍ତର ଆଗମନକୁ ନେଇ ଅନୁଷ୍ଠିତ ହେଉଥିଲା ବସନ୍ତ ରାସ ଉତ୍ସବ। ଗୋପାଙ୍ଗନାମାନଙ୍କ ହର୍ଷୋଲ୍ଲାସରେ ଏହା ଯେପରି ଆହୁରି ପ୍ରାଣବନ୍ତ ହୋଇ ଉଠୁଥିଲା। କାଳକ୍ରମେ ଆର୍ଯ୍ୟ ସଂସ୍କୃତିର ବହୁଳ ପ୍ରସାର ଓ ପ୍ରଚାର ଫଳରେ ଏହି ପର୍ବ ଓଡ଼ିଶାକୁ ସମ୍ପ୍ରସାରିତ ହୋଇଥିଲା। ଗ୍ରାମ ଓ ସହରରେ ସ୍ନେହ, ସଦ୍‌ଭାବ ଓ ପାରମ୍ପରିକ ସୌହାର୍ଦ୍ଦ୍ୟର ପରିଚାୟକ ପର୍ବ ଭାବରେ ଏହାକୁ ଲୋକମାନେ ପାଳନ କରନ୍ତି। ସାଧାରଣତଃ ଏହି ଯାତ୍ରା ପାଞ୍ଚ ଦିନ ପାଇଁ ମହାସମାରୋହରେ ପାଳିତ ହୋଇ ରଜଦୋଳ ଓ ପଞ୍ଚୁଦୋଳ ନାମରେ ନାମିତ ହୋଇଥାଏ। କେତେକ ସ୍ଥାନରେ ଫାଲ୍‌ଗୁନ ମାସର ପୂର୍ଣ୍ଣିମା ଦିନ ଆରମ୍ଭ ହୋଇ ପାଞ୍ଚ ଦିନ ପର୍ଯ୍ୟନ୍ତ ପଞ୍ଚଦୋଳ ଭାବେ ଓ ଆଉ କିଛି ସ୍ଥାନରେ ପୂର୍ଣ୍ଣିମା ଦିନକୁ ଶେଷ ଦିବସ ରୂପେ ରଜଦୋଳ ନାମରେ ନାମିତ କରାଯାଇ ଏହି ଯାତ୍ରାକୁ ଶେଷ କରାଯାଏ। ଯେଉଁ ସ୍ଥାନଗୁଡ଼ିକରେ ଛଅ ଦିନ ପର୍ଯ୍ୟନ୍ତ ଏହି ପର୍ବ ପାଳିତ ହୋଇଥାଏ ଛଅଦୋଳ ଏବଂ ଯେଉଁଠାରେ ନଅ ଦିନ ପର୍ଯ୍ୟନ୍ତ ପାଳନ କରାଯାଏ ସେଠାରେ ଏହାକୁ ନବଦୋଳ ବୋଲି କୁହାଯାଏ। ଅନେକ ସ୍ଥାନରେ ସାତ ଦିନ ଓ ଦଶ ଦିନ ଧରି ଦୋଳ ଯାତ୍ରା ଆୟୋଜିତ ହେବାର ଦୃଷ୍ଟାନ୍ତ ରହିଛି। ଏହି ଅବସରରେ ରାଧାକୃଷ୍ଣଙ୍କ ଯୁଗଳ ମୂର୍ତ୍ତିଙ୍କୁ ବିମାନରେ ମହାଆଡ଼ମ୍ବର ସହିତ ଗ୍ରାମର ପ୍ରତି ଦ୍ୱାରକୁ ନିଆଯାଏ।





## ହୋଲି ଖେଳିବା ପାଇଁ କେତୋଟି ସ୍ଥାନ

ହୋଲି ଉତ୍ସବ କେବଳ ରଙ୍ଗର ଉତ୍ସବ ନୁହେଁ, ଏହା ନୂଆ ସମ୍ପର୍କରେ ମିଠାପଣ ମିଶେଇବାର ଏକ ଅବସର। ତେଣୁ ହୋଲି ଛୁଟିକୁ ଯଦି ନିଜ ପାର୍ଟନର ସହିତ ମିଶି ସ୍ମରଣୀୟ କରିବାକୁ ଚାହୁଁଛନ୍ତି ତେବେ ଆମ ଦେଶରେ ଅଛି ଏପରି ଅନେକ ସ୍ଥାନ ଯେଉଁଠାରେ ଆପଣ ହୋଲିର ପାରମ୍ପରିକ ରଙ୍ଗର ଆନନ୍ଦ ନେବା ସହିତ ରୋମାଣ୍ଟିକ ମୁହୂର୍ତ୍ତ ମଧ୍ୟ ବିତେଇ ପାରିବେ।

**ରିଷିକେଶ**-ଆପଣ ଯଦି ଆଡ୍‌ଭେଞ୍ଚରକୁ ଭଲପାଆନ୍ତି ତେବେ ରିଷିକେଶ ଠାରୁ ଆଉ ଭଲ ସ୍ଥାନ ପାଇବେ ନାହିଁ। ଗଙ୍ଗା ନଦୀ କୂଳରେ କ୍ୟାମ୍ପିଂ କରିବା ସହିତ ହୋଲି ପାଳନର ଅନୋଖା ଅନୁଭବକୁ ନିଜ ସ୍ମୃତିରେ ସାଇତି ରଖିପାରିବେ। ନଦୀ କୂଳରେ ବୋନ୍‌ଫାୟାର୍, ସଙ୍ଗୀତ ଓ ରିଭର୍ ରାଫ୍ଟିଂ ସହିତ ରଙ୍ଗର ମଜା ନିଅନ୍ତୁ। ପାହାଡ଼ର ଥଣ୍ଡା ପବନ ଓ ରଙ୍ଗର ମସ୍ତି ଆପଣଙ୍କ ଟ୍ରିପ୍‌କୁ ଆହୁରି ରୋମାଞ୍ଚକ କରିଦେବ।



**ଉଦୟପୁର**-ଦେଶର ରୋମାଣ୍ଟିକ ସହରଗୁଡ଼ିକ ମଧ୍ୟରେ ସାମିଲ ଅଛି ଉଦୟପୁର। ସେଠିକାର ଶାହୀ ହୋଲି ପୂରା ଦୁନିଆରେ ପ୍ରସିଦ୍ଧ। ସିଟି ପ୍ୟାଲେସ୍‌ର ଭବ୍ୟତା ଓ ଲେକ୍ ପିଛୋଲାର ସୁନ୍ଦର ଦୃଶ୍ୟ ମଧ୍ୟରେ ରଙ୍ଗର ପର୍ବ କୌଣସି ସୁନ୍ଦର ସ୍ୱପ୍ନର ଅନୁଭବ ଦେବ। ସେଠାରେ ମେୱାଡର ରାଜପରିବାରର ପାରମ୍ପରିକ ସମାରୋହର ଅଂଶବିଶେଷ ହେବା ଓ ପାର୍ଟନର ସହିତ ହ୍ରଦ କୂଳରେ ସମୟ ବିତେଇବା ଏ ବର୍ଷର ହୋଲିକୁ ସ୍ମରଣୀୟ କରିଦେବ।





**ଗୋଆ**-ହୋଲିରେ ଅଧିକାଂଶ ଲୋକ ପାର୍ଟି ମୁଡ୍‌ରେ ଥାଆନ୍ତି। ଏଥିପାଇଁ ଗୋଆ ଯିବାର ପ୍ଲାନ୍ କରନ୍ତୁ। ସମୁଦ୍ର କୂଳରେ ହେଉଥିବା ପୁଲ୍ ପାର୍ଟି ଓ ବିଚ୍‌ରେ ବାଜୁଥିବା ଲାଉଡ୍ ସଙ୍ଗୀତ ଆପଣଙ୍କ ସେଲିବ୍ରେସନ୍‌କୁ ଆହୁରି ମଜାଦାର କରିଦେବ। ନୀଳ ସମୁଦ୍ରର ଲହଡ଼ି ମଧ୍ୟରେ ପରସ୍ପରକୁ ରଙ୍ଗ ଦେବା ଓ ସଙ୍ଗୀତର ଧୂନ୍‌ରେ ନାଚିବା ଯୋଡ଼ିମାନଙ୍କ ପାଇଁ ଆଧୁନିକ ଓ ସ୍ମରଣୀୟ ଅନୁଭବ ପ୍ରମାଣିତ ହେବ।

**କୁମାଉଁ**-ସହରର ଭିଡ଼ ଠାରୁ ଯଦି ଦୂରକୁ ଯିବାକୁ ଚାହୁଁଛନ୍ତି ତେବେ ଉତ୍ତରାଖଣ୍ଡର କୁମାଉଁ କ୍ଷେତ୍ରର ବୈଠକ ହୋଲିର ଅଂଶବିଶେଷ ହେବାକୁ ଚେଷ୍ଟା କରନ୍ତୁ। ସେଠାରେ ପାହାଡ଼ି ସଂସ୍କୃତି ଓ ପାରମ୍ପରିକ ଲୋକଗୀତ ସହିତ ହୋଲି ଖେଳାଯାଏ। ପାର୍ଟନର ସହିତ ଶାନ୍ତିରେ ବସି ଶାସ୍ତ୍ରୀୟ ସଙ୍ଗୀତର ଆନନ୍ଦ ନେବା ଓ ହାଲୁକା ହୋଲି ଖେଳିଲେ ମନକୁ ଶାନ୍ତି ମିଳେ।

**ବୃନ୍ଦାବନ**-ହୋଲିର ପାରମ୍ପରିକ ଓ ଆଧ୍ୟାତ୍ମିକ ରଙ୍ଗରେ ବୁଡ଼ି ଯିବାକୁ ଯଦି ଚାହୁଁଛନ୍ତି ତେବେ ବୃନ୍ଦାବନର ଫୁଲୌଁବାଲୀ ହୋଲି ନିଶ୍ଚିତ ଭାବରେ ଦେଖିବା ଉଚିତ। ସେଠାରେ ରଙ୍ଗ ସ୍ଥାନରେ ଫୁଲ ପାଖୁଡ଼ାଗୁଡ଼ିକରେ ହୋଲି ଖେଳାଯାଏ। ପାର୍ଟନର ସହିତ ଫୁଲର ଏହି ବର୍ଷାର ଅଂଶବିଶେଷ ହେବା ଏକ ସୁଖଦ ଓ ରୋମାଣ୍ଟିକ ଅନୁଭବ ହୋଇପାରେ।

## ବନ୍ୟଜୀବ ଦିବସ

ଏକ ସ୍ଥାୟୀ ପର୍ଯ୍ୟାବରଣ ଓ ବନ୍ୟଜୀବ ସଂରକ୍ଷଣକୁ ଆଗକୁ ନେବା ପାଇଁ ହେଲେ ବନ୍ୟଜୀବମାନଙ୍କ ପାଇଁ ଏକ ପ୍ରବନ୍ଧନ ପ୍ରଣାଳୀ ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ ଅଟେ। ବନ୍ୟଜୀବ ପ୍ରବନ୍ଧନ ବନ୍ୟଜୀବନ, ସେମାନଙ୍କର ଆବାସ ସ୍ଥାନ ଓ ଲୋକଙ୍କ ମଧ୍ୟରେ ଯୋଗାଯୋଗ କରିବାର ଏକ ପ୍ରକ୍ରିୟା ଯେଉଁଥିରେ ବାଞ୍ଛିତ ପ୍ରଭାବ ପଡ଼େ। ସର୍ବୋତ୍ତମ ଉପଲବ୍ଧ ବିଜ୍ଞାନ ମାଧ୍ୟମରେ ବନ୍ୟଜୀବନ ଓ ଲୋକଙ୍କର ଆବଶ୍ୟକତା ମଧ୍ୟରେ ସନ୍ତୁଳନ ପ୍ରଦାନ କରିବା ବନ୍ୟଜୀବମାନଙ୍କ ପାଇଁ ପ୍ରବନ୍ଧନର ଉଦ୍ଦେଶ୍ୟ। ବନ୍ୟଜୀବ ପ୍ରବନ୍ଧନର ଦିଗଗୁଡ଼ିକରେ ସମ୍ଭାବ୍ୟ ପରିଣାମ ପ୍ରାପ୍ତ କରିବା ପାଇଁ ରସାୟନ ବିଜ୍ଞାନ, ଗଣିତ, ପରିସ୍ଥିତିକୀ, ଜୀବବିଜ୍ଞାନ, ଜଳବାୟୁ ବିଜ୍ଞାନ ଓ ଭୂଗୋଳ ପରି ବିଷୟଗୁଡ଼ିକ ଉପଯୋଗ କରି ବନ୍ୟଜୀବ ସଂରକ୍ଷଣ, ଗେଟ୍ କିପିଂ ଓ କୀଟ ନିୟନ୍ତ୍ରଣ ଆଦିର ସମାଧାନ କରିହେବ। ବନ୍ୟଜୀବ ପ୍ରବନ୍ଧନର ମୁଖ୍ୟ ଉଦ୍ଦେଶ୍ୟ ପୃଥିବୀରେ ଜୈବ ବିବିଧତାର କ୍ଷତି ଦର କମ୍ କରିବା ଓ ପରିସ୍ଥିତିକୀ ସିଦ୍ଧାନ୍ତଗୁଡ଼ିକ ଯଥା କ୍ଷମତା, ଉତ୍ତରାଧିକାର, ଅଶାନ୍ତି ଓ ଅନ୍ୟ ପରିବର୍ତ୍ତନୀୟ ପରିସ୍ଥିତିଗୁଡ଼ିକ ଯଥା ଶିକ୍ଷା ଶାସ୍ତ୍ର, ଭୌତିକ ଭୂଗୋଳ ଓ ଜଳ ବିଜ୍ଞାନ ଉପରେ ଧ୍ୟାନ ଦେବା। ପୂରା ଦୁନିଆରେ ହ୍ରାସ ପାଉଥିବା ବନସ୍ପତି ଓ ଜୀବଜନ୍ତୁଗୁଡ଼ିକର ପ୍ରଜାତିଗୁଡ଼ିକ ପ୍ରତି ଲୋକମାନଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ପାଇଁ ପ୍ରତିବର୍ଷ ଆଜିର ଦିନରେ ବିଶ୍ୱ ସ୍ତରରେ ପାଳନ କରାଯାଉଛି ବନ୍ୟଜୀବ ଦିବସ। ୨୦ ଡିସେମ୍ବର, ୨୦୧୩ରେ ମିଳିତ ଜାତିସଂଘ ତା'ର ୬୮ତମ ସତ୍ରରେ ନିଜର ସଂକଳ୍ପ ୟୁଏନ୍ ୬୮/୨୦୫ରେ ବନ୍ୟ ଜୀବନ ଓ ବନସ୍ପତିଗୁଡ଼ିକର ଲୁପ୍ତପ୍ରାୟ ପ୍ରଜାତିଗୁଡ଼ିକର ଅନ୍ତଃରାଷ୍ଟ୍ରୀୟ ବ୍ୟାପାର ସମ୍ମିଳନୀକୁ ଆପଣାଇଥିଲା ଓ ୩ ମାର୍ଚ୍ଚରେ ବନ୍ୟଜୀବ ଦିବସ ପାଳନ କରିବା ପାଇଁ ଘୋଷଣା କରିଥିଲା। ଜଙ୍ଗଲୀ ଜୀବ ଓ ବନସ୍ପତିଙ୍କ ୮,୪୦୦ରୁ ଅଧିକ ପ୍ରଜାତି ଗମ୍ଭୀର ଭାବରେ ସଂକଟଗ୍ରସ୍ତ ଅଛନ୍ତି। ସେହିପରି ୩୦,୦୦୦ରୁ ଅଧିକଙ୍କୁ ଲୁପ୍ତପ୍ରାୟ ବୋଲି ଘୋଷଣା କରାଯାଇଛି।



## ବିଶ୍ୱ ଶ୍ରବଣ ଦିବସ



ବିଶ୍ୱ ଶ୍ରବଣ ଦିବସ ଏକ ବୈଶ୍ୱିକ ସ୍ୱାସ୍ଥ୍ୟସେବା କାର୍ଯ୍ୟକ୍ରମ ଯାହା ୨୦୦୭ରୁ ପ୍ରତ୍ୟେକ ବର୍ଷ ଆଜିର ଦିନରେ ପାଳନ ହୋଇଆସୁଛି। ଶ୍ରବଣହାନି ଦ୍ୱାରା ପୀଡ଼ିତ ରୋଗୀମାନଙ୍କୁ ନେଇ ଏକ ସମୁଦାୟ ତିଆରି କରି କାନ ଓ ଶ୍ରବଣ ଶକ୍ତିକୁ ଆହୁରି ଉନ୍ନତମାନର କରାଇବା ଏହି ଦିବସର ଉଦ୍ଦେଶ୍ୟ। ଏହି କାରଣରୁ ମହାମାରୀ ବିଜ୍ଞାନ ସମ୍ବନ୍ଧୀୟ ପ୍ରୋଫାଇଲ, ସ୍ଥିତି, ଏହାର ନିଦାନ ଓ ଉପଚାର ସମ୍ପର୍କରେ ଚର୍ଚ୍ଚା କରାଯାଏ। ବୈଶ୍ୱିକ ଜନସଂଖ୍ୟାର ପାଞ୍ଚ ପ୍ରତିଶତରୁ ଅଧିକ ଲୋକ ଶ୍ରବଣହାନିର ଉପଚାର ପାଇଁ ପୁନର୍ବାସର ଆବଶ୍ୟକ କରନ୍ତି। ଅନୁମାନ କରାଯାଉଛି ଯେ ୨୦୫୦ ପର୍ଯ୍ୟନ୍ତ ୭୦ କୋଟିରୁ ଅଧିକ ବ୍ୟକ୍ତି ଅର୍ଥାତ ପାଖାପାଖି ପ୍ରତି ଦଶ ଜଣଙ୍କ ମଧ୍ୟରୁ ଜଣେ ବ୍ୟକ୍ତି ଶ୍ରବଣହାନି ଦ୍ୱାରା ପୀଡ଼ିତ ହେବେ। ଶ୍ରବଣହାନି ଯାହା ଅକ୍ଷମତାର କାରଣ ହୋଇଥାଏ ଏହାକୁ ଆହୁରି ଉତ୍କୃଷ୍ଟମାନର ଶୁଣୁଥିବା କାନରେ ୩୫ ଡେସିବଲ୍ (ଡିବି)ରୁ ଅଧିକ ଶ୍ରବଣହାନି ଭାବରେ ପରିଭାଷିତ କରାଯାଏ। ଶ୍ରବଣହାନି ଦ୍ୱାରା ପୀଡ଼ିତ ପାଖାପାଖି ୮୦ ପ୍ରତିଶତ ଲୋକ ନିମ୍ନ ଓ ମଧ୍ୟମ ଆୟବାଲା ଦେଶଗୁଡ଼ିକରେ ରହନ୍ତି। ତେବେ ପ୍ରତି ଥର ଏହି ଦିବସକୁ ଏକ ଥିମ୍ ସହିତ ପାଳନ କରାଯାଏ। ଏଥରର ବିଷୟବସ୍ତୁ -'ସମୁଦାୟଗୁଡ଼ିକରୁ ଶ୍ରେଣୀଗୁଡ଼ିକ ପର୍ଯ୍ୟନ୍ତ : ସବୁ ପିଲାମାନଙ୍କ ଶ୍ରବଣ ଶକ୍ତିର ଯତ୍ନ'। ଏ ବର୍ଷର ବିଷୟବସ୍ତୁକୁ ବିଶେଷ ଭାବରେ ଶିଶୁ ଚିକିତ୍ସା ଉପରେ ଲକ୍ଷ୍ୟ ରଖିବା ପାଇଁ ସ୍ଥିର କରାଯାଇଛି। ଶ୍ରବଣହାନିର ଉପଚାର ନପାଇ କୌଣସି ପିଲା ସ୍କୁଲ୍ ବା ସାମାଜିକ ବିକାଶ ଦିଗରେ ପଛରେ ରହି ନଯାଆନ୍ତୁ ସେଥିପାଇଁ ଏହି ଦିବସ ଦିନ ଦୃଷ୍ଟି ରଖାଯାଇଥାଏ। ତେବେ ଶ୍ରବଣ ଦିବସ ଆମମାନଙ୍କୁ ମନେ ପକାଇଦିଏ ଯେ-ଆମର କାନର ଯତ୍ନ ନେବା ଉଚିତ, ଖୁବ୍ ତୀବ୍ର ସ୍ୱର ସମ୍ପର୍କରେ ଦୀର୍ଘ ସମୟ ପର୍ଯ୍ୟନ୍ତ ନରହିବା ଉଚିତ। ସଠିକ୍ ସମୟ ଅନୁସାରେ ନିଜର ଶ୍ରବଣ ଶକ୍ତିର କ୍ଷମତାର ଯାଞ୍ଚ କରାଇବା।

## ସେପ୍ସିସ୍‌ର ବିପଦ

ପାଳିତ ପଶୁମାନେ ଆମ ପରିବାରର ଅଂଶବିଶେଷ ହୋଇଥାନ୍ତି। କିନ୍ତୁ କେବେ କେବେ ସେମାନଙ୍କର ଏକ ଛୋଟ ଗତିବିଧି ଜୀବନ ନେଇପାରେ। ୟୁକେର ଜଣେ ୫୨ ବର୍ଷୀୟା ମହିଳା ମଂଜିତ୍ ସଂଘାଙ୍କ ସହିତ ପାଳିତ କୁକୁରକୁ ନେଇ ଯାହା ଘଟିଗଲା ତାହା ଦୁନିଆ ପାଇଁ କୌଣସି ଚେତାବନୀ ଠାରୁ କମ୍ ନୁହେଁ। ତାଙ୍କର ପାଳିତ କୁକୁର ଏକ ମାମୁଲି ଘା'କୁ ଚାଟିଦେବା ଫଳରେ ମଂଜିତ୍‌ଙ୍କୁ ନା କେବଳ ସେପ୍ସିସ୍ ପରି ଜୀବନହାନି ରୋଗ ହେଲା ତାହା ନୁହେଁ ଦୁଇ ହାତ ଓ ଗୋଡ଼ ହରାଇବାକୁ ମଧ୍ୟ ପଡ଼ିଲା। ଏକ ସପ୍ତାହାନ୍ତରେ ମଂଜିତଙ୍କୁ ଅଳ୍ପ ଜ୍ୱର ଆସିଲା ଯାହାଦ୍ୱାରା ସେ କ୍ଳାନ୍ତ ଅନୁଭବ କଲେ। ପରଦିନ ସକାଳେ ବେହୋସୀ ଅବସ୍ଥାରେ ତାଙ୍କ ପତି ତାଙ୍କୁ ଦେଖିବାକୁ ପାଇଥିଲେ। ତାଙ୍କ ଓଠ ନୀଳ ପଡ଼ିଯାଇଥିଲା ଓ ହାତ-ପାଦ ବରଫ ପରି ଥଣ୍ଡା ହୋଇଯାଇଥିଲା। ହସ୍‌ପିଟାଲ୍‌ରେ ପହଞ୍ଚିବା ପରେ ଡାକ୍ତରମାନେ ତାଙ୍କୁ ସେପ୍ସିସ୍ ହୋଇଥିବା ବିଷୟରେ ଜାଣିଲେ। ସେପ୍ସିସ୍‌କୁ ସାଧାରଣତଃ ବ୍ଲଡ୍ ପଏଜନିଂ ବୋଲି କୁହାଯାଏ। ଯେତେବେଳେ ଶରୀର କୌଣସି ସଂକ୍ରମଣ ବିଷୟରେ ଆକ୍ରମକ ପ୍ରତିକ୍ରିୟା ଦିଏ ଶରୀରର କିଛି ଅଙ୍ଗ ବିଫଳ ହୋଇଯାଏ। ଏହିପରି ସଂକ୍ରମଣର ୨୪ ଘଣ୍ଟା ଭିତରେ ରୋଗୀ କୋମାକୁ ଚାଲିଗଲା। ହସ୍‌ପିଟାଲରେ ଛଅ ଥର କାର୍ଡିଆକ୍ ଆରେଷ୍ଟର ସେ ସମ୍ମୁଖୀନ ହୋଇଥିଲେ। ଅଙ୍ଗଗୁଡ଼ିକୁ କିପରି ରକ୍ଷା କରାଯିବ ଓ ପୂରା ଶରୀରରେ ବିଷ କିପରି ନ ବ୍ୟାପିବ ସେଥିପାଇଁ ମହିଳା ରୋଗୀଙ୍କ ଦୁଇ ହାତ ଓ ଗୋଡ଼ କାଟିବାକୁ ପଡ଼ିଥିଲା। ନିମୋନିଆ, ପିତ୍ତକୋଷରେ ଷ୍ଟୋନ୍ ଓ ସ୍ପିଲ୍ ନ ବାହାର କରିବା ପରି ଗମ୍ଭୀର ପ୍ରକ୍ରିୟା ଦେଇ ସେ ଗତି କରିଥିଲେ।

**ଲକ୍ଷଣ**-ସେପ୍ସିସ୍‌ର ଲକ୍ଷଣଗୁଡ଼ିକ ହେଲା-କମ୍ପ ଆସିବା ସହିତ ତେଜ ଜ୍ୱର, ହାର୍ଟ ବିଟ୍ ଦ୍ରୁତତର ହେବା ଓ ନିଃଶ୍ୱାସ ନେବାରେ କଷ୍ଟ ଅନୁଭବ କରିବା, ଅଣନିଃଶ୍ୱାସୀ ଲାଗିବା, ଭ୍ରମର ସ୍ଥିତି ବା ବେହୋସୀ, ସ୍କିନ୍‌ରେ ଅଜବ ଦାନା ବାହାରିବା ବା ଚେକା ଚେକା ହୋଇ ଫୁଲିଯିବା, ପରିସ୍ରା କମ୍ ହେବା।

**ଉପଚାର**-କୁକୁର ଚାଟିବା ଦ୍ୱାରା ଏପରି ଗମ୍ଭୀର ସ୍ଥିତି ଉତ୍ପନ୍ନ ହୁଏ ଯାହାକୁ ଦୁର୍ଲଭ ବୋଲି କହିପାରିବା। ଏହା ସତ୍ତ୍ୱେ ବି ଡାକ୍ତରମାନେ କିଛି ମହତ୍ତ୍ୱପୂର୍ଣ୍ଣ ଉପଦେଶ ଦେଇଛନ୍ତି। ପାଳିତ ପଶୁ ଯଦି କୌଣସି ଘା' ଆଦିକୁ ଚାଟିଦେବେ ସେ ସ୍ଥାନକୁ ତୁରନ୍ତ ସାବୁନ ଓ ପାଣିରେ ଧୋଇଦେବେ। ରୋଗ ପ୍ରତିରୋଧକ ଶକ୍ତି କମ୍ ଥିବା ଲୋକମାନେ ସାବଧାନ ରହିବା ଉଚିତ।





## ରଙ୍ଗମଞ୍ଚକୁ ଫେରିବେ ମହେଶ



ମହେଶ ମଞ୍ଜରେକର ହିନ୍ଦୀ ଫିଲ୍ମ ଦୁନିଆରେ ଜଣେ ନିର୍ଦ୍ଦେଶକ ଓ ଅଭିନେତା ଭାବରେ ଏକ ଅଲଗା ଛାପ ଛାଡ଼ିଛନ୍ତି। ବହୁତ ଶୀଘ୍ର ଏକ ନୂଆ ହିନ୍ଦୀ ନାଟକ 'ଆନିମଲ୍'ରେ ନଜର ଆସିବେ ମହେଶ। ଏହା ବ୍ୟତୀତ ଫିଲ୍ମ 'ଜୟ ହିନ୍ଦ ଜୟ ସିନ୍ଧ୍'ରେ ମଧ୍ୟ ମହେଶ ନଜର ଆସିବେ। ତେବେ ରଙ୍ଗମଞ୍ଚ ଦୁନିଆରେ ସକ୍ରିୟ ରହୁଥିବା ମହେଶ ପୁଣି ଥରେ ଥିଏଟର ନିର୍ମାତା ଅଶ୍ୱିନ ଗିଡ୍‌ୱାନୀଙ୍କ ସହିତ ମିଶି କାମ କରୁଛନ୍ତି। ଏଥର ନାଟକ 'ଆନିମଲ୍' ସହିତ ମହେଶ ରଙ୍ଗମଞ୍ଚ ଦୁନିଆକୁ ଫେରିବେ। ଏ ଦୁଇ ଜଣ ଅନେକ ବର୍ଷ ପରେ ଏକା ସହିତ କାମ କରିବାର ସୁଯୋଗ ପାଇଛନ୍ତି। ଏହା ପୂର୍ବରୁ ନାଟକ 'ଡବଲ୍ ଡିଲ୍' ରେ ଏମାନେ କାମ କରିଥିଲେ। ନାଟକ 'ଆନିମଲ୍'ର ନିର୍ଦ୍ଦେଶନା ଦାୟିତ୍ୱ ନିଜେ ମହେଶ ମଞ୍ଜରେକର ସମ୍ଭାଳିବା ସହିତ ମୁଖ୍ୟ ଭୂମିକାରେ ମଧ୍ୟ ଅଭିନୟ କରୁଛନ୍ତି। ଏଥିରେ ନିଜ ଚରିତ୍ର ସମ୍ପର୍କରେ ମହେଶ କହିଛନ୍ତି ଯେ ତାଙ୍କ ଚରିତ୍ର ଦକ୍ଷୁ ହିରୋ ନୁହେଁ, ସେ ଅସାଧାରଣ ମଧ୍ୟ ନୁହେଁ। ସେ ମାଟି ସହିତ ଜଡ଼ିତ ଜଣେ ସାଧାରଣ ମଣିଷ ଯିଏ ନିଜ ସ୍ୱପ୍ନରେ ଭରି ରହିଥିବା ଏକ ସୁଟକେସ୍ ଓ ଭୋକଥିବା ପେଟ ନେଇ ମୁମ୍ବାଇ ଆସୁଛି। ଏପରି ଚରିତ୍ର ସେ ଅନେକ ଦେଖିସାରିଛନ୍ତି। କିନ୍ତୁ ଏମାନଙ୍କ ମଧ୍ୟରୁ କେତେକ କଳାକାର ହୋଇଥାନ୍ତି ତ କେତେକ ଛାଇ ହୋଇ ରହିଯାଆନ୍ତି। ତେବେ ଏହି ଚରିତ୍ରର ନିରୀହପଣ ତାଙ୍କୁ ଆକର୍ଷିତ କରିଥିଲା। ଏହି ଚରିତ୍ର ଜରିଆରେ ମହେଶ ହୃଦୟବିଦାରକ କାହାଣୀ ଦର୍ଶକମାନଙ୍କୁ ଶୁଣେଇବେ ଯେଉଁ ନାଟକର ପ୍ରିମିୟର୍ ୭ ମାର୍ଚ୍ଚରେ ମୁମ୍ବାଇର ଟାଟା ଥିଏଟର, ଏନସିପିଏରେ ହେବ। ଏହା ବ୍ୟତୀତ ଫିଲ୍ମ 'ଜୟ ହିନ୍ଦ ଜୟ ସିନ୍ଧ୍'ର ମୋସନ୍ ପୋଷ୍ଟର ଜାରି କରାଯାଇଛି। ଏଥିରେ ନଜର ଆସିବେ ଜୟାପ୍ରଦା, ଜରୀନା ୱାହାବ, ବିକ୍ରମ କୋଚର, ଉପାସନା ସିଂହ, ଅମିତ ବହଲଙ୍କ ପରି କଳାକାରମାନେ। ଫିଲ୍ମଟିର ନିର୍ଦ୍ଦେଶନା ଭାର ଉଠାଇଛନ୍ତି ଇନ୍ଦ୍ରଜିତ ଲଙ୍କେଶ।

ନିତିଦିନ NITIDIN

## ବିଶ୍ୱକପ୍‌ରେ ଖରାପ ପ୍ରଦର୍ଶନ ପାଇଁ ପାକ୍ ଟିମ୍ ଦଣ୍ଡିତ

# ପ୍ରତ୍ୟେକ ଖେଳାଳିଙ୍କୁ ୫୦ ଲକ୍ଷ ଜୋରିମାନା

**କରାଚି,୨।୩/ଏଜେନ୍ସି:** ଆଇସିସି ଟି-୨୦ ବିଶ୍ୱକପ୍ ୨୦୨୬ରେ ଟିମ୍‌ର ଖରାପ ପ୍ରଦର୍ଶନ ପରେ ପାକିସ୍ତାନ କ୍ରିକେଟ୍ ବୋର୍ଡ (ପିସିବି) ବଡ଼ ପଦକ୍ଷେପ ନେଇଛି। ବୋର୍ଡ ନିଜ ଖେଳାଳିଙ୍କଠାରୁ ଜୋରିମାନା ଆଦାୟ କରିବାକୁ ଯାଉଛି। ଦ ଏକ୍ସପ୍ରେସ୍ ଟ୍ରିବ୍ୟୁନ୍ ଅନୁସାରେ ପାକିସ୍ତାନର ଟିମ୍‌ର ପ୍ରତ୍ୟେକ ଖେଳାଳିଙ୍କ ଉପରେ ୫୦ ଲକ୍ଷ ପାକିସ୍ତାନୀ ଟଙ୍କା (ପ୍ରାୟ ୧୬.୨୮ ଲକ୍ଷ ଭାରତୀୟ ଟଙ୍କା)ର ଜୋରିମାନା ଲଗାଯାଇଛି। ବୋର୍ଡ ଅଧିକାରୀମାନେ ସ୍ପଷ୍ଟ କରିଛନ୍ତି ଯେ ଏବେ ଖେଳାଳିଙ୍କୁ ଆର୍ଥିକ ଲାଭ କେବଳ ଉନ୍ନତ ପ୍ରଦର୍ଶନରେ ହିଁ ମିଳିବ।



ପାକିସ୍ତାନୀ ପ୍ରଶଂସକଙ୍କ ସହିତ ବୋର୍ଡ ଅଧିକାରୀ ମଧ୍ୟ ଟିମ୍‌ର ପ୍ରଦର୍ଶନରେ ବହୁ ଅସନ୍ତୁଷ୍ଟ ଅଛନ୍ତି। ଭାରତ ବିପକ୍ଷ ମ୍ୟାଚ୍ ହାରିବା ପରେ ହିଁ ପ୍ରତ୍ୟେକ ପାକିସ୍ତାନ ଖେଳାଳିଙ୍କୁ ୫୦ ଲକ୍ଷ ଟଙ୍କା ଲେଖାଏଁ ଜୋରିମାନା କରାଯାଇଥିଲା। ପିସିବି କହିଛି, ଯଦି ଉନ୍ନତ ପ୍ରଦର୍ଶନରେ ପୁରସ୍କାର ମିଳୁଛି ତେବେ ଖରାପ ପ୍ରଦର୍ଶନ ପାଇଁ ଦଣ୍ଡ ମଧ୍ୟ ମିଳିବ। ଭାରତଠାରୁ ହାରିବାର ତୁରନ୍ତ ପରେ ହିଁ ଟିମ୍‌କୁ ଏହି ନିଷ୍ପତ୍ତି ଜଣାଇ ଦିଆଯାଇଥିଲା।

ପାକିସ୍ତାନ ଗ୍ରୁପ୍ ପର୍ଯ୍ୟାୟ ପ୍ରଥମ ମ୍ୟାଚ୍‌ରେ ନେଦାଲାଣ୍ଡ୍‌ସ ବିପକ୍ଷରେ କଷ୍ଟକର ବିଜୟ ହାସଲ କରିଥିଲା। ଏହାପରେ ଆମେରିକାକୁ ହରାଇଥିଲା। ଶ୍ରୀଲଙ୍କା ପରିସ୍ଥିତି ଏବଂ ସ୍ପିନ୍ ବୋଲରଙ୍କ ଦମ୍‌ରେ ଭାରତ ବିପକ୍ଷରେ ଉନ୍ନତ ପ୍ରଦର୍ଶନର ଆଶା ଥିଲା, କିନ୍ତୁ ଟିମ୍ ୬୧ ରନ୍‌ରେ ହାରିଯାଇଥିଲା। ଏହାପରେ ନାମ୍ବିୟାକୁ ଅନ୍ତିମ ମ୍ୟାଚ୍‌ରେ ହରାଇ ଟିମ୍ ସୁପର୍-୮ରେ ପହଞ୍ଚିଥିଲା। ସୁପର୍-୮ ପର୍ଯ୍ୟାୟରେ ନ୍ୟୁଜିଲାଣ୍ଡ ବିପକ୍ଷ ମ୍ୟାଚ୍ ବର୍ଷାରେ ଧୋଇଯାଇଥିଲା। ଇଂଲଣ୍ଡ ଅଳ୍ପ ବ୍ୟବଧାନରେ ହରାଇବା ପରେ ପାକିସ୍ତାନର ସେମିଫାଇନାଲ୍ ଆଶା ଅନ୍ୟ ମ୍ୟାଚ୍‌ର ଫଳାଫଳ ଉପରେ ନିର୍ଭର କରିଥିଲା। ଶ୍ରୀଲଙ୍କା ବିପକ୍ଷରେ ୫ ରନ୍‌ର ବିଜୟ ସତ୍ତ୍ୱେ ଖରାପ ରନ୍ ରେଟ୍ କାରଣରୁ ନ୍ୟୁଜିଲାଣ୍ଡ ସେମିଫାଇନାଲ୍‌ରେ ପ୍ରବେଶ କରିଥିଲା ଏବଂ ପାକିସ୍ତାନ ବିଶ୍ୱକପ୍‌ରୁ ବିଦାୟ ନେଇଥିଲା।

# ଭାରତରେ ୧ ଟେଷ୍ଟ, ୩ ଦିନିକିଆ ଖେଳିବ ଆଫଗାନିସ୍ତାନ

■ ଜୁନ୍ ୬ରୁ ୨୦ ମଧ୍ୟରେ ଖେଳାଯିବ ସିରିଜ୍ ■ ଧର୍ମଶାଳା, ମୁଲ୍ଲାନ୍‌ପୁର, ଚେନ୍ନାଇ ଲକ୍ଷ୍ନୌରେ ହେବ ମ୍ୟାଚ୍

**ନୂଆଦିଲ୍ଲୀ,୨।୩/ଏଜେନ୍ସି:** ଆଫଗାନିସ୍ତାନ ଟିମ୍ ଜୁନ୍ ୬ରୁ ୨୦ ତାରିଖ ମଧ୍ୟରେ ଭାରତରେ ଗୋଟିଏ ଟେଷ୍ଟ ଏବଂ ତିନିଟି ଦିନିକିଆ ମ୍ୟାଚ୍ ଖେଳିବ। ଇଣ୍ଡିଆନ୍ ପ୍ରିମିୟର୍ ଲିଗ୍ (ଆଇପିଏଲ୍)ର ୧୯ତମ ସଂସ୍କରଣ ଶେଷ ହେବା ପରେ ସିରିଜ୍ ଆରମ୍ଭ ହେବ। ଭାରତୀୟ କ୍ରିକେଟ୍ ନିୟନ୍ତ୍ରଣ ବୋର୍ଡ (ବିସିସିଆଇ) ଏହାର କାର୍ଯ୍ୟକ୍ରମ ଜାରି କରି କହିଛି, ମୁଲ୍ଲାନ୍‌ପୁରରେ ଟେଷ୍ଟ ମ୍ୟାଚ୍‌ରୁ ସିରିଜ୍ ଆରମ୍ଭ ହେବ।



ଏହାପରେ ଧର୍ମଶାଳା, ଲକ୍ଷ୍ନୌ ଏବଂ ଚେନ୍ନାଇରେ ୩ ଦିନିକିଆ ଖେଳାଯିବ। ବିସିସିଆଇ ମିଡିଆ ରିଲିଜ୍‌ରେ କହିଛନ୍ତି, ମହାରାଜା ଯାଦବେନ୍ଦ୍ର ସିଂହ ଅନ୍ତର୍ଜାତୀୟ କ୍ରିକେଟ୍ ଷ୍ଟାଡିୟମ୍‌ରେ ଜୁନ୍ ୬ରୁ ୧୦ ତାରିଖ ପର୍ଯ୍ୟନ୍ତ ଟେଷ୍ଟ ମ୍ୟାଚ୍ ହେବ। ପରେ ଜୁନ୍ ୧୪ରେ ଏଚ୍‌ପିସିଏ ଷ୍ଟାଡିୟମ୍‌ରେ ପ୍ରଥମ ଦିନିକିଆ, ଜୁନ୍ ୧୭ରେ ଇକାନା ଷ୍ଟାଡିୟମ୍‌ରେ ଦ୍ୱିତୀୟ ଦିନିକିଆ ଏବଂ ଜୁନ୍ ୨୦ରେ ଚେପକ୍ ଷ୍ଟାଡିୟମ୍‌ରେ ତୃତୀୟ ଦିନିକିଆ ମ୍ୟାଚ୍ ଖେଳାଯିବ। ସମସ୍ତ ମ୍ୟାଚ୍ ଅପରାହ୍ଣ ସାଢ଼େ ଗୋଟାଏରେ ଆରମ୍ଭ ହେବ।

ଆଫଗାନିସ୍ତାନ ନିଜ ଟେଷ୍ଟ କ୍ୟାରିୟର୍‌ର ଆରମ୍ଭ ହିଁ ଭାରତ ବିପକ୍ଷ ମ୍ୟାଚ୍‌ରୁ କରିଥିଲା। ୨୦୧୮ରେ ବେଙ୍ଗାଲୁରୁରେ ଭାରତ ଇନିଂସ୍ ଏବଂ ୨୬୨ ରନ୍‌ରେ ବିଜୟୀ ହୋଇଥିଲା। ସେବେଠାରୁ ଆଫଗାନିସ୍ତାନ ୧୩ ଟେଷ୍ଟ ମ୍ୟାଚ୍ ଖେଳି ୪ ବିଜୟ ଏବଂ ୭ ପରାଜୟ ବରଣ କରିଥିବା ବେଳେ ଦୁଇଟି ମ୍ୟାଚ୍ ଡ୍ର' ରହିଛି। ସେହିପରି ଦୁଇ ଟିମ୍ ମଧ୍ୟରେ ୪ ଦିନିକିଆ ଖେଳାଯାଇଛି। ସମସ୍ତ ମଲ୍ଟିନାସ୍‌ନାଲ୍ ଟୁର୍ଣ୍ଣାମେଣ୍ଟରେ ଖେଳାଯାଇଛି। ଏସିଆ କପ୍‌ରେ ଦୁଇଟି ମ୍ୟାଚ୍ ଖେଳାଯାଇଥିବା ବେଳେ ଭାରତ ଗୋଟିକରେ ବିଜୟୀ ହୋଇଛି ଏବଂ ୨୦୧୮ରେ ଗୋଟିଏ ମ୍ୟାଚ୍ ଟାଇ ରହିଛି। ୨୦୧୯ ଓ ୨୦୨୩ ବିଶ୍ୱକପ୍‌ରେ ମଧ୍ୟ ଦୁହିଁଙ୍କ ମଧ୍ୟରେ ଦୁଇଟି ମ୍ୟାଚ୍ ଖେଳାଯାଇଥିବା ବେଳେ ସମସ୍ତ ମ୍ୟାଚ୍‌ରେ ଭାରତକୁ ବିଜୟ ମିଳିଛି। ଦୁଇ ଟିମ୍ ମଧ୍ୟରେ ପ୍ରଥମ ଥର ଦିନିକିଆ ଫର୍ମାଟ୍‌ର ସିରିଜ୍ ହେବାକୁ ଯାଉଛି। ଟି-୨୦ ଅନ୍ତର୍ଜାତୀୟରେ ଦୁଇ ଟିମ୍ ମଧ୍ୟରେ ୯ ମ୍ୟାଚ୍ ଖେଳାଯାଇଥିବା ବେଳେ ଆଠଟିରେ ଭାରତ ବିଜୟୀ ହୋଇଛି। ଗୋଟିଏ ମ୍ୟାଚ୍ ଫଳାଶୂନ୍ୟ ରହିଛି। ଦୁଇ ଟିମ୍ ଏହି ଫର୍ମାଟ୍‌ରେ ଏକମାତ୍ର ସିରିଜ୍ ୨୦୨୪ରେ ଖେଳିଥିଲେ। ସେତେବେଳେ ଭାରତ ୩-୦ରେ ଜିତିଥିଲା।

## ପ୍ରଥମ ଅଲିମ୍ପିକ୍ ପଦକ ୧.୦୮ କୋଟି ଟଙ୍କାରେ ନିଲାମ

**କୋପେନ୍‌ହେଗନ୍,୨।୩/ଏଜେନ୍ସି:** ଡେନ୍‌ମାର୍କରେ ଏକ ଅକ୍ସନ୍‌ରେ ଆଧୁନିକ ଅଲିମ୍ପିକ୍ ଖେଳର ପ୍ରଥମ ପଦକ ଏକ କୋଟି ୮ ଲକ୍ଷ ଟଙ୍କାରେ ନିଲାମ ହୋଇଛି। 'ବ୍ରୁନ୍ ରାସ୍‌ମୁସେନ୍ ଆଟ୍ରସ୍ ଅକ୍ସନିୟର୍ସ' ଦ୍ୱାରା ଏକ ଅକ୍ସନ୍‌ରେ ୧୮୯୬ରେ ଏଥେନ୍ସରେ ଆୟୋଜିତ ବିଶ୍ୱର ପ୍ରଥମ ଆଧୁନିକ ଅଲିମ୍ପିକ୍ ଖେଳରେ ପ୍ରଦାନ କରାଯାଇଥିବା ଏହି ପଦକକୁ ବିକ୍ରି ପାଇଁ ରଖାଯାଇଥିଲା। ସେହି ଖେଳରେ



ପ୍ରଥମ ସ୍ଥାନ ଅଧିକାର କରିଥିବା ଖେଳାଳିଙ୍କୁ ରୌପ୍ୟ ପଦକ ଏବଂ ଦ୍ୱିତୀୟ ସ୍ଥାନରେ ଥିବା ଖେଳାଳିଙ୍କୁ ବ୍ରୋଞ୍ଜ୍ ପଦକ ଦିଆଯାଇଥିଲା। ସ୍ୱର୍ଣ୍ଣ ପଦକ ପରବର୍ତ୍ତୀ ଅଲିମ୍ପିକ୍ ଖେଳରେ ପ୍ରଦାନ କରାଗଲା। ପ୍ରସିଦ୍ଧ ଫ୍ରେଞ୍ଚ୍ କଳାକାର ଜୁଲ୍ସ-କ୍ଲେମେଣ୍ଟ୍ ଚାପଲାନ୍‌ଙ୍କ ଦ୍ୱାରା ଖୋଦେଇ କରାଯାଇଥିବା ଏହି ପଦକ ଶାସ୍ତ୍ରୀୟ ପ୍ରତୀକରେ ସମୃଦ୍ଧ। ପଦକ ସାମ୍ନା ଭାଗ ଫୁଲ-ପତ୍ରର ମୁକୁଟରେ ସୁସଜ୍ଜିତ ୟୁନାନୀ ଦେବତା ଜ୍ୟୁସ୍‌ଙ୍କ ଚିତ୍ର ରହିଛି। ସେ ନିଜ ହାତରେ ଏକ ଗ୍ଲୋବ୍ ଧରିଥିବା ବେଳେ ଗ୍ଲୋବ୍ ଉପରେ ବିଜୟର ଦେବୀ ନାଇକି ଜୈତୁନ୍ ଗଛର ଡାଳ ଧରି ଛିଡ଼ା ହୋଇଛନ୍ତି। ପ୍ରଥମ ଆଧୁନିକ ଅଲିମ୍ପିକ୍‌ରେ ୧୪ ଦେଶର ୨୪୧ ଆଥ୍‌ଲେଟ୍ ୯ ଖେଳ ଏବଂ ୪୩ ଇଭେଣ୍ଟ୍‌ରେ ପ୍ରତିଦ୍ୱନ୍ଦ୍ୱିତା କରିଥିଲେ।

# ମେସିଙ୍କ ଦୁଇ ଗୋଲ୍‌ରେ ଜିତିଲା ଇଣ୍ଟର୍ ମିଆମୀ

**ନୂଆଦିଲ୍ଲୀ,୨।୩/ଏଜେନ୍ସି:** ମହାନ୍ ଫୁଟ୍‌ବଲର୍ ଲିଓନେଲ୍ ମେସିଙ୍କ ଚମତ୍କାର ଦୁଇ ଗୋଲ୍ ବଳଦରେ ଇଣ୍ଟର୍ ମିଆମୀ ମେଜର ଲିଗ୍ ସକର୍ (ଏମ୍‌ଏଲ୍‌ସି)ରେ ଓରଲାଣ୍ଡୋ ସିଟିକୁ ୪-୨ ଗୋଲ୍‌ରେ ହରାଇ ଦେଇଛି। ରବିବାର ରାତିରେ ଇଣ୍ଟର୍ ଏଣ୍ଡ୍ କମ୍ପାନୀ ଷ୍ଟାଡିୟମ୍‌ରେ ଖେଳାଯାଇଥିବା ମ୍ୟାଚ୍‌ରେ ଦୁଇ ଗୋଲ୍‌ରେ ପଛୁଆ ରହିବା ପରେ ଜୋରଦାର ପ୍ରତ୍ୟାବର୍ତ୍ତନ କରି ମିଆମୀ ବିଜୟୀ ହୋଇଛି। ଖାସ୍ ବିଷୟ ହେଉଛି ଇଣ୍ଟର ମିଆମୀ ଇତିହାସରେ ପ୍ରଥମ ଥର ଓରଲାଣ୍ଡୋର ଘରୋଇ ପଡ଼ିଆରେ ବିଜୟ ହାସଲ କରିଛି। ଏହା ପୂର୍ବରୁ ଏଠାରେ ଖେଳାଯାଇଥିବା ୯ ମ୍ୟାଚ୍‌ରେ ଟିମ୍‌କୁ କେବେ ବି ବିଜୟ ମିଳିନଥିଲା।



**ଓରଲାଣ୍ଡୋ ସିଟିକୁ ପ୍ରଥମ ଥର ତା' ଘରେ ହରାଇଲା**

ଓରଲାଣ୍ଡୋ ସିଟି ଘରୋଇ ପରିସ୍ଥିତିର ଲାଭ ଉଠାଇ ପ୍ରାରମ୍ଭିକ ୨୫ ମିନିଟ୍‌ରେ ହିଁ ମିଆମୀକୁ ବ୍ୟାକ୍‌ଫୁଟ୍‌କୁ ଠେଲି ଦେଇଥିଲା। ମାର୍କୋ ପାସାଲିକ୍ ୧୮ତମ ମିନିଟ୍‌ରେ ଇଭାନ୍ ଏଙ୍ଗୁଲୋଙ୍କ ପାସ୍‌ରେ ଗୋଲ୍ ଦେଇ ଓରଲାଣ୍ଡୋକୁ ୧-୦ରେ ଆଗୁଆ କରିଥିଲେ। ପାସାଲିକ୍‌ଙ୍କର ମିଆମୀ ବିପକ୍ଷରେ ଏହା ଲଗାତାର ଚତୁର୍ଥ ଗୋଲ୍। ଏହାପରେ ଡିଫେଣ୍ଡର୍ ଗ୍ରିଫିନ୍ ଡୋର୍ସିଙ୍କ ସହାୟତାରେ ମାର୍ଟିନ୍ ଓଜେଡା ୨୪ତମ ମିନିଟ୍‌ରେ ଦ୍ୱିତୀୟ ଗୋଲ୍ ଦେଇ ସ୍କୋର୍ ୨-୦ କରିଥିଲେ। ତେବେ ଦ୍ୱିତୀୟ ହାଫ୍‌ରେ କାହାଣୀ ସମ୍ପୂର୍ଣ୍ଣ ବଦଳି ଯାଇଥିଲା। ମିଆମୀ ଖେଳାଳି ଆଟାକିଂ ଫୁଟ୍‌ବଲ୍ ଆରମ୍ଭ କରିଦେଇଥିଲେ। ୪୯ତମ ମିନିଟ୍‌ରେ ୨୦ ବର୍ଷୀୟ ଯୁବ ଫରୱାର୍ଡ ମାଟେଓ ସିଲ୍‌ଭେଟି ନିଜର କ୍ୟାରିୟର୍‌ର ପ୍ରଥମ ଗୋଲ୍ ଦେଇ ସ୍କୋର୍ ୨-୧ କରିଥିଲେ। ୫୭ତମ ମିନିଟ୍‌ରେ ଟେଲୋସ୍କୋ ସେଗୋଭିଆଙ୍କ ପାସ୍‌ରେ ସଠିକ୍ ଗୋଲ୍ ଦେଇ ମେସି ସ୍କୋର୍ ୨-୨ରେ ବରାବର କରିଥିଲେ। ୮୫ତମ ମିନିଟ୍‌ରେ ପୂରା ମ୍ୟାଚ୍‌ରେ ଛାଇଯାଇଥିବା ସେଗୋଭିୟା ବିନା କାହାରି ସହାୟତାରେ ସୋଲୋ ଗୋଲ୍ ଦେଇ ମ୍ୟାଚ୍‌ରେ ମିଆମୀକୁ ପ୍ରଥମ ଥର ୩-୨ର ଅଗ୍ରଣୀ ପ୍ରଦାନ କରିଥିଲେ। ମ୍ୟାଚ୍‌ର ଅନ୍ତିମ କ୍ଷଣରେ (୯୦ତମ ମିନିଟ୍) ମେସି ନିଜର ଟ୍ରେଡ୍‌ମାର୍କ 'ଫ୍ରି କିକ୍'ରେ ଗୋଲ୍ ଦେଇ ୪-୨ରେ ମିଆମୀର ବିଜୟ ପକ୍କା କରିଥିଲେ।

# ଅଲ୍ ଇଂଲଣ୍ଡରେ ଖେଳିବେନି ସିନ୍ଧୁ !

**ନୂଆଦିଲ୍ଲୀ,୨।୩/ଏଜେନ୍ସି:** ମଧ୍ୟପ୍ରାଚ୍ୟରେ ସୈନ୍ୟ ଅଭିଯାନର ପ୍ରଭାବ ଖେଳ ଜଗତ ଉପରେ ସ୍ପଷ୍ଟ ଭାବେ ଦେଖିବାକୁ ମିଳୁଛି। ବର୍ମିଂହାମ୍‌ରେ ଆରମ୍ଭ ହେବାକୁ ଥିବା ପ୍ରତିଷ୍ଠିତ ଅଲ୍ ଇଂଲଣ୍ଡ ବ୍ୟାଡ୍‌ମିଣ୍ଟନ୍ ଚାମ୍ପିଅନ୍‌ଶିପ୍ ପୂର୍ବରୁ ଭାରତର ଷ୍ଟାର୍ ଶଟ୍‌ଲର୍ ପିଭି ସିନ୍ଧୁ ଦୁବାଇରେ ଫସି ଯାଇଛନ୍ତି। ଉପସାଗରୀୟ କ୍ଷେତ୍ରରେ ଆକାଶ ମାର୍ଗ ବନ୍ଦ ହେବା କାରଣରୁ ସେ ସମୟରେ ଇଂଲଣ୍ଡ ପହଞ୍ଚିପାରି ନାହାନ୍ତି ଏବଂ ତାଙ୍କର ଟୁର୍ଣ୍ଣାମେଣ୍ଟ୍‌ରୁ ହଟିବା ଆଶଙ୍କା ସୃଷ୍ଟି ହୋଇଛି। କୁହାଯାଉଛି ଦୁବାଇରେ ସେ ଅବସ୍ଥାନ କରୁଥିବା ସ୍ଥାନ ନିକଟରେ ବିସ୍ଫୋରକ ମଧ୍ୟ ହୋଇଥିଲା, ଯାହା ପରେ ତାଙ୍କୁ ସୁରକ୍ଷିତ ସ୍ଥାନକୁ ନିଆଯାଇଛି।



ବିଶ୍ୱ ବ୍ୟାଡ୍‌ମିଣ୍ଟନ୍ ମହାସଂଘ (ବିଡବ୍ଲ୍ୟୁଏଫ୍) ଏକ ବୟାନ ଜାରି କରି କହିଛି, 'ଆମେ ସ୍ଥିତି ଉପରେ ରିୟଲ୍-ଟାଇମ୍ ନଜର ରଖିଛୁ ଏବଂ ଯେଉଁ ଖେଳାଳିଙ୍କୁ ବିଳମ୍ବ କିମ୍ବା ରୁଟ୍ ସମସ୍ୟା ହେଉଛି ସେମାନଙ୍କ ସହାୟତା ପାଇଁ ପ୍ରସ୍ତୁତ ଅଛୁ।' ସିନ୍ଧୁଙ୍କ ପ୍ରଥମ ମ୍ୟାଚ୍ ଥାଇଲାଣ୍ଡର ସୁପନିଦା କାତେଥୋଙ୍ଗଙ୍କ ସହ ହେବାର ଥିଲା। କିନ୍ତୁ ବର୍ତ୍ତମାନର ପରିସ୍ଥିତିରେ ତାଙ୍କର କୋର୍ଟକୁ ଓହ୍ଲାଇବା କଷ୍ଟକର ଲାଗୁଛି।

ଗୋଟିଏ ପଟେ ସିନ୍ଧୁଙ୍କ ଭାଗୀଦାରୀ ସନ୍ଦିଗ୍ଧ ହୋଇଥିବା ବେଳେ ଅନ୍ୟପଟେ ଲକ୍ଷ୍ୟ ସେନ୍ ଏବଂ ଯୁବ ଶଟ୍‌ଲର୍ ଆୟୁଷ ସେଟ୍ଟି ବୈକଳ୍ପିକ ମାର୍ଗରେ ବର୍ମିଂହାମ୍‌ରେ ପହଞ୍ଚିଛନ୍ତି। ପ୍ରଥମ ରାଉଣ୍ଡ୍‌ରେ ଲକ୍ଷ୍ୟଙ୍କ ସାମ୍ନା ବିଶ୍ୱ ନମ୍ବର-୧ ଶି ୟୁକି'ଙ୍କ ସହ ହେବ। ମହିଳା ସିଙ୍ଗଲ୍ସରେ ମାଳବିକା ମନ୍‌ସୋଡ୍ ଅଲିମ୍ପିକ୍ ଚାମ୍ପିଅନ୍ ଚେନ୍ ୟୁଫେଙ୍କୁ ଭେଟିବେ। ଉନ୍ନତି ହୁଡାଙ୍କ ବିମାନ ରଦ୍ଦ ହେବା କାରଣରୁ ତାଙ୍କୁ ଆଫ୍ରିକା ରାସ୍ତାରେ ଲମ୍ବା ଯାତ୍ରା କରିବାକୁ ପଡ଼ିଛି। ଫଳରେ ତାଙ୍କ ପ୍ରଦର୍ଶନ ଉପରେ ପ୍ରଭାବ ପଡ଼ିପାରେ। ପୁରୁଷ ଡବଲ୍ସରେ ସାତ୍ତ୍ୱିକସାଇରାଜ ରାଙ୍କିରେଡ୍ଡୀ ଓ ଚିରାଗ ସେଟ୍ଟୀଙ୍କ ଯୋଡ଼ି ମାଲେସିଆ ବିପକ୍ଷରୁ ଅଭିଯାନ ଆରମ୍ଭ କରିବ।





କାନାଡା ପ୍ରଧାନମନ୍ତ୍ରୀ ମାର୍କ କାର୍ନି ଏବଂ ତାଙ୍କ ପତ୍ନୀ ଡାଏନା ଫକ୍ସ କାର୍ନିଙ୍କୁ ସୋମବାର ଅପରାହ୍ଣରେ ମୁମ୍ବାଇସ୍ଥିତ ନିଜ ବାସଭବନରେ ସୌଜନ୍ୟମୂଳକ ସାକ୍ଷାତ ଅବସରେ ନୀତା ଏବଂ ମୁକେଶ ଅମ୍ବାନୀ

## ଏଆଇ ସମିଟ୍‌ରେ ନଗ୍ନ ପ୍ରଦର୍ଶନ ମାମଲା

# ଯୁବ କଂଗ୍ରେସ କର୍ମକର୍ତ୍ତାଙ୍କୁ ମିଳିଲା ଜାମିନ

**ନୂଆଦିଲ୍ଲୀ,୨।୩/ଏଜେନ୍ସି:** ଦିଲ୍ଲୀର ପାଟିଆଲା ହାଉସ୍ କୋର୍ଟ ଏଆଇ ସମିଟ୍‌ରେ ନଗ୍ନ ବିରୋଧ ପ୍ରଦର୍ଶନ ମାମଲାରେ ଗିରଫ ଭାରତୀୟ ଯୁବ କଂଗ୍ରେସର ୯ ଜଣ କର୍ମକର୍ତ୍ତାଙ୍କୁ ସୋମବାର ଜାମିନ ପ୍ରଦାନ କରିଛନ୍ତି। କୋର୍ଟ କହିଛନ୍ତି, ଏହି ପ୍ରଦର୍ଶନ କେବଳ ସରକାରଙ୍କ ସମାଲୋଚନା କରିବାର ଢଙ୍ଗ ଥିଲା। ତେଣୁ ମୋକଦ୍ଦମା ଆରମ୍ଭ ପୂର୍ବରୁ କାହାକୁ ଜେଲ୍‌ରେ ରଖିବା ଆଇନର ମୂଳ ସିଦ୍ଧାନ୍ତ ବିରୋଧୀ ହେବ। କୋର୍ଟ ନିଜର ନିଷ୍ପତ୍ତିରେ କହିଛନ୍ତି ପ୍ରଦର୍ଶନ ବେଳେ କରାଯାଇଥିବା ନାରାବାଜି ଉତ୍ତେଜକ ନଥିଲା। ସେଥିରେ କୌଣସି ଧାର୍ମିକ କିମ୍ବା ଆଞ୍ଚଳିକ ରଙ୍ଗ ନଥିଲା। କୌଣସି ପ୍ରକାର ଭଙ୍ଗାରୁଜା କିମ୍ବା ଲୋକଙ୍କୁ ଭୟଭୀତ କରିବାର କୌଣସି ପ୍ରମାଣ ମଧ୍ୟ ମିଳିନାହିଁ। କୋର୍ଟ ଏହା ମଧ୍ୟ କହିଛନ୍ତି, ପ୍ରଦର୍ଶନକାରୀଙ୍କୁ ସୁରକ୍ଷିତ ବାହାରକୁ ନିଆଯାଇଥିଲା। କୋର୍ଟ ନିଜର ରାୟରେ କହିଛନ୍ତି, ସ୍ୱାଧୀନତା ଅଧିକାର ହୋଇଥିବା ବେଳେ କେବଳ ବିଶେଷ ସ୍ଥିତି ଜେଲ୍ ମିଳିବା ଉଚିତ। ଯଦି ଟ୍ରାଏଲ୍ ପୂର୍ବରୁ କାହାକୁ ବିନା ଆବଶ୍ୟକ କାରଣରୁ ଜେଲ୍‌ରେ ରଖାଯାଏ, ତେବେ ଏହା ଦଣ୍ଡ ସ୍ଥିର ହେବା ବିନା ଦଣ୍ଡ ଦେବା ପରି ହେବ। କୃଷ୍ଣ ହରି, ନରସିଂହ ଯାଦବ, କୁନ୍ଦନ କୁମାର ଯାଦବ, ଅଜୟ କୁମାର ସିଂହ, ଜିତେନ୍ଦ୍ର ସିଂହ ଯାଦବ, ରାଜା ଗୁର୍ଜର୍, ଅଜୟ କୁମାର ବିମଳ ଓରଫ୍ ବଣ୍ଟୁ, ସୌରଭ ସିଂହ ଏବଂ ଅରବାଜ୍ ଖାନ୍‌ଙ୍କ ଜାମିନ ଆବେଦନର ଶୁଣାଣି ପରେ ପାଟିଆଲା ହାଉସ୍ କୋର୍ଟର ବିଚାରବିଭାଗୀୟ ମାଜିଷ୍ଟ୍ରେଟ୍ (ପ୍ରଥମ ଶ୍ରେଣୀ) ଜଷ୍ଟିସ୍ ରବି ଏହି ଆଦେଶ ଦେଇଛନ୍ତି।

# ଆଜିଠାରୁ ମସ୍କଟ୍ ବିମାନ ସେବା ଆରମ୍ଭ କରିବ ଏୟାର୍ ଇଣ୍ଡିଆ

**ନୂଆଦିଲ୍ଲୀ,୨।୩/ଏଜେନ୍ସି:** ଇସ୍ରାଏଲ୍ ଓ ଇରାନ୍ ମଧ୍ୟରେ ଯୁଦ୍ଧ କାରଣରୁ ଗତ ଦୁଇଦିନରେ ଭାରତ ୭୬୦ରୁ ଊର୍ଦ୍ଧ୍ୱ ଅନ୍ତର୍ଜାତୀୟ ଫ୍ଲାଇଟ୍ ରଦ୍ଦ କରିସାରିଛି। ଇତିମଧ୍ୟରେ ମଙ୍ଗଳବାର (ମାର୍ଚ୍ଚ ୩)ଠାରୁ ମସ୍କଟ୍‌ରୁ ଭାରତକୁ ଏବଂ ଭାରତରୁ ମସ୍କଟ୍‌କୁ ବିମାନ ସେବା ପୁଣିଥରେ ଆରମ୍ଭ କରାଯିବ ବୋଲି ସୋମବାର ଏୟାର୍ ଇଣ୍ଡିଆ ଏକ୍ସପ୍ରେସ୍ ପକ୍ଷରୁ କୁହାଯାଇଛି। ମାତ୍ର ବାହାରିନ୍, କୁଏତ୍ କତର, ସାଉଦି ଆରବ ଏବଂ ୟୁଏଇ ପାଇଁ ବିମାନ ସେବା ମଙ୍ଗଳବାର ରାତି ୧୧.୫୯ ପର୍ଯ୍ୟନ୍ତ ବନ୍ଦ ରହିବ ବୋଲି କମ୍ପାନୀ ସୂତ୍ରରୁ ଜଣାଯାଇଛି। ସୋମବାର ଓମାନ୍ ଉପସାଗରରେ ଏକ ତୈଳ ଟ୍ୟାଙ୍କର୍ ଉପରେ ବୋମାରେ ସଜ୍ଜିତ ଡ୍ରୋନ୍ ଆକ୍ରମଣ ହୋଇଛି। ଏଥିରେ ଜଣେ ଭାରତୀୟ ନାବିକଙ୍କ ମୃତ୍ୟୁ ଘଟିଛି। ଯୁଦ୍ଧଗ୍ରସ୍ତ ମଧ୍ୟପ୍ରାଚ୍ୟର ବର୍ତ୍ତମାନ ସ୍ଥିତିକୁ ଦୃଷ୍ଟିରେ ରଖି ଭାରତ ବାହାରିନ୍‌ରେ ଭିସା-ପାସ୍‌ପୋର୍ଟ ସେବା ମଧ୍ୟ ବନ୍ଦ କରିଦେଇଛି। ସେହିପରି ଆବୁଧାବିର ବାପ୍ସ ହିନ୍ଦୁ ମନ୍ଦିରକୁ ମାର୍ଚ୍ଚ ୯ ତାରିଖ ପର୍ଯ୍ୟନ୍ତ ଦର୍ଶକଙ୍କ ପାଇଁ ବନ୍ଦ କରିଦିଆଯାଇଛି।

**ଡ୍ରୋନ୍ ଆକ୍ରମଣରେ ଓମାନ୍‌ରେ ଜଣେ ଭାରତୀୟ ମୃତ**

ଇତିମଧ୍ୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ବାହାରିନ୍ କିଙ୍ଗ୍ ଏବଂ ସାଉଦି ଆରବର କ୍ରାଉନ୍ ପ୍ରିନ୍ସଙ୍କ ସହ ଫୋନ୍‌ରେ କଥା ହୋଇଛନ୍ତି। ପ୍ରଧାନମନ୍ତ୍ରୀ ଦୁଇ ଦେଶର ନେତାଙ୍କ ସହ ଭାରତୀୟ ସମୁଦାୟର ଲୋକଙ୍କ ସୁରକ୍ଷାକୁ ନେଇ ଆଲୋଚନା କରିଛନ୍ତି। ଏହା ପୂର୍ବରୁ ଆଜି ପ୍ରଧାନମନ୍ତ୍ରୀ ମୋଦୀ ଦିଲ୍ଲୀରେ କାନାଡା ପ୍ରଧାନମନ୍ତ୍ରୀ ମାର୍କ କାର୍ନିଙ୍କୁ ଭେଟିବା ପରେ ପଶ୍ଚିମ ଏସିଆରେ ପରିସ୍ଥିତି ଚିନ୍ତାଜନକ ବୋଲି କହିଛନ୍ତି। ଭାରତ ନିଜ ନାଗରିକଙ୍କ ସୁରକ୍ଷା ପାଇଁ ସମସ୍ତ ଦେଶ ସହିତ ମିଳିତ ଭାବେ କାମ କରିବ।

# ନୁରଖାନ୍ ଏୟାର୍ ବେସ୍ ଉପରେ ଆଫଗାନିସ୍ତାନର ଆକ୍ରମଣ

**ଇସ୍ଲାମାବାଦ,କାବୁଲ,୨।୩/ଏଜେନ୍ସି:** ଆଫଗାନିସ୍ତାନ ଓ ପାକିସ୍ତାନ ମଧ୍ୟରେ ଗତ ଚାରିଦିନ ହେବ ସୀମାନ୍ତରେ ଲଗାତାର ଏୟାର୍ ଷ୍ଟ୍ରାଇକ୍ ଓ ଗୁଳି ବିନିମୟ ଜାରି ରହିଛି। ଇତିମଧ୍ୟରେ ପାକିସ୍ତାନର ରାୱଲପିଣ୍ଡିରେ ଥିବା ପାକିସ୍ତାନର ସବୁଠୁ ସମ୍ବେଦନଶୀଳ ନୁର୍ ଖାନ୍ ଏୟାର୍‌ବେସ ଉପରେ ଆଫଗାନିସ୍ତାନ ଆକ୍ରମଣ କରିଥିବା ତାଲିବାନ ସରକାରଙ୍କ ପକ୍ଷରୁ କୁହାଯାଇଛି। ଏହା ସହିତ ତାଲିବାନ ଯୋଦ୍ଧା ଡୁରାଣ୍ଡ ଲାଇନ୍ ଟପି ପାକିସ୍ତାନରେ ପଶିଥିବା ତାଲିବାନ ସରକାରର ଜଣେ ମନ୍ତ୍ରୀ କହିଛନ୍ତି। ତାଲିବାନ ଅନୁସାରେ ଆଫଗାନ୍ ଯୋଦ୍ଧା ପାକିସ୍ତାନର କେବେ ସୈନ୍ୟ ପୋଷ୍ଟ ଉପରେ ଆକ୍ରମଣ କରିଛନ୍ତି। ଏହି ସ୍ଥାନଗୁଡ଼ିକ ହେଉଛି ନୁର୍ ଖାନ୍ ଏୟାର୍‌ବେସ୍, ବଲୁଚିସ୍ତାନର କ୍ୱେଟାରେ ଥିବା ୧୨ଶ କୋର୍‌ର ମୁଖ୍ୟାଳୟ ଏବଂ ଖାଇବର ପଖ୍‌ତୁନ୍‌ଖ୍ୱାର ମହମ୍ମଦ ଅଞ୍ଚଳର ଏକ ସୈନ୍ୟ କ୍ୟାମ୍ପ୍। କାବୁଲ, ବଗରାମ୍ ଏବଂ ଅନ୍ୟ ଅଞ୍ଚଳରେ ପାକିସ୍ତାନ ପକ୍ଷରୁ ହୋଇଥିବା



ଏୟାର୍ ଷ୍ଟ୍ରାଇକ୍ ଜବାବରେ ଏହି କାର୍ଯ୍ୟାନୁଷ୍ଠାନ କରାଯାଇଛି। ଅନ୍ୟପକ୍ଷରେ ଏହି ସଂଘର୍ଷରେ ବର୍ତ୍ତମାନ ସୁଦ୍ଧା ୪୦୦ରୁ ଊର୍ଦ୍ଧ୍ୱ ଆଫଗାନ୍ ଯୋଦ୍ଧା ପ୍ରାଣ ହରାଇଛନ୍ତି ଏବଂ ଶତାଧିକ ଆହତ ହୋଇଥିବା ପାକିସ୍ତାନ ସରକାର ଦାବି କରିଛନ୍ତି। ପାକିସ୍ତାନ ଏବଂ ଆଫଗାନିସ୍ତାନ ମଧ୍ୟରେ ସଂଘର୍ଷର ଆରମ୍ଭ ଫେବୃଆରୀ ୨୨ ତାରିଖରେ ହୋଇଥିଲା। ପାକିସ୍ତାନ ଏୟାର୍‌ଫୋର୍ସ ଆଫଗାନିସ୍ତାନର ସୀମାବର୍ତ୍ତୀ ଅଞ୍ଚଳରେ ଏୟାର୍ ଷ୍ଟ୍ରାଇକ୍ କରିଥିଲା। ଏଥିରେ ସୀମାବର୍ତ୍ତୀ ଅଞ୍ଚଳରେ ଥିବା ଟିଟିପିର ୭୦ ଯୋଦ୍ଧାଙ୍କ ମୃତ୍ୟୁ ଘଟିଥିବା ପାକିସ୍ତାନର ଉପଗୃହ ମନ୍ତ୍ରୀ ତଲାଲ ଚୌଧୁରୀ ଦାବି କରିଥିଲେ। ପରେ ପାକିସ୍ତାନୀ ଖବରକାଗଜ ଡନ୍ ଏହି ସଂଖ୍ୟା ୮୦ରେ ପହଞ୍ଚିଥିବା ଦାବି କରିଥିଲା। ଏହାର ଜବାବରେ ଆଫଗାନିସ୍ତାନ ଫେବୃଆରୀ ୨୭ ତାରିଖରେ ପାକିସ୍ତାନ ଉପରେ ଆକ୍ରମଣ କରିଥିଲା। ଆଫଗାନ୍ ପ୍ରତିରକ୍ଷା ମନ୍ତ୍ରଣାଳୟ କହିଥିଲା, ପାକିସ୍ତାନକୁ ଠିକ୍ ସମୟରେ କଡ଼ା ଜବାବ ଦିଆଯିବ। ମନ୍ତ୍ରଣାଳୟ ଏହି ଆକ୍ରମଣକୁ ଦେଶର ସାର୍ବଭୌମତ୍ୱର ଉଲ୍ଲଂଘନ ବୋଲି କହିଛି। ଏହାର ଜବାବରେ ଆଫଗାନିସ୍ତାନ ଫେବୃଆରୀ ୨୭ ତାରିଖରେ ପାକିସ୍ତାନ ଉପରେ ଆକ୍ରମଣ କରିଥିଲା।

## ପାଲ୍‌ଘର କେମିକାଲ୍ ପ୍ଲାଣ୍ଟ୍‌ରୁ ଓଲିୟମ୍ ଗ୍ୟାସ୍ ଲିକ୍

**ପାଲଘର,୨।୩/ଏଜେନ୍ସି:** ମହାରାଷ୍ଟ୍ରର ପାଲଘର ଜିଲ୍ଲାରେ ଥିବା ଏକ କେମିକାଲ୍ ପ୍ଲାଣ୍ଟ୍‌ରୁ ସୋମବାର ଅପରାହ୍ଣ ପ୍ରାୟ ୨ଟା ବେଳେ ଓଲିୟମ୍ ଗ୍ୟାସ୍ ଲିକ୍ ହୋଇଛି। ସୂଚନା ମିଳିବା ମାତ୍ରେ ଫାୟାର୍ ବ୍ରିଗେଡ୍, ଏସ୍‌ଡିଆର୍‌ଏଫ୍ ଏବଂ ଅନେକ ଏମର୍ଜେନ୍ସି ଟିମ୍ ଘଟଣାସ୍ଥଳରେ ପହଞ୍ଚିଛନ୍ତି। ଉଦ୍ଧାରକାରୀ ଟିମ୍ ପ୍ଲାଣ୍ଟ୍‌ରୁ ଗ୍ୟାସ୍ ଲିକ୍ ରୋକିବା ପାଇଁ ଉଦ୍ୟମ ଚଳାଇଛନ୍ତି। ପ୍ରଶାସନ ସତର୍କତାମୂଳକ ଭାବେ ଅଞ୍ଚଳରୁ ପ୍ରାୟ ୨୬୦୦ ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରିଛି। ତେବେ ଘଟଣାରେ କୌଣସି ହତାହତ ସୂଚନା ମିଳିନାହିଁ। ପାଲଘର ଏସ୍‌ପିଙ୍କ ଅନୁସାରେ ବୋଇସରସ୍ଥିତ ଭଗୋରିଆ କେମିକାଲ୍ସ କମ୍ପାନୀରେ ଏହି ଗ୍ୟାସ୍ ଲିକ୍ ହୋଇଛି। ଗ୍ୟାସ୍ ଲିକ୍ କାରଣରୁ ବୋଇସର ଆକାଶ ଧଳା ଧୂଆଁରେ ଆଚ୍ଛାଦିତ ହୋଇଯାଇଛି। ସେ କହିଛନ୍ତି ପବନ ବହୁଥିବା ଦିଗରେ ଥିବା ଜନବସତି ଏବଂ ଔଦ୍ୟୋଗିକ ଅଞ୍ଚଳକୁ ଖାଲି କରାଯାଉଛି ଏବଂ ସେହି ସ୍ଥାନକୁ ଘେରାଉ କରାଯାଇଛି। ପୁଲିସ୍ ଧୂଆଁ ଏବଂ ପବନର ବିପରୀତ ଦିଗକୁ ଚାଲିଯିବା ପାଇଁ ଲୋକମାନଙ୍କୁ ଅପିଲ୍ କରିବା ସହିତ ବିଚଳିତ ନହେବାକୁ କହିଛି।

**ଅଞ୍ଚଳରେ ଆତଙ୍କ, ୨୬୦୦ ଲୋକ ସ୍ଥାନାନ୍ତରିତ**

# ରୁଷରୁ ପାଞ୍ଚ ଏସ୍-୪୦୦ କିଣିବ ଭାରତ

**ନୂଆଦିଲ୍ଲୀ,୨।୩/ଏଜେନ୍ସି:** ରୁଷଠାରୁ ୫ଟି ନୂଆ ଏସ୍-୪୦୦ 'ସୁଦର୍ଶନ' ଏୟାର୍ ଡିଫେନ୍ସ ସିଷ୍ଟମ୍ କିଣିବା ପ୍ରସ୍ତୁତିରେ ରହିଛି ଭାରତ। ପ୍ରତିରକ୍ଷା ମନ୍ତ୍ରଣାଳୟ ଖୁବ୍‌ଶୀଘ୍ର ବାୟୁସେନାର ଏହି ପ୍ରସ୍ତାବକୁ ମଞ୍ଜୁରୀ ପ୍ରଦାନ କରିବାକୁ ଯାଉଛି। ସୂତ୍ର ଆଧାରରେ ନ୍ୟୁଜ୍ ଏଜେନ୍ସି ଏଏନ୍‌ଆଇ ସୋମବାର କହିଛି ଗତବର୍ଷ ଅପରେସନ୍ ସିନ୍ଦୂର ଅବସରରେ ଏସ୍-୪୦୦ ସିଷ୍ଟମ୍‌ର ପ୍ରଦର୍ଶନ ପରେ ଆଉ କେତେକ ଡିଫେନ୍ସ ସିଷ୍ଟମ୍ କିଣିବାକୁ ନିର୍ଣ୍ଣୟ ନିଆଯାଇଛି। ପ୍ରତିରକ୍ଷା ଅଧିକାରୀଙ୍କ ଅନୁସାରେ ନୂଆ ସିଷ୍ଟମ୍‌କୁ ପୂର୍ବ ଏବଂ ପଶ୍ଚିମ ଉଭୟ ସୀମାରେ ମୁତୟନ କରାଯିବ। ଏହାଦ୍ୱାରା ଚୀନ୍ ଓ ପାକିସ୍ତାନ ଉଭୟ ମୋର୍ଚ୍ଚାରେ ଭାରତର ଆକାଶ ପଥର ସୁରକ୍ଷା କ୍ଷମତା ଶକ୍ତିଶାଳୀ ହେବ।



ଅପରେସନ୍ ସିନ୍ଦୂରରେ ଏସ୍-୪୦୦ ଏୟାର୍ ଡିଫେନ୍ସ ସିଷ୍ଟମ୍ ପ୍ରମୁଖ ଭୂମିକା ତୁଲାଇଥିଲା ଏବଂ ପାକିସ୍ତାନର ୫-୬ ଯୁଦ୍ଧ ବିମାନ ଏବଂ ଗୋଟିଏ ଗୁଇନ୍ଦା ବିମାନକୁ ୩୦୦ କିଲୋମିଟର ଦୂରରେ ମାରି ଖସାଇ ଦେଇଥିଲା। ବାୟୁସେନା ଏସ୍-୪୦୦କୁ ଭାରତର ଆକାଶ ସୁରକ୍ଷା ରଣନୀତିର ଗେମ୍ ଚେଞ୍ଜର୍ କହିଥିଲା। ଭାରତ ଓ ରୁଷ ମଧ୍ୟରେ ୨୦୧୮ରେ ଏସ୍-୪୦୦ ସିଷ୍ଟମ୍‌ର ୫ ସ୍କ୍ୱାଡ୍ରନ୍ କିଣିବା ପାଇଁ ବୁଝାମଣା ହୋଇଥିଲା। ବର୍ତ୍ତମାନ ସୁଦ୍ଧା ଏଥିରେ ୩ ସ୍କ୍ୱାଡ୍ରନ୍ ଭାରତୀୟ ବାୟୁସେନାରେ ସାମିଲ ହୋଇ ଅପରେସନାଲ୍ ହୋଇସାରିଛି। ବାକି ଦୁଇଟିର ଯୋଗାଣ ପ୍ରକ୍ରିୟା ଜାରି ରହିଛି। ବାୟୁସେନା ଏସ୍-୪୦୦ ସିଷ୍ଟମ୍ ପାଇଁ ବହୁ ସଂଖ୍ୟରେ ଅତିରିକ୍ତ ମିସାଇଲ୍ ମଧ୍ୟ କିଣିବା ଉପରେ ବିଚାର କରୁଛି। ଏଥିପାଇଁ ରୁଷ ସହିତ ଆଲୋଚନା ଚାଲିଛି ଏବଂ ଶୀଘ୍ର ଟେଣ୍ଡର୍ ପୁଣିଥରେ ଜାରି କରାଯାଇପାରେ।

Printed and published by Trilochan Mohapatra on behalf of New Age Media & Publications Pvt. Ltd. Published at Shed No- TS -2/210/A, Zone-B, Sector-A, Mancheswar Industrial Estate, Bhubaneswar-751010, Khordha,Odisha Ph: 0674-2953975,
Email: advtnitidin@gmail.com, nitidinbbsr@gmail.com, Printed at New Age Media & Publications Pvt. Ltd., Shed No- TS -2/210/A, Zone-B, Sector-A, Mancheswar Industrial Estate, Bhubaneswar-751010, Khordha, Odisha.
ସଂପାଦକ: ମନୋଜ କୁମାର ମହାପାତ୍ର
Editor: Manoj Kumar Mahapatra